

‘ଭାରତ ବିଶ୍ୱ ସାମୁଦ୍ରିକ ପରିବର୍ତ୍ତନର ନେତୃତ୍ୱ ନେବାକୁ ପ୍ରସ୍ତୁତ’

ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 216 | ଭାଗ ୩୩ | ସଂଖ୍ୟା ୨୧୬ Thursday 30 October 2025 | Page 8 Rs. 5.00 ● ଭୁବନେଶ୍ୱର ଗୁରୁବାର ୩୦ ଅକ୍ଟୋବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




| ଇତିହାସର ଶକ୍ତିଶାଳୀ ମହାବାତ୍ୟା ‘ମେଲିସା’ |

## ରଚିଲା ତାଣ୍ଡବ, ସହର ଧ୍ୱଂସସ୍ତୂପ

- ମାଡ଼ିଆସିଲା ୧୦ ଫୁଟ ଉଚ୍ଚର ଜୁଆର
- ୩୦୦ କିମିରୁ ଊର୍ଦ୍ଧ୍ୱ ବେଗରେ ବହିଲା ପବନ
- ମହାବାତ୍ୟା ଆଖି ଭାଇରାଲ୍

ଜାମାଇକା,୨୯।୧୦: ଜାମାଇକା ଓ ଏହାର ଆଖପାଖ ଅଞ୍ଚଳରେ ଧ୍ୱଂସର ତାଣ୍ଡବ ଲୀଳା ରଚିଛି ଶକ୍ତିଶାଳୀ ମହାବାତ୍ୟା ମେଲିସା। ଆଜି ଏହି ମହାବାତ୍ୟା ଜାମାଇକାରେ ସ୍ଥଳଭାଗ ଛୁଇଁବା ପରେ ଶକ୍ତିଶାଳୀ ମହାବାତ୍ୟା ମେଲିସା। ତେବେ ୧୯୯୯ ମହାବାତ୍ୟାଠାରୁ ଆହୁରି ଭୟଙ୍କର ହୋଇଛି ଏହି ମହାବାତ୍ୟା, ଯେଉଁଥିରେ ଘଣ୍ଟା ପ୍ରତି ପ୍ରାୟ ୩୦୦ କିମି ବେଗରେ ପବନ ବହିଛି। ସେହିପରି ଲ୍ୟାଣ୍ଡଫଲ୍ ସମୟରେ ➪ପୃଷ୍ଠା-୬

**ଦୁର୍ବଳ ହେଲା ବାତ୍ୟା, ପରବର୍ତ୍ତୀ ପରିସ୍ଥିତି ନେଇ ସମୀକ୍ଷା ବୈଠକ**

# ଆଜିଠୁ କ୍ଷୟକ୍ଷତି ଆକଳନ, ତୁରନ୍ତ ସହାୟତା



■ ସୂଚନା ଦେଲେ ରାଜସ୍ୱ ମନ୍ତ୍ରୀ
■ ୩୧ ସୁଦ୍ଧା ପ୍ରଭାବିତ ଅଞ୍ଚଳରେ ସ୍ୱାଭାବିକ ହେବ ସ୍ଥିତି

ଭୁବନେଶ୍ୱର,୨୯।୧୦(ସଂଚାର ବ୍ୟୁରୋ): ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ବାତ୍ୟା ପରବର୍ତ୍ତୀ ସ୍ଥିତି ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ସ୍ୱତନ୍ତ୍ର ରିଲିଫ୍ କମିଶନର ଦେଓରଞ୍ଜନ କୁମାର ସିଂହ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଏହି ବୈଠକରେ ଉପସ୍ଥିତ ରହି ବାତ୍ୟା ପରବର୍ତ୍ତୀ ବିଭିନ୍ନ ଦିଗ ଉପରେ ଆଲୋଚନା କରିଛନ୍ତି। ଏ ସଂକ୍ରାନ୍ତରେ ଶ୍ରୀ ପୂଜାରୀ କହିଛନ୍ତି ଯେ ୧୯୯୯ ଅକ୍ଟୋବର ୨୯ରେ ମହାବାତ୍ୟା ରାଜ୍ୟରେ ତାଣ୍ଡବ ରଚିଥିଲା। ଏଥିରେ ବ୍ୟାପକ ଧନଜୀବନ ହାନି ସହ ବହୁ କ୍ଷୟକ୍ଷତି ହୋଇଥିଲା। କିନ୍ତୁ ଏବେ ଭାରତୀୟ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ ବାତ୍ୟା ‘ମୋନ୍ଥା’ ପୂର୍ବରୁ ସରକାର ସମସ୍ତ ପ୍ରସ୍ତୁତି କରିଥିଲେ। ଏହା ଖୁବ୍ କ୍ରିୟାଶୀଳ ହୋଇଥିଲା ଓ ଗଣମାଧ୍ୟମ ମଧ୍ୟ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ସାଧାରଣ ଲୋକ ଏହି ବାତ୍ୟାକୁ ନେଇ ଚିନ୍ତିତ ଥିଲା ବେଳେ ଏହାର ସେଭଳି କୌଣସି ପ୍ରଭାବ ପଡ଼ିନାହିଁ। ଶେଷ ମୁହୂର୍ତ୍ତରେ ବାତ୍ୟା ଏହାର ଦିଗ ବଦଳାଇଛି। ସରକାର ବାତ୍ୟା ପୂର୍ବରୁ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରି ପ୍ରାକ୍ ପ୍ରସ୍ତୁତି ଚଳାଇଥିଲେ। ଏହିସବୁ ବିଭାଗ ଜିଲ୍ଲାୱାରୀ ପ୍ରସ୍ତୁତି ସହ ତୃଣମୂଳ ସ୍ତରରେ କିପରି ବାତ୍ୟାର ମୁକାବିଲା କରାଯାଇପାରିବ, ସେ ସମ୍ପର୍କରେ ବିଶଦ ଯୋଜନା ପ୍ରସ୍ତୁତ କରି ତଦନୁସାରେ ପଦକ୍ଷେପ ନେଇଥିଲେ। ବର୍ତ୍ତମାନ ରାଜ୍ୟର ➪ପୃଷ୍ଠା-୬

## ‘ମୋନ୍ଥା’ ନେଲା ୨ ଜୀବନ

■ ରିଲିଫ୍ କାର୍ଯ୍ୟ ଜାରି ରଖିବାକୁ ନିର୍ଦ୍ଦେଶ
■ ଶକ୍ତି କ୍ଷେତ୍ରକୁ ବଡ଼ ଝଟ୍କା

ହାଇଦ୍ରାବାଦ,୨୯।୧୦: ଗତକାଲି ମଧ୍ୟରାତ୍ରରେ ଆନ୍ଧ୍ରପ୍ରଦେଶର କାକିନାଡ଼ାଠାରୁ ୬୩ କିମି ଦୂରବର୍ତ୍ତୀ ଅମଲାପୁରମ୍‌ଠାରେ ଲ୍ୟାଣ୍ଡଫଲ୍ କରିଥିବା ବାତ୍ୟା ‘ମୋନ୍ଥା’ ରାଜ୍ୟରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଏହି ବାତ୍ୟା ପ୍ରଭାବରେ ୨ ଜଣଙ୍କ ଜୀବନ ଯାଇଥିବା ବେଳେ ଭିତ୍ତିଭୂମିର ବ୍ୟାପକ କ୍ଷତି ଘଟିଛି। ଏଥିସହ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଜାରି ରଖିବା ସକାଶେ ମୁଖ୍ୟମନ୍ତ୍ରୀ ଏନ. ଚନ୍ଦ୍ରବାବୁ ନାଇଡୁ ନିର୍ଦ୍ଦେଶ ଦେଇଛନ୍ତି। ଅବଶ୍ୟ ସତର୍କତାମୂଳକ ପଦକ୍ଷେପ ଯୋଗୁଁ ସାମଗ୍ରିକ କ୍ଷୟକ୍ଷତି ହ୍ରାସ ପାଇଛି ବୋଲି ସେ କହିଛନ୍ତି। ବାତ୍ୟା ପରବର୍ତ୍ତୀ ପରିସ୍ଥିତି ସମୀକ୍ଷା କରି ନାଇଡୁ ଅଧିକାରୀମାନଙ୍କୁ ଆଗାମୀ ଦୁଇ ଦିନ ପାଇଁ ରିଲିଫ୍ କାର୍ଯ୍ୟ ଜାରି ରଖିବା ଏବଂ ଯଥାଶୀଘ୍ର ସ୍ୱାଭାବିକତା ଫେରାଇ ଆଣିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବା, ବିଭିନ୍ନ ବିଭାଗର କ୍ଷୟକ୍ଷତି ଆକଳନ ➪ପୃଷ୍ଠା-୬

## ରାହୁଲ ସନାତନ ସଂସ୍କୃତି ବିରୋଧୀ: ଧର୍ମେନ୍ଦ୍ର

**ବିହାରରେ ଜଙ୍ଗଲରାଜକୁ ପ୍ରୋତ୍ସାହନ ଦେଉଛି ମହାମେଣ୍ଟ**

**ବିହାରବାସୀ ବିକାଶ ଓ ସୁଶାସନ ଚାହୁଁଛନ୍ତି**



ଭୁବନେଶ୍ୱର,୨୯।୧୦(ସଂଚାର ବ୍ୟୁରୋ): କଂଗ୍ରେସ ନେତା ରାହୁଲ ଗାନ୍ଧି ବିହାରର ପବିତ୍ର ଭୂମିରୁ ଲୋକ ଆସ୍ଥାର ମହାପର୍ବ ଛଟ୍ ସମ୍ପର୍କରେ ଅପମାନଜନକ ମନ୍ତବ୍ୟ ଦେବା କୋଟି କୋଟି ଶ୍ରଦ୍ଧାଳୁଙ୍କ ଭାବନାକୁ ଗଭୀର ଆଘାତ ଦେଇଛି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ବିହାରର ବିଜେପି ନିର୍ବାଚନ ପ୍ରଭାରୀ ଦାୟିତ୍ୱରେ ଥିବା ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏହି ପ୍ରସଙ୍ଗରେ ସେ ରାହୁଲ୍ ଓ କଂଗ୍ରେସକୁ କଡ଼ା ସମାଲୋଚନା କରିବା ସହ ବିହାରରେ ମହାମେଣ୍ଟ ଜଙ୍ଗଲରାଜକୁ ପ୍ରୋତ୍ସାହିତ କରୁଥିବା ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ରାହୁଲଙ୍କ ମନ୍ତବ୍ୟ ସ୍ପଷ୍ଟ ଭାବେ ସନାତନ ସଂସ୍କୃତି ପ୍ରତି ତାଙ୍କର ଘୃଣା ଏବଂ ମନୋଭାବକୁ ଦର୍ଶାଉଛି। ଏଥିସହ ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ କଂଗ୍ରେସର ଘୃଣା ଓ ରାଜନୈତିକ ହତାଶାଭାବକୁ ବି ଉଜାଗର କରିଛି। ନିଜର ➪ପୃଷ୍ଠା-୬

## ରାଫେଲରେ ଉଡ଼ିଲେ ରାଷ୍ଟ୍ରପତି

- ଦିଆଗଲା ଗାର୍ଡ ଅଫ ଅନର
- ସାଥୀରେ ଥିଲେ ଶିବାଙ୍ଗୀ
- ଧରାପଡ଼ିଲା ପାକିସ୍ତାନ ମିଛ

ଚଣ୍ଡିଗଡ଼,୨୯।୧୦: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ହରିୟାଣାର ଅମ୍ବାଲା ଏୟାରବେସରୁ ରାଫେଲ ଯୁଦ୍ଧବିମାନରେ ଉଡ଼ିଛନ୍ତି। ଏଥିସହ ସେ ଦେଶର ପ୍ରଥମ ରାଷ୍ଟ୍ରପତି ଭାବେ ଏପରି ଏକ ଉପଲବ୍ଧି ହାସଲ କରିଛନ୍ତି। ରାଷ୍ଟ୍ରପତି ରାଫେଲରେ ଉଡ଼ିବା ସମୟରେ ଆଖପାଖ ଅଞ୍ଚଳକୁ ‘ନୋ ଡ୍ରୋନ ଜୋନ୍’ ଘୋଷଣା କରାଯାଇଥିଲା। ସେହିପରି ଉଡ଼ାଣ ଭରିବା ପୂର୍ବରୁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କୁ ଅମ୍ବାଲା ଏୟାରଫୋର୍ସ ଷ୍ଟେସନରେ ଗାର୍ଡ ଅଫ ଅନର ଦିଆଯାଇଥିଲା। ଏହାପରେ ରାଷ୍ଟ୍ରପତି ଅନ୍ୟ ଅଧିକାରୀଙ୍କ ନିକଟରୁ ରାଫେଲ ବିମାନର ଟେକନିକ୍ ଓ ସୁରକ୍ଷା ରଣନୀତି ବିଷୟରେ ପଚାରି ବୁଝିଥିଲେ। ତେବେ ଏହି ଉଡ଼ାଣ ସମୟରେ ରାଷ୍ଟ୍ରପତିଙ୍କ ସହ ରହିଥିଲେ ଭାରତୀୟ ବାୟୁସେନାର ଗୋଲଡେନ୍ ଆରୋଜ୍ ସ୍କ୍ୱାଡ୍ରନ୍‌ର ସଦସ୍ୟା ଶିବାଙ୍ଗୀ ସିଂହ। ଫଳସ୍ୱରୂପ ପାକିସ୍ତାନର ଆଉ ମିଛ ପଦାରେ ପଡ଼ିଛି। ଗତ ମେ’ରେ ସଂଘଟିତ ‘ଅପରେସନ୍ ➪ପୃଷ୍ଠା-୬



## ପଣ୍ୟାଗାର ନିଗମ ଟେଣ୍ଡରରେ ବଡ଼ ଦୁର୍ନୀତି




- ‘ଓଡ଼ିଆ ଅସ୍ମିତା’କୁ ପଶ୍ଚିମବଙ୍ଗ କମ୍ପାନୀର ଅପମାନ
- ତୁରନ୍ତ ଟେଣ୍ଡର ବାତିଲ କରିବାକୁ ଦାବି

ଭୁବନେଶ୍ୱର,୨୯।୧୦(ସଂଚାର ବ୍ୟୁରୋ): ଓଡ଼ିଶା ସରକାରଙ୍କ ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମ ଆଇପି-ଆଧାରିତ ସିସିଟିଭି ସର୍ଭେଲାନ୍ସ ସିଷ୍ଟମ୍‌ର ଯୋଗାଣ, ସ୍ଥାପନା ଓ ରକ୍ଷଣାବେକ୍ଷଣ ପ୍ରକଳ୍ପକୁ ପଶ୍ଚିମବଙ୍ଗ ସରକାରଙ୍କ ଅଧୀନରେ ଥିବା ଏକ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ୱେବେଲକୁ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଯାହାକୁ ନେଇ ଓଡ଼ିଶାର ସର୍ଭେଲାନ୍ସ ସଲ୍ୟୁସନ୍ ପ୍ରଦାନକାରୀ କମ୍ପାନୀମାନେ କଡ଼ା ବିରୋଧ କରିଛନ୍ତି। ଏଥିସହିତ ଓଡ଼ିଶା ଭିତ୍ତିକ ଆଇଟି ସଂସ୍ଥାମାନେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ଦେଇ ତୁରନ୍ତ ଏହି ମାମଲାରେ ହସ୍ତକ୍ଷେପ ଲୋଡ଼ିଛନ୍ତି। ଏହି ନିଷ୍ପତ୍ତି ଅତ୍ୟନ୍ତ ଅନ୍ୟାୟ, ରାଜନୈତିକ ପ୍ରାୟୋଜିତ ଏବଂ ରାଜ୍ୟର ସ୍ଥାନୀୟ ଆଇଟି ଉଦ୍ୟୋଗୀମାନଙ୍କ ପ୍ରତି ଏକ ପ୍ରତ୍ୟକ୍ଷ ଆଘାତ ବୋଲି ଅଭିଯୋଗ ଆସିଛି।

ପଶ୍ଚିମବଙ୍ଗର ସରକାର ଅଧୀନରେ ଥିବା ଏକ କମ୍ପାନୀ ୱେବେଲ ଓଡ଼ିଶାର ସ୍ଥାନୀୟ ଶିଳ୍ପ ଅଧିକାର ଏବଂ ନିରପେକ୍ଷ ପ୍ରତିଯୋଗିତା ନିୟମାବଳୀକୁ ଉଲ୍ଲଂଘନ କରୁଛି। ଯାହା ଓଡ଼ିଶାର ଶିଳ୍ପ ସ୍ୱାର୍ଥ ଏବଂ ଓଡ଼ିଆ ଅସ୍ମିତାକୁ ଉଲ୍ଲଂଘନ ➪ପୃଷ୍ଠା-୬

**ପୀତବାସ ହତ୍ୟା ମାମଲା**

## ଫୁଲବାଣୀ ଯିବେ ପିଣ୍ଟୁ, କୋର୍ଟ ଦେଲେ ଅନୁମତି



ବ୍ରହ୍ମପୁର,୨୯।୧୦(ସଂଚାର ବ୍ୟୁରୋ): ବହୁଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟା ମାମଲାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ପିଣ୍ଟୁ ଦାସ ଓରଫ୍ ଶିବ ଶଙ୍କର ଦାସଙ୍କୁ ଫୁଲବାଣୀ ଜେଲ୍‌କୁ ସ୍ଥାନାନ୍ତର କରାଯିବ। ବରିଷ୍ଠ ଆଇନଜୀବୀ ତଥା ବିଜେପି ନେତା ଶ୍ରୀ ପଣ୍ଡାଙ୍କୁ ଗତ ୬ ତାରିଖରେ ପଏଣ୍ଟ୍ ବ୍ଲାଙ୍କ୍ ରେଞ୍ଜରୁ ଗୁଳି କରି ହତ୍ୟା କରାଯାଇଥିବା ବେଳେ ଏହି ମାମଲାରେ ପୂର୍ବତନ ବିଜେଡି ବିଧାୟକ ବିକ୍ରମ ପଣ୍ଡାଙ୍କୁ ଗିରଫ କରାଯାଇଛି। ତାଙ୍କ ସହ ମୋଟ ୧୪ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ପୂର୍ବରୁ ଗିରଫ ହୋଇଥିବା ୧୩ ଜଣଙ୍କ ମଧ୍ୟରେ ପିଣ୍ଟୁ ଅନ୍ୟତମ ଥିଲେ। ଏହି ହତ୍ୟାକାଣ୍ଡ ସକାଶେ ୫୦ ଲକ୍ଷ ଟଙ୍କାର ଡିଲ୍ ହୋଇଥିବା ବେଳେ ସମସ୍ତ ଗିରଫ ଅଭିଯୁକ୍ତମାନଙ୍କୁ ଏବେ ବ୍ରହ୍ମପୁର ଜେଲ୍‌ରେ ରଖାଯାଇଛି। ତେବେ ବ୍ରହ୍ମପୁର ମହାନଗର ନିଗମର ପୂର୍ବତନ ମେୟର୍ ଶିବ ଶଙ୍କରଙ୍କୁ ଫୁଲବାଣୀ ଜେଲ୍‌କୁ ➪ପୃଷ୍ଠା-୬

**ଏସଆଇ ପରୀକ୍ଷା କେଲେଙ୍କାରୀ**

## ୧୧୪ ପରୀକ୍ଷାର୍ଥୀଙ୍କୁ ମିଳିଲା ଜାମିନ୍

ବ୍ରହ୍ମପୁର,୨୯।୧୦(ସଂଚାର ବ୍ୟୁରୋ): ବହୁଚର୍ଚ୍ଚିତ ପୁଲିସ୍ ଏସ୍ଆଇ ପରୀକ୍ଷା କେଲେଙ୍କାରୀ ଘଟଣାରେ ଗିରଫ ହୋଇଥିବା ୧୧୪ ଜଣ ପରୀକ୍ଷାର୍ଥୀଙ୍କୁ ଆଜି ଜାମିନ୍ ମିଳିଛି। ବ୍ରହ୍ମପୁର ସ୍ୱତନ୍ତ୍ର କୋର୍ଟ ପକ୍ଷରୁ ସମସ୍ତଙ୍କୁ ଜାମିନ୍ ପ୍ରଦାନ କରାଯାଇଛି। ଆଜି କୋର୍ଟ ୫୦ ହଜାର ଟଙ୍କା ଓ ୨ ଜଣ ଜାମିନଦାରଙ୍କ ବଦଳରେ ସେମାନଙ୍କୁ ଜାମିନ ପ୍ରଦାନ କରିଥିବା ଜଣାପଡ଼ିଛି। ତେବେ ଏହି କେଲେଙ୍କାରୀର ଅନ୍ୟତମ ପ୍ରମୁଖ କାର୍ପଟଦାର ମୁନା ମହାନ୍ତିଙ୍କ ସହ ୯ ଜଣ ଦଲାଲଙ୍କ ଜାମିନ୍ ଆବେଦନକୁ କୋର୍ଟ ଖାରଜ କରିଛନ୍ତି। ଏହି ମାମଲାରେ ୧୧୪ ଜଣ ପରୀକ୍ଷାର୍ଥୀଙ୍କ ବ୍ୟତୀତ ୩ ଜଣ ଦଲାଲଙ୍କୁ ପୁଲିସ୍ ଗିରଫ କରିଥିଲା। ଭୁବନେଶ୍ୱରରୁ ୩ଟି ବସ୍‌ରେ ବିଜୟୱାଡା ଯିବା ସମୟରେ ଶ୍ରୀକାକୁଲମରୁ ବ୍ରହ୍ମପୁର ପୁଲିସ୍ ଏମାନଙ୍କୁ କାବୁ କରିଥିଲା। ପରେ ସମସ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଏହି ମାମଲାର ତଦନ୍ତ ପ୍ରଥମେ କ୍ରାଇମବ୍ରାଞ୍ଚ କରିଥିଲେ ହେଁ ଏବେ ଏହି ମାମଲାର ତଦନ୍ତ ଦାୟିତ୍ୱ ସିବିଆଇ ପାଖରେ ରହିଛି। ଏହି ମାମଲାରେ ଅଦ୍ୟାବଧି ୧୨୩ ଜଣଙ୍କୁ ଗିରଫ କରାଯାଇସାରିଛି, ଯେଉଁଥିରେ ୧୧୪ ଜଣ ଆଶାୟୀ ଓ ୯ ଜଣ ଦଲାଲ ଅଛନ୍ତି। ତେବେ ସମଗ୍ର କେଲେଙ୍କାରୀର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଠିର ଅଦ୍ୟାବଧି କୌଣସି ପତ୍ତା ମିଳିପାରିନାହିଁ। ହାଇକୋର୍ଟରେ ଶଙ୍କର ଓ ପତ୍ନୀ ଦୀପ୍ତିମୟୀ ଆଗୁଆ ଜାମିନ ପାଇଁ ଆବେଦନ କରିଥିଲେ ମଧ୍ୟ ଏହାକୁ କୋର୍ଟ ଖାରଜ କରିଦେଇଛନ୍ତି। ଏଭଳି ସଙ୍ଗୀନ ମାମଲାରେ ଆଗୁଆ ଜାମିନ ଦେବା ସମ୍ଭବପର ନୁହେଁ ବୋଲି ହାଇକୋର୍ଟ କହିଥିଲେ।

ସୂଚନାଯୋଗ୍ୟ ଯେ ପୁଲିସ ଏସଆଇ ଚାକିରି ଲାଗି କୋଟି କୋଟି ଟଙ୍କାର ଅର୍ଥ କାରବାର ହୋଇଥିବା ସନ୍ଦେହ କରାଯାଉଛି। ପ୍ରତି ଆଶାୟୀ ପରୀକ୍ଷାର୍ଥୀଙ୍କ ପିଛା ୨୫ ଲକ୍ଷ ନେବାକୁ ଡିଲ୍ ହୋଇଥିଲା। ପ୍ରତି ଆଶାୟୀ ୧୦ ଲକ୍ଷ ଲେଖାଏଁ ଅଗ୍ରୀମ ଆକାରରେ ମଧ୍ୟ ଦେଇଥିଲେ। ➪ପୃଷ୍ଠା-୬

## ଓଲଟିଲା ଡଙ୍ଗା: ୧ ମୃତ, ୨୦ରୁ ଅଧିକ ନିଖୋଜ



ଲକ୍ଷ୍ନୌ,୨୯।୧୦: ଉତ୍ତରପ୍ରଦେଶ ବହରାଇଚ ଜିଲ୍ଲା କୋଡିୟାଲ ନଦୀରେ ଏକ ଡଙ୍ଗା ଓଲଟି ୨୦ରୁ ଅଧିକ ଲୋକ ନିଖୋଜ ଥିବା ସୂଚନା ମିଳିଛି। ଅଘଟଣ ପରେ ଘଟଣାସ୍ଥଳରେ ଏନଡିଆରଏଫ ଟିମ୍ ଏବଂ ଏସଡିଆରଏଫ୍ ଟିମ ପହଞ୍ଚି ତୁରନ୍ତ ଉଦ୍ଧାର କାମରେ ଲାଗିଛନ୍ତି। ତେବେ ଦୁର୍ଘଟଣାରେ ଜଣେ ୬୦ ବର୍ଷୀୟା ମହିଳାଙ୍କ ମୃତ୍ୟୁ ହେବା ସହ ୬ ଜଣଙ୍କୁ ଉଦ୍ଧାର କରାଯାଇଛି। ଏବେବି ୨୦ରୁ ➪ପୃଷ୍ଠା-୬

## ଯାତ୍ରୀଙ୍କୁ ଲୁଟୁଛି ପିପିଲି ଟୋଲଗେଟ୍

■ ରିହାତି ପରିବର୍ତ୍ତେ ଦେବାକୁ ପଡୁଛି ପୂରା ଅର୍ଥ
■ ନିୟମକୁ ଫୁ’ କରିଦେଇଛନ୍ତି କର୍ତ୍ତୃପକ୍ଷ




ଭୁବନେଶ୍ୱର,୨୯।୧୦(ସଂଚାର ବ୍ୟୁରୋ): ପିପିଲି ଟୋଲଗେଟରେ ଯାତ୍ରୀଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ଲୁଟୁଛନ୍ତି କର୍ତ୍ତୃପକ୍ଷ। ସରକାରଙ୍କ ନିୟମ ଗୋଟିଏ ଆଉ ଏହି ଟୋଲ୍‌ଗେଟ୍‌ରେ ଏହାକୁ ପାଳନ କରାଯାଉନାହିଁ। ବରଂ ମନଇଚ୍ଛା କାରବାର ଚାଲିଛି ଏହି ଗେଟ୍‌ରେ। ନିୟମାନୁଯାୟୀ ଟୋଲଗେଟରେ ୧୨ ଘଣ୍ଟା ମଧ୍ୟରେ ଥରେ ଯିବା ଆସିବା କଲେ ପାଖାପାଖି ୫୦ ପ୍ରତିଶତ ରିହାତି ମିଳିଥାଏ। କିନ୍ତୁ ପିପିଲି ଟୋଲଗେଟ ଏସବୁ ନିୟମରୁ ବୋଧହୁଏ ଊର୍ଦ୍ଧ୍ୱରେ। କାରଣ ଏଠି ଯିବା ସମୟରେ ଯେତିକି ଟିକସ ଦେବାକୁ ପଡୁଛି, ଫେରିବା ସମୟରେ ନିୟମାନୁସାରେ ୫୦ ପ୍ରତିଶତ ରିହାତି ତ ମିଳୁନି, ବରଂ ସେତିକି ଟଙ୍କା ଆଦାୟ କରାଯାଉଛି। ତାହାପୁଣି ଫାସ୍‌ଟାଗରୁ। ଫାସ୍‌ଟାଗ ନଥିଲେ ଯାତ୍ରୀ କେତେ ଦେଉଥିବେ, ତା’ ଏଥିରୁ ବେଶ୍ ଅନୁମେୟ।

ପିପିଲିରେ ଯାତ୍ରୀଙ୍କଠାରୁ କିପରି ଲୁଟ୍ ହେଉଛି ତା’ର ଏକ ନମୂନା ଆମର ହସ୍ତଗତ ହୋଇଛି। ଗତ ଅକ୍ଟୋବର ୬ ତାରିଖ ସନ୍ଧ୍ୟା ୬ଟା ୧ ମିନିଟ ସମୟରେ ଉକ୍ତ ଟୋଲଗେଟ୍‌ରେ ଜନୈକ ବ୍ୟକ୍ତି ତାଙ୍କ ଗାଡ଼ି ନେଇ ଅତିକ୍ରମ କରିଥିଲେ। ଏଥିପାଇଁ ପ୍ରଥମେ ଫାସ୍‌ଟାଗରୁ ➪ପୃଷ୍ଠା-୬



**କାନ ଡେରିଆ**

କଳା ଧନ ଭଲ, କଳା
ଡ୍ରେସ ଭଲ
ଭଲ ଆମ କଳା ଠାକୁର
ପିଲା କାଳେ କଳା
ହୋଇଯିବ ବୋଲି
ମା’ ଖାଉଥାଏ କେଶର
କଳା ଝିଅ ଥିଲେ ବାପା
ଟେନସନ
ମିଳିବନି ଭଲ ବର
କଳା ପୁଅ ଥିଲେ
ବାହାହେବା ପାଇଁ
ଝିଅ ଖୋଜୁଥାଏ ସୁନ୍ଦର।

■ ଦେବାଶିଷ

## ୨୪ ଘଣ୍ଟାରେ ୧୭ କୋଟିର ଗଞ୍ଜେଇ ଜବତ

- ୩ ୟୁପି ମାଫିଆ ଗିରଫ, ଖସିଗଲା ସ୍ଥାନୀୟ କାର୍ପଟ୍‌ଦାର
- ୩ ପୃଥକ୍ ସ୍ଥାନରେ ଚଢ଼ାଉ ପରେ ସଫଳତା



ମାଲକାନଗିରି,୨୯।୧୦(ସଂଚାର ବ୍ୟୁରୋ): ଗତ ୨୪ ଘଣ୍ଟାରେ ମାଲକାନଗିରି ଜିଲ୍ଲାରେ ପୁଲିସ୍ ମୋଟ ୧୭ କୋଟି ଟଙ୍କାର ଗଞ୍ଜେଇ ଜବତ କରିଛି। ତେବେ ଦିନକ ଭିତରେ ଜିଲ୍ଲାରେ ଏତେ ପରିମାଣର ଗଞ୍ଜେଇ ଜବତ ହେବା ଏକ ରେକର୍ଡ ବୋଲି କହିଛନ୍ତି ମାଲକାନଗିରି ଏସପି ବିନୋଦ ପାଟିଲ୍। ଏହିସବୁ ଗଞ୍ଜେଇ ଚାଲାଣ ସକାଶେ ରହିଥିବା ବେଳେ ପୁଲିସ୍‌ର ସଫଳତା ମାଫିଆଙ୍କ ଏହି ଯୋଜନାକୁ ପଣ୍ଡ କରିଦେଇଛି। ଏହି ମାମଲାରେ ୩ ଜଣ ମାଫିଆଙ୍କୁ ଗିରଫ କରାଯାଇଥିବା ବେଳେ ସେମାନେ ସମସ୍ତେ ଉତ୍ତର ପ୍ରଦେଶର ବାସିନ୍ଦା ବୋଲି ଜଣାପଡ଼ିଛି। କିନ୍ତୁ ଏହି ଚୋରା ଚାଲାଣ ପଛରେ ଥିବା ସ୍ଥାନୀୟ ଅଞ୍ଚଳର ମାଫିଆ ଖସିଯିବାରେ ସକ୍ଷମ ହୋଇଛି। କାଲିମେଳା, ବାଲିମେଳା ଓ ଚିତ୍ରକୋଣ୍ଡାରୁ ଜବତ ହୋଇଥିବା ଏହି ଗଞ୍ଜେଇର ଓଜନ ୧୬ କ୍ୱିଣ୍ଟାଲ୍ ୬୦ କିଲୋ ବୋଲି ଜଣାପଡ଼ିଛି। ବାଲିମେଳା ଥାନାରେ ଅଭିନବ ଉପାୟରେ କଣ୍ଟେନରରେ ୭୭୦ କିଲୋ ଗଞ୍ଜେଇ ଚାଲାଣ ବେଳେ ସେଠାରେ ପହଞ୍ଚି ସ୍ଥାନୀୟ ପୁଲିସ୍ ଉକ୍ତ ଗଞ୍ଜେଇକୁ ଜବତ କରିଛି। ସେହିପରି ଚିତ୍ରକୋଣ୍ଡାରେ ୬୪୦ କିଲୋ ଓ କାଲିମେଳାରେ ୨୫୦ କିଲୋ ଗଞ୍ଜେଇ ମାଫିଆମାନେ ଚାଲାଣ ପାଇଁ ଜଙ୍ଗଲରେ ଲୁଚାଇ ରଖିଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସେସବୁ ଅଞ୍ଚଳରେ ସ୍ଥାନୀୟ ପୁଲିସ୍ ଚଢ଼ାଉ କରି ସେସବୁକୁ ଜବତ କରିଛି। କିନ୍ତୁ ମାଫିଆ ସହଜରେ ଚମ୍ପଟ୍ ମାରିଛନ୍ତି ମାଫିଆ। ତେବେ ସମଗ୍ର ଦେଶରେ ଏହା ସବୁଠୁ ବଡ଼ ଧରଣର ଗଞ୍ଜେଇ ➪ପୃଷ୍ଠା-୬

## ନୂଆପଡ଼ାରେ ଚାଲିଛି ନେତାଙ୍କ ପିକ୍‌ନିକ୍



**ପ୍ରଚାରରୁ ଖସି ହୋଟେଲରେ ହାଜର**

**ଖବର ଗଲେ ବି ଫେରୁନାହାନ୍ତି**

ଭୁବନେଶ୍ୱର,୨୯।୧୦(ସଂଚାର ବ୍ୟୁରୋ): ନୂଆପଡ଼ାର ଉପନିର୍ବାଚନ ଏବେ ବହୁ ନେତାଙ୍କ ପାଇଁ ପିକ୍‌ନିକ୍ ସ୍ଥଳ ପାଲଟିଛି। ନିର୍ବାଚନ ପ୍ରଚାର ନାଁରେ ଘର ଠାରୁ ଦୂରରେ ହୋଟେଲରେ ଡେରା ପକାଇଥିବା ନେତାମାନେ ଏକ ପ୍ରକାର ଛୁଟି କଟାଉଛନ୍ତି। ଏ କ୍ଷେତ୍ରରେ ଉପକୂଳିଆ ନେତାମାନେ ଆଗରେ ଥିବା ଲକ୍ଷ୍ୟ କରାଯାଉଛି।

ରାଜ୍ୟ ରାଜଧାନୀଠାରୁ ପ୍ରାୟ ୫୦୦ କିମି ଦୂରରେ ଥିବା ଏହି ନିର୍ବାଚନମଣ୍ଡଳୀରେ ଏବେ ରାଜ୍ୟର ତିନି ପ୍ରମୁଖ ରାଜନୈତିକ ଦଳ ବିଜେପି, ବିଜେଡି ଓ କଂଗ୍ରେସର ଛାମୁଆ ନେତାମାନେ ଡେରା ପକାଇଛନ୍ତି। ଏମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ, ବର୍ତ୍ତମାନର ମନ୍ତ୍ରୀ, ସାଂସଦ, ବିଧାୟକଙ୍କଠାରୁ ଆରମ୍ଭ କରି ବିଭିନ୍ନ ପଦପଦବୀ ଆଶାରେ ଥିବା ନେତା ବି ଦୃଷ୍ଟି ଆକର୍ଷଣ ପାଇଁ ହାଜର ହୋଇଛନ୍ତି। ପ୍ରଥମରୁ ଯାଇଥିବା ନେତାମାନେ ନୂଆପଡ଼ାରେ ହୋଟେଲଗୁଡ଼ିକ ଦଖଲ କରି ରଖିଥିବା ବେଳେ ଏବେ ସେମାନଙ୍କ ନିକଟରେ କ୍ରମଶଃ ଭିଡ଼ ବଢ଼ିବାରେ ଲାଗିଛି। ଯେଉଁମାନେ ହୋଟେଲରେ ସ୍ଥାନ ପାଉନାହାନ୍ତି, ସେମାନେ ସେମାନେ ଦୂରଦୂରାନ୍ତରେ ଥିବା ଘରୋଇ ଅତିଥି ଭବନରେ ରହୁଛନ୍ତି।

ତେବେ ଉପକୂଳିଆ ନେତା ଯେଉଁମାନେ ହୋଟେଲରେ ଅବସ୍ଥାନ କରୁଛନ୍ତି, ସେମାନେ ସେଠାରେ ଏକପ୍ରକାର ଛୁଟି କାଟୁଛନ୍ତି ବୋଲି କହିଲେ ଭୁଲ୍ ହେବନାହିଁ। ହୋଟେଲରେ ଖାଦ୍ୟପେୟ ସାଙ୍ଗକୁ ସାଙ୍ଗସାଥୀଙ୍କ ମେଳରେ ମଉଜ ମଜଲିସ୍ କରୁଛନ୍ତି ସେମାନେ। ହୋଟେଲ ଖାଦ୍ୟ ଭଲ ନ ଲାଗିଲେ ବାହାରୁ ଖାଦ୍ୟ ମଗାଇ ଖାଉଛନ୍ତି। କିଛି ନେତା ନିଜ ମନପସନ୍ଦର ଦେଶୀ କୁକୁଡ଼ା ଓ ଖାସି ମାଂସ ବି ବରାଦ କରୁଥିବା କର୍ମୀମାନେ ଆଲୋଚନା କରୁଛନ୍ତି। ବଡ଼ନେତାଙ୍କ ଆତିଥେୟତାରେ ଯେଭଳି କୌଣସି ବ୍ୟତିକ୍ରମ ନହେବ, ତା’ ଉପରେ ବି କର୍ମୀମାନେ ନଜର ରଖିଛନ୍ତି।

ତେବେ ନିର୍ବାଚନ ପ୍ରଚାରରେ ଯାଇଥିବା ନେତାଙ୍କ ଗତିବିଧି ଉପରେ କଡ଼ା ନଜର ଥିବା ବେଳେ ସେମାନଙ୍କ ମଧ୍ୟରୁ କିଛି ନେତା ପ୍ରଚାର ଅଧାରୁ ନାନା ବାହାନା କରି ହୋଟେଲକୁ ପଳାଇଆସୁଛନ୍ତି। ଫୋନ୍ କଲେ ମୋବାଇଲ୍‌କୁ ଏରୋପ୍ଲେନ ମୋଡ୍‌ରେ ରଖି ଦେଉଛନ୍ତି। ପରେ ଉତ୍ତର ଦେଉଛନ୍ତି ସିଗ୍ନାଲ ନଥିଲା। କେତେକ ନେତା ଏବେ ରାଜଧାନୀ ଓ ନିଜ ନିର୍ବାଚନମଣ୍ଡଳୀରେ ଥିବା ଚେଲାଚାମୁଣ୍ଡାଙ୍କୁ ଖବର ଦେଇ ଡକାଇ ନେଉଛନ୍ତି। ସେମାନେ ପହଞ୍ଚିଲା ପରେ ସେମାନଙ୍କ ଆସର ବେଶ୍ ଜମୁଛି।

ନିର୍ବାଚନ ଯେତିକି ପାଖେଇ ଆସୁଛି, ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ନେତା ➪ପୃଷ୍ଠା-୬

SANCHAR ସଂଚାର

## ମହାରାଷ୍ଟ୍ର ସୋଲାପୁରରୁ ନାବାଳିକା ଉଦ୍ଧାର

**ରାଜନଗର,୨୯।୧୦(ସଂଚାର ବ୍ୟୁରୋ):** ମହାରାଷ୍ଟ୍ରର ସୋଲାପୁରରୁ ଅପହୃତ ନାବାଳିକାଙ୍କୁ ଉଦ୍ଧାର କରାଯିବ ସହିତ ଅପହରଣ କରିଥିବା ଯୁବକଙ୍କୁ ଗିରଫ କରିବାରେ ତାଳଚୁଆ ସାମୁଦ୍ରିକ ଥାନା ପୋଲିସ ସଫଳ ହୋଇଛି। ସୂଚନା ମୁତବକ ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳର ଜଣେ ୧୪ ବର୍ଷିଆ ନାବାଳିକାଙ୍କୁ ଚଳିତ ୨୪ ମଇ ରେ ଅପହରଣ କରାଯାଇଥିଲା। ବାଲେଶ୍ୱର ଅଞ୍ଚଳର ସୌରଭ ଦାସ ନାବାଳିକାଙ୍କୁ ଅପହରଣ କରି ନେଇଥିବା ନେଇ ନାବାଳିକାର ପରିବାର ଲୋକେ ଅଭିଯୋଗ କରିଥିଲେ। ତାଳଚୁଆ ସାମୁଦ୍ରିକ ଥାନାରେ କେସ ନମ୍ବର ୫୯ /୨୦୨୫ ରେ ଅପହରଣ ମାମଲା ରୁଜୁ ହୋଇଥିଲା। ଅପହରଣ ପରେ ଯୁବକ ଜଣଙ୍କ ନାବାଳିକାଙ୍କୁ ନେଇ ମହାରାଷ୍ଟ୍ରର ସୋଲାପୁର ଅଞ୍ଚଳରେ ରଖିଥିଲେ। ପୋଲିସ ସୂଚନା ପାଇ ଚଢାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହିତ ଅପହରଣ କରିଥିବା ଯୁବକଙ୍କୁ ଗିରଫ କରିଥିଲା। ଆଜି ପୂର୍ବ ମାମଲାରେ ପୋସ୍କୋ ଦଫା ଲଗାଯାଇ ଯୁବକଙ୍କୁ କୋର୍ଟ ଚାଲାନ କରାଯାଇଛି। ନାବାଳିକାଙ୍କୁ ତାଙ୍କ ମାଆଙ୍କୁ ଜିମା ଦିଆଯାଇଛି।

## ୧ରୁ ଧାମରାରୁ ଦେବୀ ମୁହାଁଣ ଓ ଗହୀରମଥାରେ ମାଛଧରା ଉପରେ କଟକଣା

**ରାଜନଗର,୨୯।୧୦(ସଂଚାର ବ୍ୟୁରୋ):** ନଭେମ୍ବର ୧ ତାରିଖ ଠାରୁ ଆରମ୍ଭ ହେଉଛି କଇଁଛ ଋତୁ। ବିରଳ ଅଲିଭ୍‌ରିଡ୍‌ଲେ କଇଁଛଙ୍କ ଏକ୍ସୁଡିଶାଳଭାବେ ସମଗ୍ର ବିଶ୍ୱରେ ପ୍ରସିଦ୍ଧିଲାଭ କରିଥିବା ୧୪୩୭ ବର୍ଗ କିଲୋମିଟର ପରିମିତ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ସମେତ ଧାମରା ମୁହାଁଣରୁ ଦେବୀ ମୁହାଁଣ ଯାଏଁ ୧୬୦ କିଲୋମିଟର ପର୍ଯ୍ୟନ୍ତ ଲାଗିବ କଟକଣା। ନଭେମ୍ବର ୧ ତାରିଖରୁ ମଇ ମାସ ୩୧ ତାରିଖ ଯାଏଁ ୭ ମାସ ଧରି ମାଛଧରା ଓ ଟ୍ରଲର ଚଳାଚଳ ଉପରେ କଟକଣା ଜାରି କରାଯାଇଛି। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ମଧ୍ୟରେ ବର୍ଷ ତମାମ ଟ୍ରଲର ଚଳାଚଳ ଓ ମାଛଧରା ଉପରେ ସଂପୂର୍ଣ୍ଣ ନିଷେଧାଜ୍ଞା ଥିବବେଳେ କଇଁଛ ଋତୁ ନିମନ୍ତେ ଧାମରା ମୁହାଁଣରୁ ଦେବୀ ମୁହାଁଣ ପର୍ଯ୍ୟନ୍ତ ସମୁଦ୍ରକୂଳ ଠାରୁ ୨୦ କି.ମି. ଯାଏଁ ଯନ୍ତ୍ରଚାଳିତ ଟ୍ରଲର, ବୋଟ୍, ଭୁଟୁଭୁଟି ଚଳାଚଳ ବନ୍ଦ ସହିତ ମାଛ ଧରା ଉପରେ କଟକଣା ଜାରି କରାଯାଇଛି ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହିତ ଏହି ବିରଳ ଅଲିଭ୍‌ରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ ବାବୁବାଲି ଓ ମାଦଳି ଠାରେ ଦୁଇଟି ଅଫିସର କ୍ୟାମ୍ପ କରାଯାଇଥିବା ବେଳେ ଏକକୂଳା, ସାତଭାୟା, ଜଉଦିଆ, ଦୋବନ୍ଧି, ତାଲଙ୍ଗ, ଜଟାଧାର, ଷଣ୍ଢକୁଦ ୧, ୨, ହାୱାଖାନା, ରାମତାରା ଓ ବନ୍ଦର ଆଦି ୧୪ ଟି ସ୍ଥାନରେ ଟ୍ରଟଲ୍ ପ୍ରୋଟେକ୍ସନ୍ କ୍ୟାମ୍ପ କରାଯିବ। ଏହାବାଦେ ବାବୁବାଲି ଓ ଶାସନପେଟାରେ ଗୋଟିଏ ସେକ୍ସନ୍ ଲେଖାଏଁ ଏପିଆର୍ ଫୋର୍ସ ମୃତୟନ କରାଯିବ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ବାତ୍ୟା ପରେ ସମୁଦ୍ରରେ ଦୃଶ୍ୟମାନ ଭଗ୍ନ ଜାହାଜ

**ରାଜନଗର,୨୯।୧୦(ସଂଚାର ବ୍ୟୁରୋ):** ବଙ୍ଗୋପସାଗରର ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଭିତରେ ଜାହାଜଏ ଭଗ୍ନାଂଶ ଦେଖିବାକୁ ମିଳିଛି। କୂଳ ଠାରୁ ଅଳ୍ପ ଦୂରରେ ସମୁଦ୍ର ଭିତରେ ଏହି ଜାହାଜ ଭଗ୍ନାଂଶ ଦେଖିବାକୁ ମିଳିଛି। ବାତ୍ୟା ମୋନ୍ଥାରେ ସମୁଦ୍ର ଅଶାନ୍ତ ରହିଥିଲା। ଆଜି ସକାଳେ ସମୁଦ୍ରରେ ଛାଡ ସମୟରେ ସମୁଦ୍ରରେ ଜାହାଜର ଭଗ୍ନାଂଶ ଦେଖିବାକୁ ମିଳିଛି। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ଏକକୂଳା ନାସୀ ଠାରୁ ୧ କିଲୋମିଟର ଆଗକୁ ବଙ୍ଗୋପସାଗର ସମୁଦ୍ରରେ ଦେଖିବାକୁ ମିଳିଛି ଜାହାଜ ଭଗ୍ନାଂଶ। ଛାଡ ସମୟରେ ସମୁଦ୍ର ଭିତରେ ଏହା ଦେଖାଯାଉଛି। କୂଳ ଠାରୁ ୧୦୦ ମିଟର ଭିତରେ ଜାହାଜ ଭଗ୍ନାଂଶଟି ଉପରକୁ ଦେଖାଯାଉଛି। ସଂପୂର୍ଣ୍ଣ ଜୁଆର ସମୟରେ ଏହା ପାଣି ଭିତରେ ବୁଡି ରହୁଛି।

## ଗିରିଗୋବର୍ଦ୍ଧନଙ୍କ ଭସାଣି ଉତ୍ସବ

**ଡେରାବିଶ,୨୯।୧୦(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଗୌଡ଼ବିଶି ଗ୍ରାମରେ ପୂଜା ପାଇ ଆସୁଥିବା ବୁଣାକାରମାନଙ୍କ ଆରାଧ୍ୟ ଦେବତା ପ୍ରଭୁ ଗିରିଗୋବର୍ଦ୍ଧନଙ୍କ ଭସାଣୀ ଉତ୍ସବ ଅନୁଷ୍ଠିତ ଗତକାଲି ହୋଇଯାଇଅଛି। ଗତ ୨୨ ତାରିଖରୁ ଗ୍ରାମବାସୀଙ୍କ ଦ୍ୱାରା ଶୋଡ଼ଷ ଉପଚାରରେ ଅନୁଷ୍ଠିତ ହୋଇଥିବା ଏହି ପୂଜା ଉତ୍ସବର ପ୍ରତ୍ୟେହ ସନ୍ଧ୍ୟାରେ ଅନୁଷ୍ଠିତ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ଶହଶହ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ବିଜେପି ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡ଼ା, ସମାଜସେବୀ ସାନ୍ତନୁ ନାୟକ ପ୍ରମୁଖ ଗ୍ରାମକୁ ଯାଇ ପ୍ରଭୁଙ୍କ ଆଶିର୍ବାଦ ଭିକ୍ଷା କରିଥିଲେ। ଗତକାଲି ପୂଜାର ଅନ୍ତିମ ଦିବସରେ ଯଜ୍ଞର ପୂର୍ଣ୍ଣାହୁତୀ ପ୍ରଭୁଙ୍କ ମୃଣ୍ମୟ ମୂର୍ତ୍ତିକୁ ବିସର୍ଜନ କରାଯାଇଥିଲା।

### ଜିଲ୍ଲାସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାରେ ବ୍ୟାପକ ଦୁର୍ନୀତି

# ୧୦ବର୍ଷ ଧରି କ୍ରୀଡ଼ା ପ୍ରତିଯୋଗିତା ଗୋଟିଏ ସ୍ଥାନରେ

**କେନ୍ଦ୍ରାପଡ଼ା, ୨୯।୧୦(ସଂଚାର ବ୍ୟୁରୋ):** ଜିଲ୍ଲା ସ୍ତରୀୟ ବିଦ୍ୟାଳୟ ସମୂହର କ୍ରୀଡା ପ୍ରତିଯୋଗିତା ଆୟୋଜନରେ ଲକ୍ଷ ଲକ୍ଷ ଟଙ୍କାର ବ୍ୟାପକ ଦୁର୍ନୀତି ହୋଇଥିବା ବେଳେ ଦୀର୍ଘ ୧୦ବର୍ଷ ଧରି ଗୋଟିଏ ସ୍ଥାନରେ ଏହି ପ୍ରତିଯୋଗିତା ଆୟୋଜିତ ହେଉଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ବରିଷ୍ଠ ଆଇନଜୀବୀ ବିଧୁଭୂଷଣ ମହାପାତ୍ର ଅଭିଯୋଗ କରିଛନ୍ତି।

ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ କେନ୍ଦ୍ରାପଡା ଜିଲ୍ଲାର ଆଳି ବ୍ଲକ ଅନ୍ତର୍ଗତ ପତ୍ରପୁର ହାଇସ୍କୁଲର କ୍ରୀଡା ଶିକ୍ଷୟିତ୍ରୀ ସ୍ମିତାପ୍ରତିଭା ସାହୁ ୧୦ବର୍ଷରୁ ଉର୍ଦ୍ଧ୍ୱ ହେବ ଡେପୁଟେସନରେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ସେଠାରେ ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ଭାବେ ଭାରପ୍ରାପ୍ତ ଦାୟିତ୍ୱରେ ରହିଛନ୍ତି। ବହୁ ବରିଷ୍ଠ ଓ ଅଭିଜ୍ଞ କ୍ରୀଡା ଶିକ୍ଷକ ଥିବା ବେଳେ ଶ୍ରୀମତୀ ସାହୁଙ୍କ ଭଳି ଜଣେ କନିଷ୍ଠ କ୍ରୀଡା ଶିକ୍ଷୟିତ୍ରୀଙ୍କୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଦୀର୍ଘ ବର୍ଷ ହେବ ରଖାଯାଇଛି।

ଫଳରେ ପ୍ରତିବର୍ଷ ଜିଲ୍ଲାକୁ କ୍ରୀଡାର ଉନ୍ନତି ପାଇଁ ଆସୁଥିବା ପ୍ରାୟ ୬୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାରୁ ସିଂହଭାଗ ଅର୍ଥ କେବଳ ହରିଲୁଟ ଓ ବାଟମାରଣା ହେଉଛି। ପ୍ରତିଯୋଗିତାର ନିୟମ ଅନୁଯାୟୀ ପ୍ରଥମେ ମଣ୍ଡଳ ବା ବ୍ଲକ ସ୍ତରରେ କ୍ରୀଡା ପ୍ରତିଯୋଗିତା ଶେଷ ହେବା ପରେ ସେହି ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନେ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥାନ୍ତି। ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ଜିଲ୍ଲା ସଦର ମହକୁମାରେ ହେବାର ବିଧିବ୍ୟବସ୍ଥା ରହିଛି। କିନ୍ତୁ ଏହି ପ୍ରତିଯୋଗିତା ପାଇଁ ଆସୁଥିବା ସରକାରୀ ଅନୁଦାନର ସିଂହଭାଗ ଅର୍ଥକୁ ହରିଲୁଟ କରିବା ଉଦେଶ୍ୟରେ ଦାୟୀତ୍ୱରେ ଥିବା ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ଏହି ପ୍ରତିଯୋଗିତାକୁ ଜିଲ୍ଲା ସଦର ମହକୁମାରେ ନକରି ଦୀର୍ଘ ୧୦ବର୍ଷ ଧରି ରାଜକନିକା ବ୍ଲକର ଆର.ଏନ. ହାଇସ୍କୁଲରେ କରାଉଛନ୍ତି।

ଏଠାରେ ସୂଚନା ଯୋଗ୍ୟ ଯେ ୨୦୧୫ମସିହାରେ ସେହି ବିଦ୍ୟାଳୟରେ ଆୟୋଜିତ ଜିଲ୍ଲା ସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଜନୈକ ପ୍ରତିଯୋଗୀ ଛାତ୍ରୀଙ୍କୁ ଦାୟୀତ୍ୱରେ ଥିବା ଶିକ୍ଷକ ଓ କର୍ମଚାରୀ ଅସଦ ବ୍ୟବହାର କରିବାରୁ ସଂପୃକ୍ତ ଛାତ୍ରୀ ଜଣଙ୍କ ଆତ୍ମହତ୍ୟା କରିଥିଲେ।

ଏହାବ୍ୟତିତ ପ୍ରକୃତରେ ରାଜକନିକାସ୍ଥିତ ଆର.ଏନ.ହାଇସ୍କୁଲରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୁଏ ନାହିଁ। ପ୍ରତିଯୋଗିତାଟି ରାଜକନିକା ମହାବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ହୁଏ। ଯାହା ଆର.ଏନ. ହାଇସ୍କୁଲ ଠାରୁ ପ୍ରାୟ ଅଧକିଲୋମିଟର ଦୂରରେ ଅବସ୍ଥିତ। ଯେଉଁଠି ଛାତ୍ରଛାତ୍ରୀଙ୍କ ନିମନ୍ତେ ପରିସ୍ରାଗାର କିମ୍ବା ପାଇଖାନାର କୌଣସି ବ୍ୟବସ୍ଥା ନଥାଏ। ଫଳରେ ସେମାନେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି।

## କେନାଲରେ ନିଖୋଜ ଯୁବକର ମିଳିଲା ମୃତଦେହ

**ଡେରାବିଶ,୨୯।୧୦ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଛୋଟି ପଞ୍ଚାୟତ ଅନ୍ତର୍ଗତ ଛୋଟି (ବଣିଆସାହି) ଗ୍ରାମର ଗୋଲଖ ପୃଷ୍ଟିଙ୍କ ପୁଅ ଗଙ୍ଗାଧର (୨୩) ରବିବାର ମଧାହ୍ନାରେ ଗ୍ରାମ ନିକଟସ୍ଥ ପଟ୍ଟାମୁଣ୍ଡାଇ କେନାଲରେ ଶୌଚ ହେବା ପାଇଁ ଯାଇ କେନାଲର ଗଭୀର ଜଳରେ ବୁଡ଼ି ଯାଇଥିଲେ। ରବିବାର ଠାରୁ ଅଗ୍ନିଶମ ବାହିନୀ ଓ ଗ୍ରାମବାସୀମାନେ କେନାଲରେ ବହୁ ଖୋଜା ଖୋଜି କରିବା ପରେ ମଧ ଗଙ୍ଗାଧରଙ୍କର କୌଣସି ପତା ମିଳିନଥିଲା।

ଆଜି ସକାଳେ ଗଙ୍ଗାଧର ନିଖୋଜ ହୋଇଥିବା ସ୍ଥାନରୁ ପାଖାପାଖି ୧ କିଲୋମିଟର ଦୂର ପଟ୍ଟାମୁଣ୍ଡାଇ କେନାଲର ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ପଲ୍ଲି ଠାରେ ତାଙ୍କ ମୃତ ଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଖବର ପାଇ ତାଙ୍କର ପରିବାର ଲୋକ ପହଞ୍ଚି ମୃତଦେହକୁ ଚହ୍ନଟ କରିଥିଲେ। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହିତ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ।

## ଭିଜିଲାନ୍ସ ସଚେତନତା ସପ୍ତାହ




**ରାଜନଗର,୨୯।୧୦ (ସଂଚାର ବ୍ୟୁରୋ):** ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ରେ ଅଧକ୍ଷ ମେଜର ମନୋରଞ୍ଜନ ମହାନ୍ତିଙ୍କ ଅଧକ୍ଷତାରେ 'ଭିଜିଲାନ୍ସ ସଚେତନତା ସପ୍ତାହ' ଦିବସ ଅର୍ଥନୀତି ବିଭାଗ ରେ ପାଳିତ ହେଇଯାଇଛି। ଏହି କାର୍ଯ୍ୟକ୍ରମରେ ଅର୍ଥନୀତି ବିଭାଗ ମୁଖ୍ୟ ଅଧାପକ ବସନ୍ତ କୁମାର ବେହେରା ଛାତ୍ରଛାତ୍ରୀ ମାନଙ୍କୁ ସଚ୍ଚୋଟତାର ଶପଥ ପାଠ କରାଇଥିଲେ। ଏହି ଉତ୍ସବରେ ଅଧାପକ ଅଭିଜିତ୍ ଖୁଣ୍ଟିଆ ଛାତ୍ରଛାତ୍ରୀ ନିଜର ବୃତ୍ତିଗତ ଆଚରଣରେ ସଚ୍ଚୋଟତା, ସ୍ୱଚ୍ଛତା ଏବଂ ଦାୟିତ୍ୱ ବୋଧତାର ମୂଲ୍ୟବୋଧକୁ କିପରି ବଜାୟ ରଖିବେ ସେ ନେଇ କହିଥିଲେ।ଏହି ପଦକ୍ଷେପର ଲକ୍ଷ୍ୟ ଥିଲା କର୍ମଚାରୀ ଏବଂ ସମାଜ ମଧରେ ନୈତିକ ଅଭ୍ୟାସ, ସ୍ୱଚ୍ଛତା ଏବଂ ସଚ୍ଚୋଟତା କୁ ପ୍ରୋତ୍ସାହିତ କରିବା ଏବଂ ଏକ ନିରପେକ୍ଷ ଓ ସ୍ୱଚ୍ଛ ଶାସନ ବ୍ୟବସ୍ଥା ଗଠନରେ ସାମୂହିକ ଦାୟିତ୍ୱ କୁ ଉତ୍ସାହିତ କରିବା। ସେ ନେଇ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ।

# ସାମାଜିକ ସୁରକ୍ଷା ବ୍ୟବସ୍ଥାରୁ ବଞ୍ଚିତ ଜଗବନ୍ଧୁ



**ମହାକାଳପଡ଼ା, ୨୯।୧୦ (ସଂଚାର ବ୍ୟୁରୋ):** ଜଣେ ଶତପ୍ରତିଶତ ମାନସିକ ବିକାର ଗ୍ରସ୍ତ ହୋଇ ମଧ ଆଜି ପର୍ଯ୍ୟନ୍ତ ତାଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ମିଳି ପାରି ନାହିଁ। ରାସନ୍ କାର୍ଡ ରେ ନାଆଁ ଥାଇ ମଧ ଆଧାର କାର୍ଡ ନଥିଲା ବୋଲି ତାଙ୍କୁ ରାସନ୍ ଚାଉଳ ମିଳୁନି। ବୟସର ଅପରାହ୍ନରେ ପହଞ୍ଚିଥିଲେ ସୁଦ୍ଧା ନା ମିଳିଛି ଭିନ୍ନକ୍ଷମ ପ୍ରମାଣପତ୍ର ନା ଭତ୍ତା। ସମ୍ପୂର୍ଣ୍ଣ ପାଗଳ ହୋଇ ହାତଗୋଡ଼ ବନ୍ଧା ଅବସ୍ଥାରେ ଗୋଟିଏ ଜାଗାରେ ପଡ଼ି ରହୁଛନ୍ତି। ଏମିତି ଏକ ସମ୍ବେଦନଶୀଳ ଘଟଣା ଦେଖିବାକୁ ମିଳିଛି ମହାକାଳପଡ଼ା ବ୍ଲକ ମଙ୍ଗଳପୁର ପଞ୍ଚାୟତ ବନ୍ଧପଡା (ଗୁହାଳକଣି) ଗ୍ରାମରେ। ଗ୍ରାମର ଜଗବନ୍ଧୁ ପଲାଇ (୭୦ ବର୍ଷ) ଜଣେ ମାନସିକ ବିକାରଗ୍ରସ୍ତ ବୃଦ୍ଧ ବ୍ୟକ୍ତି। ଦୀର୍ଘବର୍ଷ ଧରି ଜଗବନ୍ଧୁ ମାନସିକ ବିକାରଗ୍ରସ୍ତ ହୋଇ ଘରେ ପଡ଼ିଛନ୍ତି। ଚାଲିବୁଲି ପାରୁ ନଥିବା ଜଗବନ୍ଧୁଙ୍କ ପାଇଁ ପତ୍ନୀ ଆରତୀ ତାଙ୍କ ନିତ୍ୟକର୍ମ କରାଉଛନ୍ତି। ତାଙ୍କର ଆଧାର କାର୍ଡ ନଥିବାରୁ କୌଣସି ଯୋଜନାରେ ସାମିଲ ହୋଇପାରୁ ନାହାନ୍ତି ଜଗବନ୍ଧୁ। ଏନେଇ ମହାକାଳପଡ଼ା ଯୁଥ୍ ଗ୍ରୁପ୍ ଉଦ୍ୟମ ଓ ସଂଚାର ରେ ଖବର ପ୍ରକାଶ ପରେ ଆଧାର ଟିମ୍ ଜଗବନ୍ଧୁଙ୍କ ନିକଟରେ ପହଞ୍ଚି ତାଙ୍କୁ ଆଧାର କାର୍ଡ କରାଇବାରେ ସଫଳ ହୋଇଥିଲେ। ଆଧାର କାର୍ଡ ମିଳିବାକୁ ୫ ମାସ ପୁରିଛି। ହେଲେ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଆବେଦନ କରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ତାଙ୍କର ଭିନ୍ନକ୍ଷମ ପ୍ରମାଣପତ୍ର ମିଳି ପାରିନାହିଁ। ଡିଲର ବି ଚାଉଳ ଦେଉନି। ଏନେଇ ଆଖି ଛଳଛଳ କରି ଅଭିଯୋଗ କରିଛନ୍ତି ଜଗବନ୍ଧୁଙ୍କ ପତ୍ନୀ ଆରତି ପଲାଇ। ଅନ୍ୟପକ୍ଷରେ ମଙ୍ଗଳବାର ଦିନ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଙ୍କ ନିର୍ଦ୍ଦେଶନାରେ ମାନସିକ ସ୍ୱାସ୍ଥ୍ୟ ବିଭାଗର ଡ଼ାକ୍ତର ସୋମପୁଷ୍ପା ମିଶ୍ର ଜଗବନ୍ଧୁଙ୍କ ବାସଭବନରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିବା ଜଣାପଡ଼ିଛି।

## ଆଳିକ ସାଧନକେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି



**କେନ୍ଦ୍ରାପଡ଼ା,୨୯।୧୦(ସଂଚାର ବ୍ୟୁରୋ):** ଫକିରାବାଦସ୍ଥିତ ରାମଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟ ଆଳିକ ସାଧନ କେନ୍ଦ୍ରର ଶିଶୁ ମହୋତ୍ସବ ସୁରଭି-୨୦୨୫ ଉକ୍ତ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ସାମଲ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଚାଟରା ଚକଡ଼ା ଗ୍ରାମ ପାୟତ ସରପ ମମତା ରାଉତ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପଶଖା ଶିକ୍ଷାସେତୁ ଅଧକ୍ଷ ହଳଧର ଦାସ, ସମ୍ମାନିତ ଅତିଥି ଭାବେ ଚାଟରା ଚକଡ଼ା ପାୟତ ସମିତି ସଭ୍ୟ ନିରଞ୍ଜନ କର, ଡେରାବିଶ ସହମଣ୍ଡଳ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ ଓ ସଚ୍ଚିକାନ୍ତ ମିଶ୍ର ଯୋଗଦେଇ ସମସ୍ତ ପ୍ରତିଯୋଗୀମାନଙ୍କୁ ଅର୍ଶ୍ରିବଚନ ପ୍ରଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତି ଅଧକ୍ଷ ଏବଂ ପ୍ରାକ୍ତନ ସି.ଆର.ସି.ସି. ରମେଶ ଚନ୍ଦ୍ର ପତି ମଧ ଉପସ୍ଥିତ ଥିଲେ। ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଆଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରକାଶ ଚନ୍ଦ୍ର ନାୟକ ସଭାର ଉଦେଶ୍ୟ ଜ୍ଞାପନ କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥିଙ୍କ ଦ୍ୱାରା କୃତି ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ବିତରଣ କରାଯାଇଥିଲା। ଶିକ୍ଷକ ମନୋରଞ୍ଜନ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିବା ସହିତ ମ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ତଥା ସଂପୃକ୍ତ ଆଳିକ ସାଧନ କେନ୍ଦ୍ର ଅନ୍ତର୍ଗତ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସହାୟତାରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା। ଶେଷରେ ଶିକ୍ଷକ ଭକ୍ତ ଚରଣ ସ୍ୱାଇଁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ସିସିବି ବ୍ୟାଙ୍କ ପରିସରରୁ ନାଗସାପ ଉଦ୍ଧାର



**ମାର୍ଶାଘାଇ, ୨୯।୧୦ (ସଂଚାର ବ୍ୟୁରୋ):** ମାର୍ଶାଘାଇର କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ଭିତରୁ ଏକ ୪ ଫୁଟ ଲମ୍ବର ନାଗ ସାପକୁ ମଙ୍ଗଳବାର ଉଦ୍ଧାର କରାଯାଇଛି। ମଙ୍ଗଳବାର ସକାଳେ ବ୍ୟାଙ୍କ ଖୋଲିବା ପରେ ବ୍ୟାଙ୍କ ମ୍ୟାନେଜର ସୁଜିତ ଦାସ ଏବଂ ସୁପରଭାଇଜର ପୃଥ୍ୱୀରାଜ ଆନନ୍ଦ ଲକର ରୁମକୁ ଯିବା ସମୟରେ ଏକ ନାଗ ସାପ ଥିବା ଦେଖିବାକୁ ପାଇଥିଲେ। ସେହି ସମୟରେ ଉପସ୍ଥିତ ଥିବା ମାର୍ଶାଘାଇ ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ଗୋବର୍ଦ୍ଧନ ସାହୁ ସ୍ନେକ ହେଲ୍ପଲାଇନ ସଦସ୍ୟ ତଥା ନିକଟସ୍ଥ ହିନ୍ଦୁଳିଆ ଗ୍ରାମର ପ୍ରସନ୍ନ କୁମାର ଦାସଙ୍କୁ ସାପକୁ ଉଦ୍ଧାର କରିବା ପାଇଁ ଖବର ଦେଇଥିଲେ। ପ୍ରସନ୍ନ କୁମାର ଦାସ ଉକ୍ତ ସାପକୁ ଉଦ୍ଧାର କରି ନେଇଥିଲେ। ବ୍ୟାଙ୍କ କର୍ମଚାରୀ କ୍ଷିତୀଶ ପ୍ରଧାନ, ସୌଭାଗ୍ୟ ରାଉତରାୟ ଗ୍ରାହକ ମଧୁସୂଦନ ବେହେରା, ବିଚିତ୍ରାନନ୍ଦ ବେହେରା, ଧ୍ରୁନାକିଶୋର ନାୟକ, ପ୍ରଦ୍ୟୁମ୍ନଦାସ ପ୍ରମୁଖ ଉପସ୍ଥିତ ଥିଲେ।

## କ୍ଷେତରେ ଲୋଟିଲା ଧାନଫସଲ, ଧାନ କ୍ଷତି ହେବାର ଆଶଙ୍କା



**ମାର୍ଶାଘାଇ,୨୯।୧୦(ସଂଚାର ବ୍ୟୁରୋ):** ବାତ୍ୟା ମୋନ୍ଥା ପ୍ରଭାବରେ ମାର୍ଶାଘାଇ ବ୍ଲକ ଅଞ୍ଚଳରେ ୩ଦିନ ଧରି ବର୍ଷା ଲାଗିରହିବା ଫଳରେ ଫଳନ୍ତି ଧାନଫସଲ ପ୍ରଭାବିତ ହୋଇଛି। ସୋମବାର ଏବଂ ମଙ୍ଗଳବାର ୨ ଦିନରେ ମାର୍ଶାଘାଇ ରେ ୫୫ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଖାଲୁଆ କ୍ଷେତ ରେ ବର୍ଷା ପାଣି ଜମି ରହିବା ଯୋଗୁଁ ଧାନ ଗଛ ଗୁଡ଼ିକ ଲୋଟି ପଡ଼ିବା ସହିତ ଧାନ କେଣ୍ଡା ପାଣିରେ ବୁଡ଼ି ଯାଇଥିବା ଦେଖିବାକୁ ମିଳିଛି। ଧାନ କେଣ୍ଡାରେ ପ୍ରାୟ ପଚାଶ ଷାଠିଏ ଭାଗ ଆହାର ଧରିଯାଇଥିଲା। ୭୫ ଭାଗରୁ ଅଧିକ ପରିମାଣରେ ଧାନ ପାଚିଥିଲେ ସେହି ଗଛ ଗୁଡ଼ିକ ପାଣିରେ ବୁଡ଼ିଥିଲେ ବି ପାଣିରୁ ଛାଣି ଧାନ କେଣ୍ଡା କାଟି ଅମଳ କରିଦେଇଥିଲେ ହୁଏତ କିଛି ଧାନ ମିଳି ପାରିଥାନ୍ତା। ମାତ୍ର ପଚାଶ ଷାଠିଏ ଭାଗ ଆହାର ଧରି ପାଣିରେ ବୁଡ଼ି ଯାଇଥିବାରୁ ସେହି କେଣ୍ଡାରୁ କିଛି ବି ଅମଳ ହେବାର ଆଶା ନାହିଁ ବୋଲି ଚାଷୀମାନେ କହିଛନ୍ତି। ଏହି ବ୍ଲକରେ ପ୍ରାୟ ୮ ହଜାର ହେକ୍ଟର ଜମିରେ ଚାଷୀମାନେ ଧାନ ଚାଷ କରିଛନ୍ତି। ମଣିକୁଣ୍ଡା, ହିନ୍ଦୁଳିଆ, ମାର୍ଶାଘାଇ, ଗରଜଙ୍ଗା, ବେରୁହାଁ, ତାଳସଙ୍ଗା, ଦଶିପୁର, ଦୁମୁକା, ବଚ୍ଛରାଇ, ବନ୍ଧକଟା, ମେହେନ୍ଦିନଗର, ପରକୁଳା ଆଦି ପଞ୍ଚାୟତର ଅନେକ କ୍ଷେତରେ ପାଣିରେ ଧାନ ଗଛ ଗୁଡ଼ିକ ଲୋଟିପଡ଼ିବା ସହିତ ବୁଡ଼ି ରହିଥିବା ଦେଖିବାକୁ ମିଳିଛି। ବୁଡ଼ିଯାଇଥିବା ଧାନ ଫସଲର କ୍ଷୟକ୍ଷତିର ଆକଳନ କରି କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ସହାୟତା ପ୍ରଦାନ କରିବାକୁ ଦାବୀ ହେଉଛି ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ହୋହାଲ୍ଲା କଲେ ଯୁବତୀ

### ଜିଲ୍ଲାପାଳଙ୍କ କୋର୍ଟ ଚାମ୍ବରକୁ ଧସେଇ ପସିଲେ




**କେନ୍ଦ୍ରାପଡା, ୨୯।୧୦ (ସଂଚାର ବ୍ୟୁରୋ):** ଜଣେ ପଞ୍ଚମ ଶ୍ରେଣୀର ଛାତ୍ରଙ୍କୁ ଜାତିଗତ ପ୍ରମାଣ ପତ୍ର ପ୍ରଦାନ କରାନଯିବା ଘଟଣାକୁ ନେଇ ଜନୈକ ଯୁବତୀ ବୁଧବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ହୋହଲ୍ଲା ମଚାଇବା ସହ ଜିଲ୍ଲାପାଳଙ୍କ କୋର୍ଟ ଚାମ୍ବରକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ଜିଲ୍ଲାପାଳ କୋର୍ଟ କାର୍ଯ୍ୟରେ ବ୍ୟସ୍ତ ଥିବାରୁ କିଛି ସମୟ ଅପେକ୍ଷା କରିବାକୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ସଂପୃକ୍ତ ଯୁବତୀଙ୍କୁ କହିଥିଲେ। କିନ୍ତୁ ସେ କିଛି ନଶୁଣି ସେଠାରେ ହୋହାଲ୍ଲା କରିବା ସହ ଜିଲ୍ଲାପାଳଙ୍କ କୋର୍ଟ ଚାମ୍ବର ମଧକୁ ଧସେଇ ପସିବାକୁ ଉଦ୍ୟମ କରିଥିଲେ। ଫଳରେ ଜିଲ୍ଲାପାଳ ରଘୁରାମ ଆର.ଆୟାର କୋର୍ଟ କାର୍ଯ୍ୟ ଶେଷ କରି ବାହାରକୁ ଆସି ପାଟିତୁଣ୍ଡର କାରଣ ପଚାରିବାରେ ସେହି ଯୁବତୀ ଜଣଙ୍କ ଜିଲ୍ଲାପାଳଙ୍କୁ ମଧ ଉଚିତ ବ୍ୟବହାର ପ୍ରଦର୍ଶନ କରିନଥିଲେ। ପରେ ଜିଲ୍ଲାପାଳ ତାଙ୍କ ଠାରୁ ସମସ୍ତ କଥା ଶୁଣିବା ପରେ ମାର୍ଶାଘାଇ ତହସିଲଦାରଙ୍କୁ ପଚାରିବାରେ ସେ କହିଥିଲେ ଯେ ଯୁବତୀଙ୍କ ପରିବାର ମାର୍ଶାଯାଇ ତହସିଲ ଅଧିନରେ ରହୁଥିଲେ ମଧ ତାଙ୍କର ପ୍ରକୃତ ଘର ହେଉଛି ମହାକାଳପଡା ତହସିଲ ଅଧିନରେ। ତେଣୁ ମାର୍ଶାଘାଇ ତହସିଲ ଜାତିଗତ ପ୍ରମାଣପତ୍ର ଦେବା ସମ୍ଭବ ନୁହେଁ। ସେ ମହାକାଳପଡା ତହସିଲକୁ ଏଥିନିମନ୍ତେ ଆବେଦନ କରନ୍ତୁ କିମ୍ବା ମହାକାଳପଡା ତହସିଲ ଅଧିନରେ ଥିବା ତାଙ୍କ ପ୍ରକୃତ ବାସସ୍ଥାନର ସଠିକ ବିବରଣୀ ଦେଇ ମାର୍ଶାଘାଇ ତହସିଲକୁ ଆବେଦନ କରିବାକୁ ତାଙ୍କୁ ପୂର୍ବରୁ ତହସିଲଦାର ପରାମର୍ଶ ଦେଇଥିବା କହିଥିଲେ। ଜିଲ୍ଲାପାଳ ଯୁବତୀ ଜଣଙ୍କୁ ଏସମ୍ପର୍କରେ ବୁଝାଇଦେବା ସହିତ ମାର୍ଶାଘାଇ ତହସିଲଦାରଙ୍କୁ ଆବଶ୍ୟକ ପଦକ୍ଷେପ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସୂଚନା ଅନୁଯାୟୀ ଯୁବତୀଙ୍କ ଭାଇ ଓମ୍ ସାଇଙ୍କ ନବୋଦୟ ବିଦ୍ୟାଳୟ ଓ ଆଦର୍ଶ ବିଦ୍ୟାଳୟରେ ନାମ ଲେଖାପାଇଁ ଆବେଦନ କରିବାକୁ ଜାତିଗତ ପ୍ରମାଣପତ୍ରର ଆବଶ୍ୟକ ଥିଲା।

### ୧୧ ବର୍ଷ ଧରି ପୂଜା ପାଉଛନ୍ତି ରାଧାକୃଷ୍ଣଙ୍କ ମୃଣ୍ମୟ ପ୍ରତିମା

## ଆଧ୍ୟାତ୍ମିକ ଭାବନା ଜାଗରଣ ପାଇଁ ପ୍ରୟାସ



**ମହାକାଳପଡ଼ା,୨୯।୧୦(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଦେଉଳପଡା ପଞ୍ଚାୟତର ଓଳିହା ଗ୍ରାମରେ ରାଧାକୃଷ୍ଣ ଙ୍କ ଯୁଗଳ ମୃଣ୍ମୟୀ ପ୍ରତିମା ଦୀର୍ଘ ୧୧ ବର୍ଷ ଧରି ବହୁ ଆଡ଼ମ୍ବରରେ ପାଳିତ ହୋଇଆସୁଛି। ଗ୍ରାମର କେତ ଜଣ ବୟସ୍କ ବୃଦ୍ଧ ମାନଙ୍କ ଉଦ୍ୟମରେ ଆରମ୍ଭ ହୋଇଥିବା ଏହି ଅନୁଷ୍ଠାନ ଆଜି ପଞ୍ଚାୟତ ବାସୀଙ୍କ ସମେତ ଅନ୍ୟାନ୍ୟ ପଞ୍ଚାୟତର ବ୍ୟକ୍ତି ବିଶେଷଙ୍କ କ୍ଷେତ୍ରରେ ବିଶେଷ ଗ୍ରହଣୀୟ ହୋଇପାରିଛି। ଗ୍ରାମର ରତ୍ନାକର ପାଇଟାଳ, ଦୂର୍ଯ୍ୟୋଧନ ବେଉରା, ଭିକାରୀ ବେଉରା, ଜନକର ପାଇଟାଳ, କମ୍ବୁ ଚରଣ ଦାସ, ରବିନ୍ଦ୍ର ବେଉରା ଙ୍କ ଭଳି କେତେଜଣ ବୟସ୍କ ମାନେ ଏକତ୍ରିତ ହୋଇ ନିଜର ଏକମାସର ଭତ୍ତା ଟଙ୍କା ଏକତ୍ରିତ କରି ୨୦୧୪ ମସିହାରେ ପ୍ରଥମେ ଗ୍ରାମର ମଧଭାଗରେ ହରିବଂଶ ପାରାୟଣ ପାଇଁ ପ୍ରୟାସ କରିଥିଲେ। ବୃଦ୍ଧବୃଦ୍ଧା ମାନେ ବୟସର ଅପରାହ୍ନରେ ଭଗବାନଙ୍କ କଥାମୃତ ଶ୍ରବଣ କରି ଆତ୍ମ ତୃପ୍ତି ଲାଭ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା। ସମୟକ୍ରମେ ଭଗବାନ ରାଧାକୃଷ୍ଣଙ୍କ ଅମୃତ ଲୀଳାର ପ୍ରଚାର ପ୍ରସାର ବୃଦ୍ଧି ହେବା ସହିତ ଉଦ୍ୟମ ଆରମ୍ଭ କରିଥିବା କେତେଜଣ ବୟସ୍କ ମାନଙ୍କ ଦେହାନ୍ତ ହେଇଯାଇଛି। ହେଲେ ତାଙ୍କର ଉତ୍ତରାଧିକାରୀ ମାନେ ବାପା ଦାଦା ଆରମ୍ଭ କରିଥିବା ଏହି ଅନୁଷ୍ଠାନକୁ ଆଗକୁ ଆଗକୁ ବଢାଇ ଚାଲିଛନ୍ତି। ପ୍ରତିବର୍ଷ ପଞ୍ଚ ଦିବସୀୟ ହରିବଂଶ ପାରାୟଣ କାର୍ଯ୍ୟକ୍ରମ ସହିତ ବରେଣ୍ୟ ପ୍ରବକ୍ତା ଓ ବ୍ରହ୍ମଚାରୀ ମାନଙ୍କ ଯୋଗଦାନ କରି ଭଗବାନଙ୍କ କଥାମୃତ ଶ୍ରବଣ କରାଉଛନ୍ତି।

### ● ଜୀବନବୀମାର ପୂର୍ବତନ ବିକାଶ ଅଧିକାରୀ

## ଦୁର୍ଯ୍ୟୋଧନଙ୍କ ଏସବିଏ ଭାବେ ନିଯୁକ୍ତି, ବିଭିନ୍ନ ମହଲରେ ସ୍ୱାଗତ



**ପଟ୍ଟାମୁଣ୍ଡାଇ,୨୯।୧୦(ସଂଚାର ବ୍ୟୁରୋ):** ଭାରତୀୟ ଜୀବନ ବୀମା ନିଗମ ପଟ୍ଟାମୁଣ୍ଡାଇ ଶାଖାର ଅବସରପ୍ରାପ୍ତ ବିକାଶ ଅଧିକାରୀ ଦୁର୍ଯ୍ୟୋଧନ ସାହୁ ଙ୍କ ବରିଷ୍ଠତା, ଅଭିଜ୍ଞତା ଓ କାର୍ଯ୍ୟଦକ୍ଷତାକୁ ଭିତ୍ତି କରି ଭାରତୀୟ ଜୀବନବୀମା ପକ୍ଷରୁ ପ୍ରଥମ କରି ପଟ୍ଟାମୁଣ୍ଡାଇ ଶାଖାର ବରିଷ୍ଠ ବ୍ୟବସାୟୀକ ସହଯୋଗୀ ଭାବେ ନିଯୁକ୍ତି ଦିଆଯାଇଛି । ଏହି ନିଯୁକ୍ତିକୁ ପଟ୍ଟାମୁଣ୍ଡାଇ ଜୀବନବୀମା ପଲିସୀଧାରୀ ଓ ଜନସାଧାରଣ ସ୍ୱାଗତ କରିଛନ୍ତି । ଏହି ଉପଲକ୍ଷେ ସ୍ଥାନୀୟ ହରପାର୍ବତୀ ମନ୍ଦିରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଭାରତୀୟ ଜୀବନ ବୀମା ପଟ୍ଟାମୁଣ୍ଡାଇ ଶାଖା ପରିଚାଳକ ଅରୁଣ କୁମାର ବିଶ୍ୱାଳ, ପ୍ରାକ୍ତନ ବିକାଶ ଅଧିକାରୀ କୁଳମଣି ଗୋଛାୟତ, ଏଲ ଆଇ ସିର ମୁଖ୍ୟ ଅଭିକର୍ତ୍ତା ଓ ଉପଦେଷ୍ଟା ରଞ୍ଜନ କୁମାର ପ୍ରଧାନ, ପ୍ରମୋଦ ସାହୁ, ଦେବାଶିଷ ମହାନ୍ତି, ଅଜୟ ରାଉତ ଅଭିରାମ ପତି, ଓମ ପ୍ରକାଶ ବାରିକ, ଦିବେଶ କୁମାର ପଲାଇ, ପ୍ରଭାତ କୁମାର ଦାସ ପ୍ରମୁଖ ଯୋଗ ଦେଇ ଜୀବନବୀମା ର ପ୍ରାକ୍ତନ ବିକାଶ ଅଧିକାରୀ ତଥା ନୂତନ ବରିଷ୍ଠ ବ୍ୟବସାୟୀକ ସହଯୋଗୀ ଦୁର୍ଯ୍ୟୋଧନ ସାହୁ ଓ ପତ୍ନୀ ପଦ୍ମିନୀ ସାହୁଙ୍କୁ ଉତ୍ତରୀୟ ଓ ଫୁଲ ତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ ।

## ହାତଡ଼ିହ ଗାଁ କେନାଲ ରାସ୍ତା ଶୋଚନୀୟ

**ଭଦ୍ରକ,୨୯।୧୦(ସଂଚାର ବ୍ୟୁରୋ):** ଆଖୁଆପଦା ଜଳ ସମ୍ପଦ ବିଭାଗ ଅଧିନ ହାଇ ଲେବଲ କେନାଲ ର ଦକ୍ଷିଣବାଡ଼ ପଞ୍ଚୟତ ହାତଡ଼ିହ ଗାଁ କୁ ଯାଇଥିବା ରାସ୍ତା ଅତୀବଶୋଚନୀୟ ହୋଇ ପଡ଼ି ଅଛି।ଏହି ରାସ୍ତା ଟି କେବଳ ଏହି ଗୋଟିଏ ଗାଁ କୁ ଯାଇଥିବାରୁ ବିଭାଗ ନଜର ଆଢୁଆଳ ରେ ରହିଯାଉଅଛି ବୋଲି ଗାଁ ର ପ୍ରଫୁଲ୍ଲ ପାତ୍ର, ଉମା ପାତ୍ର, ସତ୍ୟାନନ୍ଦ ମହାପାତ୍ର ଦେବ ପାତ୍ର ଦଶରଥି ପାତ୍ରରାମ ମହାପାତ୍ର ପ୍ରମୁଖ ମତ ଦେଇଛନ୍ତି। ଏହି ବାଟ ଦେଇ ପାଟୁଳି ପଞ୍ଚାୟତ ର ଅ ରେ କଣା ଓ ଦୁଇ ମୁଣ୍ଡା ସାହି କୁ ରାସ୍ତା ଯାଇଥିବା ସୂଚିତ କରିଛନ୍ତି। ୨୦୧୯ମସିଆ ରେ ଏଥିରେ ପିଚୁ କାର୍ଯ୍ୟ କରାଯାଇଥିଲା, ସେତେବେଳେ ନିମ୍ନ ମାନ ର କାର୍ଯ୍ୟ ଯୋଗୁଁ ମାତ୍ର ଏକ ବର୍ଷ ରେ ରାସ୍ତା ଦ ବି ପିଚୁ ନଷ୍ଟ ହୋଇ ଥିଲା। ସେବେ ଠାରୁ ଏପରି ଦହଣୀୟ ସ୍ଥିତି ରେ ଲୋକ ମାନେ ବ୍ଲକ ହେଡ଼ କ୍ୱାର୍ଟର କୁ ଯିବା ଆସିବା କରୁଛନ୍ତି। ବିଭାଗ ଦୃଷ୍ଟି ଦେବାକୁ ଦାବୀ ହୋଇ ଅଛି।

# ଡମ୍ପିଂ ୟାର୍ଡ ହଟାଇବାକୁ ଡେଡ୍‌ଲାଇନ ପରେ ଅନଶନ ପ୍ରତ୍ୟାହୃତ



**ଭୁବନେଶ୍ୱର,୨୯।୧୦(ସଂଚାର ବ୍ୟୁରୋ):** ସୈନିକ ସ୍କୁଲ ଗାଡ଼କଣ ବେଆଇନ ଅଳିଆଗଦାକୁ ହଟାଇବାକୁ ନେଇ ଆଜି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସମ୍ମୁଖରେ ଆମରଣ ଅନଶନ କରିଥିଲା ସୈନିକ ସ୍କୁଲ ବଞ୍ଚାଅ ଅଳିଆ ଗଦା ହଟାଅ ଅଭିଯାନ। ଗତକାଲି ବୋର୍ଡ ତରବରିଆ ଭାବେ ଅଭିଯାନକୁ ଏକ ଚିଠି ଲେଖି ଆମରଣ ଅନଶନ ବନ୍ଦ ରଖିବାକୁ ଅନୁରୋଧ କରିବା ସହିତ ଏହି ବିଷୟରେ ଗୃହ ଓ୍ ନଗର ଉନ୍ନୟନ ବିଭାଗ ସହିତ ଯୋଗାଯୋଗ କରିବାକୁ କହିଥିଲା, ହେଲେ ପ୍ରବଳ ବର୍ଷା ସତ୍ତ୍ୱେ ଆଜି ଅନଶନ ଚାଲିଥିଲା। ଅଭିଯାନର ଏକ ପ୍ରତିନିଧି ମଣ୍ଡଳୀ ସହିତ ପ୍ରଦୂଷଣ ବୋର୍ଡ ଅଧିକାରୀ ଆଲୋଚନା କରିବାକୁ ଗେଟ ସମ୍ମୁଖକୁ ଆସିଥିଲେ। ଆଲୋଚନା ସମୟରେ ଗାଡକଣ ଅଳିଆ ପ୍ରୋସେସିଂ ସମ୍ପୂର୍ଣ୍ଣ ସେଟ୍ ଅପ୍ ସ୍ଥାନାନ୍ତର କେବେ ହେବ ପ୍ରଶ୍ନରେ, ଏହି ପ୍ରକ୍ରିୟା ଜାରି ରହିଛି ବୋଲି ବିଏମସି ଲିଖିତ ଭାବେ ଜଣାଇଛି ଏବଂ କେତେଦିନ ଭିତରେ ଅଳିଆ ଗଦା ସମ୍ପୂର୍ଣ୍ଣ ବନ୍ଦ ହେବ ବୋଲି ପ୍ରଶ୍ନରେ ପ୍ରଦୂଷଣ ବୋର୍ଡ ବରିଷ୍ଠ ବୈଜ୍ଞାନିକ ଡ଼. ଉଷାରାଣୀ ପଟନାୟକ କହିଲେ କି, ଆମେ ତାଙ୍କୁ ଗୋଟେ ଟାଇମ ବାଉଣ୍ଡ ଡେଡ ଲାଇନ ଦେବୁ । ଅଭିଯାନ ପକ୍ଷରୁ ବିଏମସିକୁ କାହିଁକି ଫାଇନ କରାଯାଇନାହିଁ ପ୍ରଶ୍ନରେ ଆମେ ଆଇନଗତ ପ୍ରକ୍ରିୟା ଭିତରେ ତାଙ୍କୁ ନିଶ୍ଚିତ ଫାଇନ କରିବୁ ବୋଲି କହିଥିଲେ । ଏହା ସହିତ, ବିଏମସିକୁ ପୂର୍ବରୁ ଗଦା ଯାଇଥିବା ଅଳିଆ ସବୁକୁ ପ୍ରକ୍ରିୟା କରଣ ହେତୁ ସୀମିତ ସମୟ ପାଇଁ ସିଟିଓ ଦିଆଯାଇଛି। ତାକୁ ଧାର୍ଯ୍ୟ ସମୟ ଭିତରେ ମଧ ରଦ୍ଦ କରାଯାଇପାରେ। ଆଉ ମାମଲାଟି ବର୍ତ୍ତମାନ ବିଚାରାଧୀନ ଅଛି ତେଣୁ ଆପଣଙ୍କ ଦାବି ଅନୁଯାଇ ତୁରନ୍ତ ପଦକ୍ଷେପ ନେବାକୁ କହିଥିଲେ । ଆଲୋଚନା ପରେ ଆଜି ପାଇଁ ଅନଶନ ପ୍ରତ୍ୟାହୃତ ହୋଇଛି । ଆଗକୁ ପୁଣି ଆବଶ୍ୟକ ଅନୁଯାଇ ପଦକ୍ଷେପ ନିଆଯିବ ବୋଲି ଅଭିଯାନ କହିଛି।

# ମାଲଗାଡ଼ି ଲାଇନଚ୍ୟୁତ, ଖସିଲା ୧୦ଟି ବଗି



**ରାଉରକେଲା,୨୯।୧୦(ସଂଚାର ବ୍ୟୁରୋ):** ରାଉରକେଲାର ବନ୍ଧମୁଣ୍ଡା ରେଳ ଷ୍ଟେସନରୁ ହାଟିଆ ଯାଉଥିବା ମାଲଗାଡି ଲାଇନଚ୍ୟୁତ। ରାଞ୍ଚି-ରାଉରକେଲା ମୁଖ୍ୟ ରେଳ ଲାଇନରେ ଉକ୍ତ ମାଲଗାଡ଼ିଟି ଯାଉଥିବା ବେଳେ କନଖା ରେଳଷ୍ଟେସନର ଲାଇନ୍ ନଂ-୨ରେ ୧୦ଟି ବଗି ହଠାତ୍ ଧାରଣାରୁ ତଳକୁ ଖସିଯାଇଥିଲା। ଖବର ପାଇ ରେଳ ବିଭାଗ ପକ୍ଷରୁ ଘଟଣାସ୍ଥଳକୁ କ୍ରେନ ଓ ବୈଷୟିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଲାଇନଚ୍ୟୁତ ବଗିଗୁଡିକୁ ମୁଖ୍ୟ ଲାଇନରୁ ସ୍ଥାନାନ୍ତର କରିବା ଦିଗରେ ପଦକ୍ଷେପ ନେଇଥିବା ଜଣାପଡ଼ିଛି। ରାଉରକେଲାର ବନ୍ଧମୁଣ୍ଡା ରେଳବାଇ ବିଭାଗର ଆକ୍ସିଡେଣ୍ଟ ରିଲିଫ ଟ୍ରେନ ଓ ୧୪୦ଟନ୍ ଓଜନ ସ୍ଥାନାନ୍ତର କରିପାରିବା କ୍ଷମତା ଥିବା କ୍ରେନ ସହ ସ୍ୱତନ୍ତ୍ର ଟିମ୍ ଘଟଣାସ୍ଥଳରେ ପହଞ୍ଚି ଲାଇନଚ୍ୟୁତ ହୋଇଥିବା ଓ ଓଲଟି ପଡ଼ିଥିବା ବଗିଗୁଡ଼ିକୁ ମୁଖ୍ୟ ଲାଇନ୍‌ରୁ ସ୍ଥାନାନ୍ତର କରିବା କାର୍ଯ୍ୟ ଆରମ୍ଭ କରାଯାଇଛି। ଅନ୍ୟ ପକ୍ଷରେ ରାଉରକେଲା- ହାଟିଆ ଦେଇ ଯାତାୟାତ କରୁଥିବା ତପସ୍ୱିନୀ ଏକ୍ସପ୍ରେସ ସମେତ ରାଉରକେଲା ଦେଇ ଯାଉଥିବା ହାଟିଆ- ଯଶୋବନ୍ତପୁର ଟ୍ରେନର ରୁଟ ପରିବର୍ତ୍ତନ କରାଯାଇଥିବା ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି। ଏହି ରୁଟ୍ ଦେଇ ଯାତାୟାତ କରୁଥିବା ପ୍ରାୟ ୧୦ଟିରୁ ଊର୍ଦ୍ଧ୍ୱ ଟ୍ରେନ୍‌ର ରୁଟ୍‌ରେ ପରିବର୍ତ୍ତନ ଓ କେତେକ ଟ୍ରେନର ଯାତାୟାତକୁ ବନ୍ଦ କରାଯାଇଥିବା ଜଣାପଡ଼ିଛି।

## ଭିଜିଲାନ୍ସ ଜାଲରେ ଜିଏସଟି ଅଧିକାରୀ



**ଭୁବନେଶ୍ୱର,୨୯।୧୦(ସଂଚାର ବ୍ୟୁରୋ):** ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଟିଟିଲାଗଡ ସହକାରୀ ସିଟି ଓ ଜିଏସଟି ଅଧିକାରୀ। ଜିଏସଟି ଜରିମାନାକୁ ରଫାଦଫା କରିବା ପାଇଁ ଜଣେ ବ୍ୟବସାୟୀଙ୍କଠାରୁ ୧୨ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ତାଙ୍କୁ ଭିଜିଲାନ୍ସ କର୍ମଚାରୀମାନେ ମାଡ଼ିବସିଛନ୍ତି। ଧରାପଡ଼ିଥିବା ସହକାରୀ ସିଟି ଓ ଜିଏସଟି ଅଧିକାରୀ ଜଣଙ୍କ ଉମାକାନ୍ତ ମହାକୁର ବୋଲି ଜଣାପଡ଼ିଛି। ଉକ୍ତ ବ୍ୟବସାୟୀ ଜଣଙ୍କ ଗତ ୩ ବର୍ଷ ହେଲା ପ୍ରଫେସନାଲ ଟ୍ୟାକ୍ସ ବାବଦରେ ସାଢ଼େ ୭ ହଜାର ଟଙ୍କା ପଇଠ କରି ନ ଥିଲେ। ସେଥିପାଇଁ ଜରିମାନା ସହ ମୋଟ୍ ୨୩ ହଜାର ୬୦୦ ଟଙ୍କା ଦେବାକୁ ଶ୍ରୀ ମହାକୁର ତାଙ୍କୁ ନୋଟିସ କରିଥିଲେ। ଏନେଇ ବ୍ୟବସାୟୀ ଜଣଙ୍କ ଶ୍ରୀ ମହାକୁରଙ୍କୁ ଭେଟି କେବଳ ଟ୍ୟାକ୍ସ ଟଙ୍କା ନେବାକୁ ନିବେଦନ କରିଥିଲେ। କିନ୍ତୁ ଜରିମାନା କାଟିବା ପାଇଁ ଶ୍ରୀ ମହାକୁର ୧୨ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ବ୍ୟବସାୟୀ ଜଣଙ୍କ ଭିଜିଲାନ୍ସ ବିଭାଗକୁ ଅବଗତ କରାଇଥିଲେ। ଆଜି ଶ୍ରୀ ମହାକୁର ଲାଞ୍ଚ ନେଉଥିବା ସମୟରେ ସେଠାରେ ପୂର୍ବରୁ ମହଜୁଦ ଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ମାଡ଼ିବସିଥିଲା।

# ଜାହାଜରେ ଅଘଟଣ, କ୍ରିଉ ମେମ୍ବରଙ୍କ ମୃତ୍ୟୁ




**ପାରାଦୀପ,(ସଂଚାର ବ୍ୟୁରୋ):** ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରେ ଥିବା ପିଆଇସିଟି ବର୍ଥରେ ଘଟିଛି ଅଘଟଣ। ଜାହାଜରେ ଥିବା ଜଣେକ କ୍ରିଉ ମେମ୍ବରଙ୍କର ମୃତ୍ୟୁ ଘଟିଛି। ଆଜି ସକାଳେ ଏମଭି ସାବରୀ ମଲାଇ ଜାହାଜରେ ଉତ୍ତରପ୍ରଦେଶ ଲକ୍ଷ୍ନୌ କ୍ରିଉ ମେମ୍ବର ରାମ ଦୁଲାରି ଯାଦବ ଜାହାଜରେ ଥିବା ସମୟରେ କୌଣସି କାରଣରୁ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ପୋର୍ଟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜାହାଜଟି ହଳଦିଆ ପୋର୍ଟରୁ ପାରାଦୀପକୁ ଆସିଥିବା ବେଳେ ଏଠାରୁ ଭାଇଜାଗ୍ ଯିବାର ଥିଲା। ମୃତ କ୍ରିଉ ମେମ୍ବର ରାମ ଦୁଲାରି ଜାହାଜର ମୁଖ୍ୟ ଯନ୍ତ୍ରୀ ବୋଲି ଜଣାପଡ଼ିଛି।

## ପିତୃହନ୍ତାକୁ ଆଜୀବନ ଜେଲଦଣ୍ଡ

**ଦେବଗଡ଼,୨୯।୧୦(ସଂଚାର ବ୍ୟୁରୋ):** ବାପାଙ୍କୁ ହତ୍ୟା କରିଥିବା ପୁଅକୁ ମିଳିଲା ଆଜୀବନ କାରାଦଣ୍ଡ। ବୁଧବାର ଦେବଗଡ ଜିଲ୍ଲା ତଥା ଦୌରାଜଜ ଦେବାଶିଷ ରାଉତ ଏକ ପିତୃହତ୍ୟା ମାମଲାର ରାୟ ପ୍ରକାଶ କରି ଦୋଷୀ ପୁଅ ରଞ୍ଜନ ବେହେରାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହ ୫୦୦୦ ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଭାରତୀୟ ପିଙ୍ଗଳ କୋଡ ଦଫା ୩୦୨ ଅନୁଯାୟୀ ଦୋଷୀ ସାବ୍ୟସ୍ତ କରି ପିତୃହନ୍ତା ରଞ୍ଜନକୁ ଏହି ଦଣ୍ଡାଦେଶ ମିଳିଛି। ଜରିମାନା ଅନାଦେୟ ସ୍ଥଳେ ଦୋଷୀକୁ ଅଧିକ ୬ ମାସ ପାଇଁ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ।

## ଦେଓଗାଁରେ ଯୁବତୀଙ୍କୁ ଦୁଷ୍କର୍ମ ପରେ ହତ୍ୟା

**ବଲାଙ୍ଗୀର/ଦେଓଗାଁ,୨୯।୧୦(ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ଦେଓଗାଁ ଥାନା ବଡପଡା ଫାଣ୍ଡି ଅନ୍ତର୍ଗତ ଗଏଲପିଟା ନିକଟରେ ଥିବା ଏକ କପା କିଆରିରେ ଆଜି ସକାଳେ ଜଣେ ଯୁବତୀଙ୍କ ଗଳିତ ମୃତଦେହକୁ ପୁଲିସ ଜବତ କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରହିଥିବା ଫାଣ୍ଡି ଅଧିକାରୀ ମଲୟ ପଣ୍ଡା ସୂଚନା ଦେଇଛନ୍ତି। ମିଳିଥିବା ସୂଚନାନୁସାରେ, ଆଜି ସକାଳୁ କେତେକ ଛେଳି ଚରାଳି ଛେଳି ଚରାଇବାକୁ ଯାଇଥିବା ବେଳେ ଯୁବତୀଙ୍କ ମୃତଦେହ ଦେଖି ଏ ସମ୍ପର୍କରେ ଗାଁରେ ସୂଚନା ଦେଇଥିଲେ। ପରେ ଜମି ମାଲିକ ସ୍ଥାନୀୟ ପୁଲିସକୁ ଖବର ଦେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପରେ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସରଜମିନ ତଦନ୍ତ କରିଥିବା ବେଳେ ସନ୍ଦେହରେ ପୁଲିସ କିଛି ଲୋକଙ୍କୁ ପଚରାଉଚରା କରୁଥିବା ଜଣାପଡ଼ିଛି। ଅନ୍ୟ ପଟେ ଯୁବତୀଙ୍କୁ ବଳାତ୍କାର କରି ହତ୍ୟା କରିବା ପରେ ପ୍ରମାଣ ଲୁଚାଇବାକୁ ଯାଇ ଦୁର୍ବୃତ୍ତମାନେ ତାଙ୍କ ମୁହଁକୁ ଜାଳିଦେଇଥିବା ଜଣାପଡ଼ିଛି। ଏହି ଖବର ଏବେ ଦେଓଗାଁ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଥିବା ବେଳେ ଏହାକୁ ଆଧାର କରି ପୁଲିସ ତନାଘନା ଚଳାଇଥିବା ଜଣାପଡ଼ିଛି।

## ଜନନୀ ଯନ୍ତ୍ରଣା: ପ୍ରସୂତିଙ୍କୁ ୧ କିମି ବୋହିଲେ ଫାର୍ମାସିଷ୍ଟ



**ମୋହନା,୨୯।୧୦(ସଂଚାର ବ୍ୟୁରୋ):** ଗଜପତି ଜିଲ୍ଲା ମୋହନା ବ୍ଲକ ଅନ୍ତର୍ଗତ ମଳାସ ପଦର ଗାଁ କୁସୁମା ସାହିରେ ଜନନୀ ଯନ୍ତ୍ରଣା ଦେଖିବାକୁ ମିଳିଛି। ମିଳିଥିବା ସୂଚନାନୁସାରେ, ମଙ୍ଗଳବାର ସ୍ଥାନୀୟ ମଳାସ ପଦର ଗାଁ କୁସୁମା ସାହିର ଭାଗ୍ୟ ବିଶୋୟୀ (୨୦) ପ୍ରସବ ଯନ୍ତ୍ରଣା ଅନୁଭବ କରିଥିଲେ। ପରେ ସେ ଏକ କନ୍ୟା ସନ୍ତାନକୁ ଜନ୍ମ ମଧ୍ୟ ଦେଇଥିଲେ। ଏନେଇ ଖବର ପାଇ ସିଡିପିଓ ସବିତା ପଟ୍ଟନାୟକ ଏବଂ ବିପିଏମ ବିଭୁ ପ୍ରସାଦ କର ଆଜି ସକାଳେ ତାଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କୁ ବୁଝାସୁଝା କରି ପୂର୍ବାହ୍ନରେ ୧୦୮ ଆମ୍ବୁଲାନ୍ସ ସହ ଯୋଗାଯୋଗ କରିଥିଲେ। କିନ୍ତୁ କୁସୁମା ସାହିର ରାସ୍ତା ଅବସ୍ଥା ଅତି ଶୋଚନୀୟ ଥିବାରୁ ସେଠାକୁ ଆମ୍ବୁଲାନ୍ସ ଯାଇନପାରି ଗାଁଠାରୁ ପ୍ରାୟ ଏକ କିମି ଦୂରରେ ଅଟକି ଯାଇଥିଲା। ତେଣୁ ଫାର୍ମାସିଷ୍ଟ ବିଶ୍ୱାଧର ଓ ତାଙ୍କ ସହଯୋଗୀ ରାସ୍ତାଠାରୁ ଏକ କିମି ଜଙ୍ଗଲ ମଧ୍ୟରେ ଚାଲି ଚାଲି ଯାଇ ଭାଗ୍ୟଙ୍କ ଘରେ ପହଞ୍ଚିଥିଲେ। ଗାଁ ଲୋକଙ୍କ ସହଯୋଗରେ କମ୍ବଳରେ ଜନ୍ମ କରେଇଥିବା ମହିଳାଙ୍କୁ ବିଶ୍ୱାଧର ଏକ କିମି ବୋହି ଆଣି ଆମ୍ବୁଲାନ୍ସ ଯୋଗେ ମୋହନା ମେଡିକାଲରେ ଭର୍ତ୍ତି କରିଥିବା ଜଣାପଡ଼ିଛି। ରିପୋର୍ଟ ଲେଖାଯିବା ବେଳକୁ ଭାଗ୍ୟଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ ଥିବା ଡାକ୍ତର ଜିତେନ୍ଦ୍ର ପ୍ରସାଦ ଦାସ ସୂଚନା ଦେଇଛନ୍ତି। ତେବେ ବିଶ୍ୱାଧରଙ୍କ ଏହି ଉଦ୍ୟମକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

## ମହୁମାଛି ଆକ୍ରମଣରେ ଜଣେ ମୃତ

**ଚମ୍ପୁଆ,୨୯।୧୦(ସଂଚାର ବ୍ୟୁରୋ):** ଚମ୍ପୁଆ ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମରେ ଛେଳି ଚରାଇବାକୁ ଯାଇଥିବା ବେଳେ ମହୁମାଛି ଆକ୍ରମଣରେ ଜଣେ ମହିଳା ମୃତ୍ୟୁବରଣ କରିଥିବା ବେଳେ ଦୁଇ ଜଣ ଆହତ ହୋଇଥିବା ଜଣାପଡ଼ିଛି। ସୂଚନାନୁସାରେ, ଆଜି ସକାଳେ ଗ୍ରାମ ଜଙ୍ଗଲକୁ ନିରାଶ ମୁଣ୍ଡା (୪୦) ତାଙ୍କ ନାତି ଓ ସମ୍ପର୍କୀୟ ଦିଅରଙ୍କ ସହ ଛେଳି ଚରାଇବାକୁ ଯାଇଥିବା ସମୟରେ ତିନି ଜଣଯାକ ମହୁମାଛି ଆକ୍ରମଣର ଶିକାର ହୋଇଥିଲେ। ତେବେ ନାତି ଓ ଦିଅର ସେଠାରୁ ଦୌଡ଼ି ପଳାଇଆସିଲେ ହେଁ ନିରାଶ ପଳାଉଥିବା ସମୟରେ ଝୁଣ୍ଟି ପଡ଼ି ତଳେ ପଡ଼ିଯାଇଥିଲେ। ଫଳତଃ ସେ ମହୁମାଛିଙ୍କ ଅଧିକ ଆକ୍ରମଣର ଶିକାର ହୋଇଥିଲେ। ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ନିରାଶଙ୍କୁ ଉଦ୍ଧାର କରି ନିକଟସ୍ଥ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ରେଭେନ୍ସା ବିଶ୍ୱବିଦ୍ୟାଳୟରେ ନୂଆଖାଇ ଭେଟ୍‌ଘାଟ



**କଟକ,୨୯।୧୦(ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନ ୧୦ଟା ସମୟରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପଶ୍ଚିମ ଓଡ଼ିଶା କୁଟୁମ୍ବ ଓ ପ୍ରାଚୀ ସାଂସ୍କୃତିକ ସମ୍ପର୍କ କେନ୍ଦ୍ରର ମିଳିତ ଆନୁକୁଲ୍ୟରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ସେଭେନ ପିଲାର୍ସରେ ନୂଆଖାଇ ଭେଟ୍‌ଘାଟ ଓ ସାହିତ୍ୟ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳସଚିବ କାହ୍ନୁ ଚରଣ ମଲ୍ଲିକ ସଭାପତିତ୍ୱ କରିଥିବା ବେଳେ କବି ଦେବେନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ପଦ୍ମଶ୍ରୀ ଉତ୍ସବ ଚରଣ ଦାସ ଓ ସବ୍ୟସାଚୀ ମହାପାତ୍ରଙ୍କୁ 'ପ୍ରାଚୀ କଳା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଅର୍ପିତା ଦାସ ମାନପତ୍ର ପାଠ କରିଥିବା ବେଳେ ପ୍ରାଚୀ ସାଂସ୍କୃତିକ ସମ୍ପର୍କ କେନ୍ଦ୍ରର ଉପଦେଷ୍ଟା ପଦ୍ମଶ୍ରୀ ଶ୍ୟାମାମଣି ଦେବୀ ଓ ସଭାପତି ପ୍ରଫେସର ଡକ୍ଟର ମନ୍ଦାକିନୀ ଦାସ ଶୁଭେଚ୍ଛା ଜଣାଇଥିଲେ। ଅଭିଷେକ ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ ଓ ପ୍ରୀତୀଶ କୁମାର ନାୟକ ଓ ଦେବେଶ ରଞ୍ଜନ ଚଇନି ଏଥିରେ ସହଯୋଗ କରିଥିଲେ। ସମ୍ପାଦକ ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ ଧନ୍ୟବାଦ ଦେଇଥିଲେ।

# ସ୍ୱାସ୍ଥ୍ୟ ବ୍ୟବସ୍ଥା ନେଇ ମନ୍ତ୍ରୀଙ୍କ ଉପରେ ବର୍ଷିଲା ବିଜେଡି




**ଭୁବନେଶ୍ୱର,୨୯।୧୦(ସଂଚାର ବ୍ୟୁରୋ):** ସମ୍ପ୍ରତି ନୂଆପଡ଼ା ଉପନିର୍ବାଚନ ପ୍ରଚାରରେ ଯୋଗଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ୨୪ ବର୍ଷର ବିଜେଡି ଶାସନ କାଳରେ ରାଜ୍ୟର ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଥିଲା ଓ କ୍ଷମତାକୁ ଆସିବା ପରେ ବିଜେପି ସରକାର ଏଥିରେ ସୁଧାର ଆଣିଛନ୍ତି ବୋଲି ଦେଇଥିବା ମନ୍ତବ୍ୟ ଉପରେ ଆଜି ବିଜେଡି ପ୍ରତିକ୍ରିୟା ରଖିଛି। ଗତ ୧୬ ମାସର ବିଜେପି ଶାସନ ଅମଳରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସୁଧାର ଆସିନି, ବରଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି ବୋଲି ଦଳ ପକ୍ଷରୁ ଏକ ପ୍ରେସ୍ ବିବୃତିରେ ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି ମତ ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ ମିଛ ପ୍ରଚାର କରି ନିର୍ବାଚନ ଜିତିଥିବା ବିଜେପି ସରକାର ଅଦ୍ୟାବଧି ସ୍ୱାସ୍ଥ୍ୟ ସମେତ ସମସ୍ତ କ୍ଷେତ୍ରରେ ବିଫଳ ହୋଇଛି। ସ୍ଥିତିରେ ସୁଧାର ଆଣିବା ପରିବର୍ତ୍ତେ ସରକାର ବିଫଳତାକୁ ଲୁଚାଇବାକୁ ପୂର୍ବ ସରକାରଙ୍କ ଉପରେ ଦୋଷ ଲଦୁଛନ୍ତି। ସ୍ୱାସ୍ଥ୍ୟ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ଦାୟିତ୍ୱରେ ଥିବା ଶ୍ରୀ ମହାଲିଙ୍ଗ ବିଧାନସଭାରେ ବ୍ୟବହାର କରିଥିବା ଅଶାଳୀନ ଭାଷା ଓ ଆଚରଣ ସହ ଉଚ୍ଚାରଣ ରାଜ୍ୟବାସୀ ଦେଖିଛନ୍ତି। ବିଜେପି ସରକାର ଅମଳରେ ରାଜ୍ୟ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସଂକଟର ସମ୍ମୁଖୀନ ହୋଇଛି। ବିଶେଷକରି ଆମ୍ବୁଲାନ୍ସ ଓ ଆୟୁଷ୍ମାନ କାର୍ଡ ବିଫଳତା, ୧୨ରୁ ଊର୍ଦ୍ଧ୍ୱ ଜିଲ୍ଲାରେ ହଇଜା ଓ ଡାଇରିଆ ବ୍ୟାପିବା ଆଦି ଏହାର ଉଦାହରଣ ବୋଲି ଡ. ମହାନ୍ତି କହିଛନ୍ତି

ସେ ଆହୁରି କହିଛନ୍ତି ଯେ ବିଜେପି ସରକାର ବିଏସକେୱାଇ ବଦଳରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିଥିଲେ ମଧ୍ୟ ଏହାର ସୁଫଳ ଜନସାଧାରଣଙ୍କୁ ମିଳିପାରୁନାହିଁ। ଆୟୁଷ୍ମାନରେ ଓଟିପି ଭେରିଫିକେସନ ବାଧ୍ୟତାମୂଳକ ହୋଇଥିବାରୁ ରୋଗୀଙ୍କୁ ଚିକିତ୍ସା ପାଇବା ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁଛି। ଫଳତଃ ଜରୁରୀକାଳୀନ ଚିକିତ୍ସା ଲୋଡୁଥିବା ରୋଗୀ ମୃତ୍ୟୁବରଣ କରୁଛି। କିନ୍ତୁ ସରକାର ଏହାକୁ ଏକ ସଫଳ ଯୋଜନା ବୋଲି ବାହାବା ନେବାକୁ ଉଦ୍ୟମ କରୁଛନ୍ତି। ସେହିପରି ରାଜ୍ୟ ସରକାରଙ୍କ ବେପରୁଆ ମନୋଭାବ ଯୋଗୁଁ ୧୨ରୁ ଊର୍ଦ୍ଧ୍ୱ ଲୋକ ଡାଇରିଆ ଓ ହଇଜାରେ ମୃତ୍ୟୁବରଣ କଲେ। ଏହାଛଡ଼ା ସିଏଜି ରିପୋର୍ଟ ରାଜ୍ୟର ବିଭିନ୍ନ ସରକାରୀ ହସ୍ପିଟାଲରେ ୬୪ ପ୍ରତିଶତ ବେଡ୍ ଅଭାବ ରହିଥିବା ଦର୍ଶାଇଛି। ସେହିପରି ୪୯ ପ୍ରତିଶତ ବିଶେଷଜ୍ଞ ଡାକ୍ତର ପଦ ବି ଖାଲି ରହିଛି। ଏହାଛଡ଼ା ବିଜେପି ସରକାର ଅମଳରେ ବିଭିନ୍ନ ସ୍ଥାନରେ ଅଘଟଣ ସଂଖ୍ୟା ମଧ୍ୟ ଦ୍ରୁତ ଗତିରେ ବଢ଼ିଚାଲିଛି। କିନ୍ତୁ ରାଜ୍ୟ ସରକାରଙ୍କର ଏଥିପ୍ରତି ନିଘା ନାହିଁ। ସରକାର କେବଳ ମିଛ ପ୍ରଚାର କରୁଛନ୍ତି ବୋଲି ଜନସାଧାରଣ ହୃଦୟଙ୍ଗମ କରିସାରିଲେଣି। ଆଗାମୀ ନୂଆପଡ଼ା ଉପନିର୍ବାଚନରେ ଭୋଟର୍ ଏହାର ଉପଯୁକ୍ତ ଜବାବ ଦେବେ ବୋଲି ଡ. ମହାନ୍ତି କହିଛନ୍ତି।

# ଭୋଟର୍ ହେଲ୍ପଲାଇନ୍‌ର ସୁଯୋଗ ନେବା ପାଇଁ ଆୟୋଗଙ୍କ ପରାମର୍ଶ

**ଭୁବନେଶ୍ୱର,୨୯।୧୦(ସଂଚାର ବ୍ୟୁରୋ):** ଭାରତ ନିର୍ବାଚନ ଆୟୋଗ (ଇସିଆଇ) ନାଗରିକମାନଙ୍କର ନିର୍ବାଚନ, ନୂଆ ଭୋଟର ପଞ୍ଜିକରଣ ଓ ଏହି ଭଳି ଅନ୍ୟାନ୍ୟ ପ୍ରଶ୍ନ କିମ୍ବା ଅଭିଯୋଗର ସମାଧାନ ଲକ୍ଷ୍ୟରେ ଜାତୀୟ ଭୋଟର ହେଲ୍ପଲାଇନ୍ ଓ ସମସ୍ତ ୩୬ ରାଜ୍ୟ ଏବଂ ଜିଲ୍ଲାସ୍ତରୀୟ ହେଲ୍ପଲାଇନକୁ ସକ୍ରିୟ କରିଛନ୍ତି। ଜାତୀୟ ଯୋଗାଯୋଗ କେନ୍ଦ୍ର (ଏନ୍‌ସିସି) ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ କେନ୍ଦ୍ରୀୟ ହେଲ୍ପଲାଇନ୍ ଭାବେ କାର୍ଯ୍ୟ କରିବ। ପ୍ରତିଦିନ ସକାଳ ୮ରୁ ରୁ ରାତି ୮ଟା ପର୍ଯ୍ୟନ୍ତ ଟୋଲ୍ ଫ୍ରି ନମ୍ବର ୧୮୦୦-୧୧-୧୯୫୦ ମାଧ୍ୟମରେ ନାଗରିକମାନେ ନିଜର ପ୍ରଶ୍ନ ଓ ଅଭିଯୋଗ ଦାଖଲ କରିପାରିବେ। କଲ୍‌ଗୁଡ଼ିକ ପ୍ରଶିକ୍ଷିତ କାର୍ଯ୍ୟନିର୍ବାହୀଙ୍କ ଦ୍ୱାରା ପରିଚାଳିତ ହେବା ସହ ସେମାନେ ନାଗରିକ ଓ ଅନ୍ୟାନ୍ୟ ଅଂଶୀଦାରମାନଙ୍କୁ ନିର୍ବାଚନୀ ସେବା ଓ ସମସ୍ୟାର ସମାଧାନ ଦିଗରେ ସହାୟତା କରିବେ। ଅଭିଯୋଗଗୁଡିକର ତ୍ୱରିତ ସମାଧାନ ସୁନିଶ୍ଚିତ କରିବା ପାଇଁ ଆୟୋଗ ପ୍ରତି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ଏବଂ ଜିଲ୍ଲାକୁ ଯଥାକ୍ରମେ ନିଜସ୍ୱ ରାଜ୍ୟ ଯୋଗାଯୋଗ କେନ୍ଦ୍ର (ଏସ୍‌ସିସି) ଏବଂ ଜିଲ୍ଲା ଯୋଗାଯୋଗ କେନ୍ଦ୍ର (ଡିସିସି) ସ୍ଥାପନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି କେନ୍ଦ୍ରଗୁଡ଼ିକ ବର୍ଷସାରା ସମସ୍ତ କାର୍ଯ୍ୟ ଦିବସରେ କାର୍ଯ୍ୟ କରିବା ସହ ଆଞ୍ଚଳିକ ଭାଷାରେ ସମସ୍ତ ସହାୟତା ଯୋଗାଇଦେବେ।

ଏଥିସହ ସମସ୍ତ ଅଭିଯୋଗ ଓ ପ୍ରଶ୍ନ ଜାତୀୟ ଅଭିଯୋଗ ସେବା ପୋର୍ଟାଲ୍ (ଏନ୍‌ଜିଏସ୍‌ପି ୨.୦) ମାଧ୍ୟମରେ ରେକର୍ଡ ଓ ଟ୍ରାକ୍ କରାଯିବ। ଆହୁରି ଆୟୋଗ 'ବୁକ୍-ଏ-କଲ୍ ୱିଥ ବିଏଲଓ' ସେବା ମଧ୍ୟ ଆରମ୍ଭ କରିଛନ୍ତି, ଯାହାର ଉପଯୋଗ ମାଧ୍ୟମରେ ନାଗରିକମାନେ ଇସିଆଇ ନେଟ ପ୍ଲାଟଫର୍ମରେ ଉପଲବ୍ଧ ବୈଶିଷ୍ଟ୍ୟ ମାଧ୍ୟମରେ ସିଧାସଳଖ ସେମାନଙ୍କ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ଙ୍କ ସହ ଯୋଗାଯୋଗ କରିପାରିବେ। ନାଗରିକମାନେ ଇସିଆଇ ନେଟ ଆପ୍ ମାଧ୍ୟମରେ ନିର୍ବାଚନ ଅଧିକାରୀଙ୍କ ସହ ବି ଯୋଗାଯୋଗ କରିପାରିବେ। ଆୟୋଗ ସମସ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ), ଜିଲ୍ଲା ନିର୍ବାଚନ ଅଧିକାରୀ (ଡିଇଓ), ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଇଆର୍‌ଓ)ମାନଙ୍କୁ ନିୟମିତ ଭାବେ ଅଗ୍ରଗତିର ତଦାରଖ ସହ ୪୮ ଘଣ୍ଟା ମଧ୍ୟରେ ହିତାଧିକାରୀଙ୍କ ପ୍ରଶ୍ନ ଓ ଅଭିଯୋଗର ସମାଧାନ ସୁନିଶ୍ଚିତ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।

● ଚାଲାଣ ବେଳେ ଧରାପଡ଼ିଲା କେନ୍ଦୁଗଣ୍ଡି

# ମାଫିଆ ଫେରାର୍, ଧରାପଡ଼ିଲା ଡ୍ରାଇଭର



**ପାଟଣାଗଡ଼,୨୯।୧୦(ସଂଚାର ବ୍ୟୁରୋ):** କେନ୍ଦୁଗଣ୍ଡି ବୋଝେଇ ଏକ ପିକ୍‌ଅପ୍ ଭ୍ୟାନ୍‌କୁ ଜବତ କରିଛି ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବନ ବିଭାଗ। ତେବେ ଏହି ମାମଲାରେ ଉକ୍ତ ଭ୍ୟାନ୍‌ର ଡ୍ରାଇଭର୍ ଗିରଫ ହୋଇଥିଲେ ମଧ୍ୟ ସମ୍ପୃକ୍ତ ମାଫିଆ ଫେରାର୍ ହୋଇଯାଇଛି। ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଫରେଷ୍ଟ ରେଞ୍ଜ୍ ଅନ୍ତର୍ଗତ ଲରମ୍ବା ସେକ୍ସନରୁ କେନ୍ଦୁକାଠ ଗଣ୍ଡି ବେଆଇନ ଚାଲାଣ ବେଳେ ବନ ବିଭାଗ ଏନେଇ ଖବର ପାଇବା ପରେ ଚଢ଼ାଉ କରିଥିଲା। ତେବେ ଫେରାର୍ ହୋଇଯାଇଥିବା ମାଫିଆକୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ବଲାଙ୍ଗୀର ଡିଏଫଓ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ମିଳିଥିବା ସୂଚନାନୁସାରେ, ଲରମ୍ବା ସେକ୍ସନ ଅଧିନସ୍ଥ ମହଦା ଜଙ୍ଗଲରୁ ଗତକାଲି ରାତି ପ୍ରାୟ ୧୦ଟା ସମୟରେ ଏକ ପିକ୍‌ଅପ ଭ୍ୟାନ୍ ତମିଆଁ ଦାବକାନିରୁ ପାଟଣାଗଡ଼ ରାସ୍ତା ଦେଇ କୁକୁରମୁଣ୍ଡାର କାଠ ମାଫିଆ ସରଜୁ ଘରକୁ ଯାଉଥିଲା। ଏନେଇ ଖବର ପାଇ ବଲାଙ୍ଗୀର ଡିଏଫଓଙ୍କ ନିର୍ଦ୍ଦେଶରେ ଲରମ୍ବା ଫରେଷ୍ଟର ବିରଞ୍ଚି କୁମ୍ଭାରଙ୍କ ନେତୃତ୍ୱରେ ଏକ ଟିମ୍ ଘୁମେର ଅଇଁଲାତୁଙ୍ଗା ଛକ ରାସ୍ତାରେ ଛପି ରହିଥିଲା। ପରେ ଘୁମେର ଛକଠାରେ ଉକ୍ତ ପିକ୍‌ଅପ୍ ଭ୍ୟାନକୁ ଅଟକାଇବା ସମୟରେ ସରଜୁ ଚଳନ୍ତା ଗାଡ଼ିରୁ ଡେଇଁ ଫେରାର୍ ହୋଇଯିବାରେ ସକ୍ଷମ ହୋଇଥିଲା। କିନ୍ତୁ ବନ ବିଭାଗ କର୍ମଚାରୀମାନେ କେନ୍ଦୁଗଣ୍ଡି ବୋଝେଇ ଗାଡ଼ିକୁ ଜବତ କରିବା ସହ ଡ୍ରାଇଭର ମହେନ୍ଦ୍ର କୁଅଁରକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଜବତ ହୋଇଥିବା କେନ୍ଦୁଗଣ୍ଡିର ମୂଲ୍ୟ ପଚାଶ ହଜାରରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି।

# ପୂର୍ବତଟ ରେଳପଥ ପକ୍ଷରୁ ସତର୍କତା ଏବଂ ସ୍ୱଚ୍ଛତା ସଂକ୍ରାନ୍ତ ବୈଠକ

**ଭୁବନେଶ୍ୱର,୨୯।୧୦(ସଂଚାର ବ୍ୟୁରୋ):** ସତର୍କତା ସଚେତନତା ସପ୍ତାହ-୨୦୨୫ ପାଳନର ଅଂଶସ୍ୱରୂପ ପୂର୍ବତଟ ରେଳପଥ ସତର୍କତା ବିଭାଗ ପକ୍ଷରୁ ରେଳବାଇ କାର୍ଯ୍ୟରେ ଅଖଣ୍ଡତା, ସ୍ୱଚ୍ଛତା ଏବଂ ସାମୂହିକ ଦାୟିତ୍ୱର ଗୁରୁତ୍ୱକୁ ସୁଦୃଢ଼ କରିବା ସକାଶେ ଆଜି ହିତାଧିକାରୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏହି ଅଧିବେଶନରେ ପୂର୍ବତଟ ରେଳପଥର ଏସଡିଜିଏମ ଓ ମୁଖ୍ୟ ସତର୍କତା ଅଧିକାରୀ ଏକେ ଚତୁର୍ବେଦୀ ଅଧ୍ୟକ୍ଷତା କରି ସତର୍କତା କୌଣସି ବ୍ୟକ୍ତି କିମ୍ବା ସଂସ୍ଥାର ଦାୟିତ୍ୱ ନୁହେଁ, ବରଂ ଏକ ଦୁର୍ନୀତିମୁକ୍ତ ରାଷ୍ଟ୍ର ଗଠନ ଦିଗରେ ସମସ୍ତ ନାଗରିକଙ୍କ ସାମୂହିକ କର୍ତ୍ତବ୍ୟ ବୋଲି ଉଲ୍ଲେଖ କରିଥିଲେ। ଏଥିସହ ସେ ସମସ୍ତ ଅଂଶୀଦାରଙ୍କୁ ବ୍ୟବସ୍ଥା ପ୍ରତି ଜନସାଧାରଣଙ୍କ ବିଶ୍ୱାସକୁ ସୁଦୃଢ଼ କରିବା ପାଇଁ ସଚ୍ଚୋଟତା ଅବଲମ୍ବନ ସହ ଓ ଉତ୍ତରଦାୟିତ୍ୱ ପୂର୍ବକ କାମ କରିବାକୁ ଆହ୍ୱାନ ଦେଇଥିଲେ। ଭିଜିଲାନ୍ସ ଦଳ ଅଭିଯୋଗ ପରିଚାଳନା ପ୍ରଣାଳୀ ଓ ଜନସ୍ୱାର୍ଥ ପ୍ରକାଶନ ଏବଂ ସୂଚନାଦାତାଙ୍କ ସୁରକ୍ଷା (ପିଆଇଡିପି) ସଂକଳ୍ପର ବ୍ୟବସ୍ଥା ଉପରେ ଏକ ଉପସ୍ଥାପନା କରିଥିଲେ। ଲୋକଙ୍କୁ ଭୟଭୀତ ନ ହୋଇ ଅନିୟମିତତା ନେଇ ସୂଚନା ଦେବାକୁ ଉତ୍ସାହିତ କରିବା ପାଇଁ ଅଭିଯୋଗକାରୀଙ୍କ ପରିଚୟକୁ ସୁରକ୍ଷିତ ରଖିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। ପ୍ରାୟ ୪୦ ଜଣ ଅଂଶୀଦାର ଏହି ଅଧିବେଶନରେ ଅଂଶଗ୍ରହଣ କରିଥିଲେ। ସତର୍କତା ଏକ ନିରନ୍ତର ପ୍ରକ୍ରିୟା ଯାହା ପ୍ରତ୍ୟେକ ସ୍ତରରେ ସହଯୋଗ, ସଚେତନତା ଓ ନୈତିକ ଆଚରଣ ଦ୍ୱାରା ବୃଦ୍ଧି ପାଇଥାଏ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ବୈଠକରେ 'ସତର୍କତା ଏକ ମିଳିତ ଦାୟିତ୍ୱ' ବାର୍ତ୍ତାର ଅଧିକ ପ୍ରସାର ପ୍ରଚାର ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

● ବାତ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟସେବା ପାଇଁ ବିଭାଗ ସଜାଗ

# ୮୮୦୪ ଆସନ୍ନପ୍ରସବାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

**୧୦୬୧ ଜଣଙ୍କ ନିରାପଦ ମାତୃତ୍ୱ ଲାଭ**

**ଭୁବନେଶ୍ୱର,୨୯।୧୦(ସଂଚାର ବ୍ୟୁରୋ):** ବାତ୍ୟା 'ମୋନ୍ଥା' ସ୍ଥଳଭାଗ ଛୁଇଁବା ପରବର୍ତ୍ତୀ ପ୍ରତିକୂଳ ପରିସ୍ଥିତିରେ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ନିମନ୍ତେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କ୍ଷେତ୍ରସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ର, ଆରୋଗ୍ୟ ମନ୍ଦିର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ମେଡିକାଲ କଲେଜ ଓ ହସ୍ପିଟାଲଗୁଡିକ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ଆଜି ପୂର୍ବାହ୍ନ ସୁଦ୍ଧା ମିଳିଥିବା ତଥ୍ୟ ଅନୁସାରେ, ଆସନ୍ନପ୍ରସବା ୮୮୦୪ ଜଣ ମହିଳାଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଶ୍ରୟ ଦିଆଯିବା ସହ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ସେମାନଙ୍କ ମଧ୍ୟରେ ୧୦୬୧ ଜଣ ମହିଳା ନିରାପଦ ମାତୃତ୍ୱ ମଧ୍ୟ ଲାଭ କରିଛନ୍ତି। ଏଥିରେ ବାଲେଶ୍ୱର, ଗଜପତି, ଗଞ୍ଜାମ, ଜଗତସିଂହପୁର, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡା ଆଦି ଜିଲ୍ଲାର ମହିଳା ରହିଛନ୍ତି। ସେହିପରି କ୍ଷେତ୍ରସ୍ତରୀୟ ହସ୍ପିଟାଲ ଓ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ଆବଶ୍ୟକ ପରିମାଣର ବଟିକା, ଓଆରଏସ ଦ୍ରବଣ, ସାପକାମୁଡ଼ା ଇଞ୍ଜେକସନ, ବ୍ଲିଚିଂ ପାଉଡର ପ୍ୟାକେଟ ମହଜୁଦ ରଖାଯାଇଛି। ଏଥିସହ ଆବଶ୍ୟକ ଜୀବନ ରକ୍ଷାକାରୀ ଓ ଜରୁରୀକାଳୀନ ଔଷଧ, ଅକ୍ସିଜେନ ସିଲିଣ୍ଡର, ରକ୍ତ ଭଣ୍ଡାରରେ ରକ୍ତ ମହଜୁଦ ରଖାଯିବା ସହ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି।

■ ଏନ୍‌ସିବିସିଙ୍କୁ ଭେଟିଲେ ତେଜେଶ୍ୱର

# 'ଖଣ୍ଡାୟତ' ପାଇଁ ସେଣ୍ଟ୍ରାଲ୍ ଓବିସି ମାନ୍ୟତା ଦାବିକଲେ



**ଭୁବନେଶ୍ୱର,୨୯।୧୦(ସଂଚାର ବ୍ୟୁରୋ):** ସେଣ୍ଟ୍ରାଲ୍ ଓବିସି ତାଲିକାରେ ଖଣ୍ଡାୟତ ଜାତିକୁ ସାମିଲ କରିବା ସକାଶେ ଦାବି କରିଛନ୍ତି ବିଜେପି ମୁଖପାତ୍ର ତଥା ଯୁବ ଓଡ଼ିଶା ସଭାପତି ତେଜେଶ୍ୱର ପରିଡ଼ା। ଆଜି ଓଡ଼ିଶା ଗସ୍ତରେ ଥିବା ଜାତୀୟ ପଛୁଆ ବର୍ଗ କମିଶନ (ଏନ୍‌ସିବିସି) ହଂସରାଜ ଗଙ୍ଗାରାମ ଅହିର୍‌ଙ୍କୁ ଭେଟିବା ଅବସରରେ ଶ୍ରୀ ପରିଡ଼ା ଏହି ଦାବି ଉପସ୍ଥାପନ କରିଛନ୍ତି। ଶ୍ରୀ ଅହିର୍ ଭୁବନେଶ୍ୱରରେ ପହଞ୍ଚିବା ପରେ ତାଙ୍କୁ ଶ୍ରୀ ପରିଡ଼ା ବିମାନବନ୍ଦରଠାରେ ସ୍ୱାଗତ କରିବା ସହ ପରେ ରାଜ୍ୟ ଅତିଥି ଭବନରେ ଏ ସଂକ୍ରାନ୍ତରେ ସବିଶେଷ ଆଲୋଚନା କରିଥିଲେ। ଶ୍ରୀ ଅହିରଙ୍କ ସହ କମିଶନ ସଦସ୍ୟ ଭୁବନ ଭୂଷଣ କମଲ ଓ ସଚିବ ମୀତା ରାଜୀବଲୋଚନ ମଧ୍ୟ ଉପସ୍ଥିତ ଥିଲେ। ତେବେ ଆଲୋଚନା ସମୟରେ ଶ୍ରୀ ପରିଡ଼ା ସମ୍ପ୍ରତି ଖଣ୍ଡାୟତ ଜାତି ରାଜ୍ୟରେ ଏସ୍‌ଇବିସି ବର୍ଗରେ ସାମିଲ୍ ଥିଲେ ହେଁ ଏହାକୁ ସେଣ୍ଟ୍ରାଲ୍ ଓବିସି ତାଲିକାରେ ସାମିଲ୍ କରିବା ଦିଗରେ ପଦକ୍ଷେପ ନେବା ସକାଶେ ଶ୍ରୀ ପରିଡ଼ା ଶ୍ରୀ ଅହିର୍‌ଙ୍କୁ ନିବେଦନ କରିଥିଲେ। ତାଙ୍କ ସହ 'ଖଣ୍ଡାୟତ' ଜାତିର ଅନେକ ବରିଷ୍ଠ ବ୍ୟକ୍ତିବିଶେଷ ଓ ବୁଦ୍ଧିଜୀବୀ ମଧ୍ୟ ଅତିଥି ଭବନରେ ଅନୁଷ୍ଠିତ ଜନଶୁଣାଣିରେ ସାମିଲ ହୋଇ ସମାନ ଦାବି ଉପସ୍ଥାପନ କରିଥିବା ଶ୍ରୀ ପରିଡ଼ା ସୂଚନା ଦେଇଛନ୍ତି।

# ମିଟର ଅନୁଯାୟୀ ଟ୍ୟାକ୍ସି ଭଡ଼ା କେବେ ?

**ଭୁବନେଶ୍ୱର,୨୯।୧୦:** ସହରାଞ୍ଚଳ ପରିବହନ ବ୍ୟବସ୍ଥାକୁ ସଜାଡିବାପାଇଁ ସରକାର ଏକାଧିକ ଇ-ବସ୍ କିଣୁଥିବାବେଳେ ସହରରେ ଚଳାଚଳ କରୁଥିବା ଅଟୋ, ଟ୍ୟାକ୍ସି ଆଦିରେ ମିଟର ସେବା ଉପରେ କିନ୍ତୁ ଗୁରୁତ୍ୱ ଦେଉନାହାନ୍ତି। ଫଳରେ ମିଟର ନଥିବା ଅଟୋ ଓ ଟ୍ୟାକ୍ସିଗୁଡିକ ଲୋକଙ୍କ ଠାରୁ ମନଇଚ୍ଛା ଦର କଷିବାରେ ଲାଗୁଛନ୍ତି।

ଅଟୋ ପଞ୍ଜିକରଣ ପାଇଁ ମିଟର ବାଧ୍ୟତା ମୂଳକ। କମ୍ପାନୀମାନେ ଅଟୋ ବିକ୍ରି ସମୟରେ ଏହା ସହିତ ମିଟରଟିଏ ବିକ୍ରି କରୁଛନ୍ତି। ଏହି ମିଟର ଅନୁସାରେ ଯାତ୍ରୀମାନେ ଭଡା ଦେବାକଥା। ଅଟୋ ଓ ଟ୍ୟାକ୍ସିଗୁଡିକ ମିଟର ଜରିଆରେ କେତେ ଅର୍ଥ ଆଦାୟ କରିବେ ତାହା ସରକାର ସ୍ଥିର କରିବାକଥା। ହେଲେ ସେଭଳି କିଛି ହେଉନାହିଁ। ପଞ୍ଜିକରଣ ସମୟରେ ପରିବହନ ବିଭାଗର ବାବୁଙ୍କ ଆଗରେ ଅଟୋରେ ମିଟର ଲଗାଯାଉଛି। ପରେ ସଂଗେ ସଂଗେ ତାହାକୁ ଖୋଲି ରଖି ଦିଆଯାଉଛି। ଥରେ ପଞ୍ଜିକରଣ ହୋଇଗଲେ ଅଟୋରେ ମିଟର ଲାଗିଛି କି ନାହିଁ ତାହାକୁ କେହି ଯାଞ୍ଚ କରୁନାହାନ୍ତି।

ଏଥିଯୋଗୁଁ ରାଜଧାନୀ ସମେତ ରାଜ୍ୟ ଅନ୍ୟ ସହରଗୁଡିକରେ ଅଟୋଚାଳକମାନେ ମନଇଚ୍ଛା ଦର କଷୁଛନ୍ତି। ତିନି ଚାରିକିଲୋମିଟର ଦୂରକୁ ୭୦ ରୁ ୧୦୦ ଟଙ୍କା ପର୍ଯ୍ୟନ୍ତ ଦାବି କରୁଛନ୍ତି। ଯାତ୍ରୀ ଅଟୋରେ ବସିବାମାତ୍ରେ ୨୦ ଟଙ୍କାରୁ ଆରମ୍ଭ ହେଉଛି। ରାତି ହେଲେ ଭଡା ବଢୁଛି। ଯେହେତୁ ମିଟର ନାହିଁ। ତେଣୁ ଯାତ୍ରୀମାନେ କାନମୁଣ୍ଡା ଆଉଁଷି ଅଟୋରେ ଯିବାକୁ ବାଧ୍ୟ ହେଉଛନ୍ତି।




ସହରାଞ୍ଚଳରେ ଏବେ ଘରୋଇ କ୍ୟାବ୍ ସହିତ ସରକାରୀ ପରିଚାଳିତ ଓଡିଶା ଯାତ୍ରୀ ସେବା ଚାଲିଛି। ତେବେ ଏହି କ୍ୟାବ୍ ଗୁଡିକ ଅଟୋଷ୍ଟାଣ୍ଡ ଆଖପାଖରୁ ଯାତ୍ରୀ ଉଠାଇଲେ ହାତାହାତି ପର୍ଯ୍ୟନ୍ତ କଥା ଯାଉଛି। ତେଣୁ ଯେଉଁମାନେ ଯାତ୍ରୀ ଅଟୋରେ ଯାତାୟାତ କରୁଛନ୍ତି ସେମାନେ ମିଟର ନ ଥିବା ଯୋଗୁଁ ଶୋଷଣର ଶିକାର ହେଉଛନ୍ତି।

ଖୋଦ୍ ରାଜ୍ୟ ରାଜଧାନୀରେ ପ୍ରିପେଡ୍ ଟ୍ୟାକ୍ସି ବ୍ୟବସ୍ଥା ନଥିବା ଏବଂ ଅଟୋରେ ମିଟର ନଥିବାରୁ ସାଧାରଣ ଲୋକେ ଅଧିକ ପଇସା ଦେବା ସହିତ ଗାଡିଚାଳକମାନଙ୍କ ଦୁର୍ବ୍ୟବହାରର ଶିକାର ମଧ୍ୟ କେତେକ ସମୟରେ ହେଉଛନ୍ତି। ଉଭୟ ପରିବହନ ଓ ପୁଲିସ୍ ବିଭାଗ ଏ ଦିଗରେ ଏକ ପ୍ରକାର ଆଖିବୁଜି ଦେଇଛି। ଅନ୍ୟ ରାଜ୍ୟଭଳି ରେଳଷ୍ଟେସନ, ବିମାନବନ୍ଦର ଓ ବସଷ୍ଟାଣ୍ଡରୁ ପୁଲିସ୍ ଦ୍ୱାରା ପରିଚାଳିତ ପ୍ରିପେଡ୍ ଟ୍ୟାକ୍ସି ଚଳାଚଳ ଯୋଜନା ଏକପ୍ରକାର ନାଲିଫିତା ତଳେ ରହିଯାଇଛି।

ସେହିଭଳି ରାଜଧାନୀରେ ମହିଳାମାନଙ୍କ ସୁରକ୍ଷିତ ଯାତ୍ରା ପାଇଁ ବହୁ ଆଡମ୍ବରରେ ଆରମ୍ଭ ହୋଇଥିବା ପିଙ୍କ୍ ଅଟୋ ଯୋଜନାର ମଧ୍ୟ ଅପମୃତ୍ୟୁ ଘଟିଛି। ରାସ୍ତାଘାଟରେ ଆଉ ପିଙ୍କ୍ ଅଟୋଟିଏ ଦେଖିବାକୁ ମିଳୁନାହିଁ। ଫଳରେ ମହିଳାମାନେ ବାଧ୍ୟହୋଇ ଅନ୍ୟ ଅଟୋରେ ସମସ୍ତଙ୍କ ସହ ଯାତ୍ରା କରିବାକୁ ବାଧ୍ୟ ହେଉଛନ୍ତି। ସେଠାରେ ମଧ୍ୟ ଅଟୋଚାଳକଙ୍କ ଦାବି ମୁତାବକ ଅର୍ଥ ଗଣିବାକୁ ପଡୁଛି। ତେବେ ଅଟୋରେ ମିଟର ବ୍ୟବସ୍ଥା କାହିଁକି ସଫଳତାର ସହ କାର୍ଯ୍ୟକାରୀ ହେଉନାହିଁ ତାହାର ଉତ୍ତର କିନ୍ତୁ କାହାରି ପାଖରେ ନାହିଁ।

ନଗର ଉନ୍ନୟନ ବିଭାଗ ସହରାଞ୍ଚଳରେ ଆମ ବସ୍ ପାଇଁ ଭଡା ଧାର୍ଯ୍ୟ କରିଛନ୍ତି। ଏଥିରେ ଛାତ୍ରଛାତ୍ରୀଙ୍କ ପାଇଁ ବି ରିହାତି ବ୍ୟବସ୍ଥା ରହିଛି। ଅବଶ୍ୟ ଏହା ସରକାରଙ୍କର ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ। କିନ୍ତୁ ସହରାଞ୍ଚଳରେ ଚଳାଚଳ କରୁଥିବା ଅନ୍ୟାନ୍ୟ ଯାତ୍ରୀବାହୀ ଯାନଗୁଡିକ ପାଇଁ ଭଡା ଧାର୍ଯ୍ୟ କରିବାକୁ ସାଧାରଣରେ ମତପ୍ରକାଶ ପାଉଛି। କିଲୋମିଟର ପିଛା ହେଉ କିମ୍ବା ମିଟର ଅନୁଯାୟୀ ହେଉ, ସରକାର ଭଡା ଧାର୍ଯ୍ୟ କଲେ ସାଧାରଣ ଲୋକେ ଏଥିରେ ଉପକୃତ ହୋଇପାରନ୍ତେ। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR ସଂଚାର

ଗୁରୁବାର ୩୦ ଅକ୍ଟୋବର ୨୦୨୫, ଭୁବନେଶ୍ୱର

Thursday 30 October 2025, Bhubaneswar




# ୧୯୯୯ରେ ବ୍ଲାକ୍ ଫ୍ରାଇଡେ



ଅକ୍ଟୋବର ମାସ ଆସିଲେ ଓଡ଼ିଶାର ଲୋକମାନଙ୍କ ମନରେ ଏକ ଭୟଙ୍କର ସ୍ମୃତି ସତେଜ ହୋଇଉଠେ। ଏହି ମାସରେ ବାତ୍ୟାର ଭୟ ସର୍ବଦା ଛାଇ ରହିଥାଏ, କିନ୍ତୁ ୧୯୯୯ ମହାବାତ୍ୟାର ସ୍ମରଣ ଆଜିବି ଆମକୁ କମ୍ପାଇ ଦିଏ। ଅକ୍ଟୋବର ୨୯, ୧୯୯୯ରେ ଯେଉଁ ମହାବାତ୍ୟା ଓଡ଼ିଶାର ଉପକୂଳରେ ଆଘାତ କରିଥିଲା, ତାହା କେବଳ ଏକ ପ୍ରାକୃତିକ ବିପର୍ଯ୍ୟୟ ନୁହେଁ, ବରଂ ପ୍ରକୃତିର ଭୟଙ୍କର କ୍ରୋଧର ଏକ ଜ୍ୱଳନ୍ତ ଉଦାହରଣ। ଏହି ବାତ୍ୟା, ଯାହାକୁ 'ସୁପର ସାଇକ୍ଲୋନ୍' ନାମରେ ଜଣାଯାଏ, ପ୍ରାୟ ୧୦, ୦୦୦ ଲୋକଙ୍କ ଜୀବନ ନେଇଥିଲା ଏବଂ ଲକ୍ଷାଧିକ ଲୋକଙ୍କୁ ଗୃହହୀନ କରିଥିଲା।

ସେହି ଦିନର ସ୍ମରଣ ଆଜିବି ଆମ ମନରେ ଭୟ ଓ ଦୁଃଖର ଛାୟା ପକାଇଥାଏ। ପାରାଦୀପରେ ଲ୍ୟାଣ୍ଡଫଲ୍ କରିଥିବା ଏହି ବାତ୍ୟାର ବେଗ ୨୬୦ କିଲୋମିଟର ପ୍ରତି ଘଣ୍ଟାରୁ ଅଧିକ ଥିଲା। ସମୁଦ୍ରରୁ ଉଠିଥିବା ଉଚ୍ଚ ଲହରୀ ଓ ପ୍ରବଳ ବର୍ଷା ମିଶି ବନ୍ୟା ସୃଷ୍ଟି କରିଥିଲା, ଯାହା ପ୍ରାୟ ୧.୬ ମିଲିୟନ୍ ଘରକୁ କ୍ଷତିଗ୍ରସ୍ତ କରିଥିଲା ଏବଂ ୨୦, ୦୦୫ ବନ୍ୟା ବନ୍ଧକୁ ଭାଙ୍ଗି ଦେଇଥିଲା। ଫସଲ, ପଶୁପାଳନ ଏବଂ ଅର୍ଥନୀତିର ଭିତ୍ତିଭୂମି ସବୁ ଧ୍ୱଂସ ହୋଇଯାଇଥିଲା। ଏହି ବିପର୍ଯ୍ୟୟକୁ 'ବ୍ଲାକ୍ ଫ୍ରାଇଡେ' ଭାବରେ ସ୍ମରଣ କରାଯାଏ, ଯାହା ଓଡ଼ିଶାର ଇତିହାସରେ ଏକ କଳା ଅଧ୍ୟାୟ।

ପ୍ରକୃତିର କ୍ରୋଧ କେତେ ଭୟଙ୍କର ହୋଇପାରେ, ଏହାର ଏକ ଜ୍ୱଳନ୍ତ ପ୍ରମାଣ ଥିଲା ଏହି ମହାବାତ୍ୟା। ମାନବ ସଭ୍ୟତା ଯେତେ ଉନ୍ନତ ହେଉନା କାହିଁକି, ପ୍ରକୃତିର ସାମ୍ନାରେ ଆମେ ସବୁବେଳେ ନିରୁପାୟ। ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ଏପରି ବାତ୍ୟାର ସଂଖ୍ୟା ଓ ତୀବ୍ରତା ବଢ଼ିବାରେ ଲାଗିଛି। ଅକ୍ଟୋବର ମାସରେ ବାତ୍ୟାର ସମ୍ଭାବନା ସର୍ବଦା ରହିଥାଏ, ଯାହା ଆମକୁ ସେହି ଭୟଙ୍କର ଦିନର ସ୍ମରଣ କରାଇ ଦିଏ। ଆଜିର ଦିନରେ ବି ଯେତେବେଳେ ବାତ୍ୟାର ଚେତାବନୀ ଆସେ, ସେହି ସ୍ମୃତିଗୁଡ଼ିକ ସତେଜ ହୋଇଉଠେ ଏବଂ ଆମେ ପ୍ରକୃତିର କ୍ରୋଧର ସାମ୍ନା କରିବାକୁ ପ୍ରସ୍ତୁତ ହେଉ।

ଏହି ବିପର୍ଯ୍ୟୟରୁ ଆମେ ଅନେକ ଶିକ୍ଷା ନେଇଛୁ। ଓଡ଼ିଶା ସରକାର ବିପର୍ଯ୍ୟୟ ପରିଚାଳନାରେ ଏକ ଉଦାହରଣ ସୃଷ୍ଟି କରିଛି। ଆଜି ଆମର ବାତ୍ୟା ଚେତାବନୀ ବ୍ୟବସ୍ଥା ଅଧିକ ଉନ୍ନତ, ଏବଂ ସ୍ୱେଚ୍ଛାସେବୀ ଓ ସମୁଦାୟର ଭୂମିକା ବଢ଼ିଛି। ଫଳରେ, ପରବର୍ତ୍ତୀ ବାତ୍ୟାଗୁଡ଼ିକରେ ଜୀବନହାନି କମ୍ ହୋଇଛି କିନ୍ତୁ ଏହା ସତ୍ତ୍ୱେ, ପ୍ରକୃତିର କ୍ରୋଧକୁ ଆମେ କେବେବି ଅଣଦେଖା କରିପାରିବୁ ନାହିଁ। ଜଳବାୟୁ ପରିବର୍ତ୍ତନର ବିରୁଦ୍ଧରେ ବିଶ୍ୱବ୍ୟାପୀ ପ୍ରୟାସ ଆବଶ୍ୟକ, ଯାହା ଏପରି ବିପର୍ଯ୍ୟୟର ସଂଖ୍ୟା ହ୍ରାସ କରିପାରିବ।

ଓଡ଼ିଶାର ଉପକୂଳବାସୀମାନେ ଏହି ବିପର୍ଯ୍ୟୟରୁ ଉଠି ଛିଡ଼ା ହୋଇଛନ୍ତି। ସେମାନଙ୍କର ସାହସ ଓ ସହନଶୀଳତା ଆମକୁ ପ୍ରେରଣା ଦେଇଥାଏ। କିନ୍ତୁ ଅକ୍ଟୋବର ଆସିଲେ ସେହି ଭୟଙ୍କର ରାତିର ସ୍ମରଣ ଆମକୁ ସତର୍କ କରି ଦିଏ। ପ୍ରକୃତିର ସହ ସମ୍ପର୍କ ରକ୍ଷା କରିବା, ପରିବେଶ ସଂରକ୍ଷଣ ଏବଂ ବିପର୍ଯ୍ୟୟ ପ୍ରସ୍ତୁତିରେ ନିରନ୍ତର ପ୍ରୟାସ ଆବଶ୍ୟକ। କେବଳ ତେବେ ଆମେ ପ୍ରକୃତିର କ୍ରୋଧରୁ ରକ୍ଷା ପାଇପାରିବୁ।

ଏହି ମହାବାତ୍ୟାର ୨୬ ବର୍ଷ ପରେ ବି ତାର ସ୍ମରଣ ଆମକୁ ଶିଖାଏ ଯେ ମାନବ ଜୀବନରେ ପ୍ରକୃତିର ଭୂମିକା ଅପରିହାର୍ଯ୍ୟ। ଅକ୍ଟୋବରର ପ୍ରତ୍ୟେକ ଦିନ ଆମକୁ ସେହି ଦୁଃଖଦ ସ୍ମୃତିରୁ ଶିଖିବାକୁ ଆହ୍ୱାନ କରେ। ଆସନ୍ତୁ ଆମେ ସମସ୍ତେ ଏହି ଶିକ୍ଷାକୁ ଗ୍ରହଣ କରି ଏକ ସୁରକ୍ଷିତ ଭବିଷ୍ୟତ ନିର୍ମାଣ କରିବା।

# ମହୀୟସୀ ଇନ୍ଦିରା



## ଡ଼ଃ. ଅରୁନ୍ଧତୀ ଦେବୀ

ଲୌହ ମାନବୀ ଇନ୍ଦିରାଙ୍କ ରାଜନୈତିକ ତଥା ରାଷ୍ଟ୍ରୀୟ ଜୀବନ ପ୍ରାରମ୍ଭ ହୋଇଥିଲା ପାଞ୍ଚ ବର୍ଷ ବୟସରୁ। ଜୀବନରେ କିଛି ବଡ଼ କରିଦେଖାଇବା ନିମନ୍ତେ ସେ ନିଷ୍ପତ୍ତି ନେଇଥିଲେ ସେହି କଅଁଳ ବୟସରେ, ଯାହା କଦାଚିତ୍ ଦେଖାଯାଇଥାଏ ସେହି ବୟସର ପିଲାଙ୍କ ଠାରେ। ଇନ୍ଦିରାଙ୍କ ଆଦର୍ଶ ଥିଲେ 'ଜୋଆନ୍ ଅଫ୍ ଆର୍କ'। ପିଲାଦିନେ ଶୁଣିଥିଲେ ଜୋଆନଙ୍କ ସମ୍ପର୍କରେ। ବଡ଼ ହେବା ପରେ ପଢ଼ିଥିଲେ ବର୍ନାଡ୍ ସ'ଙ୍କର 'ସେଣ୍ଟ ଜୋଆନ୍'। ଶୈଶବରେ ହାତ ଉଠାଇ ସେ କହୁଥିଲେ ଯେ ସେ ଦିନେ ଭାରତୀୟଙ୍କ ପାଇଁ ସ୍ୱାଧୀନତା ଆଣିବେ ଠିକ୍ ଜୋଆନ୍‌ଙ୍କ ଭଳି ଏବଂ ଦୁର୍ଧର୍ଷ ବ୍ରିଟିସ୍ ସରକାର ବିରୋଧରେ ଏକଜୁଟ କରିଥିଲେ ସମବୟସ୍କ ଟିକି ଟିକି ପିଲାଙ୍କୁ। ଗଢ଼ିଥିଲେ 'ବାନର ସେନା'। ଶତ୍ରୁ ବିରୋଧରେ ଆଗେଇବା ଥିଲା କଷ୍ଟକର ସେମାନଙ୍କ ପକ୍ଷେ, କିନ୍ତୁ କୌଣସି ସମୟରେ ଆଶା ହରାଇନଥିଲେ ଇନ୍ଦିରା। ନେତୃତ୍ୱ ନେବା ପାଇଁ, ଭାରତକୁ ଆଗେଇ ନେବା ପାଇଁ, ମହାତ୍ମାଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ସେ ଯେପରି ଜନ୍ମ ନେଇଥିଲେ। ସେ ଥିଲେ ପଣ୍ଡିତ ନେହେରୁଙ୍କର 'ଇନ୍ଦୁବଏ', ଏମ୍. ଏଫ୍ ହୁସେନଙ୍କ ଦୁର୍ଗା। ଦେବକାନ୍ତ ବରୁଆଙ୍କ ଶବ୍ଦରେ 'ଇଣ୍ଡିଆ ଇଜ୍ ଇନ୍ଦିରା ଆଣ୍ଡ ଇନ୍ଦିରା ଇଜ ଇଣ୍ଡିଆ' ଏବଂ ସମସ୍ତ ଭାରତୀୟଙ୍କର 'ଇନ୍ଦିରା ମାଆ'। ବାସ୍ତବରେ ତାଙ୍କ ଆଖିରେ ଭାରତ ବର୍ଷ ଦେଖିଥିଲା ଆଧୁନିକ ବିଶ୍ୱକୁ ଏବଂ ତାଙ୍କରି ଉଦ୍ୟମରେ ପରିଣତ ହୋଇଥିଲା ଏକ ବିଶ୍ୱ-ଶକ୍ତିରେ। ବାପାଙ୍କ 'ଇନ୍ଦୁ ବଏ' : ୧୯ ନଭେମ୍ବର ୧୯୧୭ ରେ ଇନ୍ଦିରା ଜନ୍ମଗ୍ରହଣ କରିଥିଲେ ପଣ୍ଡିତ ଜବାହରଲାଲ ନେହେରୁ ଏବଂ କମଳା ନେହେରୁଙ୍କ ଏକମାତ୍ର କନ୍ୟା ରୂପେ। ସେମାନେ ଆସିଥିଲେ ଏକ ନୈଷ୍ଠିକ କାଶ୍ମୀରୀ ବ୍ରାହ୍ମଣ ପରିବାରରୁ। ତାଙ୍କ ଜେଜେ ମୋତିଲାଲ ନେହେରୁ ଏବଂ ପିତା ସେ ସମୟର ପ୍ରଭାବଶାଳୀ ରାଜନୈତିକ ବ୍ୟକ୍ତି ବିଶେଷଙ୍କ ଭିତରେ ଗଣା ହେଉଥିଲେ। ପୁଣି ଦୁହେଁ ଥିଲେ ମହାତ୍ମାଙ୍କ ପ୍ରିୟ। ଶୈଶବରୁ ନିଜ ବାସଗୃହ 'ଆନନ୍ଦ ଭବନ'ରେ ବିଭିନ୍ନ ରାଜନୈତିକ କାର୍ଯ୍ୟକ୍ରମମାନ ଦେଖି ଦେଖି ବଡ଼ ହୋଇଥିଲେ ଇନ୍ଦିରା। ମା' କମଳାଙ୍କ ସ୍ୱାସ୍ଥ୍ୟ ଭଲ ରହୁନଥିଲା। ସେ ଅନେକ ସମୟରେ ଶଯ୍ୟାଶାୟିନୀ ରହୁଥିଲେ। ରାଜନୈତିକ କାରଣରୁ ଜେଜେବାପା ତଥା ପିତାଙ୍କ ସମୟ ପ୍ରାୟ କଟୁଥିଲା ବାହାରେ ବା କାରାଗାରରେ। ଏଣୁ ଶୈଶବରୁ ହିଁ ବଡ଼ ଏକାକିନୀ ଥିଲେ ଇନ୍ଦିରା। ତେବେ ଏହାକୁ ନେଇ ତାଙ୍କ ମନରେ ତିଳେ ହେଲେ କ୍ଷୋଭ ଅଭିମାନ ନଥିଲା ବରଂ ଏକାକିନୀ ସାହସର ସହ ସେ ସମ୍ମୁଖୀନ ହେଉଥିଲେ ସମସ୍ତ ବିପଦ ଆପଦର। ତାଙ୍କ ଚରିତ୍ରର ଏକ ବିଶେଷ ଦିଗଟି ତାଙ୍କୁ ଲମ୍ବା ଯୁଦ୍ଧ ଲଢ଼ିବା ପାଇଁ ପ୍ରସ୍ତୁତ କରୁଥିଲା। ଅତିକମ୍ ବୟସରୁ ସେ ନିଜର ସମ୍ପୃକ୍ତ କରିଥିଲେ ଭାରତୀୟ ସ୍ୱାଧୀନତା ସଂଗ୍ରାମ ସହ ସମ ବୟସ୍କ ପିଲାଙ୍କୁ ନେଇ ସେ ଗଠନ କରିଥିଲେ 'ବାନର ସେନା'। ଭାରତୀୟ ଜାତୀୟ କଂଗ୍ରେସର ପତାକା, ବ୍ୟାନର, ପ୍ଲାକାର୍ଡ଼ ଆଦି ନିଜ ସ୍କୁଲ ବ୍ୟାଗରେ ଭର୍ତ୍ତିକରି ବିଭିନ୍ନ ସ୍ଥାନକୁ ଚାଲାଣ କରିବାଠାରୁ ଆରମ୍ଭ କରି ସିଧାସଳଖ ଶୋଭାଯାତ୍ରା ଏବଂ ବିକ୍ଷୋଭ ପ୍ରଦର୍ଶନରେ ସୁଦ୍ଧା ସାମିଲ କରିଥିଲେ ନିଜକୁ। ତାଙ୍କୁ ଯେତେବେଳେ ୫ ବର୍ଷ ବୟସ ତାଙ୍କ ଜେଜେ ତାଙ୍କୁ ଉପହାର ଦେଇଥିଲେ ଚରଖାଟିଏ। ପିଲାଦିନେ ଖାକି ପୋଷାକ ଓ ଗାନ୍ଧୀ ଟୋପି ପିନ୍ଧିବାକୁ ପସନ୍ଦ କରୁଥିଲେ ସେ ଏବଂ ନିଜକୁ କହୁଥିଲେ 'ଇନ୍ଦୁ ବଏ'। ସ୍ୱଦେଶୀ ଆନ୍ଦୋଳନ ବେଳେ ନିଜର ଅତି ପ୍ରିୟ ବିଦେଶୀ କଣ୍ଢେଇଟିକୁ ସେ ପୋଡ଼ି ଦେଇଥିଲେ ଅଗ୍ନି ମଧକୁ। ଫ୍ରାନ୍ସ ତିଆରି ପୋଷାକଟିଏ ପିନ୍ଧିବାକୁ ମନା କରିଦେଇଥିଲେ ନିଜ ଜନ୍ମ ଦିନରେ। ଏଥିରୁ ଶୈଶବରୁ ହିଁ ତାଙ୍କର ଦେଶପ୍ରେମ - ଜାତିପ୍ରେମ ସ୍ୱଭାବରୁ ଅନୁମାନ କରାଯାଇପାରେ।

ରାଜନୈତିକ ଜୀବନ : ରାଜନୀତିରେ ଇନ୍ଦିରାଙ୍କ ପ୍ରବେଶ ଥିଲା ସ୍ୱାଭାବିକ। ରାଜନୈତିକ ପରିବେଶରେ ବଢ଼ିଥିବା ଇନ୍ଦିରା ଯେ ଜଣେ ସଫଳ ରାଜନେତ୍ରୀ ହେବେ ତାହା ଖୁବ୍ କମ୍ ବୟସରୁ ଜଣା ପଡ଼ିଯାଇଥିଲା। ୧୯୩୦ ମସିହାରେ ସ୍କୁଲରେ ପଢ଼ିବା ସମୟରେ ସେ ବ୍ରିଟିସ୍ ସରକାରଙ୍କ ବିରୋଧରେ ପିଲାଙ୍କୁ ନେଇ 'ବାନର ସେନା' ଗଠନ କରିଥିଲେ। ୧୯୩୮ ମସିହାରେ ସେ ଜାତୀୟ କଂଗ୍ରେସରେ ଯୋଗ ଦେଇ ସ୍ୱାଧୀନତା ଆନ୍ଦୋଳନର ଜଣେ ସକ୍ରିୟ କର୍ମୀ ଭାବେ କାର୍ଯ୍ୟ କରିଥିଲେ। ଏଥିପାଇଁ ୧୯୪୨ ସେପ୍ଟେମ୍ବର ୧୧ ତାରିଖରୁ ୧୯୪୩ ମେ ୧୩ ତାରିଖ ଯାଏ ସେ କାରାବରଣ କରିଥିଲେ। ୧୯୫୬ରୁ ୧୯୬୦ ଯାଏ ଜାତୀୟ ଯୁବ କଂଗ୍ରେସର ସଭାପତି ଭାବେ କାର୍ଯ୍ୟ କରିଥିଲେ। ୧୯୬୪ରେ ନେହେରୁଙ୍କ ମୃତ୍ୟୁ ପରେ ତାଙ୍କ ସ୍ଥାନରେ ସେ ସଂସଦକୁ ନିର୍ବାଚିତ ହୋଇଥିଲେ। ନେହେରୁଙ୍କ ପରେ ଲାଲବାହାଦୂର ଶାସ୍ତ୍ରୀ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଥିଲେ। ଶାସ୍ତ୍ରୀଙ୍କ ମନ୍ତ୍ରୀ ମଣ୍ଡଳରେ ଇନ୍ଦିରାଙ୍କୁ ସୂଚନା ଓ ପ୍ରସାରଣ ବିଭାଗର ଦାୟିତ୍ୱ ଦିଆଯାଇଥିଲା। ୧୯୬୬ରେ ଶାସ୍ତ୍ରୀଙ୍କ ମୃତ୍ୟୁ ହେଲା। ସେହି ବର୍ଷ ଜାନୁଆରୀ ୨୬ ତାରିଖରେ ଇନ୍ଦିରା ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଇନ୍ଦିରାଙ୍କ ପ୍ରଧାନମନ୍ତ୍ରିତ୍ୱକୁ ବିରୋଧ କରୁଥିବା ମୋରାର୍ଜୀ ଦେଶାଇ ଓ ରାମମନୋହର ଲୋହିୟା ତାଙ୍କୁ 'ମୂକ କୁଣ୍ଢେଇ' ଭାବେ ଅଭିହିତ କରିଥିଲେ। ୧୯୭୧ ନିର୍ବାଚନରେ ଇନ୍ଦିରାଙ୍କ ଗରିବ ହଟାଓ ସ୍ଲୋଗାନ୍ ବେଶ୍ ଲୋକପ୍ରିୟ ହୋଇଥିଲା। ଇନ୍ଦିରାଙ୍କ ରାଜନୈତିକ ଜୀବନର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ହେଉଛି ୧୯୭୫ ମସିହାର ଜରୁରୀକାଳୀନ ପରିସ୍ଥିତି। ୧୯୭୫ ମସିହାରେ ଆହ୍ଲାବାଦ ହାଇକୋର୍ଟ ଇନ୍ଦିରାଙ୍କ ନିର୍ବାଚନକୁ ବେଆଇନ ଘୋଷଣା କରିଥିଲେ। ଏଥିପାଇଁ ତାଙ୍କୁ ସଂସଦୀୟ ଆସନରୁ ବହିଷ୍କାର କରିବା ସହ ୬ ବର୍ଷ ଯାଏ ନିର୍ବାଚନ ନ ଲଢ଼ିବା ପାଇଁ ମଧ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହାକୁ ଗ୍ରହଣ କରିନ କରି ସେ ଦେଶରେ ଜରୁରୀ ପରିସ୍ଥିତି ଜାରି କରିଥିଲେ। ଏହି ଜରୁରୀ କାଳୀନ ପରିସ୍ଥିତି ତାଙ୍କ ରାଜନୈତିକ ଜବୀନର ମୋଡ଼ ବଦଳାଇ ଦେଇଥିଲା। ଏଥିପାଇଁ ପରବର୍ତ୍ତୀ ନିର୍ବାଚନରେ କଂଗ୍ରେସ୍‌କୁ ପରାଜୟ ବରଣ କରିବାକୁ ହୋଇଥିଲା। କିନ୍ତୁ ମିଳିତ ସରକାରର ବିଫଳତା ପରେ ଇନ୍ଦିରାଙ୍କ ନେତୃତ୍ୱରେ କଂଗ୍ରେସରେ କଂଗ୍ରେସ ପୁଣି ଥରେ ଶାସନ ଗାଦିକୁ ଫେରିଥିଲା। ଆଜି ଅକ୍ଟୋବର ୩୧ ତାରିଖରେ ଏହିପରି ଏକ ଦିନରେ ତାଙ୍କର ମହାପ୍ରୟାଣ ଘଟିଥିଲା।

**ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ମୋବାଇଲ୍: ୯୯୩୭୧୭୨୮୧୦**

# ଗଣତନ୍ତ୍ର, ମାର୍କ୍ସବାଦ ଏବଂ ଧର୍ମ



## ଗୋପାଳ ମହାପାତ୍ର

ନେପାଳରେ ଗତ ସେପ୍ଟେମ୍ବର ମାସରେ ଯାହାସବୁ ଘଟିଗଲା ତାପରେ ଗଣତନ୍ତ୍ର, ଧର୍ମ ଓ ମାର୍କ୍ସବାଦ ପ୍ରସଙ୍ଗରେ ଆଲୋଚନା କରାଯିବାର ଆବଶ୍ୟକତା ରହିଛି। ନେପାଳ ଘଟଣାରୁ ଆଉ ଗୋଟିଏ କଥା ସ୍ପଷ୍ଟ ହୋଇଯାଇଛି ଯେ ଗଣତନ୍ତ୍ର ମଧ ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ କରିବାରେ ସଫଳ ନୁହେଁ। ଯଦି ଆମେ ମାନବତାର ଇତିହାସକୁ ଦେଖିବା ତେବେ ଜଣାପଡ଼ିବ ଯେ ଏମିତି ସମୟ ଥିଲା ଯେତେବେଳେ ପୁରା ସମାଜରେ ଅରାଜକତା ଥିଲା ଓ "ଜୋର ଯାର ମୁଲକତାର" ନୀତି ଚାଲିଥିଲା। ଏହାପରେ ଧିରେ ଧିରେ ଏହି ବ୍ୟବସ୍ଥା ଖତମ ହେଲା ଓ ରାଜା ଶାସନ ଆସିଲା। ପୁରା ଦୁନିଆରେ ରାଜା ଶାସନ ଥିଲା। ଇଂଲଣ୍ଡ, ଫ୍ରାନ୍ସ, ଇଟାଲି ଭଳି ଦେଶର ରାଜାମାନେ ସାରା ଦୁନିଆର ଅନେକ ଅଂଶରେ ଶାସନ କରୁଥିଲେ। ବ୍ରିଟିଶ (ଇଂଲଣ୍ଡ) ସାମ୍ରାଜ୍ୟରେ ତ ସୂର୍ଯ୍ୟଅସ୍ତ ହେଉନଥିଲେ। ଅନେକ ସାମ୍ରାଜ୍ୟବାଦୀ ଦେଶରେ ଆନ୍ଦୋଳନ ହେଲା। ଇଂଲଣ୍ଡରେ ମଧ ଆନ୍ଦୋଳନ ହେଲା ଯେଉଁଠି ସାମ୍ରାଜ୍ୟବାଦୀ ଶାସନକୁ ଉପାଡ଼ିଦେବା ଦିଗରେ ଭାରତର ମଧ ଯୋଗଦାନ ଥିଲା। ଭାରତରେ ସ୍ୱାଧିନତା ପାଇଁ ଜୋରଦାର ଆନ୍ଦୋଳନ ହେଲା। କିଛି ହିଁସାର ରାସ୍ତା ଆପଣେଇଲେ କିନ୍ତୁ ଗାନ୍ଧୀଙ୍କ ନେତୃତ୍ୱରେ ଅହିଁସା ଆନ୍ଦୋଳନକୁ ଅଧିକ ଲୋକ ପସନ୍ଦ କରିଥିଲେ। ପଣ୍ଡିତ ଜବାହରଲାଲ ନେହେରୁଙ୍କ ନେତୃତ୍ୱରେ ଏକ ମଧବର୍ତ୍ତୀ କାଳୀନ ସରକାର ଗଠନ ହେଲା। ପରେ ନେହେରୁଙ୍କ ପ୍ରଧାନ ମନ୍ତ୍ରୀତ୍ୱରେ ଆମଦେଶ ସ୍ୱାଧିନତାର ସ୍ୱାଦ ଚାଖିଲା।

ଧିରେ ଧିରେ ବିଶ୍ୱର ଅନେକ ଦେଶରେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ବ୍ୟାପିଲା କିନ୍ତୁ ଇତି ମଧରେ ଆଉ ଏକ ବିଚାରଧାରା ଜନ୍ମ ନେଇଥିଲା ଯାହାକୁ ମାର୍କ୍ସବାଦ କୁହାଗଲା। ମାର୍କ୍ସବାଦରେ ଗୋଟିଏ ସିଦ୍ଧାନ୍ତ ନିରୁପିତ କରାଗଲା ଯେଉଁଥିରେ କୁହାଗଲା ଯେ ସାରା ଦୁନିଆରେ ଶାସନ କରିବାର ଅଧିକାର କେବଳ ଜନତାଙ୍କର ରହିଛି। ତତ୍କାଳୀନ ସୋଭିଏତ ସଂଘରେ ମାର୍କ୍ସବାଦ ସରକାର ଗଠିତ ହେଲା। ୧୯୧୭ରେ ମାର୍କ୍ସବାଦୀ ସରକାର ଗଠିତ ହୋଇଥିଲା କିନ୍ତୁ ଶତାବ୍ଦି ପର୍ଯ୍ୟନ୍ତ ଏହା ଚାଲିପାରିଲା ନାହିଁ। ଏହାର ମୂଳଦୁଆ ଉପୁଡିଗଲା। ଏଥିରୁ ଜଣାପଡ଼ିଲା ଯେ ମାର୍କ୍ସବାଦ ମଧ ସମାପ୍ତ ବା ବିଲୋପ ହୋଇପାରେ। କେବଳ ସୋଭିଏତ ସଂଘରେ ନୁହେଁ ବିଶ୍ୱର ଆହୁରି ଅନେକ ଦେଶରେ ମଧ ମାର୍କ୍ସବାଦୀ ସରକାର ଗଠିତ ହୋଇଥିଲା କିନ୍ତୁ ଧିରେ ଧିରେ ଅନେକ ଦେଶରେ ମାର୍କ୍ସବାଦୀ ସରକାରର ପତନ ଘଟିଲା। ଏବେ କ୍ୟୁବା ଭଳି ଦେଶରେ ମାର୍କ୍ସବାଦୀ ସରକାର ରହିଛି ଯେଉଁଠି ସାଧାରଣ ଲୋକଙ୍କୁ ମୌଳିକ ସୁବିଧା ପ୍ରଦାନ କରାଯାଇ ପାରୁନାହିଁ। ଚୀନରେ କମ୍ୟୁନିଷ୍ଟ ସରକାର ଥିଲା କିନ୍ତୁ ଏବେ ଦେଖାଯାଉଛି ଯେ ଚୀନରେ ପୁଞ୍ଜିବାଦୀ ସରକାର ଚାଲିଛି। ଭିଏତନାମରେ କମ୍ୟୁନିଷ୍ଟ ସରକାର ଥିଲା କିନ୍ତୁ ଆଉ ସେଠି କମ୍ୟୁନିଷ୍ଟ ସରକାର ନାହିଁ। ଉତ୍ତର କୋରିଆରେ ଏବେ ଯେଉଁ ସରକାର ଅଛି ତାହା ନାମକୁ ମାତ୍ର କମ୍ୟୁନିଷ୍ଟ କିନ୍ତୁ ସେଠାରେ ଏକଛତ୍ରବାଦ ଶାସନ ଚାଲିଛି। ଉତ୍ତର କୋରିଆର ଶାସକ ମାର୍କ୍ସବାଦର ଚେହେରାକୁ ଏଭଳି ପେଶ କଲେ ଯେ ତାର ଲୋକପ୍ରିୟତା ଖତମ ହୋଇଗଲା। ବିଶ୍ୱର ଅନେକ ଦେଶରେ ମାର୍କ୍ସବାଦ ସଂଗଠନ ରହିଛି କିନ୍ତୁ ସେମାନେ ଶାସନ ଗାଦିକୁ ଆସି ପାରୁନାହାଁନ୍ତି ଏବଂ ସେ ସବୁ ଦେଶର ମାର୍କ୍ସବାଦୀ ସଂଗଠନ ମାନଙ୍କର ଅଧୋପତନ ଏମିତି ହୋଇଛି ଯାହା କଳ୍ପନା କରାଯାଇନଥିଲା।

ଆମ ଦେଶର କେରଳ ରାଜ୍ୟରେ ପ୍ରଥମେ କମ୍ୟୁନିଷ୍ଟ ସରକାର ଗଠନ ହୋଇଥିଲା ହେଲେ କିଛିଦିନ ପରେ କଂଗ୍ରେସ କମ୍ୟୁନିଷ୍ଟ ସରକାରର ପତନ ଘଟାଇ ସରକାରକୁ ଆସିଥିଲା। ସଂଯୋଗ ବଶତଃ ଏବେ କେରଳରେ କମ୍ୟୁନିଷ୍ଟ ସରକାର ଅଛି ଓ ଭଲ କାମ ମଧ କରୁଛି। ଏବେ କେରଳ ହେଉଛି ଭାରତର ଏକମାତ୍ର ରାଜ୍ୟ ଯେଉଁଠି କମ୍ୟୁନିଷ୍ଟ ପାର୍ଟି ଶାସନରେ ଅଛି। ଦୁର୍ଭାଗ୍ୟ ବଶତଃ ଭାରତର କମ୍ୟୁନିଷ୍ଟ ପାର୍ଟି ଦୁଇଭାଗରେ ବିଭକ୍ତ। ଗୋଟିଏ ହେଉଛି ମାର୍କ୍ସବାଦୀ କମ୍ୟୁନିଟେ ପାର୍ଟି (ସିପିଏମ୍) ଏବଂ ଅନ୍ୟଟି ହେଉଛି ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ)। କମ୍ୟୁନିଷ୍ଟ ପାର୍ଟି ବିଭାଜିତ ହେଲା କାହିଁକି? କେଉଁ ସିଦ୍ଧାନ୍ତରେ ବିଭାଜନ ହେଲା? ଏସବୁ କଥା ବି ଠିକ୍ ଭାବରେ ବୁଝିହୁଏ ନାହିଁ।

ଗଣତନ୍ତ୍ର ମଧ ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ କରି ପାରୁନାହିଁ ବୋଲି ଏବେ ଜଣାପଡୁଛି। ୩୦୦ ବର୍ଷ ହେବ ଆମେରିକାରେ ଗଣତନ୍ତ୍ର ରହିଛି କିନ୍ତୁ ସେଠି ମଧ କିଛି ପ୍ରତିଶତ ଲୋକ ଏବେବି ସଡ଼କରେ ରାତ୍ରିଯାପନ କରନ୍ତି। ବ୍ରିଟେନରେ ମଧ ଏହି ଏକାସ୍ଥିତି। ଆମ ଦେଶରେ ମଧ ଗଣତନ୍ତ୍ର ରହିଛି ପରନ୍ତୁ ଅନେକ ଲୋକଙ୍କର ବାସଗୃହ ନାହିଁ। ଏହାର ସିଧାସଳଖ ଅର୍ଥ ହେଉଛି ଆଜିବି ଦେଶର ଅନେକ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି। ଏହାର କାରଣ ହେଉଛି ଗଣତନ୍ତ୍ର ନାମରେ ଲୋକଙ୍କୁ ଲୁଟ କରାଯାଉଛି। ଗରୀବଙ୍କ ପାଇଁ ଆସୁଥିବା ସରକାରୀ ଯୋଜନା ବାଟମାରଣା ହେଉଛି। ଭାରତର ୮୧ କୋଟି ଲୋକଙ୍କୁ ଏବେ ସରକାର ମାଗଣା ରାସନ ସାମଗ୍ରୀ (ଚାଉଳ, ଗହମ) ଦେଉଛନ୍ତି। ଅନେକ ଦେଶରେ ଗଣତନ୍ତ୍ର ସନ୍ତୁଳିତ ନୁହେଁ। ଫ୍ରାନ୍ସର କିଛି କିଛି ମାସର ବ୍ୟବଧାନରେ ପ୍ରଧାନମନ୍ତ୍ରୀ ବଦଳୁଛନ୍ତି ଜାପାନରେ ମଧ କିଛି ବର୍ଷର ଅବଧିରେ ପ୍ରଧାନମନ୍ତ୍ରୀ ବଦଳିଥାନ୍ତି। ଆମଦେଶରେ କଂଗ୍ରେସ ଅଭିଯୋଗ କରୁଛି ଶାସକ ଦଳ ଭୋଟ ଚୋରୀ କରି ସରକାରକୁ ଆସିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରୁଛନ୍ତି ଯେ ମହାରାଷ୍ଟ୍ର, ହରିଆଣା, ମଧ୍ୟପ୍ରଦେଶ ଏବଂ କର୍ଣ୍ଣାଟକରେ ଭୋଟ ଚୋରୀ ହୋଇଛି। ରାହୁଲ ଗାନ୍ଧୀଙ୍କ ଅଭିଯୋଗରେ କେତେ ସତ୍ୟତା ଅଛି ସେ କଥା କୁହାଯାଇପାରିବ ନାହିଁ କିନ୍ତୁ ଏକଥା ସ୍ପଷ୍ଟ ଯେ ଗଣତନ୍ତ୍ର ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ କରିବାରେ ବିଫଳ।

ଅନେକ ଦେଶରେ ଏବେ ଧର୍ମ ଆଧାରିତ ଶଶସନ ଚାଲିଛି। ଇସଲାମ ଧର୍ମକୁ ମାନୁଥିବା ଅନେକ ଦେଶରେ ଏଭଳି ଧର୍ମ ଆଧାରିତ ଶାସନ ଚାଲିଛି। ସାଉଦୀ ଆରବ ଏକ ଧନୀ ଦେଶ କିନ୍ତୁ ସେଠାକାର ବ୍ୟବସ୍ଥା ଇସଲାମୀ। ପାକିସ୍ଥାନର ଶାସନ ବ୍ରବସ୍ଥା ଇସଲାମ ଆଧାରିତ। ଆମ ଦେଶ ଭାରତରେ ଧର୍ମ ଆଧାରିତ ଶାସନ ବ୍ୟବସ୍ଥା ଚଳାଇବା ପାଇଁ ଅନେକେ ପ୍ରୟାସ କରୁଛନ୍ତି। ଭାରତକୁ ହିନ୍ଦୁ ରାଷ୍ଟ୍ର କରିବା ପାଇଁ ଉଦ୍ୟମ ଚାଲିଛି। ନେପାଳରେ ହିନ୍ଦୁ ରାଜାଙ୍କ ଶାସନ ଥିଲା ଓ ରାଜା ସାଧାରଣ ଲୋକଙ୍କ ଉପରେ ଅତ୍ୟାଚାର କରୁଥିଲେ। ସେଠାକାର କମ୍ୟୁନିଷ୍ଟ ପାର୍ଟି ରାଜାଶାସନ ବ୍ୟବସ୍ଥାକୁ ବିରୋଧ କରି ସେଇ ବ୍ୟବସ୍ଥାକୁ ଲୋପ କରିଦେଲା ଓ ହିନ୍ଦୁ ସାମ୍ରାଜ୍ୟ ମଧ ଖତମ ହୋଇଗଲା। ନେପାଳରେ ଗଣତାନ୍ତ୍ରିକ ସରକାର ଗଠନ ହେଲା କିନ୍ତୁ ଶାସନ ବ୍ୟବସ୍ଥା ଲୋକଙ୍କ ସ୍ୱାର୍ଥକୁ ଅଣଦେଖା କଲା। ଅବସ୍ଥା ଏମିତି ହେଲା ଯେ ନେପାଳର ଯୁବବର୍ଗ ହିଁସାକାଣ୍ଡ ଘଟାଇବାକୁ ବାଧ ହେଲେ। ବଙ୍ଗଳା ଦେଶରେ ମଧ ସେହିଭଳି ଶାସନ ବ୍ୟବସ୍ଥାର ପରିବର୍ତ୍ତନ ହେଲା। ବଙ୍ଗଳା ଦେଶର ପ୍ରଧାନମନ୍ତ୍ରୀ ଥିଲେ ଶେଖ ହସିନା। ଶେଖ ମୁଜିବୁର ରହମନଙ୍କ ନେତୃତ୍ୱରେ ଆନ୍ଦୋଳନ ହେଲା ଓ ପାକିସ୍ଥାନରୁ ଅଲଗା ହୋଇ ବଙ୍ଗଳାଦେଶ ଗଠନ ହେବା ପରେ ସେଠାରେ ଗଣତାନ୍ତ୍ରିକ ଶାସନ ଚାଲିଥିଲା। କିଛି ବର୍ଷ ଗଣତାନ୍ତ୍ରିକ ଶାସନ ଚାଲିଲା କିନ୍ତୁ ମୁଜିବୁର ରହମନଙ୍କ ପୁତ୍ରୀ ଶେଖ ହସିନା ଗଣତନ୍ତ୍ରର ମୂଳ ଉପାଡିବା ପାଇଁ ଉଦ୍ୟମକଲେ। ବଙ୍ଗଳାଦେଶରେ ହିଁସାକାଣ୍ଡ ବ୍ୟାପିଲା ଓ ଅବସ୍ଥା ଏଭଳି ଭୟଙ୍କର ହେଲା ଯେ ଶେଖ ହସିନାଙ୍କୁ ଭାରତ ଆସି ଶରଣ ନେବାକୁ ପଡ଼ିଲା। ପାକିସ୍ଥରନରେ ତ ଗଣତନ୍ତ୍ର ନାହିଁ କହିଲେ ଚଳେ ଶ୍ରୀଲଙ୍କାରେ ମଧ ଗଣତନ୍ତ୍ର ମଜମୁତ ନୁହେଁ। ମ୍ୟାମାରରେ ବର୍ଷକରୁ ଅଧିକ ସମୟ ହେବ ସେନା ଶାସନ ଚାଲିଛି। ମ୍ୟାମାରର ସବୁଠାରୁ ପ୍ରଭାବଶାଳୀ ନେତା ଏବଂ ନୋବେଲ ପୁରସ୍କାର ବିଜେତା ଆଙ୍ଗ ସାନସୁ ନିର୍ବାଚନରେ ଜିତିବା ପରେ ମଧ ତାଙ୍କୁ ଗିରଫ କରାଯାଇ ଜେଲରେ ରଖାଗଲା।




ଭାରତରେ ମଧ ଗଣତନ୍ତ୍ରର ମୂଳଦୁଆ ଅଧିକ ମଜଭୁତ ନୁହେଁ। ପଣ୍ଡିତ ନେହେରୁ ଯେଉଁ ଆଧାରରେ ଭାରତରେ ଗଣତନ୍ତ୍ରର ସ୍ଥାପନା କରିଥିଲେ ତାକୁ କିଛି ଲୋକ ସମାଲୋଚନା କରୁଛନ୍ତି। ନେହେରୁଙ୍କର ନିନ୍ଦାଗାନ କରୁଛନ୍ତି। ନେହେରୁ ଦେଶକୁ ସାମ୍ପ୍ରଦାୟିକତା ଠାରୁ ଦୁରରେ ରଖିବାକୁ ଚାହୁଁଥିଲେ। ଭାରତରେ ସବୁଧର୍ମର ଲୋକ ଅଛନ୍ତି। ହିନ୍ଦୁ ଅଛନ୍ତି, ମୁସଲମାନ ଅଛନ୍ତି, ଶିଖ, ଖ୍ରୀଷ୍ଟିଆନ, ବୌଦ୍ଧ ଓ ଜୈନ ମଧ ଅଛନ୍ତି। ଏସବୁ ଧର୍ମର ଲୋକଙ୍କ ସୁରକ୍ଷା ହୋଇପାରିବ ଯଦି ଆମ ଦେଶର ଶାସନ ଧର୍ମନିରପେକ୍ଷ ହେବ। କିନ୍ତୁ ଏକଥା ମଧ ସତ୍ୟ ଯେ ଧର୍ମନିରପେକ୍ଷତାର ଜଡ଼ ଦୁର୍ବଳ ହେବାରେ ଲାଗିଛି। କେବଳ ଭାରତରେ ନୁହେଁ ବିଶ୍ୱରେ ଏବେ ଗଣତନ୍ତ୍ର ମଧ ଦୁର୍ବଳ ହେବାରେ ଲାଗିଛି। ଏଣୁ ଆଗାମୀ ଦିନରେ କ'ଣ ଆଉ କିଛି ନୂଆ ବିଚାରଧାରାର ଅଭ୍ୟୁଦୟ ହେବ କି?

**ରାମଚନ୍ଦ୍ରପୁର, ରଣପୁର**
**ମୋବାଇଲ୍: ୯୪୩୮୪୮୫୦୯୪**

# 'ଏସ୍ଆଇଆର୍'ର ଉଦ୍ଦେଶ୍ୟ ସଫଳ ହେବ କି?



## ସୁବାସ ଷଡଙ୍ଗୀ

ଭାରତ ଯେତେବେଳେ ସ୍ୱାଧୀନତା ଲାଭ କଲା, ଭାରତୀୟ ସଂସଦୀୟ ଗଣତନ୍ତ୍ରରେ ସବୁଠାରୁ ଉଲ୍ଲେଖଯୋଗ୍ୟ ଘଟଣା ହେଲା, ପ୍ରାପ୍ତ ବୟସ୍କମାନଙ୍କୁ ସମାନ ଭାବରେ ଭୋଟ ଅଧିକାର ପ୍ରଦାନ କରିବା। ସ୍ୱାଧୀନତା ପରେ ଆମ ସମ୍ବିଧାନ ପ୍ରଣେତାମାନେ ସାର୍ବଜନୀନ ଭୋଟ ଅଧିକାର ପଥ ଅନୁସରଣ କରିଥିଲେ। ବିଶ୍ୱର ବହୁ ଉନ୍ନତ ଦେଶ ସେମାନଙ୍କ ସଂସଦୀୟ ଗଣତନ୍ତ୍ର ପଥରେ ଅଗ୍ରସର ହେବା ସମୟରେ ସବୁ ପ୍ରାପ୍ତ ବୟସ୍କମାନଙ୍କୁ ସମାନ ଭାବରେ ଭୋଟ ଅଧିକାର ପ୍ରଦାନ କରିପାରି ନଥିଲେ। ଅନେକ ଦେଶରେ କେବଳ ପୁରୁଷମାନଙ୍କୁ ଭୋଟ ଦେବାର ଅଧିକାର ଦିଆଯାଇଥିଲା। ଏଣୁ ସ୍ୱାଧୀନତା ଲାଭ ପରେ ଯେତେବେଳ ଭାରତ ମହିଳାଙ୍କୁ ଭୋଟ ଅଧିକାର ପ୍ରଦାନ କରିଥିଲା, ସେଇ ସମୟରେ ୟୁରୋପର ଅନେକ ଦେଶରେ ମହିଳାମାନଙ୍କର ଭୋଟ ଅଧିକାର ନଥିଲା। ଅନେକ ଦେଶରେ ତ କେବଳ ଧନୀ ଲୋକମାନେ ଭୋଟ ଅଧିକାର ପାଇଥିଲେ। କିନ୍ତୁ ଭାରତ ଏକମାତ୍ର ଦେଶ, ଯେଉଁଠି ସ୍ୱାଧୀନତା ଲାଭର ପ୍ରଥମ ଦିନରୁ ଭୋଟ ଅଧିକାର ସଭିଏଁ ପାଇପାରିଥିଲେ। ଧନୀ-ଗରିବ, ପୁରୁଷ-ମହିଳା କୌଣସିଥିଣେ ବାଛ ବିଚାର ନଥିଲା। ଏମିତି ଭାବରେ ଆମ ଦେଶରେ ୧୯୫୨ ମସିହାରେ ପ୍ରଥମ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେଲା।

ପ୍ରଥମ ସାଧାରଣ ନିର୍ବାଚନ ଭାରତ ଭଳି ଦେଶରେ ଏତେ ସହଜ ନଥିଲା। ସେ ସମୟରେ ଦେଶରେ ଏକୋଇଶ ବର୍ଷରୁ ଅଧିକ ପ୍ରାପ୍ତ ବୟସ୍କମାନଙ୍କ ସଂଖ୍ୟାଥିଲା ୧୭ କୋଟି ୬୦ ଲକ୍ଷ। ଏଇ ୧୭ କୋଟି ୬୦ ଲକ୍ଷ ପ୍ରାପ୍ତ ବୟସ୍କମାନେ ଯେପରି ସୁରୁଖୁରୁରେ ନିଜର ଭୋଟ ଅଧିକାର ସାବ୍ୟସ୍ତ କରିପାରିବେ, ସେଥିପାଇଁ ଏକ ତାଲିକା ପ୍ରସ୍ତୁତ କରାଯାଇଥିଲା। ସେତେବେଳେ ଭାରତର ପ୍ରଥମ ନିର୍ବାଚନ କମିଶନର ଥିଲେ ସୁକୁମାର ସେନ।

୧୯୫୦ ମସିହାରେ ପ୍ରସ୍ତୁତ ହୋଇଥିଲା ଜନପ୍ରତିନିଧି ଆଇନ। ଏହି ଆଇନରେ ଭୋଟର ତାଲିକା ପ୍ରସ୍ତୁତର ନିୟମ ପଦ୍ଧତି ରହିଥିଲା। ସେତେବେଳେ ଠିକ ହୋଇଥିଲା, ଯିଏ ଯେଉଁଠି ରହୁଛି, ସେଠାକାର ପ୍ରସ୍ତୁ ତାଲିକାରେ ତାହାର ନାମ ରଖାଯିବ। ଜଣେ କେଉଁଠିକାର ବାସିନ୍ଦା ବୋଲି ଜାଣିବା? ଯେଉଁ ଲୋକ ଏକ ନିର୍ଦ୍ଦିଷ୍ଟ ଗାଁକୁ ରାତିରେ ଶୋଇବାକୁ ଆସେ, ସେଇଟି ତାର ଗାଁ ବୋଲି ମନେ କରାଯିବ। ଏପରିକି ଭୋଟର ତାଲିକାରେ ବହୁ ମହିଳା ଭୋଟର ସେମାନଙ୍କ ନାମ ନ ଲେଖି 'ଅମୁକର ମା' ବୋଲି ଲେଖୁଥିଲେ।




ପରେ ଏଇ ଆଦର୍ଶକୁ ପାଥେୟ କରି ନିର୍ବାଚନ କମିଶନମାନେ ଦେଶର ସବୁ ଭୋଟ ପରିଚାଳନା କରିଆସୁଛନ୍ତି। ଭୋଟର ତାଲିକା ଏଭଳି ପ୍ରସ୍ତୁତ କରାଯାଏ, ଯେପରି କୌଣସି ଅଠର ବର୍ଷରୁ ଅଧବକ ବୟସର ଲୋକ ଭୋଟର ତାଲିକାରୁ ବାଦ ନ ପଡେ। ସବୁ ଶ୍ରେଣୀର ଲୋକମାନଙ୍କୁ ସମାନ ଭାବରେ ଭୋଟ ଦେବାର ଅଧିକାର ପ୍ରଦାନ କରିବା ଥିଲା, ଏହାର ମୂଳ ଲକ୍ଷ୍ୟ। ଯେଉଁମାନଙ୍କର ଘର ନାହିଁ, ଯେଉଁମାନେ ଫୁଟପାଥରେ ରହୁଛନ୍ତି, ସେମାନଙ୍କର ନାମ ମଧ ଭୋଟର ତାଲିକାରେ ସନ୍ନିବେଶିତ ହୋଇଥିଲା। ଏପରିକି ଯୌନକର୍ମୀମାନେ ମଧ ଭୋଟ ଅଧିକାର ପାଇଥିଲେ। ଏବେ ଭୋଟର ତାଲିକାର ସଘନ ସଂଶୋଧନ କରାଯାଉଛି। ଯାହାକୁ ଇଂରାଜିରେ କୁହାଯାଉଛି, 'ଏସଆଇଆର'। ଏସଆଇଆର କରିବାକୁ ଯାଇ ନିର୍ବାଚନ କମିଶନ ଏପରି ଏକ ଅବସ୍ଥାନ ନେଇଛନ୍ତି, ସେଥିରେ ଜଣେ ୧୮ ବର୍ଷରୁ ଅଧିକ ଯୁବକ ନିଜର ନାମ ଭୋଟର ତାଲିକାରେ ଯୋଡିବାକୁ ହେଲେ, ପ୍ରଥମେ ତାକୁ କିଛି ପ୍ରମାଣ ଦେବାକୁ ହେବ। ଆଗରୁ ଏହା କେବେହେଲେ ହୋଇ ନଥିଲା। ସେତେବେଳେ କୁହାଯାଉଥିଲା, ଗଣତନ୍ତ୍ରକୁ ଯଦି ସଫଳ କରିବାକୁ ହୁଏ, ତେବେ ଦେଶର ସବୁ ନାଗରିକଙ୍କୁ ରାଜନୈତିକ ପ୍ରକ୍ରିୟା ଭିତରକୁ ଆଣିବା ଦରକାର। ଆଉ ଏହା ହେଲା ନିର୍ବାଚନ ବ୍ୟବସ୍ଥା।

ସ୍ୱାଧୀନତାର ଅଶୀ ବର୍ଷ ପରେ, ହଠାତ ଏବେ ନିର୍ବାଚନ କମିଶନ ସମ୍ପୂର୍ଣ୍ଣ ବିପରୀତ ଦିଗରେ। ଏନେଇ ବ୍ୟାପକ ବିତର୍କ। ମାମଲା ସୁପ୍ରିମ କୋର୍ଟରେ। ଏସବୁ ସତ୍ତ୍ୱେ ବିହାରରେ ଏସଆଆର ହେଲା। ଏବେ ଓଡ଼ିଶା ସମେତ ବାରଟି ରାଜ୍ୟରେ ଏସଆଇଆର କରାଯିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଆସନ୍ତା ମାସରୁ ସଂଶୋଧନ କାମ ଆରମ୍ଭ ହେବ। ଏହା ପୂର୍ବରୁ ଆମ ଦେଶରେ ଆଠ ଥର ଭୋଟର ତାଲିକାରେ ସଂଶୋଧନ କରାଯାଇଛି କିନ୍ତୁ ସ୍ୱତନ୍ତ୍ର ସଘନ ହୋଇ ନାହିଁ। ଆମ ଓଡ଼ିଶାରେ ୨୦୦୩ ମସିହାରେ ହୋଇଥିବାର କୁହାଯାଉଛି। ବିହାରରେ ସଘନ ସଂଶୋଧନରେ ଆମେ ଦେଖିଲୁ ପ୍ରାୟ ୪୩ ଲକ୍ଷ ଭୋଟରଙ୍କ ନାମ କଟାଯାଇଛି। କେଉଁ କାରଣରୁ ଏମାନଙ୍କ ନାମ କଟାଯାଇଛି, ତାର ଉତର ଯାହା ଦିଅଯାଉଛି, ତାହା ଅନେକଙ୍କୁ ବିଶ୍ୱାସ ହେଉ ନାହିଁ। ଏନେଇ ସୁପ୍ରିମ କୋର୍ଟ ମାମଲା ଚାଲିଛି। କୁହାଯାଉଛି, ଅନେକ ଜାଗାରେ ବଞ୍ଚିଥିବା ଲୋକଙ୍କୁ ମୃତ ଦର୍ଶାଇ ସେମାନଙ୍କ ନାମ କାଟିଦିଆଯାଇଚି।

ବିହାରରେ ଏବେ ନିର୍ବାଚନ ପ୍ରକ୍ରିୟା ଚାଲି ରହିଛି। ନଭେମ୍ବର ୧୪ ତାରିଖରେ ଫଳାଫଳ ଜଣା ପଡ଼ିବ। ୪୩ ଲକ୍ଷ ଭୋଟରଙ୍କ ନାମ କଟିଯିବା ଫଳରେ ନିର୍ବାଚନ ଉପରେ ଏହାର କଣ ପ୍ରଭାବ ପଡ଼ିବ, ତାହା ସେଥିରୁ ଜଣା ପଡ଼ିବ। ଜୟ ପରାଜୟ ପାଇଁ ଏଇ ୪୩ ଲକ୍ଷ ଭୋଟର କେତେଦୂର ଦାୟି ତାହା ଜଣା ପଡ଼ିବ। କୁହାଯାଉଛଇଯି, ବିହାର ପରେ ପରବର୍ତ୍ତୀ ଟାର୍ଗେଟ ହେଉଛି, ପଶ୍ଚିମବଙ୍ଗ। ସେଠାରେ ମଧ ଏଇ ସଂଶୋଧନ କାମ ଆରମ୍ଭ ହୋଇଛି। ଛଅମାସ ପରେ ସେଠାରେ ଭୋଟ।

ମୁଖ୍ୟ ନିର୍ବାଚନ କମିଶନର ବିହାରରେ ଏସଆଇଆର କରିବା ପୂର୍ବରୁ ନିଜର ଚାରୋଟି ଉଦ୍ଦେଶ୍ୟ ପ୍ରକାଶ କରିଥିଲେ। ଏବେ ବାରଟି ରାଜ୍ୟରେ ହେବାକୁ ଯାଉଥିବା ସଂଶୋଧନ ପାଇଁ ମଧ ସେଇ ଏକାକଥା କହୁଛନ୍ତି। ସହାରୀ କରଣ ଫଳରେ ସ୍ଥାନନ୍ତରିତ ହୋଇଥିବା ବହୁ ଲୋକ ଦୁଇଟି ଜାଗରେ ଭୋଟର ତାଲିକାରେ ସ୍ଥାନ ପାଇଛନ୍ତି। ସେମାନଙ୍କ ନାମ ଗୋଟାଏ ଜାଗାରୁ କାଟିବା। ନୂତନ ଭୋଟରମାନଙ୍କୁ ସାମିଲ କରିବା। ମୃତ ଭୋଟରମାନଙ୍କୁ ତାଲିକାରୁ ବାଦଦେବା। ଭୁଲରେ ଯଦି କୌଣସି ବିଦେଶୀଙ୍କ ନାମ ଭୋଟର ତାଲିକାରେ ଚଢ଼ି ଯାଇଛି, ତାହାକୁ ତନଖି କରି ବାଦଦେବା। ବିଦେଶୀ ବା ଅନୁପ୍ରବେଶକାରୀଙ୍କୁ ଭୋଟର ତାଲିକାରୁ ଚିହ୍ନଟ କରି ବାଦ ଦେବା।

ନିର୍ବାଚନ କମିଶନରଙ୍କ ଏପରି ଉଦ୍ଦେଶ୍ୟ ନିଶ୍ଚିତଭାବେ ଭଲ। ତେବେ ଶହେ ଦୋଷୀ ଖସି ଯାଆନ୍ତୁ ପଛେ, ଜଣେ ନିର୍ଦ୍ଦୋଷ ଦଣ୍ଡ ନ ପାଆନ୍ତୁ ନ୍ୟାୟରେ ଯେପରି ଜଣେ ଭାରତୀୟ ଭୋଟ ଦେବା ଅଧିକାରରୁ ବଞ୍ଚିତ ନ ହୁଅନ୍ତୁ, ତାହା ଦେଖିବା ନିର୍ବାଚନ କମିଶନଙ୍କ ପ୍ରଥମ ଦାଇତ୍ୱ ବୋଲି ଅନେକ ମନେ କରନ୍ତି। ପ୍ରକୃତରେ ସହରୀ କରଣ ଫଳରେ ବହୁ ଲୋକ ସହାରକୁ ଆସି ବାସବାସ କରୁଛନ୍ତି। ଏାଂରେ ଭୋଟ ଦେଉଛନ୍ତି। ଅଥଚ ଗାଁରେ ମଧ ଭୋଟ ତାଲିକାରେ ସେମାନଙ୍କ ନାମ ରହିଛି। ବିଭିନ୍ନ ପର୍ଯ୍ୟାୟରେ ଭୋଟ ହେଲେ ସେମାନେ ଦୁଇ ଜାଗାରେ ଭୋଟ ଦେଉଛନ୍ତି। ଏଣୁ ପ୍ରତ୍ୟେକ ଭୋଟରଙ୍କୁ ଚିହ୍ନଟ ହେବା ଦରକାର।

**ମୋବାଇଲ୍: ୯୪୩୯୬୫୨୩୨୨**

### ମହାମେଣ୍ଟକୁ 'ଠକ ମେଣ୍ଟ' କହିଲେ ଶାହ

## ଲାଲୁ ପୁଅଙ୍କୁ ସିଏମ୍, ସୋନିଆ ପୁଅଙ୍କୁ ପିଏମ୍ କରିବାକୁ ଚାହାନ୍ତି



**ପାଟନା, ୨୯।୧୦:** ଆଗାମୀ ନିର୍ବାଚନ ହିଁ ବିହାରକୁ ଜଙ୍ଗଲରାଜରୁ ମୁକ୍ତ କରିବାର ସଠିକ୍ ସମୟ। ଏନଡିଏରେ ସାମିଲ ଥିବା ୫ ଦଳ ପାଣ୍ଡବ ଭଳି ନିର୍ବାଚନରେ ଏକାଠି ଲଢୁଛନ୍ତି। ଆଉ ବିହାରରେ ଏନଡିଏ ଜିତିବା ନିଶ୍ଚୟ। ମହାମେଣ୍ଟ ବିହାରର କଦାପି ବିକାଶ ଚାହୁନି। ଲାଲୁ ଯାଦବ କେବଳ ନିଜ ପୁଅକୁ ମୁଖ୍ୟମନ୍ତ୍ରୀ କରିବାକୁ ଚାହୁଁଛନ୍ତି ଓ ସୋନିଆ ଗାନ୍ଧୀ ନିଜ ପୁଅକୁ ପ୍ରଧାନମନ୍ତ୍ରୀ କରିବାକୁ ଚାହୁଁଛନ୍ତି, ବିହାରର ପ୍ରଚାର ମୈଦାନରୁ ବିରୋଧୀଙ୍କୁ କିଛି ଏଭଳି ଢଙ୍ଗରେ ଶବ୍ଦର ତୀରରେ ଆକ୍ରମଣ କରିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ବର୍ତ୍ତମାନ ବିହାରରେ ପ୍ରଚାର ଅଭିଯାନ ଜାରି ରହିଛି। ଏହିକ୍ରମରେ ଶାହ ଦରଭଙ୍ଗାରେ ଏକ ସଭାରେ ନିଜର ସମ୍ବୋଧନ ରଖି ବିରୋଧୀଙ୍କ ଉପରେ ବର୍ଷିଛନ୍ତି। ସିଧା ସିଧା ତେଜସ୍ୱୀ ଆଉ ରାହୁଲଙ୍କୁ ଟାର୍ଗେଟ୍ କରିବା ସହ ଶାହ ପରୋକ୍ଷରେ ଲାଲୁ ଆଉ ସୋନିଆଙ୍କୁ ମଧ୍ୟ ତୀର ମାରିଛନ୍ତି। ଶାହ ଆହୁରି ମଧ୍ୟ କହିଛନ୍ତି, ରାହୁଲ ଗାନ୍ଧୀ ଦେଢ଼ ମାସ ତଳେ ବିହାର ଆସିଥିଲେ ଆଉ ଏବେ ପୁଣି ମାସେ ପରେ ବିହାର ଆସିଛନ୍ତି। ଯେତେବେଳେ ପ୍ରଥମ ଥର ରାହୁଲ ବିହାର ଆସିଥିଲେ, ସେତେବେଳେ 'ଅନୁପ୍ରବେଶକାରୀ ବଞ୍ଚାଅ ଯାତ୍ରା' ଆରମ୍ଭ କରିଥିଲେ ବୋଲି ଶାହ କଟାକ୍ଷ କରି କହିଛନ୍ତି। ରାହୁଲ ଏବଂ ତେଜସ୍ୱୀ ଏବେ ବାଲାଂଦେଶୀ ଅନୁପ୍ରବେଶକାରୀଙ୍କ ରକ୍ଷକ ସାଜିଛନ୍ତି ବୋଲି କହିବା ସହ ଏନଡିଏ ପ୍ରାର୍ଥୀଙ୍କୁ ଜିତାଇଲେ ବିହାର ଅନୁପ୍ରବେଶକାରୀ ମୁକ୍ତ ହୋଇପାରିବ ବୋଲି ଶାହ କହିଛନ୍ତି। ଏହାସହ ଏହି ସଭାରେ ମହାମେଣ୍ଟକୁ ଠକମେଣ୍ଟ ବୋଲି ମଧ୍ୟ କହିବାକୁ ସେ ପଛାଇନାହାଁନ୍ତି।

# ୪୪୦୦ କିଲୋର ସାଟେଲାଇଟ୍ ଲଞ୍ଚ କରିବ ଇସ୍ରୋ



**ନୂଆଦିଲ୍ଲୀ,୨୯।୧୦:** ମହାକାଶରେ ପୁଣି ଭାରତ ରଚିବ ଇତିହାସ। ଏଥିପାଇଁ ଚାଲିଛି ଜୋରଦାର ପ୍ରସ୍ତୁତି। ୨ ନଭେମ୍ବରରେ ଭାରତୀୟ ମହାକାଶ ଏଜେନ୍ସି ଇସ୍ରୋ ନିଜର ବହୁ ପ୍ରତୀକ୍ଷିତ ସାଟେଲାଇଟ୍ ଲଞ୍ଚ କରିବାକୁ ଯାଉଛି। ସବୁଠାରୁ ଭାରି କମ୍ୟୁନିକେସନ୍ ଆଣ୍ଡ ମଲ୍ଟିମିଡିଆ ସାଟେଲାଇଟ୍-୦୩ (ସିଏମ୍ଏସ୍-୦୩) ଲଞ୍ଚ ହେବ। ଆନ୍ଧ୍ର ପ୍ରଦେଶର ଶ୍ରୀହରିକୋଟା ସ୍ଥିତ ସତୀଶ ଧବନ ମହାକାଶ କେନ୍ଦ୍ରରୁ ଲଞ୍ଚ ହେବାପରେ ଏହି ସାଟେଲାଇଟ୍ କମ୍ୟୁନିକେସନ୍‌ର ଭବିଷ୍ୟତକୁ ନୂଆ ଦିଗ ଦେବ। ଏହାଦ୍ୱାରା ଭାରତର ଯାନ୍ତ୍ରିକ ଶକ୍ତି ବଢିବ। ଦେଶର କୋଟି କୋଟି ନାଗରିକଙ୍କ ଜୀବନରେ ଡିଜିଟାଲ କ୍ରାନ୍ତିର ନୂଆ ଆରମ୍ଭ ହେବ। ଆସନ୍ତୁ ଜାଣିବା ଭାରତର ସବୁଠାରୁ ଓଜନିଆ ସାଟେଲାଇଟ୍ ସିଏମ୍ଏସ୍-୦୩ ର ଲଞ୍ଚିଂରୁ କ'ଣ କ'ଣ ଫାଇଦା ମିଳିବ ଓ ଏହା କିଭଳି କାମ କରିବ ?

ସି ଏ ମ୍ ଏ ସ୍ - ୦୩ ଏକ ମଲ୍ଟି ବ୍ୟାଣ୍ଡ ମିଲିଟାରୀ କମ୍ୟୁନିକେସନ୍ ସାଟେଲାଇଟ୍। ଯାହାକୁ ଜି ଏ ସ୍ ଏ ସି - ୭ ଆ ର୍ ନାମରେ ଜଣାଯାଏ। ଏହା ଦେଶର ସବୁଠାରୁ ଶକ୍ତିଶାଳୀ ରକେଟ୍ ଲଞ୍ଚ ଭେଇକିଲ୍ ମାର୍କ ୩ ( ଏ ଲ୍ ଭି ଏ ମ୍ ୩ ) ଜରିଆରେ ଲଞ୍ଚ କରାଯିବ। ୪୪୦୦ କିଲୋଗ୍ରାମ୍‌ର ଏହି ସାଟେଲାଇଟ୍ ଇସ୍ରୋର ସବୁଠାରୁ ଓଜନିଆ ସାଟେଲାଇଟ୍ ହେବ। ଯାହାକୁ ଜିଓସିଙ୍କ୍ରୋନସ୍ ଟ୍ରାନ୍ସଫର ଅର୍ବିଟ(ଜିବିଟି)ରେ ଭାରତ ମାଟିରୁ ଲଞ୍ଚ କରଯିବ। ସିଏମ୍ଏସ୍-୦୩ ଇସ୍ରୋର ଜିସାଟ୍ ସିରିଜର ଅଂଶ ରହିବ। ଯାହାକୁ ଖାସ୍ ଭାବରେ ଦେଶର ବଢୁଥିବା କମ୍ୟୁନିକେସନ୍‌ର ଆବଶ୍ୟକତାକୁ ପୁରା କରିବା ପାଇଁ ପ୍ରସ୍ତୁତି କରାଯାଇଛି।

ଏହା ପୃଥିବୀଠାରୁ ପ୍ରାୟ ୩୬ ହଜାର କିଲୋମିଟର ଉଚ୍ଚତାରେ ଜିଓସିଙ୍କ୍ରୋନସ୍ ଟ୍ରାନ୍ସଫର ଅର୍ବିଟ(ଜିଟିଓ) ରେ ସ୍ଥାପିତ କରାଯିବ। ଏହି ଉଚ୍ଚତାରେ ସାଟେଲାଇଟ୍ ପୃଥିବୀର ସମାନ କ୍ଷେତ୍ର ଉପରେ ରହିଥାଏ। ଏହି କାରଣରୁ ବିନା କୌଣସି ସମସ୍ୟାରେ ସଞ୍ଚାର ଦେବା ପ୍ରଦାନ କରାଯାଏ। କୁ-ବ୍ୟାଣ୍ଡ ଓ ସି - ବ୍ୟାଣ୍ଡ ଟ୍ରାନ୍ସପୋଡରରେ ସୁସଜ୍ଜିତ ଏହି ସାଟେଲାଇଟ୍ ଜରିଆରେ ସଞ୍ଚାର ସେବା ଆହୁରି ମଜବତୁ ହେବ। ଉଚ୍ଚ ଗୁଣବତ୍ତା ଲାଇଭ ଟେଲିକାଷ୍ଟ ଓ ହାଇସ୍ପିଡ୍ ଇଣ୍ଟରନେଟ୍ ସେବା ସମ୍ଭବ ହୋଇପାରିବ।

ଜିଏସ୍ଏଟି-୭ଆର୍ କୁ ବିଶେଷ ଭାବରେ ଭାରତୀୟ ନୌସେନା ପାଇଁ ଡିଜାଇନ୍ କରାଯାଇଛି। ଯାହାକି ୨୦୧୩ ରେ ଲଞ୍ଚ କରାଯାଇଥିବା ଜିଏସ୍ଏଟି-୭ଆର୍ ରୁକ୍ମଣୀ ସାଟେଲାଇଟ୍‌ର ସ୍ଥାନ ନେବ। ଅପଗ୍ରେଡ୍ ପେଲୋଡ୍ ସହ ଜିଏସ୍ଏଟି-୭ଆର୍ କୁ ଭାରତୀୟ ନୌସେନା ପାଇଁ ସୁରକ୍ଷିତ ଓ ମଲ୍ଟିବ୍ରାଣ୍ଡ ସଞ୍ଚାର ସେବା ପାଇଁ ତିଆରି କରାଯାଇଛି, ଯାହାକି ନୌସେନାକୁ ସଶକ୍ତ କରି ସମୁଦ୍ର ଅଭିଯାନରେ ଏହାର ଉପସ୍ଥିତି ବଢାଇବ। ସିଏମ୍ଏସ୍-୦୩ର ପେଲୋଡସ୍‌ରେ ସାମିଲ ସି, ଏକ୍ସଟେଣ୍ଡେଡ ସିଂ ଓ କୁ ବ୍ୟାଣ୍ଡ ଭଏସ୍, ଡାଟା ଓ ଭିଡିଓ ଲିଙ୍କରେ ସହାୟକ ହେବ। ଏହି ସାଟେଲାଇଟ୍ ନୌସେନାର ସଞ୍ଚାର ବ୍ୟବସ୍ଥାକୁ ମଜବୁତ ପ୍ରଦାନ କରିବ। ଏହା ସହ ଏହି ଉଚ୍ଚ କ୍ଷମତାର ବ୍ୟାଣ୍ଡଓ୍ୱିଥ୍ ପ୍ରଦାନ କରିବ। ଯାହାଦ୍ୱାରା ସୁଦୂର କ୍ଷେତ୍ରରେ ମଧ୍ୟ ଡିଜିଟାଲ ଉପସ୍ଥିତି ପହଞ୍ଚି ସାରିଛି। ଏହା ନାଗରିକ ଏଜେନ୍ସିଙ୍କୁ ମଧ୍ୟ ସାହାର୍ଯ୍ୟ କରିବ। ଏହି ସାଟେଲାଇଟ୍ ପ୍ରାକୃତିକ ବିପଦ ବାତ୍ୟା ଓ ଭୂକମ୍ପ ବିଷୟରେ ସଠିକ୍ ଡାଟା ଦେବା ସହ ସଞ୍ଚାର ବ୍ୟବସ୍ଥା ବଜାୟ ରଖିବ। ସିଏମ୍ଏସ୍-୦୩କୁ ଇସ୍ରୋ ନିଜର ସବୁଠାରୁ ଭାରି ଓ ଶକ୍ତିଶାଳୀ ରକେଟ୍ ଏଲ୍ଭିଏମ୍-୩ ରୁ ଲଞ୍ଚ କରିବ। ଯାହାକି ଚନ୍ଦ୍ରଯାନ-୩ ଭଳି ଗୁରୁତ୍ୱପୂର୍ଣ୍ଣ ମିଶନ୍‌କୁ ସଫଳ କରିସାରିଛି।

## 'ଭାରତ ବିଶ୍ୱ ସାମୁଦ୍ରିକ ପରିବର୍ତ୍ତନର ନେତୃତ୍ୱ ନେବାକୁ ପ୍ରସ୍ତୁତ'



**ନୂଆଦିଲ୍ଲୀ,୨୯।୧୦:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ମୁମ୍ବାଇରେ ଇଣ୍ଡିଆ ମାରିଟାଇନ୍ ଲିଡର୍ସ କନକ୍ଲେଭ ୨୦୨୫କୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ପିଏମ୍ ମୋଦୀ କହିଛନ୍ତି ଯେ, ଏକବିଂଶ ଶତାବ୍ଦୀର ଏହି କାଳଖଣ୍ଡରେ ଭାରତର ସାମୁଦ୍ରିକ କ୍ଷେତ୍ର ଦ୍ରୁତ ଓ ନବ ଉର୍ଜା ସହ ଆଗକୁ ବଢୁଛି। ଦେଶର ବନ୍ଦର ଏବେ ବିକାଶଶୀଳ ଦେଶରେ ସବୁଠୁ ଦକ୍ଷ ବନ୍ଦର ମଧ୍ୟରେ ଗଣତି ହେଉଛି। ୨୦୨୫ ଭାରତର ମାରିଟାଇମ୍ ସେକ୍ଟର ପାଇଁ ଗୁରୁତ୍ୱପୂର୍ଣ୍ଣ ବର୍ଷ ରହିଥିଲା। ଇଣ୍ଡିଆ ମାରିଟାଇମ୍ ସପ୍ତାହ ୨୦୨୫ କାର୍ଯ୍ୟକ୍ରମରେ ଉପଲବ୍ଧିକୁ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଭାରତର ପ୍ରଥମ ଗଭୀର ଜଳ ଅନ୍ତର୍ଜାତୀୟ ଟ୍ରାନ୍ସସିପମେଣ୍ଟ ହବ୍, ଭିଜିଞ୍ଜାମ ବନ୍ଦର ବର୍ତ୍ତମାନ କାର୍ଯ୍ୟକ୍ଷମ ହୋଇଛି। ବିଶ୍ୱର ସର୍ବବୃହତ କଣ୍ଟେନର ଜାହାଜ ମଧ ସେଠାରେ ପହଞ୍ଚିଛି। ଏହା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, ଆଜି ଭାରତର ବନ୍ଦରଗୁଡ଼ିକୁ ବିକାଶଶୀଳ ଦେଶଗୁଡ଼ିକରେ ସବୁଠାରୁ ଦକ୍ଷ ବନ୍ଦର ମଧ୍ୟରେ ଗଣନା କରାଯାଏ। ଅନେକ ଦୃଷ୍ଟିରୁ, ସେମାନେ ବିକଶିତ ଦେଶର ବନ୍ଦରଗୁଡ଼ିକ ଅପେକ୍ଷା ଭଲ ପ୍ରଦର୍ଶନ କରୁଛନ୍ତି।

ସେ କହିଛନ୍ତି ଯେ ମାରିଟାଇମ ଇଣ୍ଡିଆ ଦୃଷ୍ଟିକୋଣ ଅଧୀନରେ ୧୫୦ରୁ ଅଧିକ ପଦକ୍ଷେପ ଆରମ୍ଭ କରାଯାଇଛି, ଯାହା ଫଳରେ ସାମୁଦ୍ରିକ କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ଆସିଛି। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, ଭାରତର ପ୍ରମୁଖ ବନ୍ଦରଗୁଡ଼ିକର କ୍ଷମତା ଦ୍ୱିଗୁଣିତ ହୋଇଛି ଏବଂ ପରିବହନ ସମୟ ଯଥେଷ୍ଟ ହ୍ରାସ ପାଇଛି। କ୍ରୁଜ୍ ପର୍ଯ୍ୟଟନ ଯଥେଷ୍ଟ ବୃଦ୍ଧି ପାଇଛି ଏବଂ ଆଭ୍ୟନ୍ତରୀଣ ଜଳମାର୍ଗ ଯଥେଷ୍ଟ ବୃଦ୍ଧି ପାଇଛି, ଯାହା ଫଳରେ ମାଲ ପରିବହନରେ ୭୦୦ ପ୍ରତିଶତରୁ ଅଧିକ ବୃଦ୍ଧି ଘଟିଛି।

## ମୋନ୍ଥା ଆଗରେ ପାଚେରି ସାଜିଲା ହୋପ୍ ଆଇଲ୍ୟାଣ୍ଡ



**ଶ୍ରୀକାକୁଲମ,୨୯।୧୦:** ମୋନ୍ଥା ଆଗରେ ପାଚେରି ପରି ଛିଡ଼ାହେଲା ହୋପ୍ ଆଇଲ୍ୟାଣ୍ଡ। ଆନ୍ଧ୍ରପ୍ରଦେଶର ଉପକୂଳରେ ମାଡ଼ ହେଲା ସିଭିୟର ସାଇକ୍ଲୋନିକ ଷ୍ଟର୍ମ ମୋନ୍ଥା। କାକିନାଡାର ଅତି ନିକଟରେ କଲା ଲ୍ୟାଣ୍ଡଫଲ। ୧୦୦ କିମି ବେଗରେ ବହିଲା ପବନ। ପ୍ରବଳ ବର୍ଷିଲା। ହେଲେ ପବନର ପ୍ରକୃତ କୋପ କାକିନାଡା ଭିତରକୁ ପଶିପାରିଲାନି। କାରଣ ପୂରା ସହରକୁ ଜଗି ରହିଲା ହୋପ୍ ଆଇଲ୍ୟାଣ୍ଡ।

ଝଡ଼ର ପ୍ରକୋପରୁ ରକ୍ଷା କରିଛି ୮ ବର୍ଗ କିଲୋମିଟରର ବ୍ୟାପ୍ତ ପ୍ରାକୃତିକ ଦ୍ୱୀପ ହୋପ୍ ଆଇଲ୍ୟାଣ୍ଡ। ଏହି ଦ୍ୱୀପ କାକିନାଡାରୁ ପ୍ରାୟ ୧୨ କିଲୋମିଟର ଦୂରରେ ଅବସ୍ଥିତ। ସ୍ଥାନୀୟ ଲୋକଙ୍କ କହିବା କଥା କୌଣସି ଘୂର୍ଣ୍ଣିଝଡ଼ ଯଦି ଏହି ଉପକୂଳ ଦେଇ ମାଡ଼ ହୁଏ, ତେବେ ହୋପ୍ ଦ୍ୱୀପ ଅତିକ୍ରମ କରିବା ପରେ ଝଡ଼ର ତୀବ୍ରତା ହ୍ରାସ ପାଏ। ଘୂର୍ଣ୍ଣିଝଡ଼ ମୋନ୍ଥା ମଙ୍ଗଳବାର ସନ୍ଧ୍ୟାରେ କାକିନାଡା ନିକଟ ଦକ୍ଷିଣ ଭାଗରେ ସ୍ଥଳଭାଗ ଛୁଇଁଥିଲା। ବାରମ୍ବାର ଚେତାବନୀ ସତ୍ତ୍ୱେ ଦ୍ୱୀପବାସୀ ପ୍ରଥମେ ସେଠାରୁ ଯିବାକୁ ମନା କରିଦେଇଥିଲେ। ସେମାନେ କହିଥିଲେ ଯେ, ସେମାନେ ପୂର୍ବରୁ ଅନେକ ଝଡ଼ ସହିଛନ୍ତି ଏବଂ ସୁରକ୍ଷିତ ଅଛନ୍ତି। ପୋଲିସର ଅନୁରୋଧ କ୍ରମେ ସମସ୍ତଙ୍କୁ କାକିନାଡାର ହୋପ୍ ଆଇଲ୍ୟାଣ୍ଡ କଲୋନୀକୁ ସ୍ଥାନାନ୍ତରିତ କରିଥିଲା। କାକିନାଡା ବନ୍ଦରକୁ ୩ ନମ୍ବର ବିପଦ ସଙ୍କେତ ଜାରି କରାଯାଇଥିଲା। ସେଠାରୁ ସମସ୍ତ ଜାହାଜକୁ ହଟାଇ ଦିଆଯାଇଥିଲା। କାକିନାଡା ବିଚକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ବାତ୍ୟା ଉପକୂଳ ଆସିଲେ କାକିନାଡାବାସୀଙ୍କ ପାଇଁ ସୁରକ୍ଷା କରିଆସୁଛି ଏହି ସୁନ୍ଦର ଦ୍ୱୀପ। ପ୍ରକୃତିର ଆଉ ଏକ କ୍ରୋଧ ମୋନ୍ଥାର ପ୍ରଭାବକୁ ଅଟକାଇ ପ୍ରମାଣିତ କରିଛି ହୋପ୍ ଆଇଲ୍ୟାଣ୍ଡ।

### ୩୭ ବର୍ଷ ପରେ ରେଲୱେ ଟିଟିଇଙ୍କୁ ମିଳିଲା ନ୍ୟାୟ

## ଲାଞ୍ଚ ମାମଲାରେ ହରାଇଥିଲେ ଚାକିରି

**ନୂଆଦିଲ୍ଲୀ,୨୯।୧୦:** ସୁପ୍ରିମକୋର୍ଟ ପ୍ରାୟ ୩୭ ବର୍ଷ ପୁରୁଣା ଏକ ମାମଲାରେ ରେଲୱେ ଟ୍ରାଭେଲିଂ ଟିକଟ୍ ଏକ୍ସାମିନର (ଟିଟିଇ)ଙ୍କୁ ଦୋଷ ମୁକ୍ତ କରିଛନ୍ତି। କୋର୍ଟ କହିଛନ୍ତି ଯେ, ଲାଞ୍ଚ ମାଗିବା ଅଭିଯୋଗକୁ ପ୍ରମାଣିତ କରିବା ପାଇଁ ପର୍ଯ୍ୟାପ୍ତ ପ୍ରମାଣ ନାହିଁ। ଏହାସହ ମୃତ କର୍ମଚାରୀଙ୍କ ପରିବାରକୁ ତିନି ମାସ ଭିତରେ ସମସ୍ତ ବକେୟା ବେତନ ଓ ପେନ୍ସନ୍ ଲାଭ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ସଞ୍ଜୟ କରୋଲ ଓ ଜଷ୍ଟିସ ପ୍ରଶାନ୍ତ କୁମାର ମିଶ୍ରଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରିଛନ୍ତି।



ପରିବାରକୁ ମିଳିବ ପେନ୍ସନ୍

ଉଲ୍ଲେଖଯୋଗ୍ୟ, ଏହି ମାମଲା ୧୯୮୮ ମେ ୩୧ ତାରିଖର। ରେଲୱେ ଭିଜିଲାନ୍ସ ଟିମ୍ ହଠାତ୍ ତଦନ୍ତ କରିଥିଲା। ସେହି ସମୟରେ ନାଗପୁରର ସେଣ୍ଟ୍ରାଲ୍ ରେଲୱେରେ ନିୟୋଜିତ ଟିଟିଇଙ୍କ ଉପରେ ତିନି ଯାତ୍ରୀଙ୍କଠାରୁ ବର୍ଥ ଦେବା ବଦଳରେ ୫୦ ଟଙ୍କା ଲେଖାଏ ଲାଞ୍ଚ ମାଗିଥିଲେ। ତଦନ୍ତ ବେଳେ ତାଙ୍କ ପାଖରୁ ୧୨୫୪ ଟଙ୍କା ଅତିରିକ୍ତ ନଗଦ ମିଳିଥିଲା ଓ ଡ୍ୟୁଟି ପାସରେ ତ୍ରୁଟି ଧରାପଡ଼ିଥିଲା। ବିଭାଗୀୟ ତଦନ୍ତ ପରେ, ୧୯୮୯ ମସିହାରେ ଅଭିଯୋଗ ଫଇସଲା କରାଯାଇଥିଲା ଏବଂ ୧୯୯୬ ମସିହାରେ ଶୃଙ୍ଖଳାଗତ କର୍ତ୍ତୃପକ୍ଷ ତାଙ୍କୁ ଚାକିରିରୁ ବହିଷ୍କାର କରିଥିଲେ। ପରବର୍ତ୍ତୀ ସମୟରେ କର୍ମଚାରୀ ଜଣକ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲରେ ଏହି ଆଦେଶକୁ ଚ୍ୟାଲେଞ୍ଜ କରିଥିଲେ। ୨୦୦୨ରେ, କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ ବରଖାସ୍ତକୁ ପ୍ରତ୍ୟାହାର କରି ତାଙ୍କୁ ପୁନଃସ୍ଥାପନ ଏବଂ ସମସ୍ତ ସୁବିଧାର ପ୍ରତିପୂରଣ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ୨୦୧୭ ମସିହାରେ ବମ୍ବେ ହାଇକୋର୍ଟ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ ଆଦେଶକୁ ବାତିଲ କରିଦେଇଥିଲେ। ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲା। ବିଚାରପତି ସଞ୍ଜୟ କାରୋଲ ଏବଂ ପ୍ରଶାନ୍ତ କୁମାର ମିଶ୍ରଙ୍କ ଖଣ୍ଡପୀଠ କହିଛନ୍ତି ଯେ ତଦନ୍ତ ରିପୋର୍ଟରେ ଗୁରୁତର ତ୍ରୁଟି ରହିଛି ଏବଂ ଦୁଇ ଯାତ୍ରୀ ଲାଞ୍ଚ ଅଭିଯୋଗକୁ ସମର୍ଥନ କରିନାହାନ୍ତି। କୋର୍ଟ କହିଛନ୍ତି ଯେ କର୍ମଚାରୀ ଆଉ ଜୀବିତ ନଥିଲେ ମଧ ତାଙ୍କ ପରିବାର ନ୍ୟାୟ ପାଇବା ଉଚିତ।

### ନାବାଳିକା ଯୌନ ଉତ୍ପୀଡ଼ନ ମାମଲା

## ଆଶାରାମଙ୍କୁ ୬ ମାସର ଅନ୍ତରୀଣ ଜାମିନ



**ଯୋଧପୁର,୨୯।୧୦:** ଗଣଦୁଷ୍କର୍ମ ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା ଆଶାରାମ ବାପୁଙ୍କୁ ରାଜସ୍ଥାନ ହାଇକୋର୍ଟରୁ ବଡ଼ ଆଶ୍ୱସ୍ତି ମିଳିଛି। ହାଇକୋର୍ଟ ଆଶାରାମ ବାପୁଙ୍କୁ ମେଡିକାଲ ଗ୍ରାଉଣ୍ଡରେ ୬ ମାସର ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ହାଇକୋର୍ଟରୁ ମୁଖ୍ୟ ନ୍ୟାୟାଧୀଶ ସଂଜୀବ ପ୍ରକାଶ ଶର୍ମା ଡିଭିଜନ ବେଞ୍ଚ ମାମଲାର ଶୁଣାଣି କରି ଆଶାରାମଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ଆଶାରାମଙ୍କ ଚିକିତ୍ସା ଏବେ ଘରୋଇ ହସପିଟାଲରେ ଚାଲିଛି। ଆଶାରାମଙ୍କ ଖରାପ ସ୍ୱାସ୍ଥ୍ୟାବସ୍ଥା ଦର୍ଶାଇ ରେଗୁଲାର ଜାମିନ ଆବେଦନ କରୁଛନ୍ତି। ଯୌନ ଉତ୍ପୀଡନ ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଛନ୍ତି।

ଏହାପୂର୍ବରୁ ୨୦୧୩, ଜାନୁଆରୀରେ ସୁପ୍ରିମକୋର୍ଟ ଗଣଦୁଷ୍କର୍ମ ମାମଲାରେ ବନ୍ଦୀ ଥିବା ଆଶାରାମଙ୍କୁ ମେଡିକାଲ ଗ୍ରାଉଣ୍ଡରେ ଅନ୍ତରୀଣ ଜାମିନ ଦେଇଥିଲେ। ସେତେବେଳେ ସୁପ୍ରିମକୋର୍ଟ ବେଞ୍ଚ ଆଶାରାମଙ୍କ ବୟସାଧିକ ତଥା ସ୍ୱାସ୍ଥ୍ୟାଗତ ସମସ୍ୟା ଯୋଗୁଁ ଦୁଇ ଥର ହାର୍ଟଆର୍ଟାକ ହୋଇଛି ବୋଲି କହିଥିଲେ। ୨୦୧୩ରେ ହିଁ ଆଶାରାମଙ୍କୁ ଗିରଫ କରାଯାଇଥିଲା। ୧୬ ବର୍ଷର ନାବାଳିକାଙ୍କ ଅଭିଯୋଗ ପରେ ତାଙ୍କୁ ଗିରଫ କରାଯାଇଥିଲା।

### ଗ୍ୟାଙ୍ଗଷ୍ଟରଙ୍କ ବିରୋଧରେ ପୁଲିସର ବଡ଼ ଅଭିଯାନ

## ୬୪ ଅପରାଧୀ ମୃତ, ୨୫୦ ଗିରଫ



**ବ୍ରାସିଲିଆ,୨୯।୧୦ :** ବ୍ରାଜିଲ ରାଜଧାନୀ ରିଓ ଡୋ ଜେନେରିଓରେ ପୁଲିସ ପକ୍ଷରୁ ବଡ଼ ଅଭିଯାନ ହୋଇଛି। ଏଠାରେ ଅପରାଧୀ ଏବଂ ଗ୍ୟାଙ୍ଗଷ୍ଟରଙ୍କ ବିରୋଧରେ ବଡ଼ ଅଭିଯାନରେ ଚାରିଜଣ ପୁଲିସ ଅଧିକାରୀ ଓ ପ୍ରାୟ ୬୪ ଜଣ ପ୍ରାଣ ହରାଇଛନ୍ତି। ବ୍ରାଜିଲର ସୁରକ୍ଷା ଏଜେନ୍ସିଗୁଡ଼ିକ ଏହି ଅଭିଯାନ ଆରମ୍ଭ କରିଛି। ରାଜ୍ୟପାଳ କ୍ଲାଉଡିଓ କାଷ୍ଟ୍ରୋ ଏକ ଭିଡିଓ ବିବୃତ୍ତି ଜାରି କରି କହିଛନ୍ତି ଯେ, ଏକ ବଡ଼ ଧରଣର ପୁଲିସ ଅଭିଯାନରେ ୬୦ ଜଣ ଅଭିଯୁକ୍ତ ଅପରାଧୀଙ୍କୁ ନିପାତ କରାଯାଇଛି। ପୋଲିସ ୨୫୦ରୁ ଅଧିକ ଜଣଙ୍କୁ ଗିରଫ କରିଛି। ଅନ୍ୟ ଅଭିଯୁକ୍ତଙ୍କ ସନ୍ଧାନରେ ୱାରେଣ୍ଟ ଜାରି ହୋଇଛି। ୮୧ ଜଣଙ୍କୁ ଅଟକ ରଖାଯାଇଛି। ସେମାନଙ୍କ ନିକଟରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ସୂଚନାଯୋଗ୍ୟ, ଆସନ୍ତା ସପ୍ତାହରେ ରିଓ ଏକ ପ୍ରମୁଖ ଜଳବାୟୁ ସମ୍ମିଳନୀ ସି ୪୦ ବିଶ୍ୱ ମେୟର୍ସ ସମ୍ମିଳନୀ ଆୟୋଜନ କରିବ।

## ପ୍ରଧାନମନ୍ତ୍ରୀ ମୋଦୀ ଟ୍ରମ୍ପଙ୍କୁ ଭୟ କରନ୍ତି: ରାହୁଲ

**ନୂଆଦିଲ୍ଲୀ,୨୯।୧୦ :** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାର ଦକ୍ଷିଣ କୋରିଆରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି ପାଇଁ ମଧ୍ୟସ୍ଥତା କରିଥିବା ଦାବି କରିଛନ୍ତି। ଡୋନାଲ୍ଡ ଟ୍ରମ୍ପଙ୍କ ଏହି ଦାବିକୁ ନେଇ ବିହାରର ଦରଭଙ୍ଗାରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରି ଲୋକସଭାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଟ୍ରମ୍ପଙ୍କୁ ଭୟ କରନ୍ତି। ଟ୍ରମ୍ପ ବିଭିନ୍ନ ଦେଶରେ ଭିନ୍ନଭିନ୍ନ ଶୈଳୀରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଅପମାନିତ କରୁଛନ୍ତି। ମୋଦୀଙ୍କୁ ଭୟ ଦେଖାଇ ଟ୍ରମ୍ପ ଅପରେସନ ସିନ୍ଦୂର ବନ୍ଦ କରାଇଥିଲେ। ଟ୍ରମ୍ପ ଦାବି କରିଛନ୍ତି କି, ସାତଟି ବିମାନକୁ ଗୁଳି କରି ଖସାଇ ଦିଆଯାଇଛି। ଇତିମଧ୍ୟରେ ସେ ୫୦ ଥର ଦାବି କରି କହିସାରିଲେଣି ଯେ, ନରେନ୍ଦ୍ର ମୋଦୀଙ୍କୁ ଅପରେସନ ସିନ୍ଦୂର ବନ୍ଦ କରିବାକୁ ସେ ଭୟ ଦେଖାଇଥିଲେ। ଏ ପ୍ରସଙ୍ଗରେ ଏଯାବତ ମୋଦୀ ଗୋଟିଏ ବି ଶବ୍ଦ ପ୍ରକାଶ କରିନାହାନ୍ତି। କାରଣ ମୋଦୀଙ୍କ ପାଖରେ ଏପ୍ରସଙ୍ଗରେ କହିବାର ସାହସ ନାହିଁ। ମୁଁ ଦାବିକରି କହିବି ଏପରି ବ୍ୟକ୍ତି କେବେ ବିହାରରେ ବିକାଶ ଆଣିପାରିବେ ନାହିଁ।



୧୯୭୧ ଯୁଦ୍ଧ ସମୟରେ ଇନ୍ଦିରା ଗାନ୍ଧୀ ସ୍ପଷ୍ଟ ଭାବରେ ଆମେରିକା ରାଷ୍ଟ୍ରପତିଙ୍କୁ କହିଥିଲେ ଯେ, ଆମେ ଆପଣଙ୍କୁ ଭୟ କରୁନାହୁଁ। ପ୍ରଧାନମନ୍ତ୍ରୀମାନେ ଏହିପରି ହେବ ଉଚିତ। ଟ୍ରମ୍ପ ଥରେ କିମ୍ବା ଦୁଇଥର ନୁହେଁ ବରଂ ୫୦ ଥର ଅପରେସନ କହିସାରିଲେଣି ସେ ସିନ୍ଦୂରକୁ ବନ୍ଦ କରିଛନ୍ତି। ଏଥିସହିତ କ୍ରମାଗତ ଭାବେ ଆମର ସେନା ଏବଂ ଆମର ବାୟୁସେନାଙ୍କୁ ନିଚା ଦେଖାଇଲା ଭଳି ବୟାନ ଦେଉଛନ୍ତି। କିନ୍ତୁ ଆମର ପ୍ରଧାନମନ୍ତ୍ରୀଙ୍କ ପାଖରେ ଏହା କହିବାର ସାହସ ନାହିଁ ଯେ ଟ୍ରମ୍ପ ଯାହା କହୁଛନ୍ତି ତାହା ମିଛ।

## 'ନୀତିଶଙ୍କୁ ବିଜେପି ମୁଖ୍ୟମନ୍ତ୍ରୀ କରିବାକୁ ପ୍ରସ୍ତୁତ ନୁହେଁ'



**ପାଟନା,୨୯।୧୦:** ବିହାର ନିର୍ବାଚନ ମଧ୍ୟରେ ରାଜନେତାଙ୍କ ମଧ୍ୟରେ ରାଜନୈତିକ ବାକ୍ ଯୁଦ୍ଧ ତୀବ୍ର ହୋଇଛି। ରାଜନେତାମାନେ ପରସ୍ପର ଉପରେ ଆରୋପ ପରେ ପ୍ରତ୍ୟାରୋପ ଆଣୁଛନ୍ତି। ଏହି ସମୟରେ, ବିହାର ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ପ୍ରଭାରୀ ଏବଂ ବରିଷ୍ଠ ନେତା ଅଶୋକ ଗେହଲଟ୍ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ନୀତିଶ କୁମାର ଥରେ ପ୍ରଧାନମନ୍ତ୍ରୀ ପଦ ପାଇଁ ଦାବିଦାର ଥିଲେ, କିନ୍ତୁ ଏବେ ବିଜେପି ତାଙ୍କୁ ମୁଖ୍ୟମନ୍ତ୍ରୀ ଭାବରେ ଘୋଷଣା କରିବାକୁ ମଧ୍ୟ ପ୍ରସ୍ତୁତ ନୁହେଁ।

ଅଶୋକ ଗେହଲଟ୍ ଆହୁରି କହିଛନ୍ତି ଯେ, ନୀତିଶ କୁମାର ଏପରି ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି ଯେଉଁଠାରେ ସରକାର ଗଠନ ହେଲେ ମଧ୍ୟ ସେ ମୁଖ୍ୟମନ୍ତ୍ରୀ ରହିବେ କି ନାହିଁ ତାହା ଅନିଶ୍ଚିତ। ସେ କହିଛନ୍ତି ଯେ ନୀତିଶ କୁମାର ବିଭିନ୍ନ ଦଳ ସହିତ ମେଣ୍ଟ କରି ତାଙ୍କ ପ୍ରତିଛବିକୁ ଖରାପ କରିଛନ୍ତି। ଏହି ସମୟରେ, ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ଗେହଲଟ୍ ବିହାରରେ ମହାଗଠବନ୍ଧନକୁ ନେଇ ବଡ଼ ବିଜୟ ଦାବି କରିଛନ୍ତି। ସେ କହିଛନ୍ତି ଯେ, ବିହାରରେ ପରିବର୍ତ୍ତନ କେବଳ ମହାଗଠବନ୍ଧନ ପାଇଁ ନୁହେଁ, ବରଂ ଦେଶ ପାଇଁ ଜରୁରୀ। ଏହା କେବଳ ବିହାର ପାଇଁ ନିର୍ବାଚନ ନୁହେଁ, ବରଂ ସମଗ୍ର ଦେଶକୁ ଏକ ବାର୍ତ୍ତା ପଠାଉଛି।

ସେ କହିଛନ୍ତି, ମହାଗଠବନ୍ଧନରେ ଏକତା ଅଛି ଏବଂ ଆମେ ସରକାର ପରିବର୍ତ୍ତନ କରିବାକୁ ଆଶା କରୁଛୁ। ରାହୁଲ ଗାନ୍ଧୀଙ୍କ ଗସ୍ତ ପରେ ବିହାରର ପରିବେଶ ସମ୍ପୂର୍ଣ୍ଣ ପରିବର୍ତ୍ତନ ହୋଇଛି। ଗେହଲଟ୍ କହିଛନ୍ତି ଯେ, ସମଗ୍ର ଦେଶ ଜାଣିବାକୁ ଚାହୁଁଛି ଯେ, ହରିୟାଣା, ଦିଲ୍ଲୀ ଏବଂ ମହାରାଷ୍ଟ୍ରରେ ବିଜେପି କିପରି ଜିତିଲା।

### ● ରୁଷିଆରୁ ଆଣି ଇରାନକୁ ବିକିଥିଲା ନ୍ୟୁକ୍ଲିୟର ଡିଜାଇନ୍

## ଆଇଏସ୍ଆଇ ସହ ଲିଙ୍କ୍ ଥିବା ଆଦିଲ ଦିଲ୍ଲୀରୁ ଗିରଫ

**ନୂଆଦିଲ୍ଲୀ, ୨୯।୧୦:** ଦିଲ୍ଲୀ ପୁଲିସର ସ୍ପେଶାଲ ସେଲ୍ ଏକ ଅନ୍ତର୍ଜାତୀୟ ଗୁପ୍ତଚର ରାକେଟର ପର୍ଦ୍ଦାଫାସ କରିଛି, ଯାହା ଏକ ପରମାଣୁ ପ୍ରଯୁକ୍ତିବିଦ୍ୟା ଚୋରା ଚାଲାଣ ରାକେଟର ପର୍ଦ୍ଦାଫାସ କରିଛି। ପୁଲିସ ତଦନ୍ତରୁ ଜଣାପଡିଛି ଯେ ଆଦିଲ ଜଣେ ରୁଷିଆନ ବୈଜ୍ଞାନିକଙ୍କଠାରୁ ପରମାଣୁ ସମ୍ବନ୍ଧୀୟ ଡିଜାଇନ୍ ପାଇଥିଲା ଏବଂ ସେଗୁଡ଼ିକୁ ଜଣେ ଇରାନୀ ବୈଜ୍ଞାନିକଙ୍କୁ ବିକ୍ରି କରିଥିଲା। ଗୁଇନ୍ଦା ବିଭାଗର ଖୁଲାସା ପରେ ପୁଲିସ ଏବଂ ଗୁଇନ୍ଦା ସଂସ୍ଥାଗୁଡ଼ିକ ବିବରଣୀ ଯାଞ୍ଚ କରିବା ପାଇଁ ସମ୍ପୃକ୍ତ ବ୍ୟକ୍ତିଙ୍କ ସହ ଯୋଗାଯୋଗରେ ଅଛନ୍ତି।

ଗୁଇନ୍ଦା ବିଭାଗର ସୂଚନା ଅନୁଯାୟୀ, ଦିଲ୍ଲୀର ସୀମାପୁରୀ ଅଞ୍ଚଳରେ ଗିରଫ ହୋଇଥିବା ମହମ୍ମଦ ଆଦିଲ ହୁସେନି, ଓରଫ ସୟଦ ଆଦିଲ ହୁସେନି, ଓରଫ ନସିମୁଦ୍ଦିନ, ଓରଫ ସୟଦ ଆଦିଲ ହୁସେନି ଜେରା ସମୟରେ ପ୍ରକାଶ କରିଛି ଯେ, ସେ ଜଣେ ରୁଷୀୟ ବୈଜ୍ଞାନିକଙ୍କଠାରୁ ସମ୍ବେଦନଶୀଳ ପରମାଣୁ ସମ୍ବନ୍ଧୀୟ ଡିଜାଇନ୍ ପାଇଥିଲା ଏବଂ ପରେ ସେଗୁଡ଼ିକୁ ଅଧିକ ମୂଲ୍ୟରେ ଜଣେ ଇରାନୀ ବୈଜ୍ଞାନିକଙ୍କୁ ବିକ୍ରି କରିଥିଲା। ଏହି ସୂଚନା ପାଇବା ପରେ ଅଧିକ ତଦନ୍ତ ପାଇଁ ଗୁଇନ୍ଦା ସଂସ୍ଥାଗୁଡ଼ିକ ରୁଷୀୟ ଏବଂ ଇରାନୀ ପକ୍ଷ ସହିତ ଯୋଗାଯୋଗରେ ଅଛନ୍ତି। ସୂଚନା ଅନୁସାରେ ଆଦିଲ ଏବଂ ତାଙ୍କ ଭାଇ ଅଖତର ହୁସେନି ଅହମ୍ମଦ ଭାବା ଆଣବିକ ଗବେଷଣା କେନ୍ଦ୍ରର ଅଧିକାରୀଙ୍କ ସହ ଯୋଗାଯୋଗ ସ୍ଥାପନ କରିବାକୁ ଚେଷ୍ଟା କରୁଥିଲେ। ଏହି ସମୟରେ ସମଗ୍ର ଗୁପ୍ତଚର ମଡ୍ୟୁଲର ପର୍ଦ୍ଦାଫାସ ହୋଇଥିଲା।

ପଚରାଉଚରା ସମୟରେ ଆଦିଲ ହୁସେନି ପ୍ରକାଶ କରିଛି ଯେ, ସେ ଏହି ଡିଲ୍‌ରୁ ବହୁତ ଟଙ୍କା ପାଇଛନ୍ତି । ସେ ଏହି ଟଙ୍କାରୁ କିଛି ଅଂଶ ଦୁବାଇରେ ଥିବା ପ୍ରପର୍ଟିରେ ବିନିଯୋଗ କରିଥିଲେ। ଏହି ସୂଚନା ଅଣ୍ଡରୱାର୍ଲ୍ଡ ଏବଂ ଗୁପ୍ତଚର ନେଟୱାର୍କ ସହିତ ଆଦିଲର ସମ୍ପୃକ୍ତି ସନ୍ଦେହକୁ ଆହୁରି ସୁଦୃଢ଼ କରିଛି। ତଦନ୍ତ ଏଜେନ୍ସିଗୁଡ଼ିକ ଏବେ ଦୁବାଇରେ ତାଙ୍କ ନିବେଶ ଉପରେ ଅଧିକ ଯାଞ୍ଚ କରୁଛି। ପଚରାଉଚରା ସମୟରେ, ଆଦିଲ ସ୍ୱୀକାର କରିଛି ଯେ, ଉଭୟ ଭାଇ ପାକିସ୍ତାନର ଗୁପ୍ତଚର ଏଜେନ୍ସି, ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍ସ ର ଏଜେଣ୍ଟଙ୍କ ସହ ଜଡିତ ଅଛନ୍ତି।

### ପୁଣି ଜମ୍ମୁ-କାଶ୍ମୀର ହେଲା 'ଓଆଇସି'ର ପ୍ରସଙ୍ଗ

# ଭାରତ ସମର୍ଥନରେ ଆସିଲା ବ୍ରିଟେନ




**ନୂଆଦିଲ୍ଲୀ ୨୯।୧୦:** ଇସ୍ଲାମିକ୍ ଦେଶଙ୍କ ସଙ୍ଗଠନ ଓଆଇସି ପୁଣି ଥରେ ଭାରତ ବିରୋଧରେ ବୟାନବାଜୀ କରି କାଶ୍ମୀର ପ୍ରସଙ୍ଗ ଉଠାଇଛି। ପାକିସ୍ତାନ ଚାପରେ ଜାରି ଏହି ବୟାନରେ ଓଆଇସି ଭାରତ ବିରୋଧରେ ଜମ୍ମୁ-କାଶ୍ମୀରକୁ ଅବୈଧ ଅକ୍ତିଆରର ଅଭିଯୋଗ ଆଣିଛି। ଏହା ଛଡା ଓଆଇସି କାଶ୍ମୀରବାସୀଙ୍କ କଥିତ ଆତ୍ମ ନିର୍ଣ୍ଣୟ ଅଧିକାରର ସମର୍ଥନ ଦୋହରାଇଛି। ଏ ନେଇ ଓଆଇସି ଜେନେରାଲ ସେକ୍ରେଟାରିଏଟ ପକ୍ଷରୁ ଏକ ଲିଖିତ ବୟାନ ଜାରି ହୋଇଥିବା ବେଳେ ଜମ୍ମୁ-କାଶ୍ମୀର ଲୋକଙ୍କ ବୈଧ ଆକାଂକ୍ଷା ଓ ଆତ୍ମ ନିର୍ଣ୍ଣୟ ଅଧିକାର ସହିତ ଓଆଇସି ଛିଡା ହୋଇଥିବା କହିଛି।

ସେପଟେ ବ୍ରିଟେନ ସଂସଦରେ ଭାରତ ସମର୍ଥନରେ ଏକ ନୂଆ ପ୍ରସ୍ତାବ ଉପସ୍ଥାପନ କରାଯାଇଛି। ବ୍ରିଟିଶ କଞ୍ଜରଭେଟିଭ ପାର୍ଟି ସାଂସଦ ବବ୍ ବ୍ଲାକମ୍ୟାନ୍ ବ୍ରିଟେନ ସଂସଦରେ 'ୟର୍ଲିଡେ ମୋସନ' ଉପସ୍ଥାପନ କରିଛନ୍ତି। ଏଥିରେ ଜମ୍ମୁ-କାଶ୍ମୀର ଉପରେ ଭାରତର ସାର୍ବଭୌମତ୍ୱ ଓ କ୍ଷେତ୍ରିୟ ଅଖଣ୍ଡତାକୁ ଦୋହରା ଯାଇଛି। ଏହି ପ୍ରସ୍ତାବ ନା କେବଳ ଭାରତର ଐତିହାସିକ ଓ ସାମ୍ବିଧାନିକ ସ୍ଥିତିକୁ ମାନ୍ୟତା ଦେଉଛି ବରଂ ପାକିସ୍ତାନ ପକ୍ଷରୁ ଲଗାତାର କରାଯାଉଥିବା ଅପପ୍ରଚାର ମଧ୍ୟରେ ଏକ ଦୃଢ଼ କୁଟନୈତିକ ସଂକେତ ମନେ କରାଯାଉଛି।

ଏହି ପ୍ରସ୍ତାବରେ କୁହାଯାଇଛି ଯେ, ୨୬ ଅକ୍ଟୋବର ୧୯୪୭ରେ କାଶ୍ମୀରର ତତ୍କାଳୀନ ମହାରାଜା ହରି ସିଂହ ଜମ୍ମୁ-କାଶ୍ମୀରର ଭାରତରେ ବିଲୟ ପତ୍ରରେ ସ୍ୱାକ୍ଷର କରିଥିଲେ। ଏହା ପରେ ଭାରତର ତତ୍କାଳୀନ ଗଭର୍ଣ୍ଣର ଜେନେରାଲ ଲର୍ଡ ମାଉଣ୍ଟ ବେଟେନ ୨୭ ଅକ୍ଟୋବର ୧୯୪୭ରେ ଏହାକୁ ସ୍ୱୀକାର କରିଥିଲେ ଓ ଏହିପରି ଜମ୍ମୁ-କାଶ୍ମୀର ଔପଚାରିକ ରୂପେ ଭାରତର ଅଂଶ ହୋଇଯାଇଥିଲା। ଏହି ଦିନଟି ସେହି ଐତିହାସିକ କ୍ଷଣକୁ ମନେ ପକାଇ ଦେଉଛି ଯେତେବେଳେ ଜମ୍ମୁ-କାଶ୍ମୀର ଭାରତ ସହିତ ଏକତା ଓ ଅଖଣ୍ଡତାର ରାସ୍ତାକୁ ବାଛିଥିଲା। ଏହି ପ୍ରସ୍ତାବ ୧୯୪୭ର ସେହି କାଳକୁ ମଧ ମନେ ପକାଇ ଦେଉଛି ଯେତେବେଳେ ପାକିସ୍ତାନ ଜମ୍ମୁ-କାଶ୍ମୀର ଉପରେ ଆକ୍ରମଣ କରିଥିଲା। ସେତେବେଳେ ରାଜ୍ୟକୁ ରକ୍ଷା କରିବା ପାଇଁ ମହାରାଜା ଭାରତକୁ ନିବେଦନ କରିଥିଲେ ଓ ସହାୟତା ମାଗିଥିଲେ।

# ଉପକୂଳ ଜଳପଥ ସଂଯୋଗକୁ ସୁଦୃଢ଼ କରିବା ପାଇଁ ଓଡ଼ିଶାର ସକ୍ରିୟ ପଦକ୍ଷେପ




**ମୁମ୍ବାଇ,୨୯।୧୦ :** ଆୟୋଜିତ ସାମୁଦ୍ରିକ ସପ୍ତାହ ୨୦୨୫ ରେ ଓଡ଼ିଶା ସରକାର ସ୍ଥାୟୀ ଏବଂ ସମନ୍ୱିତ ପରିବହନ ବିକାଶ ପାଇଁ ନିଜର ଦୂରଦୃଷ୍ଟିସମ୍ପନ୍ନ ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ। "ନେଭିଗେଟିଙ୍ଗ ଗ୍ରୋଥ: ଇନଲାଣ୍ଡ ୱାଟରୱେଜ୍ ଇନ୍ ଦ ଫ୍ରଣ୍ଟ ଅଫ୍ ଫ୍ୟୁଚର ଟ୍ରାନ୍ସପୋର୍ଟ ଆଣ୍ଡ ଲଜିଷ୍ଟିକ୍ସ' ଉପରେ ଏକ ଉଚ୍ଚସ୍ତରୀୟ ପ୍ୟାନେଲ ଆଲୋଚନାରେ ଅଂଶଗ୍ରହଣ କରି ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଆଭ୍ୟନ୍ତରୀଣ ଏବଂ ଉପକୂଳ ଜଳପଥ ସଂଯୋଗକୁ ସୁଦୃଢ଼ କରିବା ପାଇଁ ଓଡ଼ିଶାର ସକ୍ରିୟ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ଏହି ଅଧିବେଶନରେ ଭାରତର ଆଭ୍ୟନ୍ତରୀଣ ଜଳପଥକୁ ଏକ ସ୍ୱଳ୍ପ ବ୍ୟୟବହୁଳ, ଦକ୍ଷ ଏବଂ ପରିବେଶ ପ୍ରତି ଉତ୍ତରଦାୟୀ ମାଲ ପରିବହନର ମାଧ୍ୟମ ଭାବେ ପୁନରୁଦ୍ଧାର ଏବଂ ଆଧୁନିକୀକରଣ ଉପରେ ବିଚାରବିମର୍ଶ କରାଯାଇଥିଲା। ଏହି ଆଲୋଚନାରେ ଉପକୂଳ-ଆଭ୍ୟନ୍ତରୀଣ ସଂଯୋଗ, ବହୁମୁଖୀ ସମନ୍ୱୟ, ଦୂରଗାମୀ ମାଲ ପରିବହନ ଏବଂ ବ୍ୟୟ ପ୍ରତିଦ୍ୱନ୍ଦ୍ୱିତା, ଆଭ୍ୟନ୍ତରୀଣ ଜଳ ପରିବହନକୁ ଭବିଷ୍ୟତର ଲଜିଷ୍ଟିକ୍ସ ଇକୋସିଷ୍ଟମର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଭାବେ ସ୍ଥାନିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଶ୍ରୀମତି ପାଢ଼ୀ ନୀଳ ସାମୁଦ୍ରିକ ଭିତ୍ତିଭୂମିର ବିକାଶ ଏବଂ ବନ୍ଦର, ନଦୀ ଏବଂ ଶିଳ୍ପ ସମୂହକୁ ସଂଯୋଗ କରୁଥିବା ବହୁମୁଖୀ ଲଜିଷ୍ଟିକ୍ସ ହବ୍ ପ୍ରତିଷ୍ଠା ପାଇଁ ଓଡ଼ିଶାର ରଣନୈତିକ ରୋଡମ୍ୟାପକୁ ରେଖାଙ୍କିତ କରିଥିଲେ। ଗତିଶୀଳ ଅର୍ଥବ୍ୟବସ୍ଥା ଏବଂ ନିରନ୍ତର ବିକାଶ ଲକ୍ଷ୍ୟ (ଏସଡିଜି) ର ନୀତି ସହିତ ଯୋଡ଼ି ହୋଇ ସରକାରୀ-ଘରୋଇ ଭାଗିଦାରୀ, ସ୍ମାର୍ଟ ଲଜିଷ୍ଟିକ୍ସ ସମାଧାନ ଏବଂ ସବୁଜ ପରିବହନ ପଦକ୍ଷେପ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପ୍ୟାନେଲରେ ସୁନୀଲ କୁମାର ସିଂହ, ଆଇସି ଆଡବ୍ଲୁଏଆଇର ଅଧ୍ୟକ୍ଷ ହ୍ୟାରି ଡି ଲେଇଜର, ଜେ. ଏସ୍. ଡବ୍ଲ୍ୟୁ. ଷ୍ଟିଲ୍ ଲିମିଟେଡର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ପ୍ରଣବ ଝା, ଜେ. ଏସ୍. ଡବ୍ଲ୍ୟୁ. ଷ୍ଟିଲ୍ ଲିମିଟେଡ୍ ଅଲଟ୍ରାଟେକ୍ ପୋର୍ଟସ୍ ଆଣ୍ଡ ସିପିଂର ଏଭିପି ପ୍ରିୟରଞ୍ଜନ ବେହେରା, ଷ୍ଟାର ସିମେଣ୍ଟର ସିଓ ଓ ପ୍ରଦୀପ ପୁରୋହିତ, ରେନସ୍ ଲଜିଷ୍ଟିକ୍ସ ଭାରତର ଆଞ୍ଚଳିକ ସିଇଓ. ବିବେକ ଆର୍ଯ୍ୟ ଏବଂ ଆସାମ ପେଟ୍ରୋକେମିକାଲ୍ସ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ରଜନୀଶ ଗୋଗୋଇ ଉପସ୍ଥିତ ଥିଲେ।

### ରେଭେନ୍ସା ବିଶ୍ୱବିଦ୍ୟାଳୟ ଖାଦ୍ୟ ବିଷାକ୍ତକରଣ ଘଟଣା

# ୧୦୮ ଆମ୍ବୁଲାନ୍ସର କ୍ଷିପ୍ର ଜରୁରୀକାଳୀନ ସେବାକୁ ପ୍ରଶଂସା

**ଭୁବନେଶ୍ୱର,୨୯।୧୦(ସଂଚାର ବ୍ୟୁରୋ):** ଆଜି କଟକର ରେଭେନ୍ସା ବିଶ୍ୱବିଦ୍ୟାଳୟର ଏକ ହଷ୍ଟେଲରୁ ରିପୋର୍ଟ ହୋଇଥିବା ଏକ ଖାଦ୍ୟ ବିଷାକ୍ତକରଣ ଘଟଣାରେ କ୍ଷିପ୍ର ଏବଂ ସମନ୍ୱିତ ପ୍ରତିକ୍ରିୟାରେ ୧୦୮ ଜରୁରୀକାଳୀନ ଚିକିତ୍ସା ଆମ୍ବୁଲାନ୍ସର ସେବା କଟକବାସୀଙ୍କ ପ୍ରଶଂସା ସାଉଁଟିଥିଲା। ଆଜି ସକାଳ ୯:୧୧ ସମୟରେ ସନ୍ଦେହଜନକ ଭାବରେ ଖାଦ୍ୟ ବିଷାକ୍ତକରଣ ଦ୍ୱାରା ବିଶ୍ୱବିଦ୍ୟାଳୟର ପ୍ରଭାବିତ ଅନେକ ଛାତ୍ରଙ୍କ ସମ୍ପର୍କରେ ଏକ ସଙ୍କଟଜନକ କଲ୍ ପାଇବା ପରେ ୧୦୮ ଜରୁରୀକାଳୀନ ପ୍ରତିକ୍ରିୟା କେନ୍ଦ୍ର ତୁରନ୍ତ ତିନୋଟି ଆମ୍ବୁଲାନ୍ସକୁ ଘଟଣାସ୍ଥଳକୁ ପଠାଇଥିଲା। କଲରଙ୍କ ସୂଚନା ଅନୁଯାୟୀ, ପ୍ରାୟ ୧୦ରୁ ୧୫ ଜଣ ଛାତ୍ର ଅସ୍ତବ୍ୟସ୍ତ ଏବଂ ବାନ୍ତି ଲକ୍ଷଣ



ଅଭିଯୋଗ କରିଥିଲେ। ତେବେ ପ୍ରଥମେ ୧୦୮ ଆମ୍ବୁଲାନ୍ସ ତୁରନ୍ତ ହଷ୍ଟେଲରୁ ୧୦ ଜଣ ରୋଗୀଙ୍କୁ ନେଇ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲରେ ସଫଳତାର ସହ ଭର୍ତ୍ତି କରିଥିଲା ଓ ପରେ ଅନ୍ୟ ସମସ୍ତଙ୍କୁ ମଧ୍ୟ ସମାନ ସେବା ଦେଇଥିଲା ଯେଉଥିପାଇଁ ସ୍ଥାନୀୟ ବାସିନ୍ଦା ଓ ଛାତ୍ର ଛାତ୍ରୀ ୧୦୮ ଆମ୍ବୁଲାନ୍ସର ଏପରି କ୍ଷିପ୍ର ଏବଂ ସମନ୍ୱିତ ଜରୁରୀକାଳୀନ ସେବାକୁ ବହୁତ ପ୍ରଶଂସା କରିଥିଲେ।

## ସ୍ୱାସ୍ଥ୍ୟ ଅଧିକାରୀଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀ

**ଭୁବନେଶ୍ୱର,୨୯।୧୦(ସଂଚାର ବ୍ୟୁରୋ):** ଆଇଏମଏ ହାଉସ -ସୁପ୍ରିମକୋର୍ଟଙ୍କ ୨୦୧୬ ମସିହାର ସିଏ ୮୪୦୨ ଏବଂ ୨୦୨୪ ମସିହାର ଏମଏ ୩୦୪୦୮ ରେ ପାସ ହୋଇଥିବା ନିର୍ଦ୍ଦେଶ ଅନୁଯାୟୀ, ଓଡ଼ିଶା ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ସମସ୍ତ ଅଂଶୀଦାରଙ୍କ ପ୍ରତିନିଧିମାନଙ୍କୁ ନେଇ ଏକ ରାଜ୍ୟସ୍ତରୀୟ ଆଞ୍ଚଳିକ ସମ୍ମିଳନୀ ଆୟୋଜନ କରିଛି, ଯଥା, ଶିକ୍ଷାଦାନ/ଅଣଶିକ୍ଷକ ହସ୍ପିଟାଲ, ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶାଳୟ, ରାଜ୍ୟ ମେଡିକାଲ ପରିଷଦ, କର୍ପୋରେଟ୍ ପରିଚାଳିତ ହସ୍ପିଟାଲର ପ୍ରତିନିଧି ଏବଂ ଆଇସିୟୁ/ସିସିୟୁ/ଟ୍ରାମା ସେଣ୍ଟର ଏବଂ ଜରୁରୀକାଳୀନ ଚିକିତ୍ସା ସେବା ଇତ୍ୟାଦି ପରିଚାଳନାରେ ବ୍ୟାପକ ଅଭିଜ୍ଞତା ଥିବା ବିଶେଷଜ୍ଞ, ଯେପରି ରାଜ୍ୟ ସରକାର/କେନ୍ଦ୍ରଶାସିତ ପ୍ରଦେଶ ଇଚ୍ଛାକୃତ ମନେ କରିଛନ୍ତି।

## ବିଦ୍ୟୁତ ସଂସ୍ପର୍ଶରେ ଆସି ଯୁବକ ମୃତ

**ଭଦ୍ରକ,୨୯ ।୧୦ (ସଂଚାର ବ୍ୟୁରୋ):** ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ହରସିଂହପୁର ଗ୍ରାମର ଜଣେ ଯୁବକଙ୍କର ବୁଧବାର ଅପରାହ୍ନ ୪ଟା ବେଳେ ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଛି। ମୃତ ଯୁବକଙ୍କ ନାଁ ଗଣେଶ ରାମ ଦାସ (୩୦)ବୋଲି ଜଣାଯାଇଛି। ଗଣେଶ ପୀରହାଟ ବଜାରରେ ଥିବା ତାଙ୍କ ଦୋକାନରେ ବିଦ୍ୟୁତ ତାର ସଜାଡୁ ଥିବାବେଳେ ବିଦ୍ୟୁତ ଆଘାତ ପାଇ ଗୁରୁତର ହୋଇଥିଲେ। ପରେ ତାଙ୍କୁ ଚିକିତ୍ସା ନିମନ୍ତେ ତିହିଡ଼ି ଡାକ୍ତରଖାନାକୁ ନିଆଯାଇଥିଲା। ପରେ ତାଙ୍କୁ ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଯୁବକଙ୍କ ମୃତଦେହକୁ ଜବତ କରିଥିବା ଜଣାଯାଇଛି।

## ୨୧ ଚୋରା ମୋବାଇଲ ଜବତ, ଜଣେ ଗିରଫ

**ସମ୍ବଲପୁର, ୨୯ ।୧୦ (ସଂଚାର ବ୍ୟୁରୋ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅଧୀନରେ ଘଟିଥିବା ଦୁଇଟି ମୋବାଇଲ ଦୋକାନରୁ ଚୋରି ଘଟଣାରେ ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ରେଢ଼ାଖୋଲ ସହରର ରାମୁ ବନ୍ଦ୍ରା ନାମକ ଅଭିଯୁକ୍ତକୁ ପୋଲିସ ଗିରଫ କରି ତା ନିକଟରୁ ଓପ୍ପୋ, ଭିଭୋ, ରିଏଲମି, ମୋଟୋ, ପୋକୋ ଏବଂ ସାମସଙ୍ଗ ଭଳି କମ୍ପାନୀର ମୋଟ ୨୧ଟି ଚୋରା ମୋବାଇଲ, ୪ଟି ଚାର୍ଜର ଓ ଗୋଟିଏ ବ୍ଲୁ-ବ୍ଲାକ୍ ବ୍ୟାଗ୍ ଜବତ କରିଛି। ଏହି ଚୋରି ଘଟଣା ଗତ ଏପ୍ରିଲ ୩୦ ତାରିଖ ବିଳମ୍ବିତ ରାତ୍ରିରେ ଘଟିଥିଲା। ଏଥିରେ ମେଡିକାଲ ଛକ ନିକଟରେ ଥିବା ମୋବାଇଲ ଦୋକାନର ଛାତ ଭାଙ୍ଗି କିଛି ଦୁର୍ବୃତ୍ତ ପୁରୁଣା ମୋବାଇଲ ଓ ଡେସ୍କଟପ୍ ଓ କଂପ୍ୟୁଟର ଚୋରି କରି ନେଇଥିଲେ। ସେହିପରି ଗତ ସେପ୍ଟେମ୍ବର ୭ ତାରିଖ ବିଳମ୍ବିତ ରାତିରେ ରେଢ଼ାଖୋଲ ବସ୍‌ଷ୍ଟାଣ୍ଡ ସ୍ଥିତ ଏକ ମୋବାଇଲ ଦୋକାନର ସ୍କାଏ ଲାଇଟ୍ ଭାଙ୍ଗି ଦୁର୍ବୃତ୍ତ ଦୋକାନ ଭିତରେ ପ୍ରବେଶ କରି ୩୦ଟି ନାମୀଦାମି କମ୍ପାନୀର ମୋବାଇଲ ଚୋରିକରି ନେଇଯାଇଥିଲେ। ସମସ୍ତ ଚୋରି ସାମଗ୍ରୀର ମୂଲ୍ୟ ପ୍ରାୟ ଦୁଇଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ହୋଇଥିବା ଅଭିଯୋଗ ହୋଇଥିଲା।

## ଅବକାରି ଚଢ଼ଉ, ୬ ଅଭିଯୁକ୍ତ ଗିରଫ

**ଜୟପୁର, ୨୯ ।୧୦ (ସଂଚାର ବ୍ୟୁରୋ):** ଦେଶୀ ମଦ ଚାଲାଣ ଓ ପ୍ରସ୍ତୁତିର ସୂଚନା ପାଇ ଆଜି ୫ଟି ସ୍ଥାନରେ ଅବକାରି ଚଢଉ ହୋଇଛି। ଜୟପୁର ଅବକାରି ନିରୀକ୍ଷକ ଓ ଡିଏଫଏସ ଅବକାରି ଟିମ ମିଳିତ ଭାବେ ଚଢାଉ କରିଥିଲେ। ଏହି ମିଳିତ ଟିମ ମୁଳାସର, ନିଳାଗୁଡା, ପାତ୍ରପୁଟ, ଗଡ଼ପଦର, ଡାଙ୍ଗରାରେ ଚଢଉ କରିଛି। ଚଢଉ କରି ୬ଟି ମାମଲା ରୁଜୁ କରି ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ଚଢଉ କରି ୨ଟି ବାଇକ, ୨୪୫ ଲିଟର ଦେଶୀ ମଦ ଓ ୨ ହଜାର ଲିଟର ପୋଚ ଜବତ କରିଛି। ଗିରଫ ଅଭିଯୁକ୍ତମାନଙ୍କୁ ସନ୍ଧ୍ୟା ୫ଟାରେ କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ଅବକାରି ନିରୀକ୍ଷକ ଶଶିକାନ୍ତ ଦତ୍ତ ସୂଚନା ଦେଇଛନ୍ତି। ସେହିପରି ଜୟପୁର ସଦର ଥାନା ଅନ୍ତର୍ଗତ ପୋଡୁଗୁଡାରେ ଅବକାରି ଚଢଉ ହୋଇଛି। ଦେଶୀ ମଦ ଚାଲାଣ ସୂଚନା ପାଇ ଜୟପୁର ଅବକାରି ଥାନା ଚଢଉ କରିଛି। ଚଢଉ କରି ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲା ପୋଡୁଗୁଡାର ତ୍ରିନାଥ ହରିଜନ (୫୦)। ପୋଡୁଗୁଡା ଗ୍ରାମ ରାସ୍ତାରେ ଚଢଉ କରି ୧୫ ଲିଟର ଦେଶୀ ମଦ ଜବତ କରିଛି। ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଓଆଇସି ସୁବ୍ରତ କେଶୋରି ହିରଣ ସୁଚନା ଦେଇଛନ୍ତି।

## ଉଦଘାଟନର ପାଞ୍ଚ ବର୍ଷ ପରେ ବି ହସ୍ତାନ୍ତର ହେଉନି ହଷ୍ଟେଲ

**ଭଦ୍ରକ, ୨୯ ।୧୦ (ସଂଚାର ବ୍ୟୁରୋ):** ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ଭଣ୍ଡାରିପୋଖରୀ ମାଧ୍ୟମିକ ବିଦ୍ୟାଳୟରେ ନିର୍ମାଣ କରାଯାଇଥିବା ହଷ୍ଟେଲଟି କଲେଜ କର୍ତ୍ତୃ ପକ୍ଷଙ୍କୁ ହସ୍ତାନ୍ତର ହୋଇନାହିଁ। ଏହା ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ ସାମଲଙ୍କ ଦ୍ୱାରା ୨୦୧୯ ମସିହା ମାର୍ଚ୍ଚ ମାସରେ ଉଦଘାଟିତ ହୋଇ ସାରିଛି। ୧୦୦ ଶଯ୍ୟା ବିଶିଷ୍ଟ ଏହି ବାଳିକା ହଷ୍ଟେଲର ପାଚେରି ସମେତ ସମସ୍ତ ଭିତିଭୂମି ରହିଥିଲା ବେଳେ ହଷ୍ଟେଲ ଭିତରେ ବେଡ୍ ନାହିଁ। ଏହାର କାର୍ଯ୍ୟକ୍ଷମ ପ୍ରତି ବ୍ଲକ ପ୍ରଶାସନ ଏପରିକି ଜିଲ୍ଲା ପ୍ରଶାସନ ଧ୍ୟାନ ନ ଦେବା ପରିତାପର ବିଷୟ ପାଲଟିଛି।

## ସୂର୍ଯ୍ୟଘର ବେନିଫିସିଆରି ଟଚ୍ ପଏଣ୍ଟ ଉଦ୍‌ଘାଟିତ

**ଭୁବନ, ୨୯ ।୧୦ (ସଂଚାର ବ୍ୟୁରୋ):** ଭୁବନ ଏନ୍ ଏ ସି ଅନ୍ତର୍ଗତ ଲତାବିଲ ଥରେ 'ସାସା ଇଞ୍ଜିନିୟରିଂ ଏଣ୍ଡ ଏନର୍ଜି ' ଦ୍ୱାରା ପି.ଏମ. ସୂର୍ଯ୍ୟ ଘର ମୁଫ୍‌ତ ବିଜୁଳି ଯୋଜନା' ଅଧୀନରେ ଏକ ବେନିଫିସିଆରି ଟଚ ପଏଣ୍ଟ ଉଦଘାଟିତ ହୋଇଛି। ଏହି ଅବସରରେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଯୋଗଦେଇ ସରକାରଙ୍କ ଲକ୍ଷ୍ୟ ହେଉଛି ସଫା ଉର୍ଜାକୁ ପ୍ରୋତ୍ସାହନ ଦେଇ ପ୍ରତ୍ୟେକ ଘରକୁ ସୂର୍ଯ୍ୟ ଶକ୍ତି ମାଧ୍ୟମରେ ବିଜୁଳି ପହଞ୍ଚାଇବା ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବ୍ୟକ୍ତି, ଉର୍ଜା ବିଭାଗ ସମ୍ବନ୍ଧୀୟ ପ୍ରତିନିଧି ଓ ଜନସାଧାରଣ ଉପସ୍ଥିତ ଥିଲେ। ସାସା ଇଞ୍ଜିନିୟରିଂ ଏଣ୍ଡ ଏନର୍ଜିର ପ୍ରୋପ୍ରାଇଟର ଏବଂ ମ୍ୟାନେଜିଂ ଡାଇରେକ୍ଟର ସନ୍ଦୀପ କୁମାର ଦାଶ ଅତିଥିମାନଙ୍କୁ ଧନ୍ୟବାଦ ଜଣାଇ ସରକାରଙ୍କ ଗ୍ରୀନ୍ ଏନର୍ଜି ଉଦ୍ୟମରେ ନିଜ ନିଷ୍ଠା ପୁନରୁଚ୍ଚାର କରିଥିଲେ। ସଂସ୍ଥା ପକ୍ଷରୁ ସୂର୍ଯ୍ୟ ଶକ୍ତି ସଂସ୍ଥାପନ ଓ ରକ୍ଷାପୋଷଣରେ ସମଗ୍ର ସେବା ପ୍ରଦାନ କରି ଗ୍ରାମ ଓ ସହର ଅଞ୍ଚଳରେ ଶସ୍ତା ଉର୍ଜା ଯୋଗାଣକୁ ନିଶ୍ଚିତ କରିବା ଲକ୍ଷ୍ୟ ରହିଛି।

## ବଲାଙ୍ଗିର ହେବ ହରଡ ବିହନ ଉତ୍ପାଦନର ଅଗ୍ରଣୀ ଜିଲ୍ଲା

**ବଲାଙ୍ଗିର, ୨୯ ।୧୦ (ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲାରେ ଓଡ଼ିଶା ସରକାରଙ୍କ କୃଷି ବିଭାଗ ଓ ଅନ୍ତର୍ଜାତୀୟ ଶୁଷ୍କାଞ୍ଚଳ କୃଷି ଗବେଷଣା କେନ୍ଦ୍ରଙ୍କ ମିଳିତ ଆନୁକୂଲ୍ୟରେ ବିଲୁପ୍ତ ପ୍ରାୟ ଫସଲ ସମୂହର ପୁନରୁଦ୍ଧାର ନିମନ୍ତେ ଦୀର୍ଘସ୍ଥାୟୀ ସଘନ କୃଷି ଯୋଜନା ମାଧ୍ୟମରେ ୧୦୦୦ ହେକ୍ଟରରେ ଅଧିକ ଅମଳକ୍ଷମ ହରଡ ବିହନ ଉତ୍ପାଦନ କାର୍ଯ୍ୟକ୍ରମ ନିଆଯାଇଛି। ହରଡ ବିହନ ଉତ୍ପାଦନରେ ଆମ ରାଜ୍ୟକୁ ସ୍ୱାବଲମ୍ବୀ କରିବା ସହିତ ଚାଷିମାନଙ୍କର ଆର୍ଥିକ ଉନ୍ନତି ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ପ୍ରଣୟନ କରାଯାଉଛି। କ୍ରମରେ ଇକାର୍ଡା ସଂସ୍ଥାର ଆଞ୍ଚଳିକ ସଂଯୋଜକ ଡ. ଶିବ କୁମାର ଅଗ୍ରୱାଲ ଓ ଓଡ଼ିଶା ପ୍ରତିନିଧି ଡ. କିଶୋର କୁମାର ବେହେରା ଦେଓଗାଁ ବ୍ଲକର ପରୁଆଭାଡି ଗ୍ରାମରେ ପରୀକ୍ଷାମୂଳକ ଭାବରେ ଚାଷ କରାଯାଇଥିବା ଅଧିକ ଅମଳକ୍ଷମ ହରଡ ବିହନ କ୍ଷେତ୍ର ପରିଦର୍ଶନ କରିଥିଲେ।

## ଚକଦର ପ୍ରକଳ୍ପ ବିରୋଧରେ ପୁଣି ମେଳି

**କେନ୍ଦୁଝର, ୨୯ ।୧୦ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲାର ଉପାନ୍ତ ତେଲକୋଇ ବ୍ଲକ କରଦାଙ୍ଗି ପଞ୍ଚାୟତ ଅନ୍ତର୍ଗତ ସମାକୋଇ ନଦୀର ତଳମୁଣ୍ଡ ଚକଦରଠାରେ ପ୍ରସ୍ତାବିତ ସମାକୋଇ ଚକଦର ଜଳସେଚନ ପ୍ରକଳ୍ପକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ପୁଣି ମେଳି କରିଛନ୍ତି ସ୍ଥାନୀୟ ବାସିନ୍ଦା। ଆସନ୍ତା ୩୧ ତାରିଖରେ ସମାକୋଇ ଚକଦର ସମନ୍ୱୟ ସମିତି ପକ୍ଷରୁ ତେଲକୋଇ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରୁ ଏକ ପଟୁଆର ବାହାରି ବଜାର ପରିକ୍ରମା କରିବା ସହ ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ସମାକୋଇ ଚକଦର ସମନ୍ୱୟ ସମିତିର ବରିଷ୍ଠ ଉପଦେଷ୍ଟା ବାବୁଲାଲ ପ୍ରଧାନ ପ୍ରକାଶ କରିଛନ୍ତି। ଏହି ପ୍ରକଳ୍ପକୁ ବନ୍ଦ କରିବା ପାଇଁ ୪୮ବର୍ଷ ହେଲା ସ୍ଥାନୀୟ ବାସିନ୍ଦା ଦାବି କରିଆସୁଛନ୍ତି। ୧୯୭୮ରେ ପ୍ରସ୍ତାବିତ ସମାକୋଇ ଜଳସେଚନ ପ୍ରକଳ୍ପର ଶୁଭ ଦିଆଯାଇଥିଲା। ଏହାକୁ ଅନୁଗୁଳ ଜିଲ୍ଲା ପରିବର୍ତ୍ତେ କେନ୍ଦୁଝର ଜିଲ୍ଲା ତେଲକୋଇ ତହସିଲର କରଦାଙ୍ଗି ପଞ୍ଚାୟତ ଅନ୍ତର୍ଗତ ସମାକୋଇ ନଦୀର ତଳମୁଣ୍ଡ ଚକଦରଠାରେ ନିର୍ମାଣ କରିବା ପାଇଁ ଅପଚେଷ୍ଟା କରାଯାଉଛି ବୋଲି ସମନ୍ୱୟ ସମିତି ସଂଯୋଜକ ଲକ୍ଷ୍ମୀଧର ପ୍ରଧାନ କହିଛନ୍ତି।

# ନୂଆପଡ଼ା କଂଗ୍ରେସ ଅଫିସରେ ଧସେଇ ପଶିଲା ପୁଲିସ

**ନୂଆପଡ଼ା,୨୯।୧୦(ସଂଚାର ବ୍ୟୁରୋ):** ନଭେମ୍ବର ୧୧ ତାରିଖରେ ହେବ ନୂଆପଡା ଉପନିର୍ବାଚନ। କଂଗ୍ରେସ ଉଭୟ ଦଳକୁ ବିରୋଧ କରି ଭୋଟ ମାଗୁଛି। ବିଜେପିକୁ ମିଛୁଆ ଭାଷଣର ସରକାର କହିଛନ୍ତି କଂଗ୍ରେସ ମୁଖପାତ୍ର ସୋନାଲି ସାହୁ ଓ ମୀନାକ୍ଷୀ ଦାସ ପଟ୍ଟନାୟକ। ଅନ୍ୟପଟେ କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀ ଚାଲୁଥିବା ବେଳେ ପଶିଥିଲା ପୋଲିସ। ଅଭିଯୋଗ ଥିବାରୁ କଂଗ୍ରେସ ଭବନରେ ପୋଲିସ ପ୍ରବେଶ କରିଥିଲା ବୋଲି କୁହାଯାଇଛି। ପୋଲିସର ଏଭଳି କାର୍ଯ୍ୟକୁ କଂଗ୍ରେସ ନେତା ନାପସନ୍ଦ କରିଛନ୍ତି। ନୂଆପଡା ଖୁଣ୍ଟିଆ ଭବନରେ କଂଗ୍ରେସର ମୁଖପାତ୍ର ସୋନାଲି ସାହୁ ଜିଲ୍ଲାର ଦାଦନ ସମସ୍ୟା, ଚାଷୀ ସମସ୍ୟାକୁ ନେଇ ଆଲୋଚନା କରୁଥିଲେ। ଏତିକିବେଳେ ହଠାତ କଂଗ୍ରେସ ଭବନରେ ପୋଲିସ ଧସେଇ ପଶିଥିଲା। ଅଚାନକ ପୋଲିସ ପଶି କାହିଁକି ଏତେ ଭିଡ଼ ହୋଇଛି ବୋଲି ପ୍ରଶ୍ନ କରିଥିଲା। ଅନୁମତି ନେଇ ମିଟିଂ କରନ୍ତୁ ବୋଲି କଂଗ୍ରେସ କର୍ମୀଙ୍କୁ ତାଗିଦ କରାଯାଇଥିଲା। ପୋଲିସର ଏଭଳି ଆଚରଣକୁ କଂଗ୍ରେସ ନେତା ସହଜରେ ହଜମ କରିନାହାଁନ୍ତି।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଜିଠୁ ...

ବିଭିନ୍ନ ଜଳଭଣ୍ଡାରରେ ୮୮ ପ୍ରତିଶତ ଜଳ ରହିଥିବାବେଳେ ବର୍ଷାକୁ ଆଖି ଆଗରେ ରଖି ସେସବୁ ସ୍ଥାନରେ ଜଳ ପରିଚାଳନା ବ୍ୟବସ୍ଥା ମଧ୍ୟ କରାଯାଉଛି। ବାତ୍ୟା 'ମୋନ୍ଥା' ପରିଚାଳନା ପାଇଁ ୩୩ଟି ଓଡ୍ରାଫ୍ ଦଳ, ୫ଟି ଏନ୍‌ଡିଆର୍‌ଏଫ୍, ୧୩୩ଟି ଅଗ୍ନିଶମ ବାହିନୀଙ୍କୁ ମିଶାଇ ମୋଟ ୧୬୧ଟି ଦଳ ନିୟୋଜିତ ହୋଇଥିଲେ। ୨୧୬୪ଟି ବାତ୍ୟା/ବନ୍ୟା ଆଶ୍ରୟ ସ୍ଥଳୀକୁ ଚିହ୍ନଟ କରାଯାଇ ୧୮୭୩୨ ଜଣ ଲୋକଙ୍କୁ ନିରାପଦ ଭାବେ ସ୍ଥାନାନ୍ତର କରାଯାଇଥିବା ବେଳେ ସେମାନଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା କରାଯାଇଥିଲା। ଏହାଛଡ଼ା ୨୧୯୮ ଜଣ ଆସନ୍ନପ୍ରସବା ମହିଳାମାନଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର ଓ ମା' ଗୃହକୁ ସ୍ଥାନାନ୍ତର କରାଯାଇଥିଲା। ଏବେ ସେମାନେ ସେଠାରେ ସୁରକ୍ଷିତ ଅଛନ୍ତି ଓ କେତେକ ମଧ୍ୟ ମାତୃତ୍ୱ ଲାଭ କରିଛନ୍ତି। ବାତ୍ୟା ପ୍ରଭାବିତ ଆଶଙ୍କା ଥିବା ଅଞ୍ଚଳରେ ୬୦ଟି ଡାକ୍ତରୀ ଦଳ ନିୟୋଜିତ କରାଯାଇଥିବା ବେଳେ ପ୍ରାଣୀସମ୍ପଦର ସୁରକ୍ଷା ପାଇଁ ୩୫ଟି ପଶୁ ଚିକିତ୍ସା ଦଳ ମଧ୍ୟ ନିୟୋଜିତ ହୋଇଥିଲେ। ବାତ୍ୟାରେ ୩୩ଟି ବ୍ଲକ୍, ୧୧ଟି ସହରାଞ୍ଚଳ ଓ ୩୫୮ଟି ଗ୍ରାମ ପ୍ରଭାବିତ ହୋଇଛି। ସେଠାରେ ୩୬୨ଟି ରନ୍ଧାଖାଦ୍ୟ କେନ୍ଦ୍ର ଖୋଲାଯାଇ ୧୮୭୩୨ ଜଣ ପ୍ରଭାବିତ ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଛି। ଏହାଛଡ଼ା ଶକ୍ତି ବିଭାଗ ପକ୍ଷରୁ ବାତ୍ୟା ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇଦେବା ସକାଶେ ପ୍ରସ୍ତୁତି ହୋଇଥିଲା ଓ ପ୍ରଭାବିତ ଅଞ୍ଚଳରେ ସେବାର ପୁନଃସଂସ୍ଥାପିତ ତ୍ୱରିତ ବେଗରେ କରାଯାଉଛି। ସେହିପରି ଯେଉଁଠାରେ ଗଛ ପଡ଼ି ରାସ୍ତା ଅବରୋଧ ହୋଇଥିଲା, ସେଠାରେ ତୁରନ୍ତ ଗଛ କାଟି ରାସ୍ତା ସଫା କରାଯାଇଛି। ଆସନ୍ତା ୩୧ ତାରିଖ ବେଳକୁ ପରିସ୍ଥିତି ସ୍ୱାଭାବିକ ହୋଇଯିବ। ସେହିପରି ଆସନ୍ତାକାଲି କ୍ଷୟକ୍ଷତିର ଆକଳନ କରାଯାଇ ଆବଶ୍ୟକୀୟ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି। ସେହିପରି 'ମୋନ୍ଥା' ପ୍ରଭାବରେ ୮ଟି ଜିଲ୍ଲାରେ ହୋଇଥିବା ବର୍ଷା ନେଇ ରାଜସ୍ୱ ମନ୍ତ୍ରୀ କହିଛନ୍ତି ଯେ ଗତ ୨୪ ଘଣ୍ଟାରେ ଗଜପତି ଜିଲ୍ଲାର ଗୋଷାଣୀ ବ୍ଲକ୍‌ରେ ସର୍ବାଧିକ ୧୫୦.୫ ମିମି ବର୍ଷା ରେକର୍ଡ ହୋଇଛି। ଆହୁରି ଜିଲ୍ଲାର ଦୁଇଟି ବ୍ଲକ୍ ଯଥା- ରାୟଗଡ଼ରେ ୧୧୯.୮ ମିମି ଓ ମୋହନାରେ ୧୦୬ ମିମି ବର୍ଷା ହୋଇଥିବା ବେଳେ ଗଞ୍ଜାମ ଜିଲ୍ଲାର ପାତ୍ରପୁର ବ୍ଲକ୍‌ରେ ୧୧୭.୪ ମିମି, ମୟୂରଭଞ୍ଜର ଉଦଳା ବ୍ଲକ୍‌ରେ ୧୦୫ ମିମି ବର୍ଷା ରେକର୍ଡ କରାଯାଇଛି। ଏହାଛଡ଼ା ୫୬ଟି ବ୍ଲକ୍ ଓ ସହରାଞ୍ଚଳରେ ୫୦ ମିମିରୁ ୧୦୦ ମିମି ମଧ୍ୟରେ ବର୍ଷା ହୋଇଥିବା ଶ୍ରୀ ପୂଜାରୀ କହିଛନ୍ତି। ଏହି ଅବସରରେ ଶ୍ରୀ ସିଂ ମଧ୍ୟ କହିଛନ୍ତି ଯେ ସରକାର ବାତ୍ୟା ପୂର୍ବରୁ ସମସ୍ତ ପ୍ରକାର ପ୍ରସ୍ତୁତି ଆରମ୍ଭ କରିଥିଲେ। ନିୟମିତ ଭାବେ ଜିଲ୍ଲାପାଳ ଓ ସମସ୍ତ ବିଭାଗର ସଚିବଙ୍କ ସହ ବୈଠକ କରି ଏହି ପୂର୍ବପ୍ରସ୍ତୁତିର ସମୀକ୍ଷା କରିଥିଲେ। ଫଳରେ ଧନଜୀବନ ହାନିକୁ ସରକାର ରୋକିପାରିଛନ୍ତି।

## 'ମୋନ୍ଥା'...

କରିବା ଏବଂ କେନ୍ଦ୍ର ସରକାରଙ୍କୁ ବିସ୍ତୃତ ରିପୋର୍ଟ ପ୍ରଦାନ କରିବାକୁ ମନ୍ତ୍ରୀ ଏବଂ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଭାବିତ ପରିବାରକୁ ସମୟ ଅନୁଯାୟୀ ଅତ୍ୟାବଶ୍ୟକୀୟ ସାମଗ୍ରୀ ବଣ୍ଟନ ସୁନିଶ୍ଚିତ କରିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ତେବେ ଏହି ବାତ୍ୟାରେ ଶକ୍ତି କ୍ଷେତ୍ରକୁ ସବୁଠାରୁ ବଡ଼ ଝଟ୍‌କା ଲାଗିଛି। କାରଣ 'ମୋନ୍ଥା' ପ୍ରଭାବରେ ଶକ୍ତି ବିଭାଗର ୧୧ଟି ଜିଲ୍ଲାରେ ପ୍ରାୟ ୧୦.୪୭ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ସ୍ଥିତି ପୁନରୁଦ୍ଧାର ପାଇଁ ବିଭାଗ ପକ୍ଷରୁ ୫୨୩ଟି ଟିମ୍‌କୁ ମୁତୟନ କରାଯାଇଛି। ଏହି ବାତ୍ୟାରେ ୧୩ଟି ସହର, ୬୭ଟି ମଣ୍ଡଳ, ୧୨୩୪ଟି ଗ୍ରାମ, ୨୫୫ଟି ୩୩ କେଭି ସବ୍‌ଷ୍ଟେସନ୍, ୧୯୨ ୩୩ କେଭି ଫିଡର୍ ପ୍ରଭାବିତ ହୋଇଛି। ସେହିପରି 'ମୋନ୍ଥା' ପ୍ରଭାବରେ କେତେକ ସ୍ଥାନରେ ବର୍ଷା ଜାରି ରହିଥିବା ବେଳେ ଆସନ୍ତାକାଲି ପର୍ଯ୍ୟନ୍ତ ଏହା କାଏମ ରହିବ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ଯୁଦ୍ଧକାଳୀନ ଭିତ୍ତିରେ ଉପୁଡ଼ି ପଡ଼ିଥିବା ଗଛ ଏବଂ ଭାଙ୍ଗି ପଡ଼ିଥିବା ବିଦ୍ୟୁତ୍ ତାରଗୁଡ଼ିକୁ ସଫା କରିବା ପାଇଁ ନାଇଡୁ ଏସଡିଆର୍‌ଏଫ୍, ପୁଲିସ ଏବଂ ଅଗ୍ନିଶମ କର୍ମଚାରୀଙ୍କ ପ୍ରୟାସକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି। ସେ ବିଭିନ୍ନ ବାତ୍ୟା ପ୍ରଭାବିତ ଅଞ୍ଚଳକୁ ବିମାନରେ ଯାଇ ସର୍ଭେ କରିଥିଲେ ଏବଂ ବହୁଜଲଦି ବାପ୍ଟଲା, ପାଲନାଡୁ, କୃଷ୍ଣା, କୋନାସିମା ଏବଂ ଏଲୁରୁ ଜିଲ୍ଲା ଗସ୍ତ କରିପାରନ୍ତି। ପରେ, ସେ କୋନାସିମାର ଆଲାଭାରାମ ମଣ୍ଡପରେ ବନ୍ୟା ପରିସ୍ଥିତି ଯାଞ୍ଚ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରାରମ୍ଭିକ ସରକାରୀ ଆକଳନ ଅନୁଯାୟୀ, 'ମୋନ୍ଥା' ପ୍ରଭାବରେ ୩୮ ହଜାର ହେକ୍ଟର ଜମିର ଫସଲ ଓ ୧.୩୮ ଲକ୍ଷ ହେକ୍ଟର ଜମିରେ ଥିବା ବିଭିନ୍ନ ଉଦ୍ୟାନ କୃଷି ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ସେହିପରି 'ମୋନ୍ଥା' ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଅଗ୍ରସର ହେଉଥିବା ବେଳେ ଏହା କ୍ରମଶଃ ଦୁର୍ବଳ ହେଉଛି। ଏହା ଗତ ୬ ଘଣ୍ଟା ମଧ୍ୟରେ ଘଣ୍ଟା ପ୍ରତି ୧୫ କିମି ବେଗରେ ଅଗ୍ରସର ହେଉଛି ଓ ଏହା ଉତ୍ତର-ପଶ୍ଚିମ ଦିଗକୁ ଆଗଉଥିବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ଭୁବନେଶ୍ୱରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି।

## ଓଲଟିଲା...

ଅଧିକ ଲୋକ ନିଖୋଜ ଅଛନ୍ତି। ଭାରତ-ନେପାଳ ସୀମାବର୍ତ୍ତି ଜିଲ୍ଲା ହେଉଛି ବହରାଇଚ। ଭରତପୁର ହେଉଛି କର୍ଟାର୍ନିଆଘାଟ ବନ୍ୟପ୍ରାଣୀ ରେଞ୍ଜର ଏକ ଗ୍ରାମ। ଏଠାକାର ଲୋକେ କୋଡ଼ିୟାଲ ନଦୀ ଉପରେ ଭରସା କରି ଯାତାୟାତ କରନ୍ତି। ଜଳପଥ ଦେଇ ଡଙ୍ଗାରେ ଲଖିମପୁରର ଖୈରାଟିଆ ଗାଁକୁ ଯାଆନ୍ତି। ତେବେ ଆଜି ସନ୍ଧ୍ୟା ୬ଟାରେ ଖୈରାଟିଆରୁ ଭରତପୁରକୁ ଫେରୁଥିବା ବେଳେ ଡଙ୍ଗାଟି ଗାଁ ନିକଟରେ ଓଲଟି ପଡ଼ିଥିଲା। ଡଙ୍ଗାରେ ମୋଟ ୨୮ରୁ ଅଧିକ ଲୋକ ଥିଲେ।

## ଫୁଲବାଣୀ...

ସ୍ଥାନାନ୍ତର କରାଯିବା ଏନେଇ ଆଜି ଏସ୍‌ଡିଜେଏମ୍ କୋର୍ଟ ଅନୁମତି ଦେଇଥିବା ନେଇ ସରକାରୀ ଓକିଲ ସୂଚନା ଦେଇଛନ୍ତି। ଅବଶ୍ୟ ପିଣ୍ଟୁଙ୍କ ପତ୍ନୀ ଜେଲ୍ ସ୍ଥାନାନ୍ତରକୁ ବିରୋଧ କରି ଏକ ପିଟିସନ୍ ଦାଖଲ କରିଥିଲେ। କିନ୍ତୁ କୋର୍ଟ ଆଭାସୀ ମାଧ୍ୟମରେ ପିଣ୍ଟୁଙ୍କୁ କୋର୍ଟରେ ହାଜର କରାଯିବାରେ କୌଣସି ସମସ୍ୟା ନାହିଁ ବୋଲି କହିବା ସହ ତାଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି। ଶାନ୍ତି ମିଶ୍ର ହତ୍ୟା ମାମଲାରେ ପିଣ୍ଟୁଙ୍କ ବିରୋଧୀ ଉକ୍ତ ଜେଲ୍‌ରେ ରହିଥିବାରୁ ତାଙ୍କର ସୁରକ୍ଷା ଦୃଷ୍ଟିକୋଣରୁ କୋର୍ଟ ତାଙ୍କୁ ଫୁଲବାଣୀ ଜେଲ୍‌କୁ ସ୍ଥାନାନ୍ତର କରିବା ସକାଶେ ଅନୁମତି ଦେଇଛନ୍ତି।

## ରଚିଲା...

ଝଟ୍‌କା ପବନର ଗତି ଘଣ୍ଟା ପ୍ରତି ୩୫୦ କିମି ପର୍ଯ୍ୟନ୍ତ ରହିଥିଲା। ଫଳସ୍ୱରୂପ କୋଠା ଛାତ ଉଡ଼ିଯାଇଥିବା ରାସ୍ତାଘାଟ ବୁଡ଼ି ଭୟଙ୍କର ଅବସ୍ଥା ସୃଷ୍ଟି ହୋଇଛି। ଏହାକୁ ମହାବାତ୍ୟା ଇତିହାସର ସବୁଠାରୁ ଶକ୍ତିଶାଳୀ ବୋଲି ମଧ୍ୟ କୁହାଯାଉଛି। ବାତ୍ୟା ମେଲିସା ପ୍ରଭାବରେ ଭାଙ୍ଗିଯାଇଛି ବିରାଟ ଗଛ, ଉଡ଼ାଇ ନେଇଛି ବଡ଼ ବଡ଼ କୋଠା। ଚାରିଆଡ଼େ ହୋଇଛି ବ୍ୟାପକ କ୍ଷୟକ୍ଷତି। ଗାଁଗଣ୍ଡାଠୁ ଆରମ୍ଭ କରି ଗୋଟିଏ ଗୋଟିଏ ସହର ଧ୍ୱଂସସ୍ତୂପରେ ପରିଣତ ହୋଇଯାଇଛି। କେଉଁଠି ସମଗ୍ର ଅଞ୍ଚଳ ପାଣିରେ ବୁଡ଼ିରହିଛି ତ ଆଉ କେଉଁଠି ପାହାଡ଼ ଭୟଙ୍କର ଭାବେ ଧସିଯାଇଛି। ଲ୍ୟାଣ୍ଡଫଲ୍ ସମୟରେ ସମୁଦ୍ରରୁ ପ୍ରାୟ ୧୦ଫୁଟ ଉଚ୍ଚ ପର୍ଯ୍ୟନ୍ତ ଜୁଆର ଉଠିଥିଲା। ଫଳତଃ ଅନେକ ଅଞ୍ଚଳରେ ଭୟଙ୍କର ବନ୍ୟା ବି ହୋଇଛି। ଆଣ୍ଟଲାଟିକ ଇତିହାସରେ ୧୮୫୧ରୁ ଏଭଳି ଶକ୍ତିଶାଳୀ ବାତ୍ୟା କେବେ ବି ସୃଷ୍ଟି ହୋଇନଥିଲା। ଏହାକୁ କ୍ୟାଟେଗୋରୀ-୫ର ବାତ୍ୟା ବୋଲି କୁହାଯାଉଛି। ଗତ ୧୯୯୯ରେ ଓଡ଼ିଶାରେ ହୋଇଥିବା ମହାବାତ୍ୟାଠାରୁ ବି ଆହୁରି ଶକ୍ତିଶାଳୀ ଥିଲା ମେଲିସା। ଆମେରିକା ବାୟୁସେନାର ହରିକେନ ହଣ୍ଟର ଟିମ୍ ଏକ ସି-୧୩୦ ହର୍କୁଲେସ ବିମାନକୁ ନେଇ ଏହି ମହାବାତ୍ୟାର ଆଖି ଭିତରକୁ ପଶି ତା'ର ଫଟୋ ଓ ଭିଡିଓ ମଧ୍ୟ ରେକର୍ଡ କରିଥିବା ଜଣାପଡ଼ିଛି। ମେଲିସା ମହାବାତ୍ୟାର ଆଖି ଭିତରର ଫଟୋ ସୋସିଆଲ ମିଡିଆରେ ଆସିବା ପରେ ଦ୍ରୁତ ଗତିରେ ଭାଇରାଲ ହୋଇଛି। ଆଖି ଭିତରଟି ଏକ ବରଫ ଉପତ୍ୟକା ଭଳି ପ୍ରତୀୟମାନ ହେଉଛି। ବାତ୍ୟା କାରଣରୁ ଆଗାମୀ ଦୁଇଦିନ ପର୍ଯ୍ୟନ୍ତ ଜାମାଇକାରେ ଆଲର୍ଟ ଜାରି କରାଯାଇଛି। ପବନ ସାଙ୍ଗକୁ ପ୍ରବଳ ବର୍ଷା ମଧ୍ୟ ଜାରି ରହିଛି। ତେବ ମୃତାହତ ସଂଖ୍ୟା ନେଇ କିଛି ସ୍ପଷ୍ଟ ସୂଚନା ମିଳିପାରିନଥିବା ବେଳେ ସବୁଠି ଉଦ୍ଧାର କାର୍ଯ୍ୟକୁ ଜୋରଦାର କରାଯାଇଥିବା ଜଣାପଡ଼ିଛି।

## ରାହୁଲ...

ସାମନ୍ତବାଦୀ ଚିନ୍ତାଧାରା, ରାଜନୈତିକ କୁଣ୍ଠା ଓ ଆସନ୍ନ ପରାଜୟର ଭୟରେ ସେ ଏପରି ମନ୍ତବ୍ୟ ଦେଇଛନ୍ତି। ପୂର୍ବରୁ ପ୍ରଧାନମନ୍ତ୍ରୀ ଓ ତାଙ୍କ ମା'ଙ୍କ ପ୍ରତି ଏଭଳି ଅପମାନସୂଚନ ମନ୍ତବ୍ୟ ଦିଆଯାଇଥିବା ବେଳେ ରାହୁଲ୍ ଏବେ ସମାନ ଭାବନା ଦର୍ଶାଇଛନ୍ତି। ସେହିପରି ରାହୁଲ, ତେଜସ୍ୱୀ ଯାଦବ ଓ ସେମାନଙ୍କୁ ନେଇ ଗଠିତ ମହାମେଣ୍ଟ ବିହାରରେ ଜଙ୍ଗଲରାଜକୁ ପ୍ରୋତ୍ସାହନ ଦେଇ ରାଜ୍ୟର ଗରିବ, କୃଷକ, ମହିଳା ଓ ଯୁବକମାନଙ୍କ ଆକାଂକ୍ଷାକୁ ଦବାଇବା ଦିଗରେ କାର୍ଯ୍ୟ କରିଛନ୍ତି। ଆଜି ସେମାନେ ନିର୍ବାଚନରେ ସ୍ପଷ୍ଟ ପରାଜୟର ବ୍ୟଗ୍ରତାରେ ଏଭଳି ହୀନ ଭାଷା ପ୍ରୟୋଗ କରୁଛନ୍ତି। କିନ୍ତୁ ବିହାରବାସୀ ପରିବାରବାଦ ଓ ଘୃଣାର ରାଜନୀତି ବଦଳରେ କେବଳ ବିକାଶ ଓ ସୁଶାସନ ଚାହୁଁଛନ୍ତି ବୋଲି ରାହୁଲ୍ ମନେ ରଖିବା ଉଚିତ। ତେଣୁ ରାହୁଲ ଛଟ୍ ମହାପର୍ବ ଓ ପ୍ରଧାନମନ୍ତ୍ରୀଙ୍କ ସମ୍ପର୍କରେ ଦେଇଥିବା ଅପମାନଜନକ ବୟାନ ପାଇଁ ତୁରନ୍ତ ବିହାର ସମେତ ସମଗ୍ର ଦେଶର ଜନସାଧାରଣଙ୍କ ନିକଟରେ ସର୍ବସାଧାରଣରେ କ୍ଷମା ପ୍ରାର୍ଥନା କରିବାକୁ ଶ୍ରୀ ପ୍ରଧାନ ଦାବି କରିଛନ୍ତି।

## ରାଫେଲରେ...

ସିନ୍ଦୂର' ସମୟରେ ଶିବାଙ୍ଗୀ ରାଫେଲ୍ ଉଡ଼ାଇଥିଲେ। ଏହି ଅପରେସନ୍‌ରେ ପାକିସ୍ତାନ ଓ ପାକ୍ ଅଧିକୃତ କଶ୍ମୀର (ପିଓକେ)ରେ ୯ଟି ଆତଙ୍କବାଦୀ ଭିତ୍ତିଭୂମିରେ ଭାରତର ବିମାନ ଆକ୍ରମଣ ସଫଳ ହୋଇଥିଲା। ବାରାଣସୀର ଏହି ୨୯ ବର୍ଷୀୟ ଅଧିକାରୀ ୨୦୧୭ରେ ବାୟୁସେନାର ଦ୍ୱିତୀୟ ବ୍ୟାଚ୍ ମହିଳା ଲଢୁଆ ପାଇଲଟ୍‌ଙ୍କ ଅଂଶ ଭାବେ ଯୋଗ ଦେଇଥିଲେ। ୨୦୨୦ରେ ରାଫେଲ୍ ପାଇଁ ଯୋଗ୍ୟତା ଅର୍ଜନ କରିବା ପୂର୍ବରୁ ଶିବାଙ୍ଗୀ ସିଂହ ମିଗ୍-୨୧ ବାଇସନ୍ ଉଡ଼ାଇଥିଲେ। ତେବେ ଅପରେସନ୍ ସିନ୍ଦୂର ସମୟରେ ପାକିସ୍ତାନ ଶିବାଙ୍ଗୀଙ୍କୁ ବନ୍ଦୀ କରିଥିବା ନେଇ ଦାବି କରିଆସୁଥିଲା। କିନ୍ତୁ ଆଜି ରାଷ୍ଟ୍ରପତିଙ୍କ ସହ ଶିବାଙ୍ଗୀ ହାତରେ ହେଲମେଟ୍ ଧରି ଓ କଳା ଚଷମା ପିନ୍ଧି ଫଟୋ ଉଠାଇବା ପରେ ପାକିସ୍ତାନର ଏହି ଦାବି ମିଛ ସାବ୍ୟସ୍ତ ହୋଇଛି। ରାଷ୍ଟ୍ରପତିଙ୍କ ସହ ଉଡ଼ାଣ ଭରିବାର ଗୌରବ ହାସଲ କରିବା ପରେ ତାଙ୍କ ପ୍ରତିକ୍ରିୟାରେ ଶିବାଙ୍ଗୀ କହିଛନ୍ତି ଯେ ଏହା ତାଙ୍କ ପାଇଁ ଏକ ଅବିସ୍ମରଣୀୟ ଅନୁଭବ।

## ୧୧୪ ...

ସେମାନଙ୍କୁ ପରୀକ୍ଷା ପୂର୍ବରୁ ଉତ୍ତର ପୁସ୍ତିକା ସହ ଅଭ୍ୟାସ କରିବାକୁ ଆନ୍ଧ୍ରପ୍ରଦେଶ ନିଆଯାଉଥିଲା। ଏହି ସ୍କାମ୍ ପଦାକୁ ଆସିବା ପରେ ଏହାକୁ ନେଇ ରାଜ୍ୟ ରାଜନୀତି ସରଗରମ ରହିଆସିଛି ଓ ବିରୋଧୀ ଦଳ ନିୟମିତ ଭାବେ କ୍ଷମତାସୀନ ବିଜେପି ସରକାରକୁ ଘେରିଆସିଛନ୍ତି। କିନ୍ତୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମାମଲାର ତଦନ୍ତ ଦାୟିତ୍ୱ ସିବିଆଇ ଦ୍ୱାରା କରାଯିବା ସକାଶେ ସୁପାରିସ୍ କରିବା ପରେ ଏନେଇ ବିରୋଧୀଙ୍କ ମୁହଁରେ ତାଲା ପଡ଼ିଯାଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ।

## ଯାତ୍ରୀଙ୍କୁ...

୧୪୦ ଟଙ୍କା କଟିଥିଲା। ସେ ଏହାର ଚାରି ଘଣ୍ଟା ଭିତରେ ଅର୍ଥାତ୍ ୯ଟା ୫୮ରେ ସେଇ ଟୋଲ୍‌ଗେଟ୍ ଦେଇ ଫେରିଥିଲେ। ଯେହେତୁ ସେ ଟିକସ ପଇଠ କରିବାର ୧୨ ଘଣ୍ଟା ପୂରିନଥିଲା, ତେଣୁ ଫେରିବା ସମୟରେ ତାଙ୍କୁ ରିହାତି ମିଳିବା କଥା। ଏହି ଅନୁସାରେ ଯାତ୍ରୀ ଜଣଙ୍କ ୮୦ ଟଙ୍କା ପଇଠ କରିବା କଥା। କିନ୍ତୁ ତାଙ୍କଠାରୁ ଫେରିବା ସମୟରେ ୮୦ ଟଙ୍କା ବଦଳରେ ପୁଣି ଥରେ ୧୪୦ ଟଙ୍କା ଦେବାକୁ ପଡ଼ିଥିଲା।

ଏ ସମ୍ପର୍କରେ ସମ୍ପୃକ୍ତ ଯାତ୍ରୀ ଜଣଙ୍କ ଟୋଲଗେଟ୍ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ପଚାରିଥିଲେ। କିନ୍ତୁ ଉକ୍ତ କର୍ମଚାରୀ ଜଣଙ୍କ କୌଣସି ସ୍ପଷ୍ଟ ଉତ୍ତର ଦେବାକୁ ସକ୍ଷମ ହୋଇନଥିଲେ। ବରଂ ଉକ୍ତ ଯାତ୍ରୀ ଜଣଙ୍କୁ ଦୁର୍ବ୍ୟବହାର କରିବାକୁ ପଛାଇନଥିଲେ। ତେବେ ଟୋଲ୍‌ଗେଟ୍‌ରେ ତାଙ୍କଠାରୁ ୬୦ ଟଙ୍କା ଅଧିକ ନିଆଗଲା, ସେନେଇ ଯାତ୍ରୀ ଜଣଙ୍କ ବ୍ୟସ୍ତ ହେଉନଥିଲେ। କିନ୍ତୁ ଏଠାରେ ଖୋଲାଖୋଲି ଭାବେ ନିୟମ ଉଲ୍ଲଙ୍ଘନ ହେଉଥିବା ଦେଖି ସେ ବ୍ୟଥିତ ହୋଇଥିଲେ ଏବଂ ଏହି ଟୋଲ୍‌ଗେଟ୍‌ରେ କିପରି ଯାତ୍ରୀଙ୍କ ଆଖିରେ ଶୁଖୁଆ କଣ୍ଟା ଖେଞ୍ଚି ଅଧିକ ଟଙ୍କା ଆଦାୟ କରାଯାଉଛି, ଉକ୍ତ ଯାତ୍ରୀ ଜଣଙ୍କ ଏହାର ଏକ ଉଜ୍ଜ୍ୱଳ ଉଦାହରଣ। ତେବେ ଉକ୍ତ ଯାତ୍ରୀ ଜଣଙ୍କ ତାଙ୍କ ପ୍ରତି ହୋଇଥିବା ଅନ୍ୟାୟ ନେଇ ଚୁପ୍ ରହିନାହାନ୍ତି, ବରଂ ଏ ସମ୍ପର୍କରେ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ନିକଟରେ ସୋସିଆଲ୍ ମିଡିଆ 'ଏକ୍ସ' ମାଧ୍ୟମରେ ଅଭିଯୋଗ ମଧ୍ୟ ଦାଖଲ କରିଛନ୍ତି। ଏପରି ଏକ ଅନିୟମିତତା ନେଇ ସରକାର କ'ଣ ପଦକ୍ଷେପ ନେଉଛନ୍ତି, ତା' ଉପରେ ସମସ୍ତଙ୍କ ନଜର ରହିଛି।

## ନୂଆପଡ଼ାରେ ...

ଓ ଗଣମାଧ୍ୟମ ପ୍ରତିନିଧିଙ୍କ ସୁଅ ନୂଆପଡ଼ାକୁ ସେତିକି ଅଧିକ ମାତ୍ରାରେ ଛୁଟୁଛି। ପୁଲିସ୍ ବାବୁଙ୍କ ସହ ଗୁଇନ୍ଦା ବାବୁମାନେ ବି ଅଧିକ ସଂଖ୍ୟାରେ ନୂଆପଡ଼ା ଯାଉଛନ୍ତି। ନିର୍ବାଚନ ପ୍ରଚାର କାର୍ଯ୍ୟରେ ଥିବା ନେତାମାନଙ୍କ ଉପରେ ସେମାନଙ୍କ ଦଳ ପକ୍ଷରୁ ନଜର ରଖାଯାଉଛି। ରାଜଧାନୀରେ ରଣନୀତି ପ୍ରସ୍ତୁତ କରାଯାଇ ସେମାନଙ୍କ ଧରାଇ ଦିଆଯିବା ସହ ଉତ୍ତର ମଗାଯାଉଛି। ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ପ୍ରଚାର ମଇଦାନକୁ ଓହ୍ଲାଇବାକୁ ଥିବାରୁ ନେତା ଓ କର୍ମୀମାନଙ୍କୁ ଅଧିକ ସଜାଗ ହେବାକୁ ନିର୍ଦ୍ଦେଶ ଯାଇଛି। ତେବେ ଅନେକ ନେତା କିନ୍ତୁ ନୂଆପଡ଼ା ଉପନିର୍ବାଚନକୁ ଏକପ୍ରକାର ପିକ୍‌ନିକ୍ ଭାବେ ଉପଭୋଗ କରୁଥିବା ବେଳେ ଖବର ପହଞ୍ଚିଲେ ବି ଘରକୁ ଫେରିବାକୁ ରାଜି ହେଉନଥିବା ଆଲୋଚନା ଚାଲିଛି।

## ପଣ୍ୟାଗାର...

କରୁଥିବା ନେଇ ଅନେକ ଲୋକ ପ୍ରତିବାଦ ଜଣାଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଓଡ଼ିଶା ଭିତ୍ତିକ କମ୍ପାନୀମାନଙ୍କୁ ପଛକୁ ପକାଇ ଓଡିଶା ପଣ୍ୟାଗାର ପଶ୍ଚିମବଙ୍ଗର ଏକ ପିଏସୟୁକୁ ଏକ ବୃହତ ରାଜ୍ୟ ପ୍ରକଳ୍ପ ହସ୍ତାନ୍ତର କରିବା ଆଶ୍ଚର୍ଯ୍ୟଜନକ। ଏହି ପଦକ୍ଷେପ ରାଜ୍ୟର 'ମେକ୍ ଇନ୍ ଓଡ଼ିଶା' ଦୃଷ୍ଟିକୋଣକୁ ଅଣଦେଖା କରିଛି। ଏହା ସ୍ଥାନୀୟ ଉଦ୍ୟୋଗୀମାନଙ୍କ ବିଶ୍ୱାସକୁ ଭଙ୍ଗ କରିବା ସହିତ ରାଜ୍ୟର ଅର୍ଥନୈତିକ ବ୍ୟବସ୍ଥାକୁ କ୍ଷତି ପହଞ୍ଚାଉଛି।

ଏହି ପ୍ରକ୍ରିୟା ସାର୍ବଜନୀନ କ୍ରୟ (ମେକ ଇନ ଇଣ୍ଡିଆକୁ ପସନ୍ଦ) ନିର୍ଦ୍ଦେଶ ୨୦୧୭ ଏବଂ ଓଡ଼ିଶା ଏମଏସଏମଇ ବିକାଶ ନୀତିର ଉଲ୍ଲଂଘନ କରୁଛି, ଯାହା ଉଭୟ ସ୍ଥାନୀୟ ଶିଳ୍ପ ପାଇଁ ପ୍ରାଥମିକତାକୁ ବାଧ୍ୟତାମୂଳକ କରୁଛି। ଏହି ପୂର୍ବ ନିର୍ଦ୍ଧାରିତ, ପକ୍ଷପାତିତା ଟେଣ୍ଡର ନିଷ୍ପତ୍ତିରେ ଓଡ଼ିଶା ଭିତ୍ତିକ ନିଲାମଦାତାମାନଙ୍କୁ ବାଦ ଦିଆଯାଇଛି, ଯାହା ନିଲାମଦାତାଙ୍କୁ ଅସୁବିଧାରେ ପକାଉଛି। ଏହାକୁ ପ୍ରତିବାଦ କରି ଲୋକେ ଏହି ଟେଣ୍ଡରକୁ ବାତିଲ କରିବା ସହ ଏଥିପ୍ରତି ସଠିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରୁଛନ୍ତି। ଏଥିସହ ନିରପେକ୍ଷ ଏବଂ ଅନ୍ତର୍ଭୁକ୍ତ ଯୋଗ୍ୟତା ମାନଦଣ୍ଡ ସହ ପ୍ରକଳ୍ପକୁ ପୁନଃ ଟେଣ୍ଡର କରାଯାଉ। ଫଳରେ 'ମେକ୍ ଇନ୍ ଓଡ଼ିଶା' ଏବଂ 'ମେକ୍ ଇନ୍ ଇଣ୍ଡିଆ' ନୀତି ବଜାୟ ରହିବା ସହ ଓଡ଼ିଶାର ସାର୍ବଜନୀନ ପାଣ୍ଠି, ଏହାର ନିଜ ଲୋକ ଏବଂ ଶିଳ୍ପକୁ ଲାଭ ପହଞ୍ଚାଇବ ବୋଲି ଲୋକମାନେ ପ୍ରସ୍ତାବ ରଖିଛନ୍ତି।

## ୨୪ ଘଣ୍ଟାରେ...

ଜବତ ଘଟଣା ବୋଲି ଏସପି ଶ୍ରୀ ପାଟିଲ୍ କହିଛନ୍ତି। ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ଅଦ୍ୟାବଧି ମାଲକାନଗିରି ଜିଲ୍ଲାରେ ୧୦୯ଟି ମାମଲା ରୁଜୁ ହୋଇଥିବା ବେଳେ ୩୧ଟି ଦୁଇଚକିଆ ଯାନ,୧୩ଟି ଚାରିଚକିଆ ଯାନ ଜବତ ହୋଇଛି। ସେହିପରି ୯୬ ଜଣଙ୍କୁ ଗିରଫ କରାଯାଇଥିବା ଏସ୍‌ପି ଶ୍ରୀ ବିନୋଦ ସୂଚନା ଦେଇଛନ୍ତି। ଏହାଛଡ଼ା ଗତ ବର୍ଷ ଜିଲ୍ଲାରେ ୨୨୧୫୩ କିଲୋ ଗଞ୍ଜେଇ ହୋଇଥିବା ବେଳେ ଚଳିତ ବର୍ଷ ଅଦ୍ୟାବଧି ଜିଲ୍ଲାରେ ୨୮୮୯୭ କିଲୋ ଗଞ୍ଜେଇ ଜବତ ହୋଇସାରିଛି।

## ଟ୍ରାଫିକ ସମସ୍ୟା ବଢ଼ାଉଛି ବେଆଇନ ଟ୍ରକ ପାର୍କିଂ



**ଛତ୍ରପୁର,୨୯।୧୦ (ସଂଚାର ବ୍ୟୁରୋ):** ଗଞ୍ଜାମ ଥାନା ଅଞ୍ଚଳ ୧୬ ନମ୍ବର ଜାତୀୟ ରାଜପଥରେ ଦିନକୁ ଦିନ ବଢ଼ୁଥିବା ବେଆଇନ ଟ୍ରକ ପାର୍କିଂ ସମସ୍ୟା ଏବେ ଗୁରୁତର ଆକାର ନେଇଛି। ବିଶେଷତଃ ଜୟଶ୍ରୀ ଛକ ଏବଂ ପୁର୍ଣ୍ଣଚୋଲା ରାସ୍ତା ପାର୍ଶ୍ୱରେ ନିୟମିତ ବେଆଇନ ଭାବେ ଟ୍ରକ ରଖାଯାଉଥିବାରୁ ଯାତାୟାତ ବ୍ୟବସ୍ଥା ପୁରାପୁରି ଅସ୍ତବ୍ୟସ୍ତ ହେବା ସହ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଏହି ରାସ୍ତା ଗଞ୍ଜାମ ସହରର ମୁଖ୍ୟ ରାସ୍ତା ସହ ସଂଲଗ୍ନ ହୋଇଥିବାରୁ ବ୍ୟାବସାୟିକ ଓ ଶିକ୍ଷା ଅଞ୍ଚଳ, ସ୍ୱାସ୍ଥ୍ୟ ସେବା ସହ ସମସ୍ତ ସରକାରୀ କାର୍ଯ୍ୟ ପାଇଁ ପ୍ରତିଦିନ ଏହି ରାସ୍ତାରେ ସ୍ଥାନୀୟ ବାସିନ୍ଦା ସହ ଛାତ୍ରଛାତ୍ରୀ ଓ ଜନସାଧାରଣ ଯାତାୟାତ କରିଥାନ୍ତି। ଫଳସ୍ୱରୂପ, ଭାରୀ ଟ୍ରକମାନଙ୍କ ଏହି ବେଆଇନ ରହଣି ଯାତାୟାତ ବ୍ୟବସ୍ଥାକୁ ବିପଦପୂର୍ଣ୍ଣ କରିଦେଉଛି।ସ୍କୁଲ ଓ ଟ୍ୟୁସନ ପଢ଼ିବାକୁ ପିଲାମାନେ ନିୟମିତ ଯାତାୟାତ କରୁଥିବାରୁ ରାସ୍ତା ପାର ହେବା ସମୟରେ ସେମାନଙ୍କ ଜୀବନ ବିପଦରେ ପଡୁଛି। ଫଳରେ ଅଭିଭାବକ ମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଉଛି।ମୁଖ୍ୟ ଛକ ଗୁଡିକରେ ଭାରୀ ଯାନ ଗୁଡିକ ନିୟମିତ ଛିଡା ହୋଇ ରହିଥିବା କାରଣରୁ, ବିପରୀତ ଆସୁଥିବା ଗାଡ଼ିକୁ ଦେଖିବା ଓ ଛକରେ ପାର ହେବା ପାଇଁ ଅସୁବିଧାର ସମ୍ମୁଖୀନ ହେବା ସହ ଦୁର୍ଘଟଣା ଆଶଙ୍କା ବଢ଼ୁଛି। ସେହିପରି ଜୟଶ୍ରୀ ଛକ ନିକଟରେ ଗ୍ରାସୀମ କେମିକାଲରୁ ଆସୁଥିବା କ୍ଲୋରିନ, ହାଇଡ୍ରୋ କ୍ଲୋରାଇଡ଼, ସଲଫ୍ୟୁରିକ ସହିତ ଅନ୍ୟାନ୍ୟ ମାରାତ୍ମକ କେମିକାଲ ବୋଝେଇଥିବା ସିଲିଣ୍ଡର ଟ୍ରକ ରାସ୍ତା ପାର୍ଶ୍ୱରେ ଘଣ୍ଟା ଘଣ୍ଟା ଧରି ଅବ୍ୟବସ୍ଥିତ ଭାବେ ରହୁଥିବା ଫଳରେ ଏକ ନୂଆ ବିପଦ ସୃଷ୍ଟି ହେଉଛି।

# କାଗଜ ପତ୍ରରେ ସୀମିତ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳନ

- ଏସଆରସି ଗାଇଡ଼ଲାଇନ ଖିଲାପ
- ଦୁର୍ବଳ ହୋଇପଡ଼ିଛି ଭିତ୍ତିଭୂମି
- ଅସ୍ତରଙ୍ଗ ଅଞ୍ଚଳରେ ବାତ୍ୟା ଆଶ୍ରୟସ୍ଥଳୀ ଅବସ୍ଥା ଦୟନୀୟ

**କାକଟପୁର/ଅସ୍ତରଙ୍ଗ,୨୯।୧୦ (ସଂଚାର ବ୍ୟୁରୋ):** ପ୍ରତିବର୍ଷ ଅକ୍ଟୋବର ୨୯ତାରିଖ କୁ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ରୂପେ ପାଳନ କରାଯାଉଛି। କିନ୍ତୁ ତାହା କେତେ ପ୍ରତିଫଳିତ ବାସ୍ତବ ଘଟଣା ସମ୍ପୂର୍ଣ୍ଣ ଆଶ୍ଚର୍ଯ୍ୟ ଜନକ। ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ତୁହାକୁ ତୁହା ବର୍ଷା ନୁଆଁ ଝଟକା ପବନ ନୁଆଁ ଆଶ୍ରୟସ୍ଥଳୀ ସଫା କରିବା ସହ ଲୋକଙ୍କୁ ସଚେତନ କରିବାକୁ ପ୍ରଶାସନ ନିର୍ଦ୍ଦେଶ ମଧ୍ୟ ଦିଏ। ଦରକାର ପଡ଼ିଲେ ତଳି ଅଞ୍ଚଳରୁ ଲୋକଙ୍କୁ ଉଦ୍ଧାର କରି ଆଶ୍ରୟସ୍ଥଳୀ ରେ ପହଞ୍ଚାଇବାକୁ ନିର୍ଦ୍ଦେଶ ରହିଥାଏ। ସେହେତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ବାତ୍ୟା ପ୍ରବଣ ଅଞ୍ଚଳରେ ଆଶ୍ରୟସ୍ଥଳୀ ଭିତ୍ତିଭୂମି ଅତ୍ୟନ୍ତ ଦୁର୍ବଳ ଓ ସେପଟେ ପ୍ରଶାସନର ଫତୱା। ଯାହାକୁ ନେଇ ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଡୁଆରେ ପଡ଼ିଥାନ୍ତି।ଉପକୂଳବର୍ତ୍ତୀ ଅଞ୍ଚଳ ତଥା ବଙ୍ଗୋପସାଗର କୁ ଲାଗିଥିବା ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଏକ ବାତ୍ୟା ପ୍ରବଣ ଅଞ୍ଚଳ। ବଙ୍ଗୋପସାଗର ରେ ସୃଷ୍ଟ ବାତ୍ୟା, ସାମୁଦ୍ରିକ ଝଡ଼ ପ୍ରଭାବ ପାଇଁ ଅସ୍ତରଙ୍ଗ ବାସୀ ବହୁ ସମୟରେ କଲବଲ ହୁଅନ୍ତି। ଏହି ବାତ୍ୟା ପ୍ରବଣ ଅଞ୍ଚଳରେ ୧୯୯୯ ମହାବାତ୍ୟାରେ ୧୩୦ରୁ ଊର୍ଦ୍ଧ୍ୱ ଲୋକ ମୃତ୍ୟୁ ବରଣ କରିଥିଲେ।



ଲୋକ ମାନଙ୍କ ଧନ ଜୀବନ ସୁରକ୍ଷା ଓ ଗୋ ସମ୍ପଦ କୁ ଆଶ୍ରୟଦେବା ପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ୨ଟି ରେଡକ୍ରସ ଓ ୧୬ଟି ଓସଡମା ନିର୍ମାଣ କରାଯାଇଛି। ଆଶ୍ରୟସ୍ଥଳୀ ଗୁଡିକରେ ବାତ୍ୟା ସମୟରେ ଲୋକ ମାନେ ରହିବା ପାଇଁ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଥିଲା। ଏଠାରେ ପାଣି, ୨୪ଘଣ୍ଟିଆ ବିଦ୍ୟୁତ, ଶୌଚାଳୟ, ଲୋକ ମାନଙ୍କୁ ରନ୍ଧାଖାଦ୍ୟ ଦେବା ପାଇଁ ପ୍ରସ୍ତୁତି ଉପକରଣ, ଆସ୍କା ଲାଇଟ, ମୋଟର ପମ୍ପ ଆଦି ସରକାର ଯୋଗାଇଦେଇଥିଲେ। କିନ୍ତୁ ନିର୍ମାଣ ପରେ ସ୍ଥାନୀୟ ଅଞ୍ଚଳ ରେ କିଛି ଅସାଧୁ ନ୍ୟସ୍ତ ସ୍ୱାର୍ଥ ଲୋକ ମାନେ କିଛି ମାତ୍ରାରେ ଚୋରି କରି ଘରକୁ ନେବା ସହ ଦାୟିତ୍ୱ ହୀନତା ଯୋଗୁଁ ଭାଙ୍ଗିରୁଜି ଯିବା ସହ ଅନେକ ସ୍ଥାନରେ ଶୌଚାଳୟ ଭାଙ୍ଗିରୁଜି ଗଲାଣି। ଏସବୁ ଅବସ୍ଥା ପୂର୍ବ ଭଳି ନାହିଁ। ପାଣି ସଂଯୋଗ ଅନେକ ସ୍ଥାନରେ ନାହିଁ। ଜେନେରେଟର ମଧ୍ୟ କାମ କରୁନାହିଁ। ବିପନ୍ନ ମାନଙ୍କୁ ରନ୍ଧାଖାଦ୍ୟ ପ୍ରସ୍ତୁତି ପାଇଁ ଯେଉଁ ଉପକରଣ ମିଳିଥିଲା ସେଗୁଡିକ ଏବେ କାହା ପାଖରେ ଅଛି ଟେର ମିଳୁନାହିଁ। ଏହା ବ୍ୟତୀତ ବାତ୍ୟା ପୂର୍ବରୁ ଲୋକମାନଙ୍କୁ ସୂଚନା ଦେବା ପାଇଁ ଡ଼ାକବାଜି ଯନ୍ତ୍ର ଓ ସାଇରନ ବଜାଇବା ପାଇଁ ଯେଉଁ ଯନ୍ତ୍ର ମିଳିଥିଲା, ତାହା ଏବେ ଅନେକ ସ୍ଥାନରେ ଅକାମୀ ହୋଇପଡ଼ିଛି।

## ଚିନ୍ତାରେ ଅଭିଭାବକ, ପିଲାଙ୍କ କୋର୍ସ ସରିବ ତ?

**ହିଞ୍ଜିଳିକାଟୁ,୨୯।୧୦(ସଂଚାର ବ୍ୟୁରୋ):** ଚଳିତ ମାସ ଅକ୍ଟୋବର ୧ତାରିଖ ଠୁ ୮ ଯାଏଁ ଦଶହରା ପାଇଁ ବିଦ୍ୟାଳୟ ଛୁଟି ହେଲା। ପରବର୍ତ୍ତୀ ସମୟରେ ହିସାବ କଲେ ମାତ୍ର ୧୨ ଦିନ ବିଦ୍ୟାଳୟରେ ପାଠପଢା ସ୍ୱାଭାବିକ ହେଲା। ପୁଣି ବାତ୍ୟା ପାଇଁ ୨୬ତାରିଖ ଠୁ ମାସ ଶେଷ ଯାଏଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଛୁଟି ଘୋଷଣା ହେଲା। ଏସବୁ ଭିତରେ ପିଲାଙ୍କ ପାଠ ପଢାକୁ ନେଇ ଚିନ୍ତାରେ ଅଭିଭାବକ।ଠିକ ସମୟରେ କୋର୍ସ ସରିବ ତ ? କମ ସମୟରେ ପିଲାଙ୍କୁ ତରବରିଆ ଭାବେ ପଢାଇ କୋର୍ସ ସାରିଦେବେନି ତ ଶିକ୍ଷକ ? ଏଭଳି ନାନା ପ୍ରଶ୍ନ ଏବେ ଅଭିଭାବକଙ୍କ ମନରେ ଉଙ୍କି ମାରୁଛି।

## ନିର୍ମାଣ ଶ୍ରମିକଙ୍କୁ ୧.୯୭ କୋଟିର ଆର୍ଥିକ ସହାୟତା

**ଯାଜପୁର,୨୯।୧୦(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କରଙ୍କ ଅନୁମୋଦନ ଓ ଅନୁମତି ଅନୁସାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଯୁଧିଷ୍ଠିର ନାୟକ ନିର୍ମାଣ ଶ୍ରମିକମାନଙ୍କ ପାଇଁ ଆର୍ଥିକ ସହାୟତା ରାଶି ଡମି ଚେକ ମାଧ୍ୟମରେ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୃତ୍ୟୁକାଳୀନ ଓ ଅନ୍ତେଷ୍ଟିକ୍ରିୟା ସହାୟତା ବାବଦରେ ୨୫ ଜଣଙ୍କୁ ୩୨, ୭୦, ୦୦୦ ଟଙ୍କା, ଶିକ୍ଷା ସହାୟତା ବାବଦରେ ୨୧୯ ଜଣଙ୍କୁ ୧୨, ୧୭, ୦୦୦ ଟଙ୍କା, ବିବାହ ସହାୟତା ବାବଦରେ ୧୦୨ ଜଣଙ୍କୁ ୫୦, ୭୫, ୦୦୦ ଟଙ୍କା, ଏବଂ ପ୍ରସୂତୀକାଳୀନ ସହାୟତା ବାବଦରେ ୪ ଜଣଙ୍କୁ ୪୦, ୦୦୦ ଟଙ୍କା ପ୍ରଦାନ କରାଯାଇଛି।

● ବାତ୍ୟା 'ମୋନ୍ଥା'ର ପ୍ରଭାବ

## ଚାନ୍ଦବାଲିରେ ୩୨ ହଜାର ହେକ୍ଟର ଚାଷ ଜମି ପ୍ରଭାବିତ



**ଭଦ୍ରକ,୨୯।୧୦(ସଂଚାର ବ୍ୟୁରୋ):** ବାତ୍ୟା 'ମୋନ୍ଥା' ପ୍ରଭାବରେ ଭଦ୍ରକ ଜିଲ୍ଲା ଅଧୀନ ଚାନ୍ଦବାଲିରେ ୭୪ମିମି ବର୍ଷା ହୋଇଥିବା ପାଣିପାଗ ବିଭାଗ ପକ୍ଷରୁ ରେକର୍ଡ କରାଯାଇଛି। ଏହା ସହିତ ବ୍ଲକରେ ଧାନ ଚାଷ ହୋଇଥିବା ମୋଟ ୩୨ ହଜାର ୭ଶହ ୨୯ହେକ୍ଟର ଜମି ପ୍ରଭାବିତ ହୋଇଥିବା ଲକ୍ଷ କରାଯାଉଛି। ଗତ କାଲି ରାତ୍ରିରେ ଯେଉଁ ଭଳି ବେଗରେ ପବନ ବୋହି ଥିଲା ସେଥିରେ ଧାନ ବିଲରେ ଅଧିକାଂଶ ଜମିରେ ଚାଷ ହୋଇଥିବା ବିଲରେ ଥୋଡ ବାହାରୁଥିଲା। ବର୍ଷା ସାଙ୍ଗକୁ ପବନ ବୋହିବା ଫଳରେ ତାହା ସମ୍ପୂର୍ଣ୍ଣ ପଡ଼ିଯାଇଛି। ଭବିଷ୍ୟତରେ ଏହି ଜମି ଗୁଡିକରେ ଧାନ ବଦଳରେ ହେବ ଅଗାଡି। ଯାହାକି ବର୍ତମାନ ଚାଷୀର ମୁଣ୍ଡରେ ଚଡକ ପଡ଼ିଯିବା ସଦୃଶ ହୋଇଛି। ଯେଉଁଭଳି ଦ୍ରୁତ ବେଗରେ ପବନ ବୋହିବା ସାଙ୍ଗକୁ ପ୍ରବଳ ବର୍ଷା ଗର୍ଭ ଧାରଣ କରିଥିବା ଧାନ ଗଛକୁ ଗଭୀର ମାତ୍ରାରେ ଆଘାତ ଦେଇଛି।

## ବାତ୍ୟା ପାଇଁ କୋବି କାଟିନେଲେ ଚାଷୀ



**ନବରଙ୍ଗପୁର/ରାଇଘର, ୨୯।୧୦(ସଂଚାର ବ୍ୟୁରୋ):** ବାତ୍ୟା ପାଇଁ ପରିବାଚାଷୀ ମୁଣ୍ଡରେ ହାତ ଦେଇଛନ୍ତି। ଝିପିଝିପି ବର୍ଷା ଓ ମେଘୁଆ ପାଗ ଯୋଗୁଁ ପରିବା ନଷ୍ଟ ହେବା ଆଶଙ୍କାରେ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି। ଖରାପ ପାଗ ଯୋଗୁଁ ହାଟବଜାରରେ ପରିବା ଦର ଖସିଯାଉଥିଲେ ସୁଦ୍ଧା ଚଷୀମାନେ ପନିପରିବା ତୋଳିବାରେ ଲାଗିଛନ୍ତି। ଏଭଳି ଦେଖିବାକୁ ମିଳିଛି ରାଇଘର ବ୍ଲକରେ। ପଢ଼ିପାରା ପଞ୍ଚାୟତ କେବିକଙ୍ଗା ଗାଁର ବିପ୍ଲବ କୁମାର ସର୍କାର କହିଛନ୍ତି, ସେ ଅଧ ଏକର ଜମିରେ ଫୁଲକୋବି ଓ ଦେଢ ଏକର ଜମିରେ ପତ୍ରକୋବି ଚାଷ କରିଛନ୍ତି। ଶ୍ରମିକ, ଖତସାରା ଓ ରୋଗ ପୋକ ନିୟନ୍ତ୍ରଣ ଲାଗି ପ୍ରାୟ ଦେଢଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ଅମଳ ହେବାକୁ ଆହୁରି ମାସେ ବାକି ରହିଛି। ଏବେ ପାଗ ଖରାପ ଯୋଗୁଁ ପରିବା ନଷ୍ଟ ହେବା ଚିନ୍ତାରେ ରହିଛନ୍ତି। ମାସକ ପରେ ପ୍ରାୟ ୩-୪ ଲକ୍ଷ ଟଙ୍କାର ପରିବା ବିକ୍ରି କରିଥାନ୍ତେ। ବାତ୍ୟା ଯୋଗୁଁ ପ୍ରବଳ ବର୍ଷା ହେଲେ ପରିବା କ୍ଷତ ହେବା ଆଶଙ୍କା ରହିଛି। ଫୁଲକୋବି ଚାଷ ହୋଇଛି। ଏଭଳି ଜିଲ୍ଲାରେ ବୋଲି କହିଛନ୍ତି। ସେଭଳି ବାଇଗଣ ୨ଏକର ଜମିରେ ଚାଷ କରିଛନ୍ତି।

## ମୋନ୍ଥା ପ୍ରଭାବ ଚାଷ ଜମି ଜଳମଗ୍ନ: ଦୁଃଖ ବୁଝିଲେ ବିଧାୟକ



**ବ୍ରହ୍ମପୁର,୨୯।୧୦(ସଂଚାର ବ୍ୟୁରୋ):** ବାତ୍ୟା ମୋନ୍ଥାର ପ୍ରଭାବ ଗଞ୍ଜାମଜିଲ୍ଲା ଉପରେ ପଡ଼ିଛି। ଏହାର ପ୍ରଭାବରେ ଜିଲ୍ଲାରେ ଲଗାଣ ବର୍ଷା ହେବା ସହ ଚାଷ ଜମି ଗୁଡିକ ପାଣି ଘେରରେ ରହିଛି। ସର୍ବାଧିକ ବର୍ଷା ପାତ୍ରପୁର ବ୍ଲକ୍ ର ହୋଇଥିବା ରେକର୍ଡ କରାଯାଇଛି। ଚିକିଟି ନିର୍ବାଚନମଣ୍ଡଳୀଅନ୍ତଗତ ପାତ୍ରପୁର ବ୍ଲକର ଆନ୍ଧ୍ର ସୀମାନ୍ତରେ ଥିବା ୩୦ରୁ ଅଧିକ ଗାଁ ଜଳମଗ୍ନ ହୋଇଛି। ପ୍ରାୟ ୧୦୦୦ଏକର ଜମିରେ ବନ୍ୟାଜଳ ପଶିଛି। ଆଜି ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଏହି ଅଞ୍ଚଳ ପରିଦର୍ଶନ କରିଥିଲେ। ତୁରନ୍ତ ଉପଜିଲାପାଳ, ତହସିଲଦାରଙ୍କୁ ଏ ସମ୍ପର୍କରେ ଅବଗତ କରାଇଥିଲେ। ଉପଜିଲାପାଳ ଓ ତହସିଲଦାର ମଧ୍ୟ ଘଟଣାସ୍ଥଳରେ ପହଂଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ରିପୋର୍ଟ ଅନୁସାରେ ପାତ୍ରପୁର ବ୍ଲକର ଗୁଡିପଦର, ବି ନୂଆଗାଁ, ଜୟନ୍ତିପୁର, କେଶରୀପଡା, ବରଙ୍ଗ, ଖମ୍ବାରୀଗାଁ ଆଦି ଅନେକ ପଞ୍ଚାୟତର ବିଭିନ୍ନ ଗ୍ରାମରେ ବନ୍ୟା ଜଳ ଏଣ୍ଟ୍ରି ମାରିଛି। ଗ୍ରାମର ଚତୁର୍ପାର୍ଶ୍ୱରେ ଅଣ୍ଟାଏ ପର୍ଯ୍ୟନ୍ତ ପାଣି ରହିଛି। କ୍ଷେତ୍ର ପରିଦର୍ଶନ କରିବା ପରେ ସମ୍ପୃକ୍ତ ବିଷୟରେ ସ୍ଥାନୀୟ ଲୋକଙ୍କ ସହ ବିଧାୟକ ଆଲୋଚନା କରି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଗୋମାଂସ ନେଇ ଯାଉଥିଲେ, ଧରିପକାଇଲେ ଲୋକେ



**ମୋରଡ଼ା,୨୯।୧୦ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବଜାର ଦେଇ ଜଣେ ବେପାରୀ ଗୋ ମାଂସ ବିକ୍ରି କରିବାକୁ ନେଉଥିବା ସମୟରେ ସ୍ଥାନୀୟ ଲୋକଙ୍କ ହାତରେ ଧରା ପଡ଼ିଛନ୍ତି। ଲୋକେ ତାଙ୍କୁ ପୋଲିସ ଜିମା ଦେଇଛନ୍ତି। ସୂଚନା ଅନୁଯାୟୀ, ମଙ୍ଗଳବାର ପୂର୍ବାହ୍ନ ୧୧ଟା ସମୟରେ ମୋରଡ଼ା ଥାନା ଅଧୀନ କୁକୁଡ଼ାପଦା ଗ୍ରାମର ସୁଦାମ ସୋରେନ ବାଲେଶ୍ୱର ଜିଲା ବସ୍ତା ଅଞ୍ଚଳରୁ ପନ୍ଦର କେଜି ଗୋ ମାଂସ ନେଇ ଏକ ସାଇକେଲ ଯୋଗେ ବିକ୍ରି କରିବାକୁ ଯାଉଥିବା ବେଳେ ରାସଗୋବିନ୍ଦପୁର ବଜାର ନିକଟରେ ସ୍ଥାନୀୟ ଲୋକଙ୍କ ହାବୁଡ଼ରେ ପଡ଼ିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସୁଦାମଙ୍କୁ ଥାନାକୁ ଆଣିଥିଲେ । ତେବେ ସୁଦାମ କୁକୁଡ଼ାପଦା,ଜିଆପାଳ,ସନ୍ୟାସୀ ଗ୍ରାମରେ ଉକ୍ତ ମାଂସ ବିକ୍ରି କରନ୍ତି ବୋଲି ପୋଲିସ ତଦନ୍ତରୁ ଜଣାପଡିଛି ।

## ଗୋ' ସେବାରେ ବ୍ରତୀ ହେଲେ ଯୁବଗୋଷ୍ଠୀ

**ବାଲିଅନ୍ତା,୨୯।୧୦ (ସଂଚାର ବ୍ୟୁରୋ):** 'ଜୀବେ ଦୟା, ସେବା ହିଁ ପରମ ଧର୍ମ' ଏହି ପଥକୁ ଆପଣେଇଛନ୍ତି ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ବ୍ଲକ ଅଧୀନ ବଇଁଚୁଆ ଗ୍ରାମର ଯୁବପିଢ଼ି। ଏମାନେ ଟଙ୍କପାଣି ବ୍ରିଜ ଠାରୁ ବାଲିଅନ୍ତା ବଜାର ପର୍ଯ୍ୟନ୍ତ ରାସ୍ତାରେ ଥିବା ୬୦ରୁ ୭୦ ଗାଈ, ଷଣ୍ଢ, କୁକୁରମାନଙ୍କୁ ରନ୍ଧା ଖାଦ୍ୟ ଦେବା ସହ ରେଡିୟମ ବେଲ୍ଟ ମଧ୍ୟ ବାନ୍ଧନ୍ତି ଫଳରେ ଅନ୍ଧାରେ ଶୋଇଥିବା ଗାଈଗୋରୁ ଗାଡ଼ି ଦୁର୍ଘଟଣାରାରୁ ବଞ୍ଚିଯାଆନ୍ତି। ଏହି ପକ୍ରିୟାକୁ ଗ୍ରାମର ହାଡିବନ୍ଧୁ ସାହୁ, ରଘୁନାଥ ସାହୁ, ରାକେଶ ସାହୁ, କୁନା ସାହୁ, ସୁଶୀଲ ମହାନ୍ତି, ବିକ୍ରମ ମହାନ୍ତି, ତୁଷାର ସାହୁ, ମାନସ ସାହୁ, ସୁକାନ୍ତ ସାହୁ ପ୍ରମୁଖ କିଛି ଦିନ ହେଓ୍ୱ ରାତି ୧୦ ଟାରୁ ୧୨ ଟା ପର୍ଯ୍ୟନ୍ତ ଗୋସୁରକ୍ଷା କାର୍ଯ୍ୟରେ ଲାଗିଥାନ୍ତି। ଏହି କାର୍ଯ୍ୟପାଇଁ ନିଜ ହାତରୁ ଅର୍ଥ ଖର୍ଚ୍ଚ କରି ଆଉ କିଛି ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ କରିଥାନ୍ତି। ଆଗକୁ ସେମାନେ ଗୋଶାଳା କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି।

### ଭାତ ହାଣ୍ଡିରେ ଦଇବ କୋପ

## ବର୍ଷା ଧୋଇଦେଲା ବର୍ଷକର ଆହର



**କାକଟପୁର/ଅସ୍ତରଙ୍ଗ,୨୯।୧୦ (ସଂଚାର ବ୍ୟୁରୋ):** 'ମୋନ୍ଥା'ପ୍ରଭାବ ରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳ ରେ ୨ଦିନ ଲଗାଣ ବର୍ଷା ରେ ଅନେକ ଚାଷ ଜମିରେ ଧାନ ବିଲରେ ଲୋଟିଯାଇଛି ଧାନ ଗଛ। ଏଥର ଧାନ ନୁହେଁ ଆଖ୍ୟା ବିଲରେ ସୁନା ଫଳିଥିଲା। କ୍ଷେତକୁ ଦେଖିଲେ ପେଟ ପୂରୀଯାଉଥିଲା। ହେଲେ ଆମ ଚାଷୀ ଙ୍କ ଖୁସି ବୋଧେ ଦଇବ ସହିଲାନି ଏମିତି କହିଛନ୍ତି ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ବେଗୁନିଆବସ୍ତ ଗ୍ରାମର ଦୁର୍ଗା ଚରଣ ସ୍ୱାଇଁ। ଅସ୍ତରଙ୍ଗ ବ୍ଲକ ଅଧୀନ ବେଗୁନିଆବସ୍ତ, କରଞ୍ଜପୁର, କଣମଣ, ଜିଉଁନ୍ତି ଅଞ୍ଚଳର ଚାଷ ଜମିରେ ପବନ ହେତୁ ପାଚିଲା ଧାନ ପାଣି ଭାସୁଛି। ପାଚିଲା ଧାନ କଟେଇ କି ଉଠାଇଲା ବେଳକୁ ଭାଙ୍ଗିଯାଉଛି ଚାଷୀଙ୍କ ମେରୁଦଣ୍ଡ। କ୍ଷେତ ମଝିରେ ବତୁରା ଫସଲକୁ ବଞ୍ଚାଇବା ପାଇଁ ଉଦ୍ୟମ ସତ୍ୱେ ନିରାଶ ହେଉଛି ଚାଷୀ ପୁଅ। ଖଳା କୁ ଯିବା ଆଗରୁ ବିଲ ମଝିରେ ଓଦାରେ ଯେତେବେଳେ ଜୁଡୁବୁଡୁ ବର୍ଷକର ଦାନା ପାଣି, ସେତେବେଳେ ସବୁ ଶୂନ୍ୟ ବିଚରା ଚାଷୀ। ଅମଳ ସମୟକୁ ଅଦିନିଆ ବର୍ଷା ରେ ଅକଳ ଗୁଡୁମ ଅବସ୍ଥା। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳ ରେ କିଏ ଭାଗ ଚାଷୀ, କିଏ ଧାର କରଜ କରି ନିଜ ବିଲରେ ଫଳାଇ ଥିଲେ ସୁନାର ଫସଲ। କିନ୍ତୁ ବାତ୍ୟା'ମୋନ୍ଥା'ପ୍ରଭାବ ରେ ଲଘୁଚାପ ଲଗାଣ ୨ ଦିନ ବର୍ଷା ଯୋଗୁଁ କେବଳ ଯେ ସହ ସହ ଏକର ଫସଲ ଭାସୁଛି ତାହା ନୁହେଁ ବରଂ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି।

### ୨ ସପ୍ତାହ ହେଲା ବୈତରଣୀ ନଦୀ ବନ୍ଧ ଧସିଯାଇଛି

## ମରାମତି ନ ହେବାରୁ ବିପଦରେ ଜନଜୀବନ



**ଯାଜପୁର, ୨୯।୧୦ (ସଂଚାର ବ୍ୟୁରୋ):** ବାତ୍ୟା ମୋନ୍ଥା କୁ ନେଇ ସରକାର ସଜାଗ ହେଉଥିବା ବେଳେ, ଯାଜପୁର ଜିଲ୍ଲାରେ ବୈତରଣୀ ନଦୀ କୂଳେ ଧସିଥିବା ବନ୍ଧ ନେଇ ଲୋକମନଙ୍କ ମନରେ ଭୟ ଜନ୍ମ ନେଇଛି। ଦଶରଥପୁର ପଞ୍ଚାୟତ ଅନ୍ତର୍ଗତ ଗୁଡୁଣିପଡ଼ା ନିକଟରେ ପ୍ରାୟ ୩୦୦ ମିଟର ଜାଗା ଧସିଯାଇଥିବା ଏହି ନଦୀବନ୍ଧ ୨ ସପ୍ତାହ ହେଲା ମଧ୍ୟ ମରାମତି ହୋଇନାହିଁ। ଏପରି ସମୟରେ ବାତ୍ୟା ପ୍ରଭାବରେ ଅଞ୍ଚଳରେ ବର୍ଷା ଲାଗି ରହିବାରୁ ଜନଜୀବନ ଆତଙ୍କିତ। ପାଣିପାଗ ବିଭାଗ ଯଦିଓ ଜିଲ୍ଲାରେ ଅଧିକ ପ୍ରଭାବ ପଡ଼ିବ ନାହିଁ ବୋଲି ପୂର୍ବାନୁମାନ କରିଛି, ତଥାପି ଗ୍ରାମବାସୀଙ୍କ ମନରେ ଆଶଙ୍କା "ଧସିଥିବା ବନ୍ଧ ଯଦି ଭାଙ୍ଗିଯାଏ, ଆମ ଘର ଓ ଜୀବନ ବୋହିଯିବ ନଦୀ ସହିତ।" ଗୁଡୁଣିପଡ଼ା ସହିତ କମାରଡ଼ିହୀ, ଖାନନଗର ଓ ଆଖପାଖ ଗ୍ରାମର ପ୍ରାୟ ୫୦ ହଜାର ଲୋକ ବନ୍ଧ ଭାଙ୍ଗିବାର ଭୟରେ ଅଛନ୍ତି। ଜଳ ସମ୍ପଦ ବିଭାଗ ପକ୍ଷରୁ ଘଟଣାସ୍ଥଳ ପରିଦର୍ଶନ ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟ ହୋଇନାହିଁ। ନିର୍ବାହୀ ଯନ୍ତ୍ରୀ ଅନ୍ତର୍ଯ୍ୟାମୀ ମିଶ୍ର କହିଛନ୍ତି "ବର୍ଷା ଯୋଗୁଁ ମରାମତି ସାମଗ୍ରୀ ନେବା ସମ୍ଭବ ହେଉନାହିଁ, ପାଗ ଭଲ ହେଲେ ପଥର ମ୍ୟାଟିଂ ହେବ।" କିନ୍ତୁ ଲୋକମନେ ପ୍ରଶ୍ନ କରୁଛନ୍ତି "ଦୁଇ ସପ୍ତାହ ଧରି ବିଭାଗ କ'ଣ କରୁଥିଲା?" ପୂର୍ବରୁ ଏଠି ଅନେକସ୍ଥାନରେ ନଦୀବନ୍ଧ ଅତଡ଼ା ଖସିଥିବା ଖବର ଥିଲା, କିନ୍ତୁ ଯେନତେନ ମରାମତିରେ ମାମଲା ଲୁଚାଯାଇଥିଲା।

## ଥାନା ପରିସର କବାଡିଖାନା

**ଭଦ୍ରକ,୨୯।୧୦ (ସଂଚାର ବ୍ୟୁରୋ):** ସ୍ୱାଧୀନତା ସଂଗ୍ରାମୀ ଙ୍କ ଥାନା ପୋଡି ସ୍ମୃତି ବହନ କରୁଥିବା ଏହି ଭଣ୍ଡାରିପୋଖରୀ ଥାନା ପରିସର କବାଡି ଖାନା ରେ ପରିଣତ ହୋଇ ଅଛି।ବହୁ ଦିନ ର ରିଲିଜ ହୋଇ ନଥିବା ଗାଡି କିମ୍ବା ରିଲିଜ ପରେ ଗାଡି ମାଲିକ ନେଉନଥିବା ଗାଡି ଜମି ଏପରି ଅବସ୍ଥା ଉପୁଜିଅଛି।ତେଣୁ କୋର୍ଟ ର ବୋଝ କୁ ଥାନା ପରିସର ସମ୍ଭାଳୁଥିଲେ ମଧ୍ୟ ଏହା ସରୀସୃପ ଙ୍କ ଆଶ୍ରୟ ସ୍ଥଳ ପାଲଟି ଅଛି। ବିପଦ ଜନ କ ମଶାମଧ୍ୟ ସୃଷ୍ଟି କରୁଛି ଏହି ଗାଡିର ଭଗ୍ନ।ବିଶେଷ। ପାଖରେ ପୋଲିସ କଲୋନୀ ରହି ଥିବାରୁ ଏ ହା ଅ ସ୍ୱାସ୍ଥ୍ୟ କର ପରିବେଶ ହୋଇ ଅଛି।ଆହୁରି ମଧ୍ୟ ପ୍ରତି ବର୍ଷ ଏହି ପରିସର ରେ ମୁନସୀ ମେଳଣ ପାଇଁ ଏହି ଗାଡି ଗୁଡିକୁ ଅନ୍ୟ ସ୍ଥାନ କୁ ହଟାଇବା ଓ ପୁନଶ୍ଚ ଆଣି ରଖିବା ପାଇଁ ବହୁ ଅର୍ଥ କମିଟି ବ୍ୟୟ କରୁଅଛି। ଏକ ନିର୍ଦ୍ଦିଷ୍ଟ ସମୟ ପରେ ଗାଡି ଗୁଡିକୁ ନିଲାମ କରାଯିବ।

## ସୋଆ ପ୍ରତିଷ୍ଠାତା ସଭାପତିଙ୍କ ଦ୍ୱାରା 'ସୋଫଲ୍ ମାଳା'ର ଚତୁର୍ଥ ସଂସ୍କରଣ ଉନ୍ମୋଚିତ



**ଭୁବନେଶ୍ୱର,୨୯।୧୦ (ସଂଚାର ବ୍ୟୁରୋ):** ବିଶିଷ୍ଟ ବୈଜ୍ଞାନିକମାନଙ୍କୁ ନେଇ ବିବିଧ ପ୍ରସଙ୍ଗରେ ଆୟୋଜିତ ଶିକ୍ଷା ଓ ଅନୁସନ୍ଧାନ ପାକ୍ଷିକ ଶୈକ୍ଷିକ ବକ୍ତୃତାମାଳା ସୋଆ ଫର୍ଟନାଇଟଲି ଏକାଡେମିକ ଲେକ୍‌ଚର ସିରିଜ (ସୋଫଲ୍)ର ଚତୁର୍ଥ ସଂସ୍କରଣ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକଙ୍କ ଦ୍ୱାରା ବୁଧବାର ଉନ୍ମୋଚିତ ହୋଇଯାଇଛି। ସୋଫଲମାଳାର ସଦ୍ୟତମ ସଂକଳନ ୨୫ ଜଣ ବିଶିଷ୍ଟ ଭାରତୀୟ ମହିଳା ବୈଜ୍ଞାନିକମାନଙ୍କୁ ନେଇ ଆଧାରିତ ହୋଇଥିବା ବେଳେ ପ୍ରଫେସର ରୋହିଣୀ ଗୋଡ୍‌ବୋଲେ ଏବଂ ପ୍ରଫେସର ରାମ ରାମସ୍ୱାମୀଙ୍କ ଦ୍ୱାରା ସମ୍ପାଦିତ ପୁସ୍ତକ 'ଲୀଳାବତିସ୍ ଡଟରସ'ରେ ସେମାନଙ୍କ ସମ୍ପର୍କରେ ବ୍ୟାଖ୍ୟା କରାଯାଇଛି। ଏହି ସଂସ୍କରଣରେ ପ୍ରଫେସର ରାମସ୍ୱାମୀଙ୍କ ଦ୍ୱାରା ରୋହିଣୀ ଗୋଡବୋଲେ ସ୍ମାରକୀ ବକ୍ତୃତା ମଧ୍ୟ ସ୍ଥାନୀତ କରାଯାଇଛି। ଏହି ବକ୍ତୃତାଗୁଡ଼ିକ ଡିଜିଟାଲ୍ ମାଧ୍ୟମରେ ପରିଚାଳନା କରାଯାଇଥିଲା। ଓଡ଼ିଶାର ୩ଜଣ ମହିଳା ବୈଜ୍ଞାନିକ ପ୍ରଫେସର ଶୀଖା ବର୍ମା, ପ୍ରଫେସର ପିୟମ୍ବଦା ମହାନ୍ତି ହେଜମାଦି ଏବଂ ପ୍ରଫେସର ପୁଷ୍ପା ଖାରେଙ୍କ ସମ୍ପର୍କରେ ଏହି ନୂତନ ସଂସ୍କରଣରେ ସାମିଲ କରାଯାଇଥିବା ବେଳେ ସୋଆର ୟୁନିଭର୍ସିଟି ଆଉଟରିଚ୍ ପ୍ରୋଗ୍ରାମର ନିର୍ଦ୍ଦେଶକ ପ୍ରଫେସର ନଚିକେତା ଶର୍ମା ଏହାକୁ ସମ୍ପାଦିତ କରିଛନ୍ତି।

# ଟିପିଏସ୍‌ଓଡିଏଲର ଦୃଢ଼ ପ୍ରସ୍ତୁତି; ବାତ୍ୟା ମୋନ୍ଥାର ସଫଳ ମୁକାବିଲା

- ବାତ୍ୟା ପରେ ୯୮% ପୁନରୁଦ୍ଧାର କାର୍ଯ୍ୟ ଶେଷ
- ୧୭ ଘଣ୍ଟାରେ ରେକର୍ଡ଼ ଅଞ୍ଚଳରେ ପୁନରୁଦ୍ଧାର
- ଅତ୍ୟନ୍ତ ଆବଶ୍ୟକ ଭିତ୍ତିଭୂମିରେ ୧୦୦% ବିଜୁଳି ଯୋଗାଣ ସ୍ୱାଭାବିକ



**ବ୍ରହ୍ମପୁର, ୨୯।୧୦ (ସଂଚାର ବ୍ୟୁରୋ):** ବାତ୍ୟା ମୋନ୍ଥା ପ୍ରଭାବରେ ସମଗ୍ର ଦକ୍ଷିଣ ଓଡ଼ିଶାରେ ପବନ ଏବଂ ବର୍ଷା ଦେଖିବାକୁ ମିଳିଥିଲା। ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍‌ଓଡିଏଲ୍) ଅଧୀନରେ ଅନେକ ଅଞ୍ଚଳରେ ଏଥିପାଇଁ ସାମୟିକ ଭାବରେ ବିଦ୍ୟୁତ ସେବା ବାଧାପ୍ରାପ୍ତ ହୋଇଥିଲା। ଏଭଳି ଏକ ଆହ୍ୱାନମୂଳକ ସ୍ଥିତିରେ ଟିପିଏସ୍‌ଓଡିଏଲର ଅସାଧାରଣ ପ୍ରସ୍ତୁତି ଏବଂ ଦୃତ ପଦକ୍ଷେପ ଯୋଗୁଁ ସଫଳତାର ସହ ଏହି ସ୍ଥିତିର ମୁକାବିଲା ହୋଇପାରିଛି। ପ୍ରଭାବିତ ହୋଇଥିବା ମୋଟ ୯ଲକ୍ଷ ୮୮ହଜାର ୨୫୩ଜଣ ଉପଭୋକ୍ତାଙ୍କ ମଧ୍ୟରୁ ୯ଲକ୍ଷ ୫୦ହଜାରରୁ ଅଧିକ ଉପଭୋକ୍ତାଙ୍କୁ ବିଜୁଳି ଯୋଗାଣ ସ୍ୱାଭାବିକ ହୋଇ ପାରିଛି। ବାତ୍ୟା ମୋନ୍ଥାର ପ୍ରକୋପ ସତ୍ତ୍ୱେ ମାତ୍ର ୧୭ଘଣ୍ଟାରେ ୯୮ପ୍ରତିଶତ ପୁନରୁଦ୍ଧାର କାର୍ଯ୍ୟ ଶେଷ ହୋଇଛି। ବିଦ୍ୟୁତ ଭିତ୍ତିଭୂମି କ୍ଷେତ୍ରରେ ୩୩ କେଭି ଓ ୧୧ କେଭି ଫିଡର୍, ସବଷ୍ଟେସନ୍ ଏବଂ ଡିଷ୍ଟ୍ରିବ୍ୟୁସନ୍ ଟ୍ରାନ୍ସଫର୍ମର୍ଗୁଡ଼ିକ ବାତ୍ୟା ମୋନ୍ଥା ପ୍ରଭାବରେ ପ୍ରଭାବିତ ହୋଇଥିଲା। ମାତ୍ର ଟିପିଏସ୍‌ଓଡିଏଲର ନିରବଚ୍ଛିନ୍ନ ପ୍ରୟାସ ଏବଂ ଦୃଢ଼ କାର୍ଯ୍ୟପ୍ରଣାଳୀ ଏବଂ ଦୃତ ପ୍ରକ୍ରିୟା ଯୋଗୁଁ ପ୍ରଭାବିତ ହୋଇଥିବା ସମସ୍ତ ୩୩କେଭି ଫିଡରଗୁଡ଼ିକର ଶତପ୍ରତିଶତ ମରାମତି ଶେଷ ହୋଇ ପାରିଛି। ଏଥିସହିତ ପ୍ରାଇମେରୀ ସବଷ୍ଟେସନଗୁଡ଼ିକର ମଧ୍ୟ ପୁନରୁଦ୍ଧାର କାର୍ଯ୍ୟ ପ୍ରାୟ ୯୪% ଅଧିକ ଶେଷ ହୋଇ ପାରିଛି। ସେହିଭଳି ପ୍ରାୟ ୯୭ ପ୍ରତିଶତ ୧୧କେଭି ଫିଡରର ପୁନରୁଦ୍ଧାର ଓ ଆବଶ୍ୟକୀୟ ମରାମତି କାର୍ଯ୍ୟ ଶେଷ ହୋଇ ପାରିଛି। ବାତ୍ୟା ପ୍ରଭାବରେ ପ୍ରଭାବିତ ହୋଇଥିବା ମୋଟ ୩୩ହଜାର ୫୩୫ଟି ଡିଷ୍ଟ୍ରିବ୍ୟୁସନ ଟ୍ରାନ୍ସଫର୍ମର ମଧ୍ୟରୁ ୩୧ହଜାର ୨୮୭ଟି ଡିଷ୍ଟ୍ରିବ୍ୟୁସନ ଟ୍ରାନ୍ସଫର୍ମରର ମରାମତି କାର୍ଯ୍ୟ ଶେଷ ହୋଇଛି ଏବଂ ବିଦ୍ୟୁତ ଯୋଗାଣ ପୁନଃ ସ୍ଥାପିତ ହୋଇଛି। ଯାହାଦ୍ୱାରା ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ମାତ୍ର ୧୭ଘଣ୍ଟା ମଧ୍ୟରେ ବିଦ୍ୟୁତ ଯୋଗାଣ ସ୍ୱାଭାବିକ ହୋଇ ପାରିଛି।

## ବନ ବିଭାଗ ଓ ରାସ୍ତା- ପୂର୍ତ୍ତ ବିଭାଗର ବେପରୁଆ ନୀତିରେ ଜନସାଧାରଣ ଦୁର୍ଦ୍ଦଶାରେ



**ଯାଜପୁର,୨୯।୧୦ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର ବିଞ୍ଝାରପୁର ବ୍ଲକ୍ ଅନ୍ତର୍ଗତ ସିଂହପୁର ଠାରୁ ତାଉଁତରା ଦେଇ ଅରେଇ ଛକ- ମଇନ୍ଦା ଛକ ପର୍ଯ୍ୟନ୍ତ ରାସ୍ତା ଏବେ ଜନସାଧାରଣଙ୍କ ପାଇଁ ମରଣ ମାର୍ଗ ସାଜିଛି। ବନ ବିଭାଗ ଓ ରାସ୍ତା- ପୂର୍ତ୍ତ ବିଭାଗର ବେପରୁଆ ନୀତି ଏହାକୁ ଜୀବନ ମରଣ ରାସ୍ତାରେ ପରିଣତ କରିଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ରାସ୍ତା ଦୁଇ ପାର୍ଶ୍ୱରେ ବଡ଼ ବଡ଼ ଗଛ ରହିଥିବା ସତ୍ତେ ବନ ବିଭାଗ ତାହାର ଯଥାସମୟରେ ଶୁଖିଲା ଡାଳ କାଟିବା କାମ କରୁନାହାନ୍ତି। ଫଳସ୍ୱରୂପ, ଟିକେ ଝଡ଼- ବର୍ଷା ହେଲେ ଏହି ଡାଳ ଖସି ଜନମାନଙ୍କ ଜୀବନକୁ ଅପାୟରେ ପକାଇଦେଉଛି।ଏହି ରାସ୍ତା ହେଉଛି ଯାଜପୁର ମୁଖ୍ୟ ସଡ଼କ ସହ ସିଧା କେନ୍ଦ୍ରାପଡ଼ାକୁ ସଂଯୋଗୀ ମାର୍ଗ। ଦିନ- ରାତି ଟ୍ରକ୍, ବସ୍, କାର, ମୋଟରସାଇକେଲ ଓ ପଦଯାତ୍ରୀ ଚଳାଚଳ ହେଉଥାଏ। ସେହିପରି ହଜାର ଛାତ୍ରଛାତ୍ରୀ ନିଜ ଶିକ୍ଷାସଂସ୍ଥାନକୁ ଯାଇଥାନ୍ତି। ରାସ୍ତା ନିକଟରେ ଥିବା କୃଷିଭୂମିକୁ ଯିବା ଚାଷୀମାନେ ମଧ୍ୟ ଏହି ଦୁରବସ୍ଥା ରାସ୍ତା ଦେଇ ଯାତାୟାତ କରିବାକୁ ବିବଶ ହେଉଛନ୍ତି।

## ବଜ୍ରପାତରେ ୨ ଗୁରୁତର

**ଭଦ୍ରକ,୨୯।୧୦ (ସଂଚାର ବ୍ୟୁରୋ):** ଗତକାଲି ରାତିରେ ବାତ୍ୟା 'ମୋନ୍ଥା' ଜନିତ ଲଘୁଚାପ ବର୍ଷାର ବଜ୍ରପାତରେ ଏହି ଜିଲାର ବାସୁଦେବପୁର ବ୍ଲକ ଅଧୀନସ୍ଥ ବାଲିମେଦ ପଞ୍ଚାୟତର କାଳିଦାସପୁର ଗ୍ରାମରେ ଦୁଇଜଣ ଗୁରୁତର ହୋଇ ଭଦ୍ରକ ଜିଲା ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ପ୍ରାପ୍ତ ଖବରରୁ ଯାହା ଜଣାଯାଏ ଏହି ଗ୍ରାମର ସୁବଳ ମାଝୀଙ୍କ ୧୦ମ ଶ୍ରେଣୀରେ ପଢୁଥିବା ପୁତ୍ର ଶୁଭମ୍ ରାତି ୮.୩୦ ରେ ଟ୍ୟୁସନରୁ ଘରକୁ ଫେରୁଥିବାବେଳେ ବଜ୍ରପାତ ଘଟି ଗୁରୁତର ହୋଇଥିଲା। ସେହିଭଳି ଉକ୍ତ ଗ୍ରାମର ନେତାଜୀ ଜେନାଙ୍କ କନ୍ୟା ସନ୍ଧ୍ୟାରାଣୀ (୨୮) ଘର ବାରଣ୍ଡାରେ ରୋଷେଇ କରୁଥିବାବେଳେ ବଜ୍ରପାତ ଘଟି ଗୁରୁତର ହୋଇଥିଲେ। ଉଭୟଙ୍କ ପ୍ରଥମେ ବାସୁଦେବପୁର ଡାକ୍ତରଖାନା ନିଆଯିବା ପରେ ଅବସ୍ଥା ସଂକଟାପନ୍ନ ହେବାରୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା।


କଟକ ସାରଳା ଭବନଠାରେ ଅନୁଷ୍ଠିତ ବସୁଧୈବ କୁଟୁମ୍ବକମ ମିଶନର ନବମ ବାର୍ଷିକ ମହାମିଳନ।

# ଚାକିରି କେଳେଙ୍କାରୀ ମାମଲାରେ ୧୮ ଅଟକ

**ସମ୍ବଲପୁର,୨୯।୧୦(ସଂଚାର ବ୍ୟୁରୋ):** ଚାକିରି କେଳେଙ୍କାରୀ ମାମଲାରେ ସମ୍ବଲପୁର ପୁଲିସ ପୁଣି ୧୮ ଜଣଙ୍କୁ ଅଟକ ରଖି ପଚରାଉଚରା କରିଛି। ଏହି ମାମଲାରେ ପୂର୍ବରୁ ୨ଜଣ ଗିରଫ ହୋଇଛନ୍ତି। ପୁଲିସ ଅଟକ ରଖିଥିବା ଅଭିଯୁକ୍ତମାନେ ଅଧିକାଂଶ ସମ୍ବଲପୁର ଅଞ୍ଚଳର। ଏମାନେ ବୁର୍ଲା, ଧନୁପାଲି, ବରେଇପାଲି ଓ ଧମା ଥାନା ଅଞ୍ଚଳର ବୋଲି ସମ୍ବଲପୁର ପୁଲିସ ଏହି ସୂଚନା ଦେଇଛି। ଏହି ମାମଲାରେ ଆହୁରି ଅନେକ ଲୋକଙ୍କର ସଂପୃକ୍ତି ଥିବା ପୁଲିସର ସନ୍ଦେହ ହେଉଛି। ଆରକ୍ଷୀ ଅଧୀକ୍ଷକ କହିଛନ୍ତି, ଅଭିଯୁକ୍ତମାନେ ହେଲେ ରାହୁଲ ବାଗ୍, ପଦ୍ମଲୋଚନ ଲୁହା, ମୁରଲୀ ଡାଣ୍ଡିଆ, କୁଞ୍ଜବନ ମହାନନ୍ଦ, ହାଲଦାର ସାହୁ, ଡିଲେଶ୍ୱର ରନବିଡ଼ା, ସୁଶୀଳ ବାଗ, ବେଣୁଧର ଲୁହା, ସରୋଜ ବାଗ, ରାଜକିଶୋର ବେଦି, ଯଶୋବନ୍ତ ଲୁହା, ନନ୍ଦିକିଶୋର ବେଦି, ବନ ବେଦି, ଭାଗ୍ୟଶ୍ରୀ ମହାନନ୍ଦ, ଜମ୍ବୁବନ୍ତୀ ବାଗ, ଦୀପ୍ତି ରାଣୀ ବେଦୀ, ଲିପି ବେଦୀ ଓ ସଂଜୁ ସୁନା। ପୁଲିସ ଏମାନଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

ସାମ୍ବାଦିକ ସମ୍ମିଳନୀରେ ସମ୍ବଲପୁର ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ କହିଛନ୍ତି, ବୁର୍ଲା ପୁଲିସ ନିକଟରେ ଏକ ମାମଲା ରୁଜୁ ହୋଇଥିଲା। ପୁଲିସକୁ ଅନେକଗୁଡ଼ିଏ ତଥ୍ୟ ମିଳିଛି। ଅଭିଯୋଗ ଆଧାରରେ ପୁଲିସ ୧୮ ଜଣଙ୍କୁ ଗିରଫ କରିଛି। ଜଣେ ଅଭିଯୁକ୍ତଙ୍କ ଠାରୁ ୧୩ ଲକ୍ଷ ଟଙ୍କା ଜବତ ହୋଇଛି। ଚାକିରି ଠକେଇ ମାମଲାରେ ବହୁ ଲୋକଙ୍କର ସଂପୃକ୍ତି ଥିଲା। ଏଥିପାଇଁ ଏଜେଣ୍ଟମାନେ କାମ କରୁଥିଲେ। ନିରୀହ ଲୋକଙ୍କର ବ୍ରେନ୍ ୱାସ କରୁଥିଲେ। ତେଣୁ ଲୋକଙ୍କୁ ସତର୍କ ରହିବାର ଅଛି। ସୂଚନାଯୋଗ୍ୟ,



ସମ୍ବଲପୁର ଜିଲ୍ଲା ବୁର୍ଲା ପୁଲିସ ଚାକିରି ଠକେଇ ମାମଲରେ ପୂର୍ବରୁ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜେଲରେ ଥିବା ବ୍ୟକ୍ତିମାନେ ହେଲେ ବଡ଼ବଜାରର ରାହୁଲ ଓରଫ ସମ୍ରାଟ ରାୟ (୩୨) ଏବଂ ସାତୁପାଲିର ପଦ୍ମାବତୀ ତାଣ୍ଡି (୩୪)। ଏମାନେ ଏକ ବର୍ଷ ମଧ୍ୟରେ ୪ ଜିଲ୍ଲା ସମ୍ବଲପୁର, ବରଗଡ଼, ସୁବର୍ଣ୍ଣପୁର ଏବଂ ବୌଦ୍ଧ ଜିଲ୍ଲାର ପାଖାପାଖି ୨ ହଜାର ଲୋକଙ୍କୁ ଫସାଇ ୨ କୋଟି ଟଙ୍କାର ଠକେଇ କରିଛନ୍ତି। ସେମାନେ ଆଗାମୀ ଦିନରେ ଆହୁରି ବଡ଼ଧରଣର ଠକେଇ ଯୋଜନା କରୁଥିଲେ, ଯାହାକୁ ପୁଲିସ ପଣ୍ଡ କରିଦେଇଛି। ଅଭିଯୁକ୍ତମାନଙ୍କଠାରୁ ୬୨.୧ ଲକ୍ଷ ଟଙ୍କା ଜବତ କରାଯାଇଛି। ଏହି ବଡ଼ଧରଣର ନିଯୁକ୍ତି ଠକେଇରେ ସୌମ୍ୟ ସାହୁ ନାମକ ଜଣେ ଛଦ୍ମବ୍ୟକ୍ତି ସହିତ ଆହୁରି ଅନେକ ସଂପୃକ୍ତ ଅଛନ୍ତି। ୨ ଅଭିଯୁକ୍ତଙ୍କ ଠାରୁ ୬୨ ଲକ୍ଷ ଟଙ୍କା ଜବତ କରାଯାଇଛି। ଏମାନେ ୪ ଜିଲ୍ଲାର ୧୮୦୦ ଗରିବଙ୍କଠାରୁ ୨ କୋଟି ଠକେଇ କରିଥିବା ଜଣାପଡ଼ିଛି।

## ‘ଓଡ଼ ପାଇକ ଓ ପାଇକ ଉପଜାତି’କୁ ଓବିସି ଶ୍ରେଣୀରେ ସାମିଲ କରିବାକୁ ଦାବି



**ଭୁବନେଶ୍ୱର,୨୯।୧୦ (ସଂଚାର ବ୍ୟୁରୋ):** ଆଜି ଓଡିଶା ରାଜ୍ୟ ଅତିଥି ଭବନଠାରେ ଜାତୀୟ ପଛୁଆ ବର୍ଗ କମିଶନ ଅଧ୍ୟକ୍ଷ ହଂସରାଜ ଗଙ୍ଗାରାମ ଅହିରଙ୍କ ଜନଶୁଣାଣିରେ ଉପସ୍ଥିତ ରହି ‘ଓଡ଼ - ପାଇକ ଓ ପାଇକ ଉପଜାତି’କୁ ଅନ୍ୟାନ୍ୟ ପଛୁଆ ବର୍ଗ ଶ୍ରେଣୀରେ ଅନ୍ତର୍ଭୁକ୍ତ କରିବା ପାଇଁ ଅଧ୍ୟକ୍ଷଙ୍କୁ ଆବେଦନ କରିବା ସହିତ ଓଡିଶା ପଛୁଆ ବର୍ଗ ଯୁବ ଓ ଛାତ୍ର ସାମ୍ମୁଖ୍ୟ ପକ୍ଷରୁ ବିଭିନ୍ନ ଦାବି ଯଥା- ଜାତିଭିତ୍ତିକ ଜନଗଣନା, ସରକାରୀ ଓ ବେସରକାରୀ ଉଦ୍ୟୋଗ ଗୁଡିକରେ ନିଯୁକ୍ତି କ୍ଷେତ୍ରରେ ସମାନତା, କ୍ରିମି ଲେୟାର ବାଦଦେବା, ଓବିସି/ଏସଇବିସିମାନଙ୍କ ପାଇଁ ସଂରକ୍ଷଣ ୫୦% ରୁ ହଟାଇ ୫୨% ପ୍ରତିଶତ କରିବା, କେନ୍ଦ୍ର ଓ ରାଜ୍ୟ ବଜେଟରେ ଓବିସି/ଏସଇବିସି ମାନଙ୍କ କଲ୍ୟାଣ ପାଇଁ ସ୍ୱତନ୍ତ୍ର ପାଣ୍ଠି ବ୍ୟବସ୍ଥା କରାଯିବା, ନ୍ୟାୟପାଳିକାରେ ଓବିସି/ଏସଇବିସିମାନଙ୍କୁ ପାଇଁ ସଂରକ୍ଷଣ ବ୍ୟବସ୍ଥା ଏବଂ ଘରୋଇ ସଂସ୍ଥାମାନଙ୍କରେ ଓବିସି/ଏସଇବିସିମାନଙ୍କ ପାଇଁ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ଲାଗୁକରିବା ପାଇଁ ଏକ ଦାବିପତ୍ର ଅଧ୍ୟକ୍ଷଙ୍କୁ ପ୍ରଦାନ କରାଯାଇଛି।

## ନୂଆପଡ଼ାରେ ଘରକୁ ଘର ବୁଲି ପ୍ରଚାର କଲେ ମନ୍ତ୍ରୀ

**ନୂଆପଡା /ଭୁବନେଶ୍ୱର, ୨୯।୧୦(ସଂଚାର ବ୍ୟୁରୋ):** ନୂଆପଡ଼ା ବିଧାନସଭା ଉପନିର୍ବାଚନରେ ଦିନକୁ ଦିନ ବଢ଼ିବାରେ ଲାଗିଛି ରାଜନୀତିକ ଚଳଚଞ୍ଚଳତା। ପ୍ରାର୍ଥୀ ଓ ପ୍ରାର୍ଥୀଙ୍କ ସମର୍ଥକମାନେ ଭିନ୍ନ ଭିନ୍ନ ଉପାୟ ଅବଲମ୍ବନ କରି କରୁଛନ୍ତି ଭୋଟ ପ୍ରଚାର୍। ଆଜି ନୂଆପଡ଼ାର ପରସାଗୁଡ଼ା ଠାରେ ବିଜେପି ପକ୍ଷରୁ ଏକ ବିଶାଳ ଜନସଭାର ଆୟୋଜନ କରାଯାଇଥିଲା। ସେଥିରେ ଓଡ଼ିଶାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯୋଗଦେଇ କହିଛନ୍ତି ଡବଲ ଇଞ୍ଜିନ ବିଜେପି ସରକାରରେ ଡବଲ ବିକାଶରେ ସାମିଲ ହୁଅନ୍ତୁ ନୂଆପଡାବାସୀ ଏବଂ ବିଜେପି ସରକାର ଡ଼ିବିଟି ଜରିଆରେ ପ୍ରକୃତ ଲୋକଙ୍କ ପାଖକୁ ପହଞ୍ଚେଇବାରେ ସଫଳ ହେଉଛି। ମହିଳାଙ୍କୁ ସମ୍ମାନର ମିଥ୍ୟା ପ୍ରଚାର କରି ବିଜେଡି ଭୋଟ ନେଉଥିଲା କିନ୍ତୁ ପ୍ରକୃତରେ ମା’କୁ ସମ୍ମାନ ବିଜେପି ହିଁ ଦିଏ, ଦେଉଛି ଓ ଦେଉଥିବ କହି ସେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କ ସପକ୍ଷରେ ଭୋଟ ଭିକ୍ଷା କରିଛନ୍ତି। ପରେ ଘରକୁ ଘର ବୁଲି ନୂଆପଡାରେ ବିଜେପିକୁ ଜିତାଇବା ପାଇଁ ସମସ୍ତଙ୍କୁ ଅପିଲ କରିଛନ୍ତି। ଏହି ଅବସରରେ ଜୁନାଗଡ ଏନଏସିର ପୂର୍ବତନ ଅଧ୍ୟକ୍ଷ ମୁକେଶ ଅଗ୍ରୱାଲ, ମଣ୍ଡଳ ସଭାପତି ସଦାନନ୍ଦ ଯୋଶିଙ୍କ ସମେତ ସ୍ଥାନୀୟ ନେତୃବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।



● ରେଭେନ୍ସା ଇଷ୍ଟ ହଷ୍ଟେଲ୍‌ରେ ଝାଡ଼ାବାନ୍ତି

## ୧୫ରୁ ଅଧିକ ଛାତ୍ର ଏସ୍‌ସିବିରେ ଭର୍ତ୍ତି

**କଟକ,୨୯।୧୦(ସଂଚାର ବ୍ୟୁରୋ):** ରେଭେନ୍ସା ଇଷ୍ଟ ହଷ୍ଟେଲର ୧୫ ଛାତ୍ର ଅସୁସ୍ଥ ହୋଇପଡ଼ିଛନ୍ତି। ଫୁଡ୍ ପଏଜନ ପାଇଁ ୧୫ ଛାତ୍ର ଅସୁସ୍ଥ ହୋଇଥିବା ସୂଚନା ମିଳିଛି। ସମସ୍ତଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରୁ ପିଇବା ପାଣିରୁ ଫୁଡ୍ ପଏଜନ ହୋଇଥିବା ଜଣାପଡିଛି। ପାଣି ପରୀକ୍ଷା ପାଇଁ ପଠାଯାଇଛି। ଗତକାଲି ରାତିରେ ହଷ୍ଟେଲର ଅନ୍ତେବାସୀମାନେ ଭାତ, ରୁଟି, ଅଣ୍ଡା ତଡକା ଓ ଭଜା ଖାଇଥିଲେ। ହଷ୍ଟେଲରେ ପ୍ରାୟ ୧୮୦ ଛାତ୍ର ରହୁଥିଲେ। ପୂର୍ବରୁ ମଧ୍ୟ ରେଭେନ୍ସାର ଅନ୍ୟ ଏକ ହଷ୍ଟେଲରେ ଫୁଡ୍ ପଏଜନ ହୋଇଥିଲା। ହଷ୍ଟେଲରେ ଆକ୍ୱାଗାର୍ଡ ଖରାପ ଥିବା ବେଳେ ଦୂଷିତ ପାଣି ବାହାରୁଥିବା ଛାତ୍ରମାନେ ଅଭିଯୋଗ କରିଛନ୍ତି। ଏନେଇ ଅଭିଯୋଗ କରିବା ପରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନଥିବା ଅଭିଯୋଗ ହୋଇଛି।

## ଜେସିବିରେ ହାତ ପଶିଗଲା ଛୁଆର ହାତ



**ବ୍ରହ୍ମପୁର,୨୯।୧୦(ସଂଚାର ବ୍ୟୁରୋ):** ବ୍ରହ୍ମପୁର ସାନଖେମୁଣ୍ଡି ଚୁଡ଼ଙ୍ଗପୁରରେ ଅଭାବନୀୟ ଘଟଣା। ଅସାବଧାନତାବଶତଃ ଜେସିବି ମେସିନରେ ଫସିଗଲା ଛୁଆର ହାତ । ରାସ୍ତାରେ ଠିଆ ହୋଇଥିବା ମେସିନ ଉପରେ ଚଢ଼ିଥିଲା ଛୁଆ। ଜେସିବି ଉପରେ ବସି ଜେସିବିରେ ହାତ ଆଙ୍ଗୁଠି ପୁରାଇ ଦେଇଥିଲା ଏକ ଶିଶୁ। ତେବେ ପିଲାଟିର ହାତ ଖୋଲିବାରେ ଅସଫଳ ହେଲେ ଅଗ୍ନିଶମବାହିନୀ। ଏବେ ଦିଗପହଣ୍ଡି ମେଡିକାଲରେ ଭର୍ତ୍ତି କରାଯାଇଛି ।

● ଡକାୟତି ଓ ନାବାଳିକା ଦୁଷ୍କର୍ମ ମାମଲା

## ୫ ଜଣଙ୍କୁ ୨୦ ବର୍ଷ ଲେଖାଏଁ ଜେଲ

**କନ୍ଧମାଳ, ୨୯ ।୧୦ (ସଂଚାର ବ୍ୟୁରୋ):** ଫୁଲବାଣୀ ଫାଷ୍ଟ୍ ଟ୍ରାକ୍ ପୋକ୍ସୋ କୋର୍ଟ ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ଆଜି ଏକ ୧୪ ବର୍ଷର ନାବାଳିକା ଦୁଷ୍କର୍ମ ଏବଂ ଡକାୟତି ମାମଲାର ବିଚାର କରି ୧୮ ଜଣ ସାକ୍ଷୀ, ଡାକ୍ତରୀ ରିପୋର୍ଟ, ପୀଡ଼ିତାଙ୍କ ବୟାନ ଏବଂ ଟିଆଇ ପେରେଡ୍ ପରେ ଚିହ୍ନଟ ଅଭିଯୁକ୍ତମାନଙ୍କ ବିଚାର କରି ଅଶୋକ ମୁଖି, ସୁଶାନ୍ତ ନାୟକ, କୃପାକର ମୁଖି, ଜେରହ ନାୟକ, ଯୋଶେଫ୍ ରୁପାମାଝିଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୬ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ତରଫରୁ ଫାଷ୍ଟ୍ ଟ୍ରାକ୍ ପୋସ୍କୋ କୋର୍ଟ ର ସ୍ୱତନ୍ତ୍ର ପି.ପି ବନମାଳୀ ବେହେରା ମାମଲାକୁ ପରିଚାଳନା କରୁଥିଲେ। ସୂଚନା ଅନୁସାରେ, ୨୦୨୪ ମସିହା ଫେବୃଆରୀ ଅପ୍ରେଲ୍ ୨୪ ତାରିଖ ରାତି ୯ଟା ୩୦ ମିନିଟ୍ ରେ ମୁହଁରେ ମାକ୍ସ ପିନ୍ଧି ଘର ଭିତରକୁ ପଶି ଖାଇବାକୁ ମାଗିଥିଲେ। ସେମାନେ ପିସ୍ତଲ୍, କାତି ଏବଂ ଅନ୍ୟାନ୍ୟ ମାରଣାସ୍ତ୍ର ଦେଖାଇ ଭୟଭୀତ କରାଇ ଟ ୫୦, ୦୦ଟଙ୍କା, ସୁନା ମାଳୀ, କାନଫୁଲ ଏବଂ ତିନୋଟି ମୋବାଇଲ୍ ଲୁଟ୍ କରିଥିଲେ। ସେମାନେ ନିଜକୁ ନକ୍ସଲ୍ ବୋଲି କହି ପୀଡ଼ିତାକୁ ଟାଣି ନେଇଥିଲେ। ଘର ଠାରୁ ୫୦ ମିଟର ଦୂର ଏକ ପଡ଼ିଆକୁ ନେଇ ତା’ ସହିତ ଦୁଷ୍କର୍ମ କରିଥିଲେ। ପିଡୀତାର ପିତା ତାପର ଦିନ ଫିରିଙ୍ଗିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## କାର୍ କାଚ ଭାଙ୍ଗି ଲୁଟିନେଲେ ୨୦ ଲକ୍ଷ ଟଙ୍କା

**ବରଗଡ଼, ୨୯।୧୦ (ସଂଚାର ବ୍ୟୁରୋ) :** ବରଗଡ଼ ଜିଲାରେ ବୁଧବାର ଦିନ ଦ୍ୱିପ୍ରହରରେ ବରଗଡ଼ ସହର ଗାନ୍ଧିଛକ ନିକଟ ଏକ ହୋଟେଲ ସମ୍ମୁଖରେ ରଖାଯାଇଥିବା ଏକ କାର୍(ଓଡ଼ି୧୭ଏବି୬୨୫୫)ର କାଚ ଭାଙ୍ଗି ୨୦ଲକ୍ଷ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଏତଲା ପାଇବା ପରେ ସ୍ଥାନୀୟ ଟାଉନ ଥାନା ପୋଲିସ ଛାନଭିନ୍ ଚଲାଇଛି। ତେବେ ଖବର ଲେଖାହେବା ସୁଦ୍ଧା(ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ) ପୋଲିସ ଲୁଟେରାଙ୍କୁ ଠାବ କରିପାରି ନାହିଁ। ସୂଚନା ଅନୁଯାୟୀ, ବରଗଡ଼ ପୌର ପରିଷଦ ଅଧୀନ ତଳିପଡ଼ା ନିବାସୀ ସୁବୋଧ କୁମାର ଦାଶ ମଙ୍ଗଳବାର ସ୍ଥାନୀୟ ଷ୍ଟେଟ ବ୍ୟାଙ୍କର ମୁଖ୍ୟ ଶାଖାରୁ ୧୫ଲକ୍ଷ ଏବଂ ହସପିଟାଲ ରୋଡ୍ ପାର୍ଶ୍ୱରେ ରହିଥିବା ଷ୍ଟେଟ ବ୍ୟାଙ୍କର ଅନ୍ୟ ଏକ ବ୍ରାଞ୍ଚରୁ ୫ଲକ୍ଷ ଟଙ୍କା କାଢ଼ିଥିଲେ। ସମୁଦାୟ ୨୦ଲକ୍ଷ ଟଙ୍କାକୁ କାର୍ ଭିତରେ ରଖି ଅପରାହ୍ନ ପ୍ରାୟ ୨ଟା ସମୟରେ ସେ ସ୍ଥାନୀୟ ଗାନ୍ଧିଛକ ନିକଟ ଏକ ହୋଟେଲକୁ ଖାଇବାକୁ ଯାଇଥିଲେ। ତେବେ ସେ ହୋଟେଲ ଭିତରେ ଥିବାବେଳେ ତାଙ୍କ କାର୍‌ର ଡ୍ରାଇଭର ବସୁଥିବା ପାର୍ଶ୍ୱରେ କାଚ ଭଙ୍ଗା ଯାଇଥିବା ନେଇ ସ୍ଥାନୀୟ କିଛି ଲୋକ ତାଙ୍କୁ ସୂଚନା ଦେଇଥିଲେ। ଏହାପରେ ସେ କାର୍‌କୁ ଆସି ଦେଖିବା ବେଳକୁ କାଚ୍ ଭାଙ୍ଗି ଲୁଟେରାମାନେ କାର୍ ଭିତରେ ରହିଥିବା ସବୁତକ ଟଙ୍କା ଲୁଟି ନେଇଥିବା ସେ ଜାଣିବାକୁ ପାଇଥିଲେ। ସେ ଏନେଇ ବରଗଡ଼ ଟାଉନ ଥାନାରେ ଏତଲା ଦେଇଥିଲେ।

## ପୀତବାସ ପଣ୍ଡା ହତ୍ୟା ଘଟଣାରେ ଆଉ ଜଣେ ଗିରଫ

**ଗଞ୍ଜାମ, ୨୯ ।୧୦ (ସଂଚାର ବ୍ୟୁରୋ):** ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣାରେ ଅନ୍ୟତମ ଅଭିଯୁକ୍ତ ତଥା ଖୋଡାସିଙ୍ଗିର ଶୂନ୍ୟ ଚନ୍ଦ୍ର ଦାସଙ୍କୁ ପୁଲିସ ଗିରଫ କରିଛି। ଏହି ଘଟଣାରେ ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ପୁଲିସ ଏପର୍ଯ୍ୟନ୍ତ ୧୪ ଜଣ ଅଭିଯୁକ୍ତଙ୍କୁ ଗିରିଫ କରିସାରିଲାଣି। ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା କୁରୁପତି ଭୂୟାଁ ଓ ଉମା ବିଷୋଇ ବର୍ତ୍ତମାନ ସୁଦ୍ଧା ଫେରାର ରହିଛନ୍ତି।

● ବିନା ଟିକେଟରେ ରେଳ ଯାତ୍ରା

## ୭୯ଜଣଙ୍କଠୁ ଜରିମାନା ଆଦାୟ

**ବାରିପଦା, ୨୯ ।୧୦ (ସଂଚାର ବ୍ୟୁରୋ):** ବାଙ୍ଗିରିପୋଷି-ରୁପ୍ସା ଡିଏମୟୁ ଟ୍ରେନରେ ବିନା ଟିକେଟରେ ରେଳ ଯାତ୍ରା କରିବାକୁ ନେଇ ଜରିମାନା ଆଦାୟ କରାଯାଇଛି। ଯାହାକୁ ନେଇ ରେଳ ବିଭାଗ ପକ୍ଷରୁ ଅତର୍କିତ ଭାବେ ଟିଟିଆଇ ଟିକେଟ ଯାଞ୍ଚ ପ୍ରକ୍ରିୟା ହୋଇଥିଲା। ଯାଞ୍ଚ ସମୟରେ ୭୯ଜଣ ବିନା ଟିକେଟରେ ରେଳ ଯାତ୍ରା କରୁଥିବାର ଜଣାପଡ଼ିଥିଲା। ସେମାନଙ୍କ ପାଖରୁ ସମୁଦାୟ ୯, ୯୮୦ଟଙ୍କା ଜରିମାନା ଆଦାୟ କରାଯାଇଛି। ଜରିମାନା ଆଦାୟ କରିବା ସହ ଯାତ୍ରୀମାନଙ୍କୁ ଡିଜିଟାଲ ଟିକେଟ କରିବା ନେଇ ସଚେତନ କରାଯାଇଥିଲା। ୟୁଟିଏସ ମୋବାଇଲ ଆପ୍ଲିକେସନ ଏବଂ ରେଳ ଷ୍ଟେସନରେ ଥିବା ଏଟିଭିଏମ ମେସିନ ଜରିଆରେ ସ୍ମାର୍ଟ ଟିକେଟ ତୁରନ୍ତ କରି ପାରିବେ ବୋଲି ସଚେତନ କରାଯାଇଛି। ରେଳ ବିଭାଗ ପକ୍ଷରୁ ଆଗକୁ ଉକ୍ତ ଯାଞ୍ଚ ପ୍ରକ୍ରିୟା କଡାକଡି କରାଯିବ ବିନା ଟିକେଟ ଯାତ୍ରୀଙ୍କ କ୍ଷେତ୍ରରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି।

## ବାତ୍ୟା ମୋନ୍ଥା ସମୟରେ ୨୦୦ରୁ ଅଧିକ ଶିଶୁ ଜନ୍ମ

**ଭୁବନେଶ୍ୱର,୨୯।୧୦(ସଂଚାର ବ୍ୟୁରୋ):** ବାତ୍ୟା ମୋନ୍ଥାକୁ ଦୃଷ୍ଟିରେ ରଖି ବିଭିନ୍ନ ଗ୍ରାମରୁ ନିକଟସ୍ଥ ସରକାରୀ ଡାକ୍ତରଖାନାକୁ ଅବା ମା’ଗୃହକୁ ସ୍ଥାନାନ୍ତରିତ ହୋଇଥିବା ମା’ମାନେ ସୁରକ୍ଷିତ ଭାବେ ପ୍ରସବ କରିଛନ୍ତି। ବାତ୍ୟା ମୋନ୍ଥା ସମୟରେ ୨୦୦ ରୁ ଅଧିକ ଶିଶୁ ଜନ୍ମ ହୋଇଥିବା ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା, ୪,୫୦୦ ରୁ ଅଧିକ ଗର୍ଭବତୀ ମା’ଙ୍କୁ ଚିହ୍ନଟ କରାଯାଇ ସୁରକ୍ଷିତ ସ୍ଥଳକୁ ଅଣାଯାଇଥିଲା। ସ୍ୱାସ୍ଥ୍ୟ କର୍ମୀମାନେ ସିଧାସଳଖ ସେମାନଙ୍କ ସହ ଯୋଗାଯୋଗ ବଜାୟ ରଖିଥିଲେ। ସେମାନଙ୍କ ମଧ୍ୟରୁ ୩,୮୦୦ ରୁ ଅଧିକ ମହିଳା ରେଡ୍ ଆଲର୍ଟ ଜାରି ହୋଇଥିବା ଆଠଟି ଜିଲ୍ଲାର ଥିଲେ। ସନ୍ଧ୍ୟା ସୁଦ୍ଧା ତଳିଆ ଅଞ୍ଚଳ ଏବଂ ସମ୍ବେଦନଶୀଳ ଅଞ୍ଚଳରୁ ପ୍ରାୟ ୧୯୦୦ ମହିଳାଙ୍କୁ ପ୍ରସୂତି ଗୃହ ଏବଂ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨୦୦ ରୁ ଅଧିକ ଜଣ ମହିଳା ସୁରକ୍ଷିତ ମାତୃତ୍ୱ ହାସଲ କରିସାରିଛନ୍ତି ବୋଲି ବିଭାଗ ଦ୍ୱାରା ଜାରି ଏକ ବିବୃତିରେ କୁହାଯାଇଛି।

## ଟ୍ରକକୁ ପଛରୁ ପିଟିଲା ବସ୍ ଡ୍ରାଇଭର ଓ ହେଲପର ମୃତ

**ଜଳେଶ୍ୱର,୨୯।୧୦(ସଂଚାର ବ୍ୟୁରୋ):** ଟ୍ରକକୁ ପଛରୁ ପିଟିଲା ବସ୍। ମର୍ମନ୍ତୁଦ ଦୁର୍ଘଟଣାରେ ଡ୍ରାଇଭର ଓ ହେଲପର ମୃତ, ଏକାଧିକ ଯାତ୍ରୀ ଗୁରୁତର ହୋଇଛନ୍ତି। ଜଳେଶ୍ୱର ଥାନା ୬୦ ନମ୍ବର ଜାତୀୟ ରାଜପଥ ଲକ୍ଷ୍ମଣନାଥ ନିକଟରେ ଦୁର୍ଘଟଣା ଘଟିଛି। ମୃତ ଡ୍ରାଇଭର ହେଲେ ସେକ୍ ଅବଦୁଲ୍ ଏବଂ ହେଲପର ଜଣକ ନରସିଂହ ଖଟୁଆ ବୋଲି ଜଣାପଡିଛି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ବସ୍ ର କ୍ୟାବିନ୍ ଭାଙ୍ଗି ଚୁରମାର ହୋଇଯାଇଛି। ଡଲଫିନ୍ ନାମକ ଏକ ଘରୋଇ ବସ ୬୦ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ କୋଲକାତା ଯାଉଥିବା ବେଳେ ବିଳମ୍ବିତ ରାତିରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ରାସ୍ତା କଡ଼ରେ ଥିବା ଏକ ଟ୍ରକକୁ ପଛ ପଟୁ ଧକ୍କା ଦେଇଥିଲା ବସ। ଗୁରୁତରଙ୍କୁ ଜଳେଶ୍ୱର ଏବଂ ବାଲେଶ୍ୱର ହସପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ତଦନ୍ତ ଚଳାଇଛି ଜଳେଶ୍ୱର ପୋଲିସ।

ବଜ୍ରପାତରେ ଘର ପୋଡ଼ି ଘଟଣା

## ଅସହାୟଙ୍କୁ ସହାୟ ହେଲା ମହେଶ କର ଫାଉଣ୍ଡେସନ

**ଗରଦପୁର,୨୯।୧୦(ସଂଚାର ବ୍ୟୁରୋ):** ଗରଦପୁର ବ୍ଲକ ତେଣ୍ଡାକୁଡ଼ା ଗ୍ରାମପଞ୍ଚାୟତ ମିଶର ନରସିଂହପୁର ଗ୍ରାମରେ ଗତ ମଙ୍ଗଳବାର ମଧ୍ୟାହ୍ନରେ ମୋନ୍ଥା ପ୍ରଭାବରେ ବଜ୍ରପାତ ଘଟି କୁନିଲତା ସାହୁଙ୍କ ଘରେ ନିଆଁ ଲାଗି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ମଧ୍ୟାହ୍ନ ସମୟରେ ପରିବାର ଲୋକେ ବର୍ଷା ପବନ ହେଉଥିବାରୁ ଘରେ ଥିବା ବେଳେ ହଠାତ୍ ବଜ୍ରପାତ ହୋଇ ପ୍ରଥମେ ଘର ନିକଟରେ ଥିବା ଚାକୁଣ୍ଡା ଗଛରେ ପଡ଼ିଥିଲା। ତାହାର ପ୍ରକୋପ ଏଭଳି ଥିଲା ଯେ, ନିକଟରେ ଥିବା ଚାଳ ଛପର ଘରେ ପଡ଼ି ନିଆଁ ଲାଗିଯାଇଥିଲା। ଚାହୁଁ ଚାହୁଁ ନିଆଁ ସମଗ୍ର ଘରକୁ ବ୍ୟାପିଗଲା। ନିଆଁର କରାଳ ରୂପ ଏତେ ଭୟଙ୍କର ଥିଲା ଯେ, ଘରୁ କୌଣସି ଆସବାବପତ୍ର କାଢ଼ିବା କାହାରି ପକ୍ଷେ ସମ୍ଭବପର ନଥିଲା। ଜୀବନ ବିକଳରେ ସମସ୍ତେ ଚିତ୍କାର କରି ଘରୁ ବାହାରି ଆସିଥିଲେ। ପାଟି ଶୁଣି ସାହି ପଡିଶା ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ହେଲେ ନିଆଁ ବ୍ୟାପିବା ଏତେ ପ୍ରଖର ଥିଲା ଯେ ନିଆଁ ଆୟତ୍ତ କରିବା ସମ୍ଭବ ହୋଇନଥିଲା। କ୍ଷଣକ ମଧ୍ୟରେ ନିଆଁର ପ୍ରଖର ଶିଖାରେ ସବୁକିଛି ଜଳି ପୋଡ଼ି ପାଉଁଶ ହୋଇଯାଇଥିଲା।

- ■ ଅସହାୟ ଅବସ୍ଥାରେ ପରିବାର, ନାହିଁ ପକ୍କା ଘର
- ■ ତୁରନ୍ତ ସରକାରୀ ଆବାସ ଯୋଗାଇଦେବାକୁ ଦାବି



ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚିଲା ବେଳକୁ ସବୁ କିଛି ଜଳି ପୋଡ଼ି ନଷ୍ଟ ହୋଇଯାଇଥିଲା। ଅଗ୍ନି ବିପନ୍ନ ପରିବାର ବେସାହାରା ହୋଇପଡିଥିବା ଖବର ଜାଣିବା ପରେ ଆଜି କେନ୍ଦ୍ରାପଡ଼ା ଜିଲ୍ଲାର ଥିବା ସେଚ୍ଛାସେବୀ ଅନୁଷ୍ଠାନ ମହେଶ କର ଫାଉଣ୍ଡେସନ ଏବଂ ରାଜ୍ୟର ପ୍ରମୁଖ ଗଣମାଧ୍ୟମ ସଂସ୍ଥା ‘ସଂଚାର’ର ସମ୍ପାଦକ ହିମାଂଶୁ ଭୁଷଣ କର ଅଗ୍ନିବିପନ୍ନଙ୍କ ପରିବାର ପାଇଁ ପଲିଥିନ, ଖାଦ୍ୟ ସାମଗ୍ରୀ ସହ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ଏଥିରେ ଫାଉଣ୍ଡେସନର ବରିଷ୍ଠ ସଦସ୍ୟ ତଥା ସାମାଜିକ କର୍ମୀ ପ୍ରଦୀପ କୁମାର ମହାନ୍ତି, ‘ସଂଚାର’ର କେନ୍ଦ୍ରାପଡା ଜିଲ୍ଲା ପ୍ରତିନିଧି ମୁକ୍ତେଶ୍ୱର ସ୍ୱାଇଁ, ସାମାଜିକ କର୍ମୀ ପ୍ରମୋଦ କୁମାର ମହାପାତ୍ର, ‘ସଂଚାର’ ଗରଦପୁର ପ୍ରତିନିଧି ରାକେଶ ମହାନ୍ତି, ସାମ୍ବାଦିକ ଶଶୀଭୂଷଣ ଜେନା ପ୍ରମୁଖ ପରିବାର ସଦସ୍ୟ ନିକଟରେ ପହଞ୍ଚି ସହାୟତା ଯୋଗାଇଥିଲେ। ସୂଚନାଯୋଗ୍ୟ ଉକ୍ତ ପରିବାର ଦୀର୍ଘବର୍ଷ ଧରି ଚାଳ ଛପର ଘରେ ରହିଆସୁଥିଲେ କିନ୍ତୁ ବର୍ତ୍ତମାନ ଅଗ୍ନିକାଣ୍ଡ ଘଟିବାରୁ ପୂରା ପରିବାର ବେସାହାରା ହୋଇଯାଇଛନ୍ତି। ଯାହା ଫଳରେ ପଡ଼ୋଶୀ ଘରେ ଆଶ୍ରୟ ନେଇଛନ୍ତି। ପାଖରେ କୌଣସି ସମ୍ବଳ ନଥିବାରୁ ପୂରା ପରିବାର ଭାଙ୍ଗିପଡ଼ିଛନ୍ତି। ଉକ୍ତ ପରିବାରକୁ ସରକାରୀ ସହାୟତା ସହ ଆବାସ ଗୃହ ଯୋଗାଇଦେବାକୁ ଦାବି ହୋଇଛି।

## କୋମନାରେ ବିଜେପିର ମିଶ୍ରଣ ପର୍ବ

**ସମ୍ବଲପୁର/ ନୂଆପଡ଼ା, ୨୯ ।୧୦ (ସଂଚାର ବ୍ୟୁରୋ):** ନୂଆପଡ଼ା ବିଧାନସଭା ଉପନିର୍ବାଚନରେ ବିଭିନ୍ନ ସ୍ଥାନରେ ମିଶ୍ରଣ ପର୍ବ ଜରିଆରେ ଦିନକୁ ଦିନ ବିଜେପିର ଶକ୍ତି ବୃଦ୍ଧି ସହିତ ଲୋକ ପ୍ରୀୟତା ବଢ଼ିବାରେ ଲାଗିଛି। ଆଜି ମଧ୍ୟ କୋମନା ବ୍ଲକର ଗଣ୍ଡାମେର ପଞ୍ଚାୟତ ତଥା ବିଜେପି ବଞ୍ଜାରି ମଣ୍ଡଳରେ ଏକ ବିଶାଳ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ଅନ୍ୟ ଦଳରେ ଥିବା ନେତା, କର୍ମୀ ଭାରତୀୟ ଜନତା ପାର୍ଟିର ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ ପଦ୍ମ ଧରିଛନ୍ତି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ଗଣ ଶିକ୍ଷା ତଥା ଆଦିବାସୀ ବ୍ୟାପାର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ନୂଆଁ କାର୍ଯ୍ୟକର୍ତାଙ୍କୁ ଦଳକୁ ସ୍ୱାଗତ କରିଥିଲେ। ଏହାସହ ମୋଦୀ ସରକାରଙ୍କ ଦୀର୍ଘ ୧୧ ବର୍ଷ ଓ ଲୋକପ୍ରିୟ ମୋହନ ମାଝୀଙ୍କ ୧୬ ମାସର ସରକାରରେ ଡବଲ ଇଞ୍ଜିନର ଡବଲ ଗତିରେ ହେଉଥିବା ବିକାଶ ସହିତ ବିଜେପିର ଦୁର୍ନୀତି ଓ ଭ୍ରଷ୍ଟାଚାର ମୁକ୍ତ ସୁଶାସନ ବିଷୟରେ ଉପସ୍ଥିତ ନେତୃବୃନ୍ଦ କାର୍ଯ୍ୟକାର୍ତାଙ୍କୁ ଅବଗତ କରାଇଥିଲେ। ଲୋକଙ୍କ ଉନ୍ନତିର ସାଥୀ ଏବଂ ରାଜ୍ୟ ଦେଶର ବିକାଶର ବାହକ ଭାରତୀୟ ଜନତା ପାର୍ଟି ସମସ୍ତଙ୍କ ଆଦର ହୋଇ ପାରିଛି। ଯାହା ନିଶ୍ଚୟ ଏ ଶୁଭ ଲକ୍ଷଣ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି। ଏହି ଉପନିର୍ବାଚନରେ ସମସ୍ତେ ମିଶି ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ବିଜୟୀ କରାଇବାକୁ କାର୍ଯ୍ୟ କରିବାକୁ କହିଥିଲେ।


ବିଜେପିର ଶକ୍ତି ବୃଦ୍ଧି ସହିତ ଲୋକପ୍ରୀୟତା ବଢ଼ିବାରେ ଲାଗିଛି

## ବାଇଶି ପାହାଚରେ ପଡ଼ି ବୃଦ୍ଧ ମୃତ

**ପୁରୀ, ୨୯ ।୧୦ (ସଂଚାର ବ୍ୟୁରୋ):** ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ପ୍ରବଳ ଗହଳି ହେଉଛି। ପର୍ଯ୍ୟଟକ, ତୀର୍ଥଯାତ୍ରୀ, ହବିଷ୍ୟାଳି ବ୍ରତଧାରୀ ଓ ଭକ୍ତ ସିଂହଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରୁଛନ୍ତି। ବହୁ ସମୟ ଅପେକ୍ଷା କରି ଭକ୍ତ ଓ ଶ୍ରଦ୍ଧାଳୁ ବ୍ୟାରିକେଡ୍ ଦେଇ ଯାଉଛନ୍ତି। ନୂଆଦିଲ୍ଲୀର ମୁଲଚାନ୍ଦ ଗୁପ୍ତା (୭୬) ବୃଦ୍ଧ ସିଂହଦ୍ୱାର ଦେଇ ବାଇଶିପାହାଚରେ ଯାଉଥିବା ସମୟରେ ହଠାତ ତଳେ ପଡ଼ି ଆହତ ହୋଇଥିଲେ। ଆହତ ବୃଦ୍ଧଙ୍କୁ ତାଙ୍କ ସମ୍ପର୍କୀୟ ଓ ପୋଲିସ ସହାୟତାରେ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଯାଜପୁର ରାଜନୀତିରେ ହଲଚଲ

## ବବିଙ୍କ ପ୍ରଭାବକୁ ଚାଲେଞ୍ଜ ଦେଉଛନ୍ତି ସଂଗ୍ରାମ

**ଯାଜପୁର, ୨୯।୧୦ ( ସଂଚାର ବ୍ୟୁରୋ):** ଯାଜପୁର ନିର୍ବାଚନମଣ୍ଡଳୀରେ ରାଜନୀତିକ ପରିଦୃଶ୍ୟ ଏବେ ଦିନକୁ ଦିନ ରୋମାଞ୍ଚକ ହେଉଛି। ଏଠାରେ ଗୋଟିଏ ସ୍ପଷ୍ଟ ଚର୍ଚ୍ଚା ଚାଲିଛି ଯେ, ‘ବିଜେଡିର ଅସୀମିତ ପ୍ରଭାବକୁ ଚେକ୍ ଦେବା ପାଇଁ ବିଜେପିରେ ଏବେ ସଂଗ୍ରାମ ପାତ୍ର ହିଁ ଯୋଗ୍ୟ ମୁହାଁ। ସଂଗ୍ରାମ ପାତ୍ର, ଯିଏ ବିଜେପି ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି, ତାଙ୍କର ସକ୍ରିୟ ଯୁବ ନେତୃତ୍ୱ ଓ ତଳସ୍ତରରେ ଜନସଂପର୍କ ଦଳକୁ ନୂଆ ଉର୍ଜା ଦେଇଛି। ସେ ଗାଁ ଠାରୁ ସହର ପର୍ଯ୍ୟନ୍ତ ଯୁବ ପିଢ଼ି ସହ ଜଡିତ ହୋଇ ଯାଜପୁର ନିର୍ବାଚନମଣ୍ଡଳୀକୁ ଆଗକୁ ଆଣିବାରେ ଦୃଢ଼ ଭୂମିକା ନେଉଛନ୍ତି। ସଂଗ୍ରାମଙ୍କୁ ନେଇ ବିଜେପି ଯଦି ସଂଗଠନ ଗଢ଼ି ତୋଳେ, ଯାଜପୁରରେ ନୂଆ ରାଜନୀତିକ ଯୁଗ ଆସିବ ବୋଲି ସାଧାରଣରେ ଆଲୋଚନା ହେଉଛି।





ସଂଗ୍ରାମଙ୍କ ସହ ସମ୍ପୃକ୍ତ ଯୁବ ମୋର୍ଚ୍ଚା ଓ ଛାତ୍ର ସଂଗଠର କାର୍ଯ୍ୟକର୍ତାମାନେ ମତ ଦେଉଛନ୍ତି ଯେ, ବିଜେପି ଯଦି ସଂଗ୍ରାମଙ୍କୁ ଯଥାଯୋଗ୍ୟ ଦାୟିତ୍ୱ ଓ ନେତୃତ୍ୱ ସୁଯୋଗ ଦେଇଥାନ୍ତା, ଯାଜପୁର ରାଜନୀତିର ଚିତ୍ର ପରିବର୍ତ୍ତନ ହେଇପାରିଥାନ୍ତା। ଅନ୍ୟପଟେ, ବିଜେଡି ରାଜ୍ୟ ଉପସଭାପତି ପ୍ରଣବ ପ୍ରକାଶ ଦାସ (ବବି)ଙ୍କ ଲୋକପ୍ରିୟତା ଗତ କିଛି ବର୍ଷରେ ହ୍ରାସ ପାଇଛି। ଏକ ସମୟରେ ବବି ଯାଜପୁର ଓ ସମ୍ବଲପୁର ସମେତ ସାରା ଓଡ଼ିଶାରେ ରାଜନୈତିକ ପ୍ରଭାବ ଧରି ରଖିଥିଲେ, କିନ୍ତୁ ଗତ ନିର୍ବାଚନରେ ହାରିବା ପରେ ତାଙ୍କ ମୂଳ ଆଧାର ଅବସାଦଗ୍ରସ୍ତ ହୋଇଯାଇଛି। ଗ୍ରାସରୁଟ ସ୍ତରରେ ସେହି ସମ୍ପୃକ୍ତି ଆଉ ଆଗ ଭଳି ଦେଖାଯାଉନାହିଁ। ବିଜେପି ଏବେ ଡବଲ ଇଞ୍ଜିନ ସରକାରରେ ଚାଲୁଥିବା ବେଳେ ଯାଜପୁରରେ ତଳସ୍ତରରେ ଦଳୀୟ ସଂଗଠନ ସୁଦୃଢ଼ ହେବା ପାଇଁ ସଂଗ୍ରାମ ପାତ୍ର ନିଜେ ଅଗ୍ରସର ହୋଇଛନ୍ତି। ବିଜେଡି ଓ କଂଗ୍ରେସ ଛାଡ଼ି ଦିନକୁ ଦିନ ଯୁବ ପିଢ଼ିଙ୍କୁ ବିଜେପି ସହିତ ଯୋଡ଼ାଯାଉଛି, ଯାହା ସଂଗ୍ରାମଙ୍କ ପ୍ରଭାବ ଓ ସଂଗଠନ ଶକ୍ତିର ପ୍ରମାଣ। ସ୍ଥାନୀୟ ରାଜନୈତିକ ବିଶ୍ଳେଷକ ମତ ଦେଉଛନ୍ତି ‘ଯାଜପୁର ନିର୍ବାଚନ ମଣ୍ଡଳୀରେ ଯଦି ବିଜେପି ସଂଗ୍ରାମ ପାତ୍ରଙ୍କୁ ମୁଖ୍ୟ ମଞ୍ଚ ଦିଏ, ତେବେ ସେହି ଲଢେଇ ବବିଙ୍କୁ ନୁହେଁ, ବରଂ ସମଗ୍ର ବିଜେଡି ଗଡ଼କୁ ଚେକ୍ ଦେଇପାରିବ। ସଂଗ୍ରାମଙ୍କ ଯୁବ ଉର୍ଜା ଓ ମାଟି ସହ ସଂପୃକ୍ତି ଏହି ଅଞ୍ଚଳରେ ବିଜେପି ପାଇଁ ଆଣିଛି ନୂଆ ଆଶା।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ପାରାଦୀପ ପାଇଁ ୧.୦୬ ଲକ୍ଷ କୋଟି ନିବେଶ

ଭୁବନେଶ୍ୱର, ୨୯।୧୦: ପାରାଦୀପରେ ଭିତ୍ତିଭୂମି ଓ ଗ୍ରିନ୍ ହାଇଡ୍ରୋଜେନ୍ କ୍ଷେତ୍ରରେ ୧.୦୬ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ହେବ। ମୁମ୍ବାଇଠାରେ ଆୟୋଜିତ ଇଣ୍ଡିଆ ମାରିଟାଇମ୍ ୱିକ୍ ୨୦୨୫ର ଦ୍ୱିତୀୟ ଦିବସରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ତରଫରୁ ଏନେଇ ବିଭିନ୍ନ ସଂସ୍ଥା ସହ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି। 'ପୋର୍ଟ

## ଓଏସ୍ଏଲ୍ କରିବ ମଲ୍ଟିପ୍ଲେକ୍ସ

ଆଜ୍ ଇଞ୍ଜିନ ଅଫ୍ ଟ୍ରାନ୍ସଫର୍ମେସନ' ଅଧିବେଶନରେ ଏହି ବୁଝାମଣାପତ୍ରଗୁଡ଼ିକ ସ୍ୱାକ୍ଷର ହୋଇଥିଲା। ସେଥିରେ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ସର୍ବାନନ୍ଦ ସୋନାୱାଲ ଅତିଥି ଭାବେ ଯୋଗଦେଇଥିଲେ। ମିଳିଥିବା ସୂଚନା ଅନୁସାରେ ଗ୍ରିନ୍ ହାଇଡ୍ରୋଜେନ୍ ପ୍ରକଳ୍ପ ସ୍ଥାପନ କରିବାରେ ଏସିଏମ୍ଇ ୪୫,୦୦୦ କୋଟି ଟଙ୍କା, ଏଚ୍ଆଇଏଫ୍



୩୫,୫୦୦ କୋଟି ଟଙ୍କା, ସେମ୍ବକର୍ପ ୧୩,୦୦୦ କୋଟି ଟଙ୍କା, ଓସିଓର୍ ୪୭୦୦ କୋଟି ଟଙ୍କା ଓ ଆଭାଡା ପକ୍ଷରୁ ୩୦୦୦ କୋଟି ଟଙ୍କା ନିବେଶ କରିବ। ଭିତ୍ତିଭୂମି ପ୍ରକଳ୍ପରେ ହୁଡ୍କୋ ୫୧୦୦ କୋଟି ଟଙ୍କା ନିବେଶ କରିବ। ଏହି ସମସ୍ତ ସଂସ୍ଥା ସହ ପାରାଦୀପ ବନ୍ଦର ପକ୍ଷରୁ ଏମ୍ଓୟୁ କରାଯାଇଛି। ପାରାଦୀପରେ ଓଏସ୍ଏଲ୍ ପକ୍ଷରୁ ୨୦୦ କୋଟି ଟଙ୍କାରେ ମଲ୍ଟିପ୍ଲେକ୍ସ ସ୍ଥାପନ କରାଯିବ। ସେଥିପାଇଁ ମଧ ବୁଝାମଣା ସ୍ୱାକ୍ଷର ହୋଇଥିବା ସୂଚନା ମିଳିଛି। ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ପାରାଦୀପ ବନ୍ଦର ଅଧକ୍ଷ ପି ଏଲ୍ ହରନାଦ ଓ ବିଭିନ୍ନ କମ୍ପାନିର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଗତକାଲି ଏହି ସମ୍ମିଳନୀରେ ପାରାଦୀପ ବନ୍ଦର ପକ୍ଷରୁ ୫୦ ହଜାର କୋଟି ଟଙ୍କାର ଏମ୍ଓୟୁ ସ୍ୱାକ୍ଷର କରାଯାଇଥିଲା। ପୁରୀରେ ଅନ୍ତର୍ଜାତୀୟ କ୍ରୁଜ୍ ଟର୍ମିନାଲ୍, ବାହୁଦା ବନ୍ଦର ରେଳ ସଂଯୋଗ, ମାରିଟାଇମ୍ ମ୍ୟୁଜିୟମ ଓ ଲଜିଷ୍ଟିକ୍ସ ପାର୍କ, ପଣ୍ୟ ରପ୍ତାନି/ଆମଦାନୀ ଓ ଗ୍ରିନ୍ ହାଇଡ୍ରୋଜେନ୍ ପ୍ରକଳ୍ପ ପାଇଁ ଯଥାକ୍ରମେ ଓଡ଼ିଶା ମାରିଟାଇମ୍ ବୋର୍ଡ, ଆଇପିଆର୍ସିଏଲ୍, ଇଫ୍କୋ ଓ ଏନ୍ଟିପିସି ସହ ବୁଝାମଣା ହୋଇଥିଲା।

# ଟାଟା ଟ୍ରଷ୍ଟସରୁ ମେହଲି ମିସ୍ତ୍ରି ବିଦା



## ପୁନଃନିଯୁକ୍ତିକୁ ନୋଏଲ, ଶ୍ରୀନିବାସନ, ସିଂହଙ୍କ ବିରୋଧ

ମୁମ୍ବାଇ, ୨୯।୧୦: ଟାଟା ଟ୍ରଷ୍ଟସରେ ଝଗଡ଼ାର ମୂଳ କାରଣ ମିସ୍ତ୍ରି ପରିବାରର ସଦସ୍ୟ ମେହଲି ମିସ୍ତ୍ରିଙ୍କ ପୁନଃନିଯୁକ୍ତିକୁ ଅଟକାଇ ଦିଆଯାଇଛି। ଟ୍ରଷ୍ଟର ଅଧ୍ୟକ୍ଷ ନୋଏଲ ଟାଟା, ଉପାଧ୍ୟକ୍ଷ ବେଣୁ ଶ୍ରୀନିବାସନ ଓ ଟ୍ରଷ୍ଟି ବିଜୟ ସିଂହ ତାଙ୍କ ବିରୋଧରେ ଭୋଟ୍ ଦେଇଛନ୍ତି। ତେଣୁ ସେ ଟ୍ରଷ୍ଟରୁ ସମ୍ପୂର୍ଣ୍ଣ ବିଦା ହେବାର ଆଶଙ୍କା ସୃଷ୍ଟି ହୋଇଛି। ଟାଟା ଗ୍ରୁପ୍‌ର ପୂର୍ବତନ ମୁଖ୍ୟ ରତନ ଟାଟାଙ୍କ ଦେହାନ୍ତର ଗୋଟିଏ ବର୍ଷ ପୂରଣ ହେବା ପୂର୍ବରୁ ଟ୍ରଷ୍ଟରେ ଝଗଡ଼ା ଆରମ୍ଭ ହୋଇଥିଲା। ଗୋଟିଏ ପଟେ ରତନ ଟାଟାଙ୍କ ସାବତ ଭାଇ ନୋଏଲ ଟାଟା ଥିଲେ ଓ ଅପର ପକ୍ଷରେ ସାପୁରଜୀ ପାଲୋଞ୍ଜି ଗ୍ରୁପ୍‌ର ପରିଚାଳନା କରୁଥିବା ମିସ୍ତ୍ରି ପରିବାରର ସଦସ୍ୟ ମେହଲି ମିସ୍ତ୍ରି ଥିଲେ। ଝଗଡ଼ା ଏତେ ବଡ଼ ହୋଇଥିଲା ଯେ ନୋଏଲ୍‌ଙ୍କ ପକ୍ଷ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଓ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଭେଟି ହସ୍ତକ୍ଷେପ ଲୋଡ଼ିଥିଲେ। କିଛି ଦିନ ପୂର୍ବେ ନୋଏଲଙ୍କ ଘନିଷ୍ଠ ଥିବା ବେଣୁ ଶ୍ରୀନିବାସନଙ୍କୁ ଟ୍ରଷ୍ଟର ଆଜୀବନ ଟ୍ରଷ୍ଟି ଭାବେ ପୁନଃ ନିଯୁକ୍ତି ଦିଆଯାଇଥିଲା। ସେହିଦିନଠାରୁ ସ୍ପଷ୍ଟ ହୋଇଥିଲା ଯେ ମେହଲିଙ୍କୁ ରୋକିବା ଲାଗି ନୋଏଲ ନିଜର ବଳ ବଢ଼ାଉଛନ୍ତି। ସେହି ଅନୁମାନ ସତ ପ୍ରମାଣିତ ହୋଇଛି। ରତନ ଟାଟା ବଞ୍ଚିଥିବା ସମୟରେ ଟ୍ରଷ୍ଟରେ ନିଯୁକ୍ତିକୁ ସବୁ ସଦସ୍ୟଙ୍କ ସହମତିରେ ମଞ୍ଜୁର କରାଯାଉଥିଲା। କିନ୍ତୁ ଏବେ ତାହା ବଦଳିଯାଇଛି। ବହୁମତ ଆଧାରରେ ମେହଲିଙ୍କ ନିଯୁକ୍ତିକୁ ଅଟକାଇ ଦିଆଯାଇଛି।

## ଆଜିର ସୁନା ଦର



ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୨୧,୫୮୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୧୧,୪୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୧,୫୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୧୧,୪୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୨୧,୫୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୧୧,୪୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୨୧,୭୩୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୧,୬୦୦ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୨୨,୨୯୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୧୨,୧୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୨୧,୫୮୦ ଓ ୧,୧୧,୪୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୫୨,୦୦୦ ଟଙ୍କା ହୋଇଛି।

# କୋଲକାତାରେ ପୁଣି ଟଙ୍କାର ପାହାଡ଼ର ଖୋଜ ପାଇଲା ଇଡି!

କୋଲକାତା, ୨୯।୧୦ (ସଂଚାର ବ୍ୟୁରୋ): କୋଲକାତାରେ ପୁଣି ଟଙ୍କାର ପାହାଡ଼! ଏଥର ଦୃଶ୍ୟ ହେଉଛି ତାରତାଲା। ପୌରସଭାରେ ନିଯୁକ୍ତି ଏବଂ ପଦୋନ୍ନତି ଦୁର୍ନୀତି ମାମଲା ସହିତ ଜଡିତ ଏକ ତଲାସୀ ଅଭିଯାନ ସମୟରେ ବିପୁଳ ପରିମାଣର ନଗଦ ଜବତ ହୋଇଛି। ଇଡି ସୂତ୍ର ଅନୁଯାୟୀ, ଉଦ୍ଧାର ହୋଇଥିବା ଟଙ୍କାର ପରିମାଣ ପ୍ରାୟ ୧ କୋଟି ୨୦ ଲକ୍ଷ ଟଙ୍କା। ତେବେ, ତଦନ୍ତକାରୀଙ୍କ ପ୍ରାଥମିକ ଆକଳନ ହେଉଛି ଯେ ଉଦ୍ଧାର ହୋଇଥିବା ଟଙ୍କାର ପରିମାଣ ଆହୁରି ବୃଦ୍ଧି ପାଇପାରେ।

ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ଏହି ଅଭିଯାନ ଆରମ୍ଭ ହୋଇଥିଲା। ଏକାଧିକ ଇଡି ଦଳ ଏକକାଳୀନ କୋଲକାତାର ବିଭିନ୍ନ ସ୍ଥାନ-ବେଲେଘାଟା, ତାରତାଲା, ୱାଟଗଞ୍ଜ, ପାର୍କସର୍କସ ଏବଂ ବାଲିଗଞ୍ଜ ଅଞ୍ଚଳରେ ତଲାସୀ କରିଥିଲେ। ତଦନ୍ତକାରୀମାନେ ବେଲେଘାଟାରେ ଦୁଇ ବ୍ୟବସାୟୀ ଭାଇଙ୍କ ଘରେ ଚଢାଉ କରିଥିଲେ ଏବଂ ଅନେକ କାଗଜପତ୍ର ଏବଂ ଇଲେକ୍ଟ୍ରୋନିକ୍ ଉପକରଣ ଜବତ କରିଥିଲେ। ସେହି ସୂଚନା ଫଳରେ ତାରତାଲାରେ ଥିବା ବ୍ୟବସାୟୀଙ୍କ ଘରେ ପହଞ୍ଚିଥିଲେ, ଯେଉଁଠାରୁ ଶେଷରେ ଟଙ୍କାର ପାହାଡ ମିଳିଲା।

ଇଡି ସୂତ୍ର ଅନୁଯାୟୀ, ଘରର ଗୋଦାମରେ ଥିବା ଏକ ଗୁପ୍ତ କୋଠରୀରୁ ଟଙ୍କା ଉଦ୍ଧାର କରାଯାଇଛି। ଟଙ୍କା ବିଭିନ୍ନ ବ୍ୟାଗ ଏବଂ ବାକ୍ସରେ ରଖାଯାଇଥିଲା। ସନ୍ଦେହ କରାଯାଉଛି ଯେ ଏହି



## ନିର୍ବାଚନ ପୂର୍ବରୁ ପୁଣି ବଡ଼ ଦୁର୍ନୀତିର ପର୍ଦ୍ଦାଫାସ ?

ଟଙ୍କା କୌଣସି ପ୍ରକାରେ ଦୁର୍ନୀତିର ଏକ ଅଂଶ ଭାବରେ ବ୍ୟବହୃତ ହେଉଥିଲା କିମ୍ବା କାହାକୁ ହସ୍ତାନ୍ତର କରିବାକୁ ପ୍ରସ୍ତୁତ ହେଉଥିଲା।

ତଲାସୀ ଅଭିଯାନ ସମୟରେ କେନ୍ଦ୍ରୀୟ ବାହିନୀର କର୍ମଚାରୀମାନେ ମଧ ଉପସ୍ଥିତ ଥିଲେ। ସମଗ୍ର ଘର ଚାରିପାଖରେ ସୁରକ୍ଷା ବଳୟ ସୃଷ୍ଟି କରାଯାଇ ତଲାସୀ କରାଯାଇଥିଲା। ଇଡି ଅଧିକାରୀମାନେ ଟଙ୍କାର ଉତ୍ସ ଏବଂ ସଂଯୋଗ ବିଷୟରେ ତଦନ୍ତ କରୁଛନ୍ତି। ବ୍ୟବସାୟୀଙ୍କ ସହ ଜଡିତ ବହୁ ବ୍ୟକ୍ତି ଏବଂ କର୍ମଚାରୀଙ୍କ ବୟାନ ରେକର୍ଡ କରାଯାଇସାରିଛି।

ଉଲ୍ଲେଖନୀୟ ଯେ ପୌର ନିଯୁକ୍ତି ଦୁର୍ନୀତି ମାମଲାରେ ପୂର୍ବରୁ ଅନେକ ବଡ଼ ନାମ ସାମ୍ନାକୁ ଆସିଛି। ଏଥର ରାଜନୈତିକ ମହଲ ବିଶ୍ୱାସ କରୁଛି ଯେ ତରତାଲାରୁ ଉଦ୍ଧାର ହୋଇଥିବା ବିପୁଳ ପରିମାଣର ଟଙ୍କା ତଦନ୍ତରେ ଏକ ନୂତନ ମୋଡ଼ ଆସିପାରେ। ଇଡି ସୂତ୍ରରୁ ଜଣାପଡ଼ିଛି ଯେ ଉଦ୍ଧାର ହୋଇଥିବା ଟଙ୍କାର ଉତ୍ସ ଏବଂ ଗନ୍ତବ୍ୟସ୍ଥଳ ଚିହ୍ନଟ କରିବା ପାଇଁ ଖୁବ୍ ଶୀଘ୍ର ଆହୁରି ଅନେକ ସ୍ଥାନରେ ତଲାସି କରାଯାଇପାରେ।

# ଯାତ୍ରୀବାହୀ ବସ୍ ଦୁର୍ଘଟଣା, ୨ ମୃତ, ୯ ଆହତ

କୋଲକାତା, ୨୯।୧୦(ସଂଚାର ବ୍ୟୁରୋ): ଓଡ଼ିଶା ସୀମାନ୍ତ ଲକ୍ଷ୍ମଣନାଥ ଟୋଲଗେଟ୍ ନିକଟରେ ଜଳେଶ୍ୱର ଅଞ୍ଚଳରେ ଏକ ଯାତ୍ରୀବାହୀ ବସ୍ ଏକ ଭୟଙ୍କର ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ଏହି ଦୁର୍ଘଟଣାରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି। ୯ ଜଣ ବସ୍ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବସ୍‌ଟି ଓଡ଼ିଶାରୁ କୋଲକାତାର ବାବୁଘାଟ ଅଭିମୁଖେ ଯଉଥିଲା। ପୋଲିସ ଏବଂ ସ୍ଥାନୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଜଳେଶ୍ୱର ଥାନା ଅନ୍ତର୍ଗତ ଲକ୍ଷ୍ମଣନାଥ ଟୋଲଗେଟ୍ ନିକଟରେ ଏକ ଘରୋଇ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ବସ୍‌ର ଅନ୍ତତଃ ୯ ଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ବସ୍ କଣ୍ଡକ୍ଟର ଏବଂ ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ଆହତମାନେ ସ୍ଥାନୀୟ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ମଙ୍ଗଳବାର ମଧରାତ୍ରୀରେ ୧୬ ନମ୍ବର ଜାତୀୟ ରାଜପଥ ଦେଇ ବସ୍‌ଟି ଓଡ଼ିଶାରୁ କୋଲକାତା ଫେରୁଥିଲା। ଲକ୍ଷ୍ମଣନାଥ ଟୋଲଗେଟ୍ ନିକଟରେ ଠିଆ ହୋଇଥିବା ଏକ ଟ୍ରକ ପଛରେ ହଠାତ୍ ବସ୍‌ଟି ଧକ୍କା ଦେଇଥିଲା। ଦୁର୍ଘଟଣାରେ ବସ୍‌ର ସମ୍ମୁଖ ଭାଗ ନଷ୍ଟ ହୋଇଯାଇଛି। ବସ୍ ଡ୍ରାଇଭର ଏବଂ ବସ୍ କଣ୍ଡକ୍ଟର ବସ୍‌ର ସମ୍ମୁଖ ଭାଗରେ ଫସି ରହି ଘଟଣାସ୍ଥଳେ ମୃତ୍ୟୁବରଣ କରିଥିଲେ। ପ୍ରାରମ୍ଭିକ ଭାବରେ ପୋଲିସର ଅନୁମାନ ଯେ ବସ୍ ଡ୍ରାଇଭର ଶୋଇ ପଡ଼ିଥାଇପାରନ୍ତି। ସେଥିପାଇଁ ସେ ନିୟନ୍ତ୍ରଣ ହରାଇଥିଲେ। ଏହା ଦୁର୍ଘଟଣାର କାରଣ ହୋଇଥାଇପାରେ। ଦୁର୍ଘଟଣାର ଖବର ପାଇବା ପରେ ମଙ୍ଗଳବାର ରାତିରେ ପୋଲିସ ଏବଂ ସ୍ଥାନୀୟ ପ୍ରଶାସନ ଅଧିକାରୀମାନେ ଘଟଣାସ୍ଥଳକୁ ଯାଇଥିଲେ। ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରଥମେ, ସମ୍ମୁଖ ଭାଗରୁ ବସ୍ ଡ୍ରାଇଭର ଏବଂ ବସ୍ କଣ୍ଡକ୍ଟରଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ତା'ପରେ, ଜଣଙ୍କ ପରେ ଜଣେ ଆହତ ଯାତ୍ରୀଙ୍କୁ ଦୁର୍ଘଟଣାଗ୍ରସ୍ତ ବସ୍ ଭିତରୁ ବାହାର କରାଯାଇଥିଲା। ଏହି ଦୁର୍ଘଟଣା ଯୋଗୁଁ ଜାତୀୟ ରାଜପଥ ଦୀର୍ଘ ସମୟ ଧରି ଅବରୋଧ ହୋଇଥିଲା। ପରେ, ଜାତୀୟ ରାଜପଥ ପ୍ରାଧିକରଣ ଏବଂ ପୋଲିସ ସହାୟତାରେ ଟ୍ରାଫିକ ଜାମ୍ ହଟାଯାଇଥିଲା। ପୋଲିସ ସୂତ୍ର ଅନୁଯାୟୀ, ବସ୍ ଏବଂ ଟ୍ରକକୁ ଉଦ୍ଧାର କରାଯାଇଛି। ଦୁର୍ଘଟଣା କିପରି ଘଟିଲା ତାହାର ତଦନ୍ତ ଚାଲିଛି। ପୋଲିସ ମୃତ ଡ୍ରାଇଭର ଏବଂ କଣ୍ଡକ୍ଟରଙ୍କୁ ଚିହ୍ନଟ କରିଛି। ଡ୍ରାଇଭରଙ୍କ ନାମ ମୀର ଅବଦୁଲ ରହିମ (୩୯), ସେ ଓଡ଼ିଶାର କଟକର ସାଲେପୁରର ବାସିନ୍ଦା। କଣ୍ଡକ୍ଟରଙ୍କ ନାମ ନୁର ସିଂହ କଠୁଆ (୪୦), ସେ ମାହାଙ୍ଗାର ବାସିନ୍ଦା।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ହେଲେ ଭୁବନେଶ୍ୱରରେ କମିଛି ପେଟ୍ରୋଲ ଏବଂ ଡିଜେଲ ଦାମ୍। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦ .୯୭ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୫ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



# ଟ୍ରାଇର ସ୍ୱାଧୀନ ଡ୍ରାଇଭ୍ ଟେଷ୍ଟରେ ଜିଓର ସର୍ବାଧିକ ଡାଉନଲୋଡ୍ ସ୍ପିଡ୍ ପ୍ରଦର୍ଶନ

ଭୁବନେଶ୍ୱର ୨୯।୧୦: ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ରାଉରକେଲା ସହର ଏବଂ ଭୁବନେଶ୍ୱରରୁ ରାଉରକେଲା ରାଜପଥ ପାଇଁ ପ୍ରକାଶିତ ସଦ୍ୟତମ ସ୍ୱାଧୀନ ଡ୍ରାଇଭ୍ ଟେଷ୍ଟ (ଆଇଡିଟି) ଫଳାଫଳ ଅନୁଯାୟୀ, ଓଡ଼ିଶାର ଏକ ନମ୍ବର ଡିଜିଟାଲ୍ ସେବା ପ୍ରଦାନକାରୀ ରିଲାଏନ୍ସ ଜିଓ ସର୍ବାଧିକ ଡାଉନଲୋଡ୍ ସ୍ପିଡ୍ ସହିତ ଶୀର୍ଷରେ ରହିଛି। ଟ୍ରାଇର ନିୟମିତ ସେବା ଗୁଣବତ୍ତା (କ୍ୟୁଓଏସ) ଅଡିଟ୍‌ର ଏକ ଅଂଶ ଭାବରେ, ଓଡ଼ିଶା ସେବା କ୍ଷେତ୍ର (ଏଲଏସଏ) 


ଅଧୀନରେ ୧୯ ଅଗଷ୍ଟରୁ ୨୨ ଅଗଷ୍ଟ ୨୦୨୫ ମଧ୍ୟରେ, ରାଉରକେଲା ସହର ଏବଂ ଭୁବନେଶ୍ୱରରୁ ରାଉରକେଲା ରାଜପଥରେ କରାଯାଇଥିବା ସ୍ୱାଧୀନ ଡ୍ରାଇଭ୍ ଟେଷ୍ଟରେ ୩୫୫ କିଲୋମିଟର ରାଉରକେଲା ସହର ଡ୍ରାଇଭ୍ ଟେଷ୍ଟ, ୩୩୧.୪ କିଲୋମିଟର ଭୁବନେଶ୍ୱରରୁ ରାଉରକେଲା ରାଜପଥ, ୩.୬ କିଲୋମିଟର ପାଦଚଲା ପରୀକ୍ଷଣ ଏବଂ ୮ଟି ହଟସ୍ପଟ୍ ସ୍ଥାନରେ ପରୀକ୍ଷଣ ସାମିଲ ରହିଥିଲା। ରାଉରକେଲା ସହର ଏବଂ ଭୁବନେଶ୍ୱର-ରାଉରକେଲା ରାଜପଥରେ ଟ୍ରାଇ ଦ୍ୱାରା କରାଯାଇଥିବା ଏହି ପରୀକ୍ଷଣରେ, ରିଲାଏନ୍ସ ଜିଓ ଏହାର ସୁଦୃଢ ନେଟୱାର୍କକୁ ପ୍ରମାଣିତ କରି ସର୍ବାଧିକ ୧୯୧.୧୦ ଏମବିପିଏସ ହାରାହାରି ଡାଟା ଡାଉନଲୋଡ୍ ସ୍ପିଡ୍ ପ୍ରଦର୍ଶନ କରିଛି। ଏହା ପଛକୁ ଏୟାରଟେଲ ୯୬.୪୮ ଏମବିପିଏସ, ଭୋଡାଫୋନ ଆଇଡ଼ିଆ ୧୭.୭୩ ଏମବିପିଏସ ଏବଂ ବିଏସଏନଏଲ ୩.୯ ଏମବିପିଏସ ହାରାହାରି ଡାଟା ଡାଉନଲୋଡ୍ ସ୍ପିଡ୍ ପ୍ରଦର୍ଶିତ କରିଛି। ଜିଓ ଦ୍ୱାରା ହାସଲ କରାଯାଇଥିବା ହାରାହାରି ଡାଉନଲୋଡ୍ ସ୍ପିଡ୍ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଏୟାରଟେଲ ତୁଳନାରେ ଦୁଇଗୁଣ ରହିଥିଲା। ବ୍ୟସ୍ତବହୁଳ ହଟସ୍ପଟ୍ ଗୁଡ଼ିକରେ ମଧ ଜିଓ ସର୍ବାଧିକ ୫ଜି ଡାଉନଲୋଡ୍ ସ୍ପିଡ୍ ୨୧୯.୪୩ ଏମବିପିଏସ ହାସଲ କରିଥିବା ବେଳେ ଏୟାରଟେଲ୍ ୧୪୫.୬୬ ଏମବିପିଏସ ୫ଜି ଡାଉନଲୋଡ୍ ସ୍ପିଡ୍ ସହିତ ଦ୍ୱିତୀୟ ସ୍ଥାନରେ ରହିଥିବା ଟ୍ରାଇ ଏହାର ରିପୋର୍ଟରେ ପ୍ରକାଶ କରିଛି। ହଟସ୍ପଟ୍‌ଗୁଡ଼ିକରେ ଜିଓ ସର୍ବାଧିକ ୩୯.୭୭ ଏମବିପିଏସ ୪ଜି ଡାଉନଲୋଡ୍ ସ୍ପିଡ୍ ରେକର୍ଡ କରିଥିବା ବେଳେ ଏହା ପଛକୁ ଏୟାରଟେଲ ୩୬.୬୪ ଏମବିପିଏସ, ଭୋଡାଫୋନ ଆଇଡ଼ିଆ ୧୭.୦୨ ଏମବିପିଏସ ଏବଂ ବିଏସଏନଏଲ ୪.୪ ଏମବିପିଏସ ୪ଜି ଡାଉନଲୋଡ୍ ସ୍ପିଡ୍ ହାସଲ କରିଛନ୍ତି। ହଟସ୍ପଟ୍‌ଗୁଡ଼ିକରେ ୫ଜି ଅପଲୋଡ୍ ସ୍ପିଡ୍‌ରେ ଏୟାରଟେଲ ୩୦.୭୭ ଏମବିପିଏସ ରହିଥିବା ବେଳେ ଜିଓ ୨୫.୪୦ ଏମବିପିଏସ ହାସଲ କରିଛି। ଜିଓ ମଧ ୧୮.୪ ଏମବିପିଏସର ଏକ ଦୃଢ଼ ହାରାହାରି ୪ଜି ଅପଲୋଡ୍ ସ୍ପିଡ୍ ବଜାୟ ରଖିଛି। ଏହାର ସୁଦୃଢ଼ ନେଟୱାର୍କ କ୍ଷମତା ସହିତ, ରିଲାଏନ୍ସ ଜିଓ ଭଏସ ସ୍ପଷ୍ଟତା, କମ ଲାଟେନ୍ସୀ ଏବଂ ଅଲ୍ଟ୍ରା-ଫାଷ୍ଟ ମୋବାଇଲ୍ ଡାଟା ପାଇଁ ନୂଆ ମାନଦଣ୍ଡ ସ୍ଥାପନ କରିଚାଲିଛି, ଯାହା ଡିଜିଟାଲ୍ ଇଣ୍ଡିଆର ସୁଫଳକୁ ଦେଶର କୋଣ ଅନୁକୋଣର ନିକଟତର କରିଛି। ଟ୍ରାଇ ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ସବସ୍କ୍ରିପସନ୍ ତଥ୍ୟ ଅନୁଯାୟୀ, ଓଡ଼ିଶାରେ ୱାୟାରଲେସ୍, ୱାୟାରଲାଇନ୍ ଏବଂ ଏଫଡବ୍ଲୁଏ କ୍ଷେତ୍ରରେ ଏକ ନମ୍ବର ରହିଥିବା ରିଲାଏନ୍ସ ଜିଓର ରାଜ୍ୟରେ ୧.୬୭ କୋଟିରୁ ଅଧିକ ମୋବାଇଲ୍ ଗ୍ରାହକ ଏବଂ ୬.୧୪ ଲକ୍ଷରୁ ଅଧିକ ହୋମ୍ ବ୍ରଡବ୍ୟାଣ୍ଡ (ଜିଓଫାଇବର ଓ ଜିଓଏୟାରଫାଇବର) ଗ୍ରାହକ ରହିଛନ୍ତି, ଯାହା ଏହାର ବ୍ୟାପକ ୪ଜି ଏବଂ ୫ଜି ନେଟୱାର୍କ ବଳରେ ସମ୍ଭବ ହୋଇଛି। ବିବିଧ ବ୍ୟବହାର ପରିବେଶ - ସହରାଞ୍ଚଳ କ୍ଷେତ୍ର, ପ୍ରତିଷ୍ଠାନଗତ ହଟସ୍ପଟ୍, ଗ୍ରାମାଞ୍ଚଳ ଆବାସିକ ଅଞ୍ଚଳ ଇତ୍ୟାଦିରେ ବାସ୍ତବ ସମୟ ନେଟୱାର୍କ ଦକ୍ଷତାକୁ ପରଖିବା ପାଇଁ ଟ୍ରାଇ ପକ୍ଷରୁ ବିସ୍ତୃତ ସ୍ୱାଧୀନ ଡ୍ରାଇଭ୍ ଟେଷ୍ଟ କରାଯାଇଥିଲା। ଟ୍ରାଇ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ରାଉରକେଲା ସହରରେ ନେଟୱାର୍କ ସ୍ଥିତି ମୂଲ୍ୟାଙ୍କନ ପ୍ରକ୍ରିୟାରେ ଟିମ୍ବୋର, ଲାଠିକଟା, ହାତୀବୁରା, ରିଙ୍ଗ ରୋଡ୍, ରାଉରକେଲା ବିସ୍ରା ଜରାଇକେଲା ରୋଡ୍, ନୂଆଗାଁ, କୁଆରମୁଣ୍ଡା, ବୀରମିତ୍ରପୁର, ବିସ୍ରା, ଝିରପାଣି, କୋଏଲ ନଗର, ଛେଣ୍ଡ ମେନ ରୋଡ଼, ପାନପୋଷ ରୋଡ୍ ଏବଂ ପିତାମହଲ ଡ୍ୟାମ୍ ରୋଡ୍ ଇତ୍ୟାଦି ଅଞ୍ଚଳ ଅନ୍ତର୍ଭୁକ୍ତ ଥିଲା। ରାଉରକେଲା ସହରର ରାଉରକେଲା ରେଳ ଷ୍ଟେସନରେ ପଦଯାତ୍ରା ପରୀକ୍ଷା କରାଯାଇଥିଲା। ସ୍ଥିର ଉପଭୋକ୍ତା ଅଭିଜ୍ଞତାକୁ ପ୍ରତିଫଳିତ କରିବା ପାଇଁ ଟ୍ରାଇ ରାଉରକେଲା ସହରର କଲେକ୍ଟର ଅଫିସ୍, ଜିଲ୍ଲା ଏବଂ ସେସନ୍ସ କୋର୍ଟ ପରିସର, ସରକାରୀ ମେଡିକାଲ୍ ହସ୍ପିଟାଲ୍, ମ୍ୟୁନିସିପାଲ୍ କର୍ପୋରେସନ୍, ଏନଆଇଟି ରାଉରକେଲା, ରାଉରକେଲା ବସ୍ ଷ୍ଟାଣ୍ଡ, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ଏବଂ ଏସଟିଆଇ ମାର୍କେଟ୍ କଂପ୍ଲେକ୍ସରେ ବାସ୍ତବ ପରିସ୍ଥିତିର ମୂଲ୍ୟାଙ୍କନ ମଧ କରିଥିଲା। ସେହିଭଳି ଭୁବନେଶ୍ୱରରୁ ରାଉରକେଲା ରାଜପଥରେ ଏହି ମୂଲ୍ୟାଙ୍କନରେ ସୁନାପର୍ବତ, ଲୋହଦାର, ରାନିବର୍ନା, ବାଙ୍କି, ମୁସାବିରା, ବରଘଟ, ଦାର୍ଜିଙ୍ଗ, ଜୁଣିଆଣି, ଗୁଡ଼ିଆଲି, ଝଲିଆବର୍ନା, କେନାଭେଟା, ଟୁନିଆପାଲି, ଖୁଲୁଣ୍ଡିକୁଦର, ଲାଖପାଲୀ, କାମାକ୍ଷାନଗର ଏବଂ କଟକ ଇତ୍ୟାଦି ସାମିଲ ରହିଥିଲା।

# ପାକିସ୍ତାନରେ ଟମାଟୋ କିଣିବା ପାଇଁ ଋଣ ଦାବି!

ଇସଲାମାବାଦ, ୨୯।୧୦: ପାକିସ୍ତାନରେ ଦରଦାମ ବୃଦ୍ଧି ବର୍ତ୍ତମାନ ଶୀର୍ଷରେ ପହଞ୍ଚିଛି। ପରିସ୍ଥିତି ଏତେ ଭୟଙ୍କର ହୋଇଗଲାଣି ଯେ, ପାକିସ୍ତାନୀମାନେ ଦିନକୁ ଦୁଇଥର ଖାଇବା ମଧ କଷ୍ଟକର ହୋଇପଡୁଛି। ସବୁକିଛିର ଦର ଆକାଶଛୁଆଁ ହୋଇଛି। ବିଶେଷକରି ପନିପରିବା ଏବଂ ଫଳ ନେଇ ଲୋକେ ଚିନ୍ତାରେ ଅଛନ୍ତି। ଟମାଟୋର ମୂଲ୍ୟ କିଲୋଗ୍ରାମ ପିଛା ୬୦୦ ଟଙ୍କାରେ ପହଞ୍ଚିଛି। ହଠାତ୍ ଦରଦାମ୍ ବୃଦ୍ଧି ଜନସାଧାରଣଙ୍କୁ ବିଚଳିତ କରିଛି। ଏହାର ପ୍ରଭାବ ପାକିସ୍ତାନ ସଂସଦ ପର୍ଯ୍ୟନ୍ତ ମଧ ପହଞ୍ଚିଛି। କିଛି ସାଂସଦ ଏବେ ଟମାଟୋ କିଣିବା ପାଇଁ ସରକାରୀ ଋଣ ଦାବି କରୁଛନ୍ତି। ଅନେକ ଲୋକ ଭାରତରୁ ଶସ୍ତା ଟମାଟୋ ଆମଦାନିର ଅତୀତର ସ୍ମୃତିକୁ ମଧ ମନେ ପକାଇଛନ୍ତି। ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଏକ ଭିଡିଓରେ, ଜଣେ ପାକିସ୍ତାନୀ ସାଂସଦ ଟମାଟୋର ବର୍ଦ୍ଧିତ ମୂଲ୍ୟ ଉପରେ ଚିନ୍ତା ପ୍ରକାଶ କରି କହିଛନ୍ତି ଯେ, ଏଗୁଡ଼ିକୁ ପାଇବା କଷ୍ଟକର। ସେ ଏହି ଟମାଟୋକୁ ୭୫ ଟଙ୍କା ପ୍ରତି କିଲୋଗ୍ରାମରେ ଉପଲବ୍ଧ କରାଇବା ପାଇଁ ତାଙ୍କ ସାଥୀ ସାଂସଦ ଫାରୁକ ସାହେବଙ୍କୁ ଧନ୍ୟବାଦ ଜଣାଇଛନ୍ତି

# ଶ୍ରଦ୍ଧା ପ୍ରଧାନ ହେଲେ ଜେମ୍ସ ଓଡ଼ିଶାର ବିଜେତା



ଭୁବନେଶ୍ୱର,୨୯।୧୦ (ସଂଚାର ବ୍ୟୁରୋ): ଏହି ଉଦଯାପନୀ ଉତ୍ସବରେ ଡକ୍ଟର ସୁନୀତା ଓ୍ୱାଧବନ, ସୁଧା ଚନ୍ଦ୍ରାଣୀ ଖାତ୍ରୀ, ଡକ୍ଟର ଭୁବନେଶ୍ୱରୀ ଦେଓ୍ୱଙ୍ଗନ, ପ୍ରତିଷ୍ଠାତ୍ରୀ ଅନିତା ମଣ୍ଡଳ, ଆୟୋଜକ ଉମାଶଙ୍କର ଦାସପ୍ରମୁଖ ଉପସ୍ଥିତ ଥିଲେ। ସେଲିବ୍ରିଟି ବିଚାରକ ଭାବେ ଅଭିନେତା ହରିହର ଦାସ, ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର ଏବଂ ବ୍ରାଣ୍ଡ ଅମ୍ବାସଡ଼ର ଭାବେ ଅର୍ଚ୍ଚିତା ସାହୁ, ଉପସ୍ଥାପନାରେ ଶୁଭୋଜିତ ପଣ୍ଡା, ଉପଦେଷ୍ଟା ଭାବେ ଆମ ଟିଭି ଏବଂ ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ଼ ପ୍ରଣୟ ଜେଠୀ ଉପସ୍ଥିତ ଥିଲେ। ରାଣୀ ବର୍ଗ ରେ ସମ୍ବଲପୁର ର ଝିଅ ଶ୍ରଦ୍ଧା ପ୍ରଧାନ ଓ୍ୱିନର ହୋଇଥିବା ବେଳେ ଭୁବନେଶ୍ୱରର ଡକ୍ଟର ମୋନାଲିସା ମିଶ୍ର ପ୍ରଥମ ରନର ଅପ୍ ଏବଂ ସବିତାରାଣୀ ମଲ୍ଲିକ ଦ୍ୱିତୀୟ ରନର ଅପ୍ ହୋଇଛନ୍ତି। ସେହିପରି ଶ୍ରୀଶକ୍ତି ବର୍ଗରେ ଛତିଶଗଡ ର ମହିମା ସହାରେ ଏବଂ ଡେଷା ଓ୍ୱିନର ହୋଇଥିବା ବେଳେ ମାଳତୀ ଜଇଶ୍ୱାଲ ଏବଂ ଭୈଭବୀ ପ୍ରଥମ ରନର ଅପ୍, ବ୍ରହ୍ମପୁରର ଜଣେ ଭିନ୍ନକ୍ଷମ ଝିଅ ରଞ୍ଜନା ନାହାକ ଦ୍ୱିତୀୟ ରନର ଅପ୍ ହୋଇଛନ୍ତି । ପ୍ରତ୍ୟେକ ନାରୀର ଇଚ୍ଛା ଥାଏ ହେଲେ କୌଣସି କାରଣରୁ ସେ ତାର ସ୍ୱାଧୀନ ଚିନ୍ତାଧାରା କୁ ଆଗକୁ ଆଣିବାରେ ସକ୍ଷମ ହୋଇନଥାଏ। ତାହାକୁ ଲୋକ ଲୋଚନକୁ ଆଣିବା ପାଇଁ ଏବଂ ସେମାନଙ୍କ ଲୁକ୍କାୟିତ ପ୍ରତିଭାକୁ ଆଗକୁ ବଢ଼ାଇବା ପାଇଁ ଭୁବନେଶ୍ୱର ର ଜେମ୍ସ ଅଫ ଓଡିଶା ଆରମ୍ଭ କରିଥିଲା ଏହି ପ୍ରୟାସ। ଅନୁଷ୍ଠାନର ମୁଖ୍ୟ ଉମାକାନ୍ତ ଦାସ ଏବଂ ତାଙ୍କ ସହଧର୍ମିଣୀ ତଥା ସହଯୋଗୀ ମୁଖ୍ୟ ଅନିତା ମଣ୍ଡଳ ଏହି ପ୍ରୟାସ ଆରମ୍ଭ କରିଥିଲେ।

# ଚାଷୀଙ୍କ ଚାଷକୁ ଉଜାଡ଼ି ଦେଲା ବାତ୍ୟା ମୋନ୍ଥା



ଦାରିଙ୍ଗବାଡି,୨୯।୧୦(ସଂଚାର ବ୍ୟୁରୋ): ବଙ୍ଗୋପସାଗର ରେ ସୃଷ୍ଟି ହୋଇଥିବା ମୋନ୍ଥା ବାତ୍ୟା ପ୍ରଭାବରେ ସମସ୍ତ ଚାଷୀଙ୍କର ଚାଷ ଉଜୁଡ଼ି ଯାଇଛି ଏବେ ଚିନ୍ତାରେ ଚାଷୀ ଚାଷୀ ଭାଇମାନେ ଚାଷ କରି କିଛି ପଇସା ରୋଜଗାର କରିବା ଆଶାରେ ହଜାର ହଜାର ଟଙ୍କା ଖର୍ଚ୍ଚ କରି ବିଭିନ୍ନ ପ୍ରକାର ବିହନ କିଣି ଅ ହେତୁକ ମୂଲ୍ୟରେ ସାର କିଣି ଚାଷ କରିଥିଲେ ହେଲେ ଚାଷୀଙ୍କ ଆଶା କୁ ନଷ୍ଟ କରିଦେଲା ବାତ୍ୟା ମନ୍ଥା ଏହି ବାତ୍ୟାର ପ୍ରଭାବରେ ବିଭିନ୍ନ ପ୍ରକାର ଚାଷ ନଷ୍ଟ ହୋଇ ଥିବା ଦୃଶ୍ୟ ସାମ୍ନାକୁ ଆସିଛି ତଥା ଧାନ ମୁଗ ବିରି ଝୁଡୁଙ୍ଗ ମକା ବନ୍ଧାକୋବି ଫୁଲକୋବି ବାଇଗଣ ଏପରି ବିଭିନ୍ନ ପ୍ରକାର ପନିପରିବା ଉଜାଡ଼ି ଦେଲା ବାତ୍ୟା ମନ୍ଥା କାଲି ଏତିକି ନୁହେଁ କେଉଁଠି ଘର ଭାଙ୍ଗିଲା ତ କେଉଁଠି ଗଛ ପଡ଼ିଲା ତ ଆଉ କେଉଁଠି ପାହାଡ଼ ପର୍ବତ ଧସିଲା ଲୋକେ ସବୁ ଭୟରେ ହସ୍ତବ୍ୟସ୍ତ ହେଲେଣି ଏପରି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଥାନା ଅଧୀନରେ ଥିବା ତାମାଙ୍ଗି କଲିଙ୍ଗି ମାର୍ଦିପଙ୍କା ଆଡ଼ିପଦର ଏପରି ବିଭିନ୍ନ ସ୍ଥାନରେ ଏଣୁ ସମସ୍ତ ଉପାନ୍ତ ଅଞ୍ଚଳରେ ହେଉଥିବା କ୍ଷୟ କ୍ଷତି ର ସ୍ଥିତି ଅନୁସନ୍ଧାନ କରି ଚାଷୀ ମାନଙ୍କୁ ରାଜ୍ଯ ସରକାର୍ ଙ୍କ ତରପରୁ କ୍ଷତି ପୂରଣ ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି ।

## ପରେଶ ଚନ୍ଦ୍ର ଦାସଙ୍କ ହୃଦଘାତରେ ମୃତ୍ୟୁ

ବୈଶିଙ୍ଗା,୨୯।୧୦(ସଂଚାର ବ୍ୟୁରୋ): ବୈଶିଙ୍ଗା ଥାନା ଅନ୍ତର୍ଗତ ବୈଶିଙ୍ଗା ଗ୍ରାମ ର ଜନୈକ ବ୍ୟକ୍ତିଙ୍କର ହୃଦଘାତରେ ମୃତ୍ୟୁ ହୋଇଥିବା ଜଣାଯାଇଛି । ଖବର ରୁ ପ୍ରକାଶ ସ୍ୱର୍ଗତ ଗୌରମୋହନ ଦାସ ଙ୍କ ଏକମାତ୍ର ପୁତ୍ର ପରେଶ ଚନ୍ଦ୍ର ଦାସ ଙ୍କ ର ୬୮ ବର୍ଷ ବୟସରେ ପରଲୋକ ହୋଇ ଯାଇଛି । ତାଙ୍କର ପୁତ୍ର ତମ୍ବୁରୁଧର ଦାସ ଙ୍କ କହିବାନୁଯାଇ ସେ ତାଙ୍କର ବାପା ପରେଶ ଦାସ କିଛି ଦିନ ଧରି ହୃଦ ରୋଗରେ ପୀଡିତ ଥିଲେ । ସେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେବା ପରେ ଘରେ ରହିଥିଲେ । ଆଜି ବୁଧବାର ସନ୍ଧ୍ୟାରେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ବୈଶିଙ୍ଗା ଡାକ୍ତରଖାନା ନେଇ ଆସିବା ପରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ପରିବାର ବର୍ଗ ତାଙ୍କ ମର ଶରୀର କୁ ତାଙ୍କ ନିଜ ଘରକୁ ନେଇ ଯାଇଥିଲେ । ଗ୍ରାମ ଶ୍ମଶାନ ରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ଜଣାଯାଇଛି ।

# ୭୩ ବର୍ଷରେ ପଦାର୍ପଣ କଲା ଜଗଦ୍ଧାତ୍ରୀ ମେଳା



ବାରିପଦା,୨୯।୧୦(ସଂଚାର ବ୍ୟୁରୋ): ସ୍ଥାନୀୟ ଭଂଜପୁର ଜଗଦ୍ଧାତ୍ରୀ ମେଳା - ୨୦୨୫ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଉପଲକ୍ଷେ ଆଜି ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକାରୀ ସଭାପତି ନଗରପାଳ କୃଷ୍ଣଓନନ୍ଦ ମହାନ୍ତି ପୂଜା ର ବିଭିନ୍ନ କାଯ୍ୟସୁଚି ବିଷୟରେ ସୂଚନା ପ୍ରଦାନ କରିଛନ୍ତି। ମା ଜଗଦ୍ଧାତ୍ରୀଙ୍କ ପୂଜା ଆସନ୍ତାକାଲି ପାରମ୍ପାରିକ ରୀତିନୀତି ଅନୁସାରେ ଅନୁଷ୍ଠିତ ହେବ ଓ ଏ ବର୍ଷ ମେଳାରେ ଓଡିଶା ଓ ଅନ୍ୟ ରାଜ୍ୟରୁ ପ୍ରାୟ ୩ ଶହ ଷ୍ଟଲ ପ୍ରଦର୍ଶିତ ହେବ ଓ ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସାଂସ୍କୃତିକ ସମ୍ପାଦକ କିଶୋର ପଲେଇ ଜଣାଇଥିଲେ। ଏବର୍ଷର ବେଶେଷ ଆକର୍ଷଣ ହାଇଦ୍ରାବାଦ ସ୍ଥିତ ତେଲେଙ୍ଗାନାର ସଚିବାଳୟର ତୋରଣ ନିର୍ମିତ ହେଉଅଛି ବୋଲି ମୁଖ୍ୟ ସାଧାରଣ ସମ୍ପାଦକ ଦର୍ପ ନାରାୟଣ ପାଲ ଜଣାଇଥିଲେ ଓ ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ନିରାପତ୍ତା ପାଇଁ ସି ସି କେମେରା, ନିଆଁ ଲିଭା ଯନ୍ତ୍ରର ବ୍ୟବସ୍ଥା କରାଯାଇଛି ଏବଂ ମେଳାର ସଫଳତା ପାଇଁ ରେଳ ବିଭାଗ, ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ, ବିଦ୍ୟୁତ ବିଭାଗ, ବାରିପଦା ମୁନିସିପାଲିଟି, ଅଗ୍ନିଶମ ବିଭାଗର ସମସ୍ତ ପ୍ରକାର ସହଯୋଗ ରହିଛି ବୋଲି କାର୍ଯ୍ୟକାରୀ ସଭାପତି ଶ୍ରୀ ମହାନ୍ତି ପ୍ରକାଶ କରିଥିଲେ ଓ ମେଳା ଚାଲିଥିବା ବେଳେ କମିଟି ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ କରାଯିବ ।

● ଖଣ୍ଡାଧରି ନିଶାଶକ୍ତ ଯୁବକଙ୍କ ଉନ୍ମତ୍ତ କାଣ୍ଡ

# ଆମ୍ବୁଲାନ୍ସ ଭାଙ୍ଗିବା ସହ ମୋବାଇଲ୍ ଛଡାଇଲା

ନୀଳଗିରି,୨୯।୧୦(ସଂଚାର ବ୍ୟୁରୋ): ନୀଳଗିରି ସାନଅତା ଗ୍ରାମର ରାଜା କୁଅଁର ନାମକ ଯୁବକ ମଙ୍ଗଳବାର ଅପରାହ୍ନ ପ୍ରାୟ ୪ଟା ସମୟରେ ମଦପିଇ ନିଶାଶକ୍ତ ଅବସ୍ଥାରେ ନୀଳଗିରି ରେଞ୍ଜଅଫିସ ସାମ୍ନାରେ ରାସ୍ତାରେ ଯାଉଥିବା ଝିଅବୋହୂ ମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଉକ୍ତ ରାସ୍ତାଦେଇ ଯାଉଥିବା ସାନଅତା ଗ୍ରାମର ଆମ୍ବୁଲାନ୍ସ ନେଇ ଯାଉଥିବା ଡ୍ରାଇଭର ଉମାକାନ୍ତ ନାୟକଙ୍କୁ ଅଟକାଇ ମଦପିଇବା ପାଇଁ ଟଙ୍କା ମାଗିଥିଲା। ମାତ୍ର ଡ୍ରାଇଭର ଜଣକ ଟଙ୍କା ନଦେବାରୁ ନାନାଦି ଅଶ୍ଳୀଳ ଭାଷାରେ ଗାଳିକରିବା ସହିତ ଆମ୍ବୁଲାନ୍ସ ଭିତରୁ ଟାଣିନେଇ ମୁଣ୍ଡକୁ ମୁଥମାରିବା ସହିତ ହାତରେ ଧରିଥିବା ଏକ ଖଣ୍ଡା ସାହାଯ୍ୟରେ ଆମ୍ବୁଲାନ୍ସ ଗାଡ଼ିକୁ ବିଭିନ୍ନ ସ୍ଥାନରେ ଚୋଟ ମରିଥିଲା। ଏପରିକି ଗାଡିଭିତରେ ଥିବା ଏକ ମୋବାଇଲକୁ ଝାମ୍ପି ନେଇଥିବା ନେଇ ଡ୍ରାଇଭର ଉମାକାନ୍ତ ନୀଳଗିରି ଥାନାରେ ଏକ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି।

# ଛାତ୍ର ଛାତ୍ରୀ ଓ ଅଧ୍ୟାପକଙ୍କ ନିମନ୍ତେ ନିରନ୍ତର ବିକାଶ ଲକ୍ଷ୍ୟ ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ କାର୍ମଶାଳା




ସୁନ୍ଦରଗଡ଼,୨୯।୧୦(ସଂଚାର ବ୍ୟୁରୋ): ସ୍ଥାନୀୟ ସଂସ୍କୃତି ଭବନଠାରେ ସୁନ୍ଦରଗଡ଼ ଜିଲ୍ଲାର ଭିନ୍ନ ଭିନ୍ନ ମହାବିଦ୍ୟାଳୟ ମାନଙ୍କରୁ ଆସିଥିବା ଛାତ୍ରଛାତ୍ରୀ ଓ ଅଧ୍ୟାପକ ମାନଙ୍କ ଲାଗି ସଷ୍ଟେନେବଲ୍ ଡେଭେଲପମେଣ୍ଟ ଗୋଲ୍ ବା ନିରନ୍ତର ବିକାଶ ଲକ୍ଷ୍ୟ ସମ୍ବନ୍ଧୀୟ ଏକ ଜିଲ୍ଲା ସ୍ତରୀୟ କାର୍ମଶାଳା ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ଉପ ନିର୍ଦ୍ଦେଶିକା ସୁଶୀଳା ଟପ୍ପୋଙ୍କ ଦ୍ୱାରା ଉଦଘାଟନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଭିନ୍ନ ଭିନ୍ନ ମହାବିଦ୍ୟାଳୟ ମାନଙ୍କରୁ ଆସିଥିବା ଅନ୍ୟୁନ ୧୫୦ ଛାତ୍ରଛାତ୍ରୀ ଓ ଅଧ୍ୟାପକ ମାନଙ୍କୁ ନିରନ୍ତର ବିକାଶ ଲକ୍ଷ୍ୟ ଅଧିନସ୍ଥ ୧୭ ଗୋଟି ଲକ୍ଷ୍ୟ, ତତ୍ସମ୍ବନ୍ଧୀତ ୧୬୯ ଗୋଟି ଟାର୍ଗେଟ ଏବଂ ଏହି ଟାର୍ଗେଟ ମାନଙ୍କ ସହ ଜଡ଼ିତ ୩୧୧ ଇଣ୍ଡିକେଟର ବା ସୂଚକାଙ୍କ, ଇତ୍ୟାଦି ବିଷୟରେ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଯୋଗଦେଇ ଡୁଡୁକା ମହାବିଦ୍ୟାଳୟ ର ଅଧ୍ୟକ୍ଷା ମିନତୀ ମିଶ୍ର ୧୭ ଗୋଟି ଲକ୍ଷ୍ୟକୁ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ ତଥା ଅଧ୍ୟାପକ ମାନଙ୍କ ସମ୍ମୁଖରେ ଅତ୍ୟନ୍ତ ପ୍ରାଞ୍ଜଳ ଭାବେ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବରେ ଯୋଗଦେଇ ରାଉରକେଲା ସ୍ଥିତ ରାଷ୍ଟ୍ରୀୟ ପ୍ରଯୁକ୍ତି ପ୍ରତିଷ୍ଠାନର ପ୍ରଫେସର କାକୋଲି ପଲ୍ ଏବଂ ପ୍ରଫେସର ବିକାଶ ଚନ୍ଦ୍ର ମହାରାଜ ବର୍ତ୍ତମାନ ସମୟରେ ନିରନ୍ତର ବିକାଶ ଲକ୍ଷ୍ୟରେ ବର୍ଣ୍ଣିତ ବିଷୟ ଆମର ଭବିଷ୍ୟତ ପିଢ଼ି ଲାଗି କେତେ ଜରୁରୀ, ସେ ସମ୍ବନ୍ଧରେ ନିତିଦିନିଆ କାର୍ଯ୍ୟର ଉଦାହରଣ ତଥା ପ୍ରତିଷ୍ଠାନର କ୍ୟାମ୍ପସରେ କି କି ପ୍ରକାର କାର୍ଯ୍ୟକ୍ରମ ମାଧ୍ୟମରେ ନିରନ୍ତର ବିକାଶ ଲକ୍ଷ୍ୟକୁ ହାସଲ କରାଯାଇ ପାରିବ, ଉପସ୍ଥିତ ଛାତ୍ରଛାତ୍ରୀ ତଥା ଅଧ୍ୟାପକ ମାନଙ୍କୁ ବୁଝାଇଥିଲେ।

## ଅଙ୍ଗନବାଡି କର୍ମୀ ଚୟନରେ ଅନିୟମିତତା ଅଭିଯୋଗ

# ଚାକିରି ପାଇବା ପାଇଁ ବୋହୁ ହୋଇଗଲେ ଯୁବତୀ

**ସନ୍ଦେହ ଘେରରେ ସିଡିପିଓଙ୍କ କାର୍ଯ୍ୟକଳାପ**



ଫିରିଙ୍ଗିଆ,୨୯।୧୦(ସଂଚାର ବ୍ୟୁରୋ): ଅଙ୍ଗନବାଡି କର୍ମୀ ଚୟନରେ ଅନିୟମିତତା ଅଭିଯୋଗ କରି ଅଙ୍ଗନବାଡି କେନ୍ଦ୍ରରେ ତାଲା ପକାଇଲେ ଉତ୍ତ୍ୟକ୍ତ ଗ୍ରାମବାସୀ । ସମସ୍ୟାରର ସମାଧାନ ନ ହେବା ଯାଏ ତାଲା ଖୋଲିବ ନାହିଁ ବୋଲି ଅଡି ବସିଛନ୍ତି ସ୍ଥାନୀୟଲୋକ । ଗୋଟେ ପଟେ ବାତ୍ୟା ମୋ ମନ୍ଥା ପ୍ରଭାବରେ ସାରା କନ୍ଧମାଳ ରେ ବର୍ଷା ଲାଗିରହିଥିବା ବେଳ ଅନ୍ୟପଟେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ବନ୍ଧଗଡ଼ ପଞ୍ଚାୟତ ମଣିପଦର ଗାଁରେ ଦେଖିବାକୁ ମିଳିଛି ଏଭଳି ଅଭାବନୀୟ ଘଟଣା। ସୂଚନା ଅନୁଯାୟୀ, ମଣିପଦର ଅଙ୍ଗନବାଡି ଓ୍ୱାର୍କର ଅକାଳ ମୃତ୍ୟୁ ପରେ ଗତ ଜୁଲାଇ ମାସରେ ଅଙ୍ଗନବାଡି କେନ୍ଦ୍ର ଅଙ୍ଗନବାଡି କର୍ମୀଙ୍କ ପଦବୀ ଖାଲିପଡିଥିଲା। ଏହି ପଦବୀ ପୂରଣ ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ବିଜ୍ଞପ୍ତି ପ୍ରକାଶ ପରେ ମଣିପଦର ଗାଁର ୧୫ ଜଣ ଆଶାୟୀ ମହିଳା ଓ ଯୁବତୀ ଅଙ୍ଗନବାଡି କର୍ମୀ ପାଇଁ ଆବେଦନ କରିଥିଲେ। ଆବେଦନ ପରେ ଯାଞ୍ଚ ପ୍ରକ୍ରିୟା ମଧ୍ୟ ହୋଇଥିଲା। ମଣିପଦର ଗାଁର ଆବେଦନ କରିଥିବା ୧୪ ଜଣ ମହିଳା ଏବଂ ଜଣେ ଅସହାୟ ବାପା ମା' ଛେଉଣ୍ଡ ଝିଅ ଅଧିକ ମାର୍କ ଥିବା ସତ୍ତ୍ୱେ କର୍ମୀ ନିଯୁକ୍ତିରେ ପାଇନଥିଲେ। ହେଲେ ଏହି ଫିରିଙ୍ଗିଆ ବ୍ଲକ ପବିଙ୍ଗିଆ ପଞ୍ଚାୟତର ଜଣେ ଅବିବାହିତା ଯୁବତୀଙ୍କୁ ନିଯୁକ୍ତି ଦେଇଥିବାରୁ ମଣିପଦର ଗ୍ରାମବାସୀ ବିରୋଧ କରିଥିଲେ । ଏଥି ସହିତ ଆଶାୟୀ ଆବେଦନ କାରୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି। ଯାହାକୁ ନେଇଁ ବାରମ୍ବାର ବିଭିନ୍ନ ବିଭାଗୀୟ ଅଧିକାରୀ ଙ୍କ ପାଖରେ ଏହି ଅନିୟମିତତା ନେଇଁ ଅଭିଯୋଗ କରିବା ପରେ କେହି ଶୁଣିନଥିଲେ।

# ମତ୍ସ୍ୟ ଓ ପଶୁ ସମ୍ପଦ ମେଳା ଅନୁଷ୍ଠିତ



ବୈଶିଙ୍ଗା,୨୯।୧୦(ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ପକ୍ଷରୁ ବୈଶିଙ୍ଗା ଥାନା ଅନ୍ତର୍ଗତ ରଙ୍ଗାମାଟିଆ ଖେଳପଡ଼ିଆରେ ବ୍ଲକ୍ ସ୍ତରୀୟ ମତ୍ସ୍ୟ ଓ ପଶୁସମ୍ପଦ ମେଳା ବୁଧବାର ମଧ୍ୟାହ୍ନରେ ଅନୁଷ୍ଠିତ ହୋଇଯାଇଛି।ଏହି ମେଳାର ଉଦେଶ୍ୟ ଥିଲା ମତ୍ସ୍ୟ ଚାଷୀ ଏବଂ ଗୋମହିଷି, ଛେଳି, ମେଣ୍ଢା, କୁକୁଡା ଚାଷୀ ମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ପ୍ରୋତ୍ସାହନ କୁ ସଦୁପଯୋଗ କରି ନିଜେ କିପରି ଆତ୍ମନିର୍ଭରଶୀଳ ହୋଇପାରିବା। ଏହି ମେଳାରେ ମୁଖ୍ୟ ଅତିଥି ଭାବେ ବିଧାୟକ ସନାତନ ବିଜୁଳି ଯୋଗ ଦେଇ ଉପସ୍ଥିତ ଚାଷୀ ମାନଙ୍କୁ ଉଦବୋଧନ ଦେଇଥିଲେ।ବେତନଟୀ ବ୍ଲକ୍ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ବୈଶିଙ୍ଗା ଥାନା ଅଧୀନ ରଙ୍ଗା ମାଟିଆଠାରେ ଅନୁଷ୍ଠିତ ହୋଇଥିବା ବେଳେ ପାଗ ଅନୁକୂଳ ନ ଥିବା ସତ୍ତ୍ୱେ ବହୁ ସଂଖ୍ୟକ ଚାଷୀଙ୍କୁ ଦେଖିବାକୁ ମିଳିଥିଲା। ଗୋଷ୍ଠୀ ପ୍ରାଣୀ ଚିକିତ୍ସକ ଡ଼ ରଞ୍ଜନ କୁମାର ସେଠୀ ଙ୍କ ପୌରାହିତ ରେ ଅନୁଷ୍ଠିତ ମେଳା ରେ ମୁଖ୍ୟ ଅତିଥି ବଡ଼ସାହି ବିଧାୟକ ସନାତନ ବିଜୁଳି ଯୋଗ ଦେଇ କହିଲେ ଯେ ଆମ ସରକାର ମସ୍ୟ ଓ ପ୍ରାଣୀ ସମ୍ପଦ ମାନଙ୍କର ଉନ୍ନତି ପାଇଁ ସଦାସର୍ବଦା ତତ୍ପର ଅଛନ୍ତି ସରକାର ଯାହା ସବୁ ଯୋଜନା କରିଛନ୍ତି ତାହା ଆପଣ ମାନେ ଲାଭ ଉଠାନ୍ତୁ।

# ହିତାଧିକାରୀଙ୍କ ସହିତ ପରାମର୍ଶ ବୈଠକ କାର୍ଯ୍ୟକ୍ରମ



ସୁନ୍ଦରଗଡ଼,୨୯।୧୦(ସଂଚାର ବ୍ୟୁରୋ): ବୁଧବାର ସକାଳେ ପ୍ରଗତି ମଣ୍ଡପ, ସୁନ୍ଦରଗଡ଼ ପରିସରରେ ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ା ଜିଲ୍ଲାର ସମ୍ପ୍ରଦାୟ ସ୍ତରୀୟ ହିତାଧିକାରୀମାନଙ୍କ ସହିତ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଥିଲା, ଯାହା ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ, ଓଡ଼ିଶା ଏବଂ ନେଦରଲ୍ୟାଣ୍ଡର ଦୂତାବାସର ସହଯୋଗରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ, ଓଡ଼ିଶାର କାର୍ଯ୍ୟକ୍ରମ ପରିଚାଳକ ରାଜ କିଶୋର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ ଏବଂ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ସୂଚନା ଦେଇଥିଲେ। ଆଲୋଚନା ବୈଠକରେ ସୁନ୍ଦରଗଡ଼ ପୌରପାଳିକାର ଅଧ୍ୟକ୍ଷା ତନୟା ମିଶ୍ର, ଜିଲ୍ଲା ଉପ-ନିବନ୍ଧକ, ସୁନ୍ଦରଗଡ଼ ପ୍ରତିମା ପିଙ୍ଗ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ସୁନ୍ଦରଗଡ଼ କ୍ରୀଷ୍ଣା କୁମାରୀ ନନ୍ଦ, ସୁନ୍ଦରଗଡ଼ ଜିଲ୍ଲା ପୋଲିସ ଉପ ଆରକ୍ଷୀ ଅଧିକ୍ଷକ କାଦମ୍ବିନୀ ସାମଲ, ଝାରସୁଗୁଡା ଜିଲ୍ଲା ପୋଲିସ ଉପ ଆରକ୍ଷୀ ଅଧିକ୍ଷକ କମଳ ଲୋଚନ ବେହେରା, ସବଡେଗା ମେଡିକାଲର ଡାକ୍ତର ସିଲି ପଟେଲ, ସୁନ୍ଦରଗଡ଼ ଜିଲ୍ଲା ସମାଜ କଲ୍ୟାଣ ଅଧିକାର ବିଭାଗର ସୁରକ୍ଷା ଅଧିକାରୀ ସିଂହାରାଣୀ ମହାପାତ୍ର, ସମାଜସେବୀ ମିନାକ୍ଷୀ ପ୍ରଧାନ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ତପସ୍ୱିନୀ ବେସେନେ, ବରିଷ୍ଠ ଆଇନଜୀବୀ ସୁପ୍ରଭା ପଟେଲ, ଦିଶା ଏନଜିଓର ସମ୍ପାଦକ ଶେଖ ଅବଦୁଲ ଆଜାଦ, ସେହାଦ ଝାରସୁଗୁଡାର ପରିଚାଳକ ଜୟଶ୍ରୀ ସାହୁ, ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ଦମୟନ୍ତୀ ସିଂ, ଶକ୍ତି ସଦନ, ସୁନ୍ଦରଗଡ଼ର ଅଧିକ୍ଷକ ନଳିନୀ ପ୍ରଭା ବେହେରାଙ୍କ ସହ ସୁନ୍ଦରଗଡ଼ ଓ ଝାରସୁଗୁଡା ଜିଲ୍ଲାର ଆଶା ଦିଦି, ଅଙ୍ଗନବାଡି ଦିଦି, ପ୍ରେରଣା ଦିଦି, ଜିଲ୍ଲା ଓ ବ୍ଲକ ସ୍ତରୀୟ ସ୍ୱଂୟ ସହାୟକ ଗୋଷ୍ଠୀର ସଭାପତି ଓ ସମ୍ପାଦିକା, ଜେଣ୍ଡର ସଂଯୋଜିକା, ସମାଜସେବୀ, ଗୃହିଣୀ, ପୀଡିତା, ପୂଜକ ପ୍ରମୁଖ ଅଂଶଗ୍ରହଣକାରୀ ମାନେ ସମ୍ପ୍ରଦାୟ ସ୍ତରରେ ଘରୋଇ ହିଂସାର ସମାଧାନ ପାଇଁ ସେମାନଙ୍କ ର ମତାମତ ଉପସ୍ଥାପନା କରିଥିଲେ।

● ଅବକାରୀ ମୋବାଇଲ ଟିମର ଚଢ଼ାଉ

# ବିଭିନ୍ନ ଜାଗାରୁ ଦେଶୀ ଓ ବିଦେଶୀ ମଦ ଜବତ



ବାଲିଆପାଳ,୨୯।୧୦(ସଂଚାର ବ୍ୟୁରୋ): ବାଲେଶ୍ୱର ଅବକାରୀ ମୋବାଇଲ ସ୍କ୍ୱାର୍ଡ ପକ୍ଷରୁ ବସ୍ତା, ବାଲିଆପାଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବିପୁଳ ପରିମାଣର ଦେଶୀ, ବିଦେଶୀ ମଦ ସହ ତିନି ମହିଳାଙ୍କ ସମେତ ଛଅ ଜଣ ଗିରଫ ହୋଇଛନ୍ତି।ସୂଚନା ଅନୁସାରେ ଦୀର୍ଘ ଦିନ ଧରି ବାଲିଆପାଳ ଥାନା ଅଞ୍ଚଳରେ ଦେଶୀ ମଦର ବନ୍ୟା ଚାଲିଥିବା ବାରମ୍ବାର ଅଭିଯୋଗ ହୋଇ ଆସୁଥିବା ବେଳେ, ପ୍ରଶାସନ ନିରବ ଦ୍ରଷ୍ଟା ପାଲଟିଥିବା ଅଭିଯୋଗ ହୋଇ ଆସୁଥିଲା। ବୁଧବାର ପୂର୍ବାହ୍ନ ସମୟରେ ମୋବାଇଲ ଟିମ ଏବଂ ବସ୍ତା ଆଇ ଆଇ ସି ହରିହର ସିଂ ଙ୍କ ନେତୃତ୍ୱରେ ଏସ ଆଇ ଭବେଶ ଦାସ ଙ୍କ ସହ ଆଠ ଜଣିଆ ଟିମ ବାଲିଆପାଳ ଥାନା ଅଧୀନରେ ଥିବା ବାଲିଆପାଳ ବଜାର, ନାରାୟଣପୁର, ଜାମ୍ବିରାଇ ଅଞ୍ଚଳରେ ଚଢ଼ାଉ କରି ପ୍ରାୟ ଏକ ଲକ୍ଷ କୋଡିଏ ହଜାର ଟଙ୍କା ର ୧୦୨ ଲିଟର ଦେଶୀ ଓ ୯୩ ଲିଟର ବିଦେଶୀ ମଦ ଜବତ କରିବା ସହିତ ଘଟଣାରେ ସମ୍ପୃକ୍ତ ତିନ ମହିଳା ଓ ତିନି ପୁରୁଷଙ୍କୁ ଗିରଫ କରିଛି ଅବକାରୀ ବିଭାଗ।

## ଦିନରେ ଫେରି ରାତିରେ ଚୋରି କରୁଥିବା ଗ୍ୟାଙ୍ଗ୍‌ର ପର୍ଦ୍ଦାଫାସ

# ଏକାଧିକ ଚୋରି ଘଟଣାରେ ସମ୍ପୃକ୍ତ ୩ ଲୁଟେରା ଗିରଫ



ନୀଳଗିରି,୨୯।୧୦ (ସଂଚାର ବ୍ୟୁରୋ): ନୀଳଗିରି ଅଞ୍ଚଳରୁ ଲୁଟ୍ ଘଟଣାରେ ଭୁବନେଶ୍ୱରର ଏକ ବସ୍ତିରୁ ଧରାପଡ଼ିଲେ ଏକାଧିକ ଚୋରି ଘଟଣାରେ ସମ୍ପୃକ୍ତ, ୩ ଜଣ ଲୁଟେରା ଗିରଫ। ଦିନରେ ଫେରି ଓ ରାଜମିସ୍ତ୍ରୀ କରୁଥିଲେ ରାତି ହେଲେ ଘରେ ପଶି କରୁଥିଲେ ଚୋରି। ଏହି ଚୋରଙ୍କୁ ଧରିବାରେ ନୀଳଗିରି ପୋଲିସ ପ୍ରାଥମିକ ସଫଳତା ପାଇଥିବା ବେଳେ ଏବେ ବି ମୁଖ୍ୟ ଅଭିଯୁକ୍ତ ଫେରାର, ପୋଲିସ ତଦନ୍ତ ଜାରି। ଏମାନେ ୱେଷ୍ଟ ବେଙ୍ଗଲରୁ ଆସି ବିଭିନ୍ନ ଅଞ୍ଚଳରେ ଫରିବାଲା, ରାଜ ମିସ୍ତ୍ରୀ କାମ ଦିନରେ କରୁଥିବା ବେଳେ ରାତିରେ ସମୟ ସୁଯୋଗ ଦେଖି ଘରେ କେହି ନଥିବା ବେଳେ କନା କନା ବୁଲାଇ ଦିଅନ୍ତି। ସୂଚନା ନୀଳଗିରି ଥାନା ଅନ୍ତର୍ଗତ ପୋଡ଼ାଶୂଳ, ଘାକଘରସାହି ସହ ଗତ ଛଅ ମାସ ମଧ୍ୟରେ ବିଭିନ୍ନ ଗ୍ରାମରେ ଚୋରି ହେଉଥିବା ର ନୀଳଗିରି ଥାନାରେ ଅଭିଯୋଗ ହେଇଥିଲେ। ଏପରିକି ସନ୍ଧାନୀ କୁକୁର, ସାଇଣ୍ଟିଫିକ ଟିମ୍ ଦଳ ଖୋଳତାଳ କରିଥିଲେ ମଧ୍ୟ ଚୋରର ସନ୍ଧାନ ପାଇ ନଥିଲେ। ନୀଳଗିରି ଥାନାର ଆଇ.ଆଇ.ସି ଗୋବର୍ଦ୍ଧନ ନାୟକ ଗୁରୁତର ସହ ଚୋରି ଘଟଣାକୁ ତଦନ୍ତ କରିଥିଲେ। ସବୁ ଦିଗକୁ ଗୁରୁତ୍ୱ ଦେଇ ଏହି ଚୋରି ଘଟଣାରେ ଫେରିବାଲା ଙ୍କ କାର୍ଯ୍ୟ ବୋଲି ଜାଣିବାକୁ ପାଇଥିଲେ। ପାଖା ପାଖି ଚୋରି ଅଞ୍ଚଳରେ ୱେଷ୍ଟ ବେଙ୍ଗଲର ରାଜ ମିସ୍ତ୍ରୀ କାମ କରୁଥିଲେ, ସେ ଦିଗରେ ଦୃଷ୍ଟି ଦେଇ ମୋବାଇଲ ଟ୍ରାକ କରି ଭୁବନେଶ୍ୱର ମଞ୍ଚେଶ୍ୱର୍ ଥାନା ଅଞ୍ଚଳରେ ଏକ ବସ୍ତିରେ ୱେଷ୍ଟ ବେଙ୍ଗଲର ମୁର୍ଶିଦାବାଦ ହାପିକ ନଗରର ସିପୁରୁଲ ସେକ୍, ଜେଓ୍ୱେରୁଲ୍ ସେକ୍ ମୁର୍ଶିଦାବାଦ ର ମାଝିପରା ଗ୍ରାମର ଲାଏକ୍ ସେକ୍, କୁ ଗିରଫ କରାଯାଇଛି। ଏମାନଙ୍କ ନାମରେ ନୀଳଗିରି ଥାନାରେ ଅନେକ ଚୋରି ମାମଲା ରହିଥିବା ବେଳେ ବିଭିନ୍ନ ଥାନାରେ ଚୋରି ମାମଲା ରହିଥିବାର ପୋଲିସ ପକ୍ଷରୁ ସୂଚନା ମିଳିଛି। ଏନେଇ ନୀଳଗିରି ଥାନା ପକ୍ଷରୁ ୩୬୪/୨୫, ୧୯୩/୨୫ ସମେତ ବହୁ ମାମଲା ରହିଥିବାର ଜଣାପଡ଼ିଛି।

# ଛାତ୍ରମାନଙ୍କ ଦ୍ୱାରା ବିଧାନସଭା ଶୀତକାଳୀନ ଅଧିବେଶନ



ବାଲିଆପାଳ,୨୯।୧୦ (ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକ ଅନ୍ତର୍ଗତ ତାପୁଣ୍ଡିଆ ସ୍ଥିତ ପିଏମଶ୍ରୀ କୁଞ୍ଜବିହାରୀ କୃପାସିନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଅପରାହ୍ନରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବିଧାନ ସଭା ଗୃହ ଆୟୋଜନ କରାଯାଇ ୨୦୨୫ ବର୍ଷର ଶୀତ କାଳୀନ ଅଧିବେଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସହକାରୀ ଶିକ୍ଷକ ପରମାନନ୍ଦ ଦେଙ୍କ ତତ୍ତ୍ୱାବଧାନରେ ଏହି ବିଧାନ ସଭା ଗୃହ ଆଠଜଣ ଛାତ୍ର ଛାତ୍ରଙ୍କୁ ନେଇ କରାଯାଇଥିଲା। ଗୃହର ମୁଖ୍ୟ ବାଚସ୍ପତି, ବିଭିନ୍ନ ବିଭାଗୀୟ ମନ୍ତ୍ରୀ, ବିରୋଧୀ ଦଳର ନେତା ଭୂମିକାରେ ଛାତ୍ର ଛାତ୍ରୀ ମାନେ ବେଶ ଚିତ୍ତାକର୍ଷକ ଅଭିନୟ କରିଥିଲେ। ଏହି କାର୍ଯ୍ୟକ୍ରମ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରତ୍ୟେକ ବ୍ଲକରେ ଥିବା ପିଏମଶ୍ରୀ ବିଦ୍ୟାଳୟ ମାନଙ୍କରେ ଅନୁଷ୍ଠିତ ହୋଇଛି। ଏଥିରେ ଚାରି ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ସରକାରଙ୍କ ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ର ଛାତ୍ରୀ ଙ୍କର କଥପୋ କଥନ ଏବଂ ସହ ଶିକ୍ଷଣ ମାଧ୍ୟମରେ ନେତୃତ୍ୱ, ନିଷ୍ପତ୍ତି, ସମସ୍ୟାର ସମାଧାନ ଏବଂ ଉପସ୍ଥାପନାର ବିକାଶ ହୋଇପାରିବ ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କମଳିନୀ ପ୍ରଧାନ କହିଛନ୍ତି। ଶିକ୍ଷୟତ୍ରୀ ଲକ୍ଷ୍ମୀ ପ୍ରୀୟା ଟୁଟୁ, ଗୀତାରାଣୀ ବିଶ୍ୱାଳ, ପରିଚାଳନା କମିଟି ର ସଭାପତି ଧନଞ୍ଜୟ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।।

# ମଧୁର ଜଳ ଚିଙ୍ଗୁଡି ଚାଷ ଉପରେ ପ୍ରଶିକ୍ଷଣ ଶିବିର ଉଦଘାଟିତ




ବାଲିଆପାଳ,୨୯।୧୦ (ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତ ଅନ୍ତର୍ଗତ କଟିସାହି ଗ୍ରାମରେ ନାବାର୍ଡ ସହାୟତାରେ ସୁବର୍ଣ୍ଣରେଖା କୃଷକ ଉତ୍ପାଦକ ସଙ୍ଗଠନ ପକ୍ଷରୁ ମଧୁର ଜଳ ଚିଙ୍ଗୁଡି ଚାଷ ଉପରେ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ନାବାର୍ଡ ର ଡିଜିଏମ୍ ତାପସ ରଞ୍ଜନ ପ୍ରଧାନ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ର ମୁଖ୍ୟ ବୈଜ୍ଞାନିକ ସ୍ୱାଗତିକା ସାହୁ, ବାଲିଆପାଳ ବ୍ଲକ ଆସିଷ୍ଟାଣ୍ଟ ଫିସାରୀ ଅଫିସର ମାଧୁରୀ ମୁଣ୍ଡା, ପ୍ରଶିକ୍ଷକ ସନ୍ତୋଷ ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ୱୟଂସହାୟକ ଗୋଷ୍ଠୀ ର ମହିଳା ମାନଙ୍କୁ ମଧୁର ଜଳ ରେ ଚିଙ୍ଗୁଡି ଚାଷ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ମଧୁର ଜଳ ଚିଙ୍ଗୁଡି ଚାଷ ଦ୍ୱାରା ମହିଳା ମାନେ ସ୍ୱଳ୍ପ ଖର୍ଚ୍ଚ ରେ ଅଧିକ ଲାଭବାନ ହେବା ସହ ସ୍ୱାବଲମ୍ବୀ ହୋଇ ଆର୍ଥିକ କ୍ଷେତ୍ରେରେ ସ୍ୱଚ୍ଛଳ ହୋଇ ପାରିବେ। ମହିଳା ମାନେ ନିଜ ଘରେ ରହି ରହି ନିଜ ଗାଡିଆ, ପୋଖରୀ ଇତ୍ୟାଦି ରେ ସ୍ୱଳ୍ପ ଖର୍ଚ୍ଚ ରେ ଏହି ଚାଷ କରି ବେଶ୍ ଲାଭବାନ ହୋଇ ପାରିବେ।

## ବନବିଭାଗରେ ଦୁର୍ନୀତି ନେଇ ଅଭିଯୋଗ

# ବିନା କାମରେ ୯୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ହଡ଼ପ



ବାରିପଦା,୨୯।୧୦ (ସଂଚାର ବ୍ୟୁରୋ): ବନବିଭାଗରେ ମହାଦୁର୍ନିତି ନେଇ ଅଭିଯୋଗ ଆଣିଲେ ବନସୁରକ୍ଷା ସମିତିର ସଭାପତି ଓ କୋଷାଧ୍ୟକ୍ଷ।ଅକ୍ଟୋବର ୨୭ ରୁ ନଭେମ୍ବର ୨ ପର୍ଯ୍ୟନ୍ତ ସାରା ରାଜ୍ୟରେ ସରକାରୀ କାର୍ଯ୍ୟାଳୟରେ ଦୁର୍ନୀତି ବିରୋଧ ରେ ଦୁର୍ନିତି ନିବାରଣ ସପ୍ତାହ ଚାଲିଛି।ମୁଖ୍ୟମନ୍ତ୍ରୀ ଏହି ଉଦ୍ଦେଶ୍ୟରେ ଦୁର୍ନିତଖୋର ସରକାରୀ କର୍ମଚାରୀ ମାନଙ୍କୁ କୌଣସି ପ୍ରକାର ଛଡାଯିବ ନାହିଁ, ଘୋଷଣା କରିଛନ୍ତି। ଅପରପକ୍ଷରେ ରାଜ୍ୟଜଙ୍ଗଲ ମନ୍ତ୍ରୀ ଇଂ ଗଣେଶ ରାମ ସିଂ ଖୁଣ୍ଟିଆ ବନ କର୍ମଚାରୀମାନଙ୍କୁ ଦୁର୍ନୀତି ଠାରୁ ଦୂରେଇ ରହିବା ପାଇଁ ବିଭାଗୀୟ କର୍ମଚାରୀମାନଙ୍କୁ ତାଗିଦ୍ କରିଛନ୍ତି।ଯଦି କେହି ଦୁର୍ନିତି ରେ ଲିପ୍ତ ରୁହନ୍ତି ତଥ୍ୟ ମିଳିଲେ ସେମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।କିନ୍ତୁ ବନ ବିଭାଗର ଦୁର୍ନିତି ର ଚେର ବହୁତ ତଳକୁ ଯାଇଛି।ଯାହାକି ଉପାଡିଲେ ବି ଛିଡିବ ନାହିଁ। ଏଭଳି ଦୁର୍ନିତି ର ଚେର ରାଇରଙ୍ଗପୁର ବନଖଣ୍ଡ ଅନ୍ତର୍ଗତ ବହଳଦା ବନାଞ୍ଚଳ ଅନ୍ତର୍ଗତ ଯାମଦା ବ୍ଲକର ତେଣ୍ଡରା ପଞ୍ଚାୟତର ହରଗଡ଼ା ବନ ସୁରକ୍ଷା ସମିତିରେ ଘଟିଥିବା ଖୋଦ୍ ବନ ସୁରକ୍ଷା ସମିତିର ସଭାପତି ଶୀତଳ ସୋରେନ ଏବଂ କୋଷାଧ୍ୟକ୍ଷ ଗଣମାଧ୍ୟମ ସମ୍ମୁଖରେ ଦୁଃଖର ସହ କହିଛନ୍ତି। ପାହାଡ଼ ସନ୍ନିକଟ ଗ୍ରାମ ଗୁଡିକରେ ବନ ସୁରକ୍ଷା ସମିତି ବନ ବିଭାଗ ତରଫରୁ କରାଯାଇଛି। ସେମାନଙ୍କର କାମ ହେଲା ଜଙ୍ଗଲ ସୁରକ୍ଷା, ଜୀବଜନ୍ତୁ ରକ୍ଷା, ବନପୋଡି ରକ୍ଷା କରିବା।ସେମାନଙ୍କ ଆର୍ଥିକ ବିକାଶ ତଥା ଜୀବନ ଜୀବିକାର ଉନ୍ନତି ପାଇଁ ବନ ସୁରକ୍ଷା ସମିତି ଗଢ଼ା ଯାଇଛି।ସେଥିରେ ଗ୍ରାମର ଲୋକେ ସଭାପତି, ସଂପାଦକ, କୋଷାଧ୍ୟକ୍ଷ, ବନପାଳ, ଏବଂ ଅନ୍ୟ ସଦସ୍ୟ ବୃନ୍ଦ ରୁହନ୍ତି। ପାଶବୁକ୍ ଆକାଉଣ୍ଟ ବନପାଳ ଏବଂ କୋଷାଧ୍ୟକ୍ଷ ନାମରେ ଖୋଲା ହୋଇଥାଏ।ବନବିଭାଗ ତରଫରୁ ବନ ସୁରକ୍ଷା ସମିତି ଜରିଆରେ ବିଭିନ୍ନ ଉନ୍ନୟନ, ଜୀବନ ଜୀବିକା ପାଇଁ ସରକାର ଟଙ୍କା ଦେଇଥାନ୍ତି। ବନ ସୁରକ୍ଷା ମାଧ୍ୟମରେ ରିଜୋଲ୍ୟୁସନ କରାଯାଇ କାମ କରାଯାଇଥାଏ।

SANCHAR
ସଂଚାର
ଗୁରୁବାର ୩୦ ଅକ୍ଟୋବର ୨୦୨୫

# ସ୍ୱାସ୍ଥ୍ୟ




# ଶୀତଦିନେ ଥଣ୍ଡାରୁ ଗଳା ଦରଜ ହେଉଛି କି ?



ଧୀରେ ଧୀରେ ଶୀତ ପଡିଲାଣି। ଏଇ ଶୀତ ଦିନେ ସ୍ୱାସ୍ଥ୍ୟର ଯତ୍ନ ନେବା ସମସ୍ତଙ୍କ ପାଇଁ ଏକ ବଡ଼ ଚାଲେଞ୍ଜ। ଶୀତ ଦିନେ ପ୍ରାୟ ସମସ୍ତଙ୍କୁ ଥଣ୍ଡା ହେଉଥିବା ଦେଖିବାକୁ ମିଳେ। ସମସ୍ତେ ଖୁଁ ଖାଁ ହୁଅନ୍ତି। ଗଳା ବା କଣ୍ଠ ଜନିତ ସଂକ୍ରମଣ ଅଧିକାଂଶଙ୍କ କ୍ଷେତ୍ରରେ ଦେଖାଯାଏ। ଏଥିରୁ ଉପଶମ ପାଇଁ ଏଲୋପାଥିକ ଔଷଧ ଖାଇଥାଉ। ମାତ୍ର ଏସବୁ ରୋଗରୁ ମୁକ୍ତି ପାଇଁ ଏଲୋପାଥିକ ଅପେକ୍ଷା ଅଧିକ ଉପଶମ ମିଳିଥାଏ ଘରୋଇ ତଥା ଆୟୁର୍ବେଦିକ ଚିକିତ୍ସାରେ। ଆସନ୍ତୁ ଜାଣିବା କିପରି କରିବା ଏହି ସମସ୍ୟାର କେଉଁ ଭଳି ହୁଏ ଚିକିତ୍ସା। ଗଳାରେ ସଂକ୍ରମଣ ବା କାଶ ସମସ୍ୟା ପାଇଁ ବର୍ତ୍ତମାନ ସମସ୍ତେ ପ୍ରାୟ ଚିନ୍ତାରେ ରହୁଛନ୍ତି। ଯେତେବେଳେ ବି ଆପଣଙ୍କର ୩୮ ଡିଗ୍ରୀ ସେଣ୍ଟିଗ୍ରେଟରୁ ଅଧିକ ଜ୍ୱର ଅନୁଭୂତ ହୋଇଥାଏ, ଗଳା ଫୁଲିବା,ଖାଦ୍ୟ ଗିଳିବାରେ ସମସ୍ୟା କିମ୍ବା ପେଟ ଯନ୍ତ୍ରଣା ଭଳି ସମସ୍ୟା ହୋଇଥାଏ ତେବେ ଗଳାରେ ଯଦି ସାମାନ୍ୟ ଯନ୍ତ୍ରଣା ଅନୁଭୂତ ହେଉଥାଏ ଏହାକୁ ଅବହେଳା କରିବା ଆଦୌ ଠିକ୍ ନୁହେଁ। ଖାସ୍ କରି ସ୍କୁଲ ପଢୁଆ ପିଲା ଏବଂ ଯୁବପିଢ଼ି ଏଥିପ୍ରତି ଯତ୍ନବାନ ହେବା ଆବଶ୍ୟକ। ଗଳା ସଂକ୍ରମଣ ଷ୍ଟ୍ରେପଟୋକୋକାଲ ବ୍ୟାକ୍ଟେରିଆ ଦ୍ୱାରା ସୃଷ୍ଟି ହୋଇଯାଏ, ଯାହାକୁ ଷ୍ଟ୍ରେପ୍ ଥ୍ରୋଟ୍ କୁହାଯାଏ। ଏହାକୁ ମଧ୍ୟ ଷ୍ଟ୍ରେପଟୋକୋକାଲ ଫାରେନଜିଟିସ୍ କୁହାଯାଏ। ଏହାଦ୍ୱାରା ଗଳା, ଲସିକା ଗ୍ରନ୍ଥି ଓ ଟନସିଲ ଆଦି ଫୁଲିଯାଇ ଦରଜ ହୋଇଥାଏ। ଅନେକ ସମୟରେ ଗଳା ସଂକ୍ରମଣ ପ୍ରତି ଏତେଟା ନଜର ରହେନି ଏବଂ ଚିକିତ୍ସାରେ ବିଳମ୍ବ ହୋଇଯାଏ। ଏହା ଯଦି ସାଂଘାତିକ ରୂପ ନିଏ, ତେବେ ରୁମାଟିକ ଜ୍ୱର, ବୃକକ ଫୁଲିବା ଏବଂ ଶିଶୁଙ୍କ ରୋଗ ପ୍ରତିରୋଧକ ଶକ୍ତିରେ ସମସ୍ୟା ଦେଖାଯାଏ।

## କଣ କରିବେ ?

- ଏଥିପାଇଁ ଆବଶ୍ୟକ ପରିମାଣରେ ବିଶ୍ରାମ ନିଅନ୍ତୁ
- ଯଦି ସମ୍ଭବ ହେଉଛି, ବାହାରକୁ ନଯାଇ ଘରେ ରୁହନ୍ତୁ
- ପାଣି ପିଇବା ବନ୍ଦ କରନ୍ତୁନି, ଉଷୁମ ପାଣି ପିଇବା ଭଲ
- ମସଲା ଏବଂ ଅମ୍ଳଯୁକ୍ତ ଖାଦ୍ୟ ଖାଆନ୍ତୁନି
- ନିୟମିତ ଭାବେ ଗାର୍ଗଲ୍ କରନ୍ତୁ
- ଧୂମପାନଠୁ ଦୂରେଇ ରୁହନ୍ତୁ
- ହାତ ସବୁବେଳେ ସଫା ରଖନ୍ତୁ
- ଛିଙ୍କ ଏବଂ କାଶ ସମୟରେ ପାଟିରେ ରୁମାଲ୍ ରଖନ୍ତୁ

## ଘରୋଇ ଚିକିତ୍ସା

- ବନ ଯୁଆଣି, ହଳଦୀ, ଅଁଳା, ଯବକ୍ଷାର, ଚିତାମୁଳ ସମାନ ଭାଗରେ ନେଇ ଚୂର୍ଣ୍ଣ କରିବା ସହ ଶହେ ଗ୍ରାମ ମହୁ ସହିତ ଗାଈ କ୍ଷୀର ପଚାଶ ଗ୍ରାମ ମିଶାଇ ରଖିବେ ପାଞ୍ଚ ଗ୍ରାମ ଚୂର୍ଣ୍ଣ ସହିତ ଦୁଇ ଚାମଚ ଘିଅ ମହୁ ମିଶାଇ ତିନିବେଳା ଦିନକୁ ସେବନ କଲେ ଗଳା ବସିଯିବା ସମସ୍ୟା ଦୂର ହୁଏ।
- ଗଳା ସଂକ୍ରମଣ ସମସ୍ୟାରେ ଅମୋଘ ପଥି ହେଉଛି ପୁରୁଣା ଗୁଆ ଘିଅ। ପୁରୁଣା ଘିଅ ଓ ପୁରୁଣା ଗୁଡ଼ ସହିତ ଅନ୍ନ ଭୋଜନ କରି ଉଷୁମ ପାଣି ପିଅନ୍ତୁ। ଦେଖିବେ ଗାଏବ ହେଇଯିବ ସମସ୍ୟା...

# ପାଇଲ୍ସର ଘରୋଇ ଉପଚାର



ଆଜିକାଲି ଅସ୍ୱାସ୍ଥ୍ୟକର ଜୀବନଶୈଳୀ ଏବଂ ଖାଦ୍ୟପେୟ ଯୋଗୁ ଅର୍ଶ ସମସ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଅର୍ଶ ବା ପାଇଲ୍ସ ଏକ ସାଧାରଣ କିନ୍ତୁ ଯନ୍ତ୍ରଣାଦାୟକ ଅବସ୍ଥା ଯାହା ମଳଦ୍ୱାରରେ କିମ୍ବା ଏହାର ଆଖପାଖରେ ଶିରା ଫୁଲିଯାଏ। ଏହା ଝାଡ଼ା ସମୟରେ ଯନ୍ତ୍ରଣା ଏବଂ କେତେକ ସମୟରେ ରକ୍ତସ୍ରାବ ମଧ୍ୟ କରେ। ଦୀର୍ଘ ସମୟ ଧରି କୋଷ୍ଠକାଠିନ୍ୟ, ଅତ୍ୟଧିକ ମସଲାଯୁକ୍ତ ଖାଦ୍ୟ, ଅଳ୍ପ ପାଣି ପିଇବା ଏବଂ ଦୀର୍ଘ ସମୟ ଧରି ବସି ରହିବା ହେଉଛି ଅର୍ଶର ମୁଖ୍ୟ କାରଣ। ଏହାହେଲେ ଡାକ୍ତରମାନେ ପ୍ରାୟତଃ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦିଅନ୍ତି, କିନ୍ତୁ ଆୟୁର୍ବେଦ କିଛି ସରଳ ଏବଂ ପ୍ରଭାବଶାଳୀ ପ୍ରତିକାର ପ୍ରଦାନ କରେ। ବାବା ରାମଦେବଙ୍କ ଦ୍ୱାରା ସୁପାରିଶ କରାଯାଇଥିବା କିଛି ଘରୋଇ ଉପଚାର ବିଷୟରେ ଆମେ ଆପଣଙ୍କୁ କହିବୁ।

ଗାଈ କ୍ଷୀର ଏବଂ ଲେମ୍ବୁ ସହିତ ୩ ଦିନରେ ଆରାମ: ଯୋଗ ଗୁରୁ ବାବା ରାମଦେବ ତାଙ୍କ ୟୁଟ୍ୟୁବ ଚ୍ୟାନେଲରେ ଏକ ଭିଡିଓରେ ଶେୟାର କରିଛନ୍ତି ଯେ ଅର୍ଶ ବା ପାଇଲ୍ସରୁ ମୁକ୍ତି ପାଇବା ପାଇଁ କିଛି ଘରୋଇ ଉପଚାର ବହୁତ ପ୍ରଭାବଶାଳୀ। ପ୍ରଥମ ଉପଚାର ହେଉଛି ଗାଈ କ୍ଷୀର। ଏକ କପ ସ୍ଥାନୀୟ ଗାଈ କ୍ଷୀର ନିଅନ୍ତୁ ଏବଂ ଏହାକୁ ଫୁଟାନ୍ତୁ। କ୍ଷୀରକୁ ଉଷୁମ ହେବାକୁ ଦିଅନ୍ତୁ, ତାପରେ ଏଥିରେ ଅଧା ଲେମ୍ବୁ ଚିପୁଡ଼ି ପିଅନ୍ତୁ। ଏହି ଉପଚାର ସକାଳେ ଖାଲି ପେଟରେ ଲଗାତାର ତିନି ଦିନ ପର୍ଯ୍ୟନ୍ତ ଅନୁସରଣ କରନ୍ତୁ। ଲେମ୍ବୁ ସହିତ କ୍ଷୀର ପିଇବା ଦ୍ୱାରା ଅର୍ଶ, ରକ୍ତସ୍ରାବ ଅର୍ଶ ଏବଂ ଫିଷ୍ଟୁଲାରୁ ଆରାମ ମିଳିଥାଏ। ପ୍ରଥମ ଦିନରୁ ଝାଡ଼ା ସମୟରେ ରକ୍ତସ୍ରାବ କମିପାରେ। ଏହି ଉପଚାର ଶତାବ୍ଦୀ ଧରି ଅର୍ଶ ପାଇଁ ବ୍ୟବହାର ହୋଇଆସୁଛି। କଦଳୀ ଏବଂ କର୍ପୂର ଉପଚାର: ଯଦି ଆପଣଙ୍କର ଗାଈ କ୍ଷୀର ନାହିଁ, ତେବେ ଆଉ ଏକ ସହଜ ଉପଚାର ଅଛି। ଏକ କଦଳୀ ନିଅନ୍ତୁ, ଏକ ଖଣ୍ଡ ଭାଙ୍ଗି ସେଥିରେ ମଟର ଆକାରର କର୍ପୂର ଚାପି ଦିଅନ୍ତୁ। କଦଳୀକୁ ସିଧାସଳଖ ଗିଳି ଦିଅନ୍ତୁ; କୌଣସି ପ୍ରକାରର ଚୋବାଇ ଖାଇବା ଆବଶ୍ୟକ ନାହିଁ। ଏହି ଉପଚାର ତିନି ଦିନ ମଧ୍ୟରେ ଅର୍ଶରୁ ମଧ୍ୟ ମୁକ୍ତି ଦେଇପାରେ ଏବଂ ପ୍ରଥମ ଦିନରୁ ଲାଭ ଦୃଶ୍ୟମାନ ହୁଏ। ବଜାରରେ ମିଳୁଥିବା ରାସାୟନିକ ଯୁକ୍ତ କର୍ପୂର ବ୍ୟବହାର କରନ୍ତୁ ନାହିଁ; ସର୍ବଦା ଭଲ କର୍ପୂର ବ୍ୟବହାର କରନ୍ତୁ।

ପେଟ ସଫା କରିବା ଏବଂ ଆୟୁର୍ବେଦିକ ଔଷଧି: ଅର୍ଶ ରୋକିବା ପାଇଁ ପେଟ ସଫା ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବାବା ରାମଦେବ ରାତିରେ ଉଷୁମ ପାଣି ସହିତ ତ୍ରିଫଳା ପାଉଡର ଖାଇବାକୁ ପରାମର୍ଶ ଦିଅନ୍ତି। ଏହା ସହିତ, ଦିନରେ ମାଇରୋବାଲାନ ପାଉଡର ଗ୍ରହଣ କରିବା ମଧ୍ୟ ପାଚନ ଶକ୍ତିକୁ ଶକ୍ତିଶାଳୀ କରେ ଏବଂ ମଳକୁ ମଜଭୁତ କରେ, ଅର୍ଶ ଯନ୍ତ୍ରଣା କମ କରେ। ଯଦି ରକ୍ତସ୍ରାବ ହୁଏ, ତେବେ ଅଶ୍ୱଗନ୍ଧା, ଗିଲୋୟ ଏବଂ ନିମର କାଢ଼ା ପିଇବା ଲାଭଦାୟକ।

ଯୋଗ ଏବଂ ନିୟମିତ ବ୍ୟାୟାମ: ଅର୍ଶ ସମସ୍ୟା କମ କରିବାରେ ମଧ୍ୟ ଯୋଗ ସହାୟକ। ପ୍ରତିଦିନ ତାଡାସନ, ମାଲାସନ ଏବଂ କପାଳଭାତି ଭଳି ଯୋଗ ଆସନ ଅଭ୍ୟାସ କରିବା ଦ୍ୱାରା ପେଟ ଖରାପ ଦୂର ହୁଏ, ପାଚନ କ୍ରିୟାକୁ ଦୃଢ଼ କରାଯାଏ ଏବଂ ଧୀରେ ଧୀରେ ଅର୍ଶ ହ୍ରାସ ହୁଏ। ଅର୍ଶ କେବଳ ଏକ ଶାରୀରିକ ସମସ୍ୟା ନୁହେଁ ବରଂ ଏକ ଜୀବନଶୈଳୀ ସମସ୍ୟା। ବାବା ରାମଦେବଙ୍କ ଏହି ଉପଚାରଗୁଡ଼ିକ ପ୍ରାକୃତିକ, ଘରୋଇ ଏବଂ ପ୍ରଭାବଶାଳୀ। ଗାଈ କ୍ଷୀର ଏବଂ ଲେମ୍ବୁ, କଦଳୀ ଏବଂ କର୍ପୂର, ତ୍ରିଫଳା-ହରଡ ଏବଂ ନିୟମିତ ଯୋଗ ଅଭ୍ୟାସ ସହିତ, ଆପଣ ମାତ୍ର ତିନି ଦିନରେ ଅର୍ଶରୁ ମୁକ୍ତି ପାଇପାରିବେ। ଏହି ସମସ୍ୟାକୁ ରୋକିବା ପାଇଁ ପେଟ ସଫା ରଖିବା, ସନ୍ତୁଳିତ ଖାଦ୍ୟ ଖାଇବା ଏବଂ ଏକ ଉପଯୁକ୍ତ ଦିନ ବଜାୟ ରଖିବା ଅତ୍ୟନ୍ତ ଜରୁରୀ।

# ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ଭୃଷଙ୍ଗ ପତ୍ର

ଭୃଷଙ୍ଗ ପତ୍ର କେବଳ ଖାଦ୍ୟର ସ୍ୱାଦ ବୃଦ୍ଧି କରିବା ପାଇଁ ନୁହେଁ, ବରଂ ଶତାବ୍ଦୀ ଧରି ଆୟୁର୍ବେଦିକ ଏବଂ ଘରୋଇ ଉପଚାରରେ ମଧ୍ୟ ବ୍ୟବହୃତ ହୋଇଆସୁଛି। ଭିଟାମିନ୍ ଏ, ବି, ସି, କ୍ୟାଲସିୟମ୍, ଲୌହ ଏବଂ ଆଣ୍ଟିଅକ୍ସିଡାଣ୍ଟ ସମେତ ଏହାର ପୁଷ୍ଟିକର ତତ୍ତ୍ୱ ଏହାକୁ ଏକ ସୁପରଫୁଡ୍ କରିଥାଏ। ଏହା ବ୍ୟତୀତ, ଏଥିରେ ଆଣ୍ଟି-ଇନ୍‌ଫ୍ଲାମେଟାରୀ, ଆଣ୍ଟିବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟି-ଡାଇବେଟିକ୍ ଗୁଣ ରହିଛି, ଯାହା ଶରୀରକୁ ଭିତରୁ ଶକ୍ତିଶାଳୀ କରିଥାଏ। ଭୃଷଙ୍ଗ ପତ୍ର ପ୍ରାକୃତିକ ଭାବରେ ପାଚନ ଏନଜାଇମଗୁଡ଼ିକୁ ସକ୍ରିୟ କରିଥାଏ। ସକାଳେ ଖାଲି ପେଟରେ ଏହାକୁ ଚୋବାଇ ଖାଇବା ଦ୍ୱାରା ଆପଣଙ୍କ ପାଚନ ତନ୍ତ୍ର ସୁସ୍ଥ ରହେ। ଏହା ଗ୍ୟାସ୍, କୋଷ୍ଠକାଠିନ୍ୟ ଏବଂ ପେଟ ଫୁଲିବାରୁ ମଧ୍ୟ ମୁକ୍ତି ଦେଇପାରେ। ଏହାକୁ ଆପଣଙ୍କ ପେଟ ପାଇଁ ଏକ ପ୍ରାକୃତିକ ୱାର୍ମ-ଅପ୍ ଭାବରେ ବିବେଚନା କରନ୍ତୁ। ଭୃଷଙ୍ଗ ପତ୍ରରେ ଭରପୁର ପରିମାଣରେ ଫାଇବର ଏବଂ ଆଲକାଲଏଡ୍ ରହିଥାଏ, ଯାହା ଶରୀରକୁ ବିଷମୁକ୍ତ କରିବାରେ ଏବଂ ଅତିରିକ୍ତ ଚର୍ବି କମ୍ କରିବାରେ ସାହାଯ୍ୟ କରେ। ପ୍ରତିଦିନ ସକାଳେ ଏହାକୁ ଖାଇବା ଦ୍ୱାରା ମେଟାବୋଲିଜିମ୍ ଉନ୍ନତ ହୋଇଥାଏ ଏବଂ ଓଜନ ପରିଚାଳନା ସହଜ ହୋଇଥାଏ। ଭୃଷଙ୍ଗ ପତ୍ରର ସବୁଠାରୁ ଜଣାଶୁଣା ଲାଭ ହେଉଛି କେଶ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ। ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଏବଂ ପ୍ରୋଟିନ୍ ମୁଣ୍ଡକୁ ପୋଷଣ ଦିଏ, କେଶ ଝଡ଼ିବା କମ କରେ ଏବଂ ଧଳା ହେବା ମଧ୍ୟ କମ୍ କରିପାରେ। ଖାଲି ପେଟରେ ନିୟମିତ ଭାବରେ ଏହାକୁ ଖାଇବା ଦ୍ୱାରା କେଶ ଭିତରୁ ମଜବୁତ ହୁଏ। ମଧୁମେହ କିମ୍ବା ପ୍ରିଡାଇବେଟିସ୍ ଥିବା ଲୋକଙ୍କ ପାଇଁ ଭୃଷଙ୍ଗ ପତ୍ର ଏକ ପ୍ରକୃତ ଔଷଧ। ଏହା ଇନସୁଲିନର କାର୍ଯ୍ୟ କରିବାର କ୍ଷମତାକୁ ବୃଦ୍ଧି କରେ ଏବଂ ରକ୍ତରେ ଶର୍କରା ସ୍ତର ବଜାୟ ରଖିବାରେ ସାହାଯ୍ୟ କରେ। ସକାଳେ ଏହାକୁ ଚୋବାଇ ଖାଇବା ଦ୍ୱାରା ସାରା ଦିନ ରକ୍ତରେ ଶର୍କରା ନିୟନ୍ତ୍ରଣ ରହିବାର ସମ୍ଭାବନା ବଢ଼ିପାରେ। ଭୃଷଙ୍ଗ ପତ୍ର କୋଲେଷ୍ଟ୍ରଲ ଏବଂ ଟ୍ରାଇଗ୍ଲିସେରାଇଡ୍ସକୁ କମ କରିବାରେ ସାହାଯ୍ୟ କରେ। ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ହୃଦରୋଗ ନଳୀରେ ପ୍ରଦାହ କମ୍ କରେ ଏବଂ ହୃତପିଣ୍ଡକୁ ମଜବୁତ କରେ। ଏହାର ନିୟମିତ ସେବନ ଦୀର୍ଘକାଳୀନ ହୃଦରୋଗ ସ୍ୱାସ୍ଥ୍ୟ ବଜାୟ ରଖିବାରେ ସାହାଯ୍ୟ କରିପାରେ। ଭୃଷଙ୍ଗ ପତ୍ରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାର କ୍ଷମତା। ଏହା ଯକୃତ ଏବଂ ରକ୍ତକୁ ଶୁଦ୍ଧ କରିଥାଏ, ଯାହା ଶରୀରକୁ ହାଲୁକା ଏବଂ ଶକ୍ତିଶାଳୀ ଅନୁଭବ କରାଇଥାଏ।





# ଅଳ୍ପ ବୟସରେ ମେରୁଦଣ୍ଡ ଯନ୍ତ୍ରଣା

ପୂର୍ବରୁ ବୃଦ୍ଧାବସ୍ଥାର ରୋଗ ବୋଲି ପରିଗଣିତ ହେଉଥିବା ସ୍ଲିପ୍ ଡିସ୍କ ଓ ଦୀର୍ଘକାଳୀନ ପିଠି-ବେକ ଯନ୍ତ୍ରଣା ଏବେ ଅଳ୍ପ ବୟସର ଯୁବକଯୁବତୀଙ୍କୁ ଶିକାର କରୁଛି। ଯୁବ ବୟସରେ ଅନେକଙ୍କୁ ସ୍ଲିପ୍ ଡିସ୍କ ହେବା ପରି ଘଟଣା, ଦେଶରେ ବଢୁଥିବା ଏକ ବଡ଼ ସ୍ୱାସ୍ଥ୍ୟ ସଙ୍କଟର ସୂଚନା ଦେଉଛି। ଡାକ୍ତରମାନଙ୍କ ମତରେ, ଆଧୁନିକ ଜୀବନଶୈଳୀ ଯୋଗୁଁ ଯୁବପିଢ଼ିଙ୍କ ମେରୁଦଣ୍ଡ ସେମାନଙ୍କ ପ୍ରକୃତ ବୟସ ପୂର୍ବରୁ "ଶୀଘ୍ର ବୃଦ୍ଧ" ହେବାରେ ଲାଗିଛି। ଚିନ୍ତାଜନକ ତଥ୍ୟ: ୨୦୨୩ ମଧ୍ୟରେ ଭାରତରେ ପିଠି ଯନ୍ତ୍ରଣା ମାମଲା ବୃଦ୍ଧି ପାଇଛି ଏବଂ ୧୮ରୁ ୩୮ ବର୍ଷ ବୟସ ବର୍ଗରେ ଏହାର ପ୍ରଭାବ ସର୍ବାଧିକ ରହିଛି, ଯାହାକି ଦେଶର ଉତ୍ପାଦନଶୀଳ ବର୍ଷ। ଅଧିକ ସମୟ ବସି କାମ କରିବା, ଲ୍ୟାପଟପ୍ କିମ୍ବା ସ୍ମାର୍ଟଫୋନ୍ ଆଗରେ ନଇଁ ରହିବା ଯୋଗୁଁ ଖରାପ ବସିବା ଶୈଳୀ ଏବଂ ଶାରୀରିକ ପରିଶ୍ରମର ଅଭାବ ଏହି ସମସ୍ୟାକୁ ବଢାଉଛି। 'ଗ୍ଲୋବାଲ ବର୍ଡେନ ଅଫ୍ ଡିଜିଜ୍' ଅଧ୍ୟୟନ ଅନୁଯାୟୀ, ବିଶ୍ୱସ୍ତରରେ ଅକାଳରେ ମୃତ୍ୟୁ ଏବଂ ଅକ୍ଷମତା ପାଇଁ ଦାୟୀ ଥିବା ଶୀର୍ଷ ୧୦ କାରଣ ମଧ୍ୟରେ ପିଠି ଯନ୍ତ୍ରଣା ଅନ୍ୟତମ। ୨୦୨୧ରେ ବିଶ୍ୱର ସମସ୍ତ ମେରୁଦଣ୍ଡ ଆଘାତର ୧୫% ଭାରତରେ ଥିଲା। ଏହି ସଙ୍କଟ ସତ୍ତ୍ୱେ, ମେରୁଦଣ୍ଡ ଚିକିତ୍ସାରେ ନୂତନତା ଆସିଛି। ଅତି କମ୍ କଟା ହେଉଥିବା ଅସ୍ତ୍ରୋପଚାର, ରୋବୋଟିକ୍ସ ଏବଂ ଷ୍ଟେମ୍ ସେଲ୍ ଥେରାପି ଭଳି ଆଧୁନିକ ଚିକିତ୍ସା ପଦ୍ଧତି କମ୍ ଯନ୍ତ୍ରଣା, ଦ୍ରୁତ ଆରୋଗ୍ୟ ଏବଂ ଅନେକ କ୍ଷେତ୍ରରେ ଅସ୍ତ୍ରୋପଚାରରୁ ମୁକ୍ତି ଦେଉଛି। ଏହା ସହିତ ଯୋଗ-ଆଧାରିତ ହୋଲିଷ୍ଟିକ୍ ଚିକିତ୍ସା ମଧ୍ୟ ସ୍ଥାୟୀ ସ୍ୱାସ୍ଥ୍ୟ ପାଇଁ ସହାୟକ ହେଉଛି।

# ଆଙ୍ଗୁଠି ଏବଂ ନଖରେ ଦେଖାଯାଏ ଫୁସଫୁସ କ୍ୟାନ୍ସରର ପ୍ରାରମ୍ଭିକ ଲକ୍ଷଣ

ଫୁସଫୁସ କର୍କଟକୁ ବିଶ୍ୱର ସବୁଠାରୁ ମାରାତ୍ମକ କର୍କଟ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ, କାରଣ ଏହାର ପ୍ରାରମ୍ଭିକ ଲକ୍ଷଣଗୁଡ଼ିକ ପ୍ରାୟତଃ ହାଲୁକା ଏବଂ ପ୍ରାୟତଃ ଅଣଦେଖା କରାଯାଏ। ଏହାକୁ ସମୟ ମଧ୍ୟରେ ଚିହ୍ନଟ କରିବା କଷ୍ଟକର । ତେଣୁ ଛୋଟ ଛୋଟ ଲକ୍ଷଣଗୁଡ଼ିକ ପ୍ରତି ମଧ୍ୟ ଧ୍ୟାନ ଦେବା ଗୁରୁତ୍ୱପୂର୍ଣ୍ଣ। ଏହି ଲକ୍ଷଣଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ଆଙ୍ଗୁଠି କ୍ଲବ୍ ହେବା, ଆଙ୍ଗୁଠି ଏବଂ ନଖର ଆକୃତି ଏବଂ ଗଠନରେ ପରିବର୍ତ୍ତନ। ଯଦିଓ ଏହା ପ୍ରାରମ୍ଭିକ ପର୍ଯ୍ୟାୟରେ ସର୍ବଦା ଦୃଶ୍ୟମାନ ହୁଏ ନାହିଁ, ଏହାକୁ ବୁଝିବା ଆପଣଙ୍କ ଫୁସଫୁସ ସ୍ୱାସ୍ଥ୍ୟ ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିପାରିବ।

## ଆଙ୍ଗୁଠି କ୍ଲବିଂ କ'ଣ ?

ଆଙ୍ଗୁଠି କ୍ଲବିଂ, ଯାହାକୁ ଡିଜିଟାଲ୍ କ୍ଲବିଂ ମଧ୍ୟ କୁହାଯାଏ, ତାହା ହେଉଛି ଆଙ୍ଗୁଠିର ଅଗ୍ରଭାଗରେ ଫୁଲା ଏବଂ ନଖରେ ପରିବର୍ତ୍ତନ। ଏହା ଧୀରେ ଧୀରେ ବିକଶିତ ହୁଏ ଏବଂ ପ୍ରଥମେ ଚିହ୍ନଟ କରିବା ସହଜ ନ ହୋଇପାରେ । ପ୍ରାରମ୍ଭିକ ଅବସ୍ଥାରେ, ନଖ ଚାରିପାଖରେ ସାମାନ୍ୟ ଲାଲ କିମ୍ବା କୋମଳତା ଦେଖାଯାଇପାରେ, ଯେତେବେଳେ ଏହା ବଢ଼ିଥାଏ, ନଖଗୁଡ଼ିକ ଚକଚକିଆ ଏବଂ ଚାମଚ ଆକୃତିର ଦେଖାଯାଏ।

## ଫୁସଫୁସ କର୍କଟ ଏବଂ ଆଙ୍ଗୁଠି କ୍ଲବ୍ ମଧ୍ୟରେ ସମ୍ପର୍କ

ଫୁସଫୁସ କର୍କଟ ରୋଗୀଙ୍କ ମଧ୍ୟରେ ଆଙ୍ଗୁଠି କ୍ଲବ୍ କରିବା ଏକ ସାଧାରଣ ଲକ୍ଷଣ, ଏବଂ ଗବେଷଣାରୁ ଜଣାପଡିଛି ଯେ ଏହା ପ୍ରାୟ ୮୦ ପ୍ରତିଶତ ରୋଗୀଙ୍କଠାରେ ଏହା ଦେଖାଯାଏ। ତଥାପି, ଏହା ପ୍ରାୟତଃ ରୋଗର ଉନ୍ନତ ପର୍ଯ୍ୟାୟରେ ଦେଖାଯାଏ। ଏହା ଶରୀରରେ ଅମ୍ଳଜାନର ଅଭାବ ଏବଂ ନୂତନ ରକ୍ତବାହୀ ନଳୀ ଗଠନକୁ ଉତ୍ସାହିତ କରୁଥିବା କିଛି ବୃଦ୍ଧି କାରକଗୁଡ଼ିକର ଉତ୍ପାଦନ ବୃଦ୍ଧି ହେତୁ ହୋଇଥାଏ ବୋଲି ବିଶ୍ୱାସ କରାଯାଏ। ଏହି ପ୍ରକ୍ରିୟା କର୍କଟ ଭଳି ରୋଗ ଦ୍ୱାରା ଆରମ୍ଭ ହୋଇପାରେ। ଯଦିଓ ଫୁସଫୁସ କର୍କଟ ସବୁଠାରୁ ସାଧାରଣ କାରଣ, ଆଙ୍ଗୁଠି କ୍ଲବିଂ ଅନ୍ୟାନ୍ୟ ରୋଗ ଯୋଗୁଁ ମଧ୍ୟ ହୋଇପାରେ । ଯେପରିକି ବ୍ରୋଙ୍କିଏକ୍ଟାସିସ୍ ଏବଂ ସିଷ୍ଟିକ୍ ଫାଇବ୍ରୋସିସ୍ ସମେତ ଦୀର୍ଘକାଳୀନ ଫୁସଫୁସ ସଂକ୍ରମଣ, ସିରୋସିସ୍ ଭଳି ଯକୃତ ରୋଗ ଏବଂ ଅନ୍ୟାନ୍ୟ କର୍କଟ ଯେପରିକି ଯକୃତ କର୍କଟ କିମ୍ବା ହଜକିନ୍ସ ଲିମ୍ଫୋମା, ଏବଂ HIV, ହେପାଟାଇଟିସ୍ ବି ଏବଂ ସି ସମେତ ଭୂତାଣୁ ସଂକ୍ରମଣ।

## ଚିକିତ୍ସା କଣ ?

ଆଙ୍ଗୁଠି କ୍ଲବିଂ ପାଇଁ କୌଣସି ଉପଚାର ନାହିଁ। ସମାଧାନ ହେଉଛି ଏହାକୁ ସୃଷ୍ଟି କରୁଥିବା ଅନ୍ତର୍ନିହିତ ରୋଗକୁ ନିୟନ୍ତ୍ରଣ କରିବା। ଯଦି କାରଣ ଅସ୍ଥାୟୀ କିମ୍ବା ଚିକିତ୍ସାଯୋଗ୍ୟ, ତେବେ କ୍ଲବିଂ କମିଯାଇପାରେ। ତଥାପି, ଫୁସଫୁସ କର୍କଟ କିମ୍ବା ଅନ୍ୟାନ୍ୟ ଦୀର୍ଘସ୍ଥାୟୀ ରୋଗରେ, ଏହି ପରିବର୍ତ୍ତନ ସ୍ଥାୟୀ ହୋଇପାରେ। ଯଦି ଆପଣ ଆପଣଙ୍କ ନଖ କିମ୍ବା ଆଙ୍ଗୁଠିରେ କୌଣସି ପରିବର୍ତ୍ତନ ଲକ୍ଷ୍ୟ କରନ୍ତି, ତେବେ ଡାକ୍ତରଙ୍କୁ ଦେଖା କରିବାକୁ ନିଶ୍ଚିତ କରନ୍ତୁ। ଡାକ୍ତର ଆପଣଙ୍କ ନଖ ପରୀକ୍ଷା କରିବେ ଏବଂ ଆବଶ୍ୟକ ହେଲେ ରକ୍ତ ପରୀକ୍ଷା, ଏକ୍ସ-ରେ କିମ୍ବା ସିଟି ସ୍କାନ ଭଳି ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇପାରନ୍ତି। ଯଦି ଏହି ଲକ୍ଷଣଗୁଡ଼ିକ ଫୁସଫୁସ କର୍କଟ ଭଳି ଗମ୍ଭୀର ରୋଗ ସହିତ ଜଡିତ, ତେବେ ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ଏବଂ ଚିକିତ୍ସା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।



## ପିଛା ଛାଡୁନି ଭତ୍ତା ଦୁର୍ନୀତି

# କେଳେଙ୍କାରୀକୁ ଚାପି ଦେବାକୁ ଉଦ୍ୟମ !

### ସ୍ଥଗିତ ରହିଲା ୧୬୩ ହିତାଧିକାରୀଙ୍କ ଭତ୍ତା ଆବଣ୍ଟନ



**ବିଞ୍ଝାରପୁର,୨୯।୧୦(ସଂଚାର ବ୍ୟୁରୋ):** ବିଞ୍ଝାରପୁର ବ୍ଲକରେ ପିଛା ଛାଡୁନି ଭତ୍ତା କେଳେଙ୍କାରି ଅଭିଯୋଗ। ଗୋଟାଏ ପରେ ଗୋଟାଏ ଆସୁଛି ଭତ୍ତା ବଣ୍ଟନରେ ଅନିୟମିତତାର ଅଭିଯୋଗ। ୨୦୨୧-୨୦୨୨ ଆର୍ଥିକ ବର୍ଷର ମଞ୍ଜୁରୀ ଆଦେଶ ନଥିବାରୁ ଏବଂ ଭତ୍ତା ଆବଣ୍ଟନର ଆକ୍ୟୁଟାନ୍ସ ବ୍ଲକ ପ୍ରଶାସନ ନିକଟରେ ଦାଖଲ କରାଯାଇନଥିବାରୁ ସାମୂହିକ ଭାବେ ସ୍ଥଗିତ ରହିଲା ୧୬୩ ଜଣ ହିତାଧିକାରୀଙ୍କ ଭତ୍ତା ଆବଣ୍ଟନ। ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପାଇବାରୁ ବଞ୍ଚିତ କରାଯାଇଥିବା ଅଭିଯୋଗ ଆଣି ସାମୂହିକ ଗଣ ଧାରଣାର ଚେତାବନୀ ଦେଲା ବିଜେଡ଼ି।ଅନ୍ୟପଟେ ଚୁପ ଚାପରେ ହୋଇଥିବା ଏହି ଭତ୍ତା କେଳେଙ୍କାରୀକୁ କୁଆଡେ଼ ଚାପି ଦେବାକୁ ଉଦ୍ୟମ କରାଯାଉଥିବା ଚର୍ଚ୍ଚା ହେଉଛି। ସୂଚନା ଥାଉକି ବ୍ଲକର ଜରୀ ପଞ୍ଚାୟତର ଶତାଧିକ ବିଧବା, ଶାରୀରିକ ଅକ୍ଷମ, ବୃଦ୍ଧ, ବୃଦ୍ଧା ହିତାଧିକାରୀଙ୍କୁ ନୂତନ ଭତ୍ତା ଟଙ୍କା ବ୍ଲକ କର୍ତ୍ତୃପକ୍ଷ ୨୦୨୨ ସେପ୍ଟେମ୍ବର ମାସରେ ପ୍ରଦାନ କଲାବେଳେ ଚଂଚକତା କରି ପ୍ରତି ହିତାଧିକାରୀଙ୍କୁ ମାତ୍ର୨୫୦୦ ଓ ୧୫୦୦ କରି ଟଙ୍କା ଦେଇ ଅବଶିଷ୍ଟ ୩୫୦୦ ଟଙ୍କା ଓ ୧୫୦୦ ଟଙ୍କା ମୋଟ ପ୍ରାୟ ୧୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହଡ଼ପ କରାଯାଇଥିବା ଭଳି ଗୁରୁତର ଅଭିଯୋଗ ହିତାଧିକାରୀଙ୍କ ପକ୍ଷରୁ ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ବିଡ଼ିଓ ଙ୍କୁ ଲିଖିତ ଭାବେ ପ୍ରଦାନ କରାଯାଇଥିଲା। କିନ୍ତୁ ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ଜାଣି ଶୁଣି ଏଥିପ୍ରତି କର୍ଣ୍ଣପାତ ନକରିବାରୁ ଜରି ଗ୍ରାମର ଭତ୍ତା ହିତାଧିକାରୀ ଶ୍ରୀ ପ୍ରଦୀପ ସାମଲ, ଦାମୋଦର ମଳିକ, ବାସନ୍ତୀଲତା ଦାଶ, ଆଲ୍ଲାଦିନି ସାମଲ ଓ ଇନ୍ଦୁମତି ସାମଲ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ଏକ ରିଟ ପିଟିସନ ଦାଖଲ କରିଥିଲେ। ଯାହାକି ପିଟସନ ନମ୍ବର-WP(C)-22346/25 ଅଟେ।ଗତ ଅଗଷ୍ଟ ୧୯ ତାରିଖରେ ମାନ୍ୟବର ହାଇକୋର୍ଟ ଉକ୍ତ କେଶର ବିଚାର କରି ତୁରନ୍ତ ଭତ୍ତା ହିତାଧିକାରୀଙ୍କ ଅଭିଯୋଗକୁ ନିରପେକ୍ଷ ତଦନ୍ତ କରି ସେମାନଙ୍କ ବକେୟା ମାସର ଭତ୍ତା ଅର୍ଥରାଶି ପ୍ରଦାନ କରି ବିହିତ ପଦକ୍ଷେପ ନେବାକୁ ଯାଜପୁର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ ମାନ୍ୟବର ହାଇକୋର୍ଟ। ତେବେ ଏନେଇ ଜିଲ୍ଲାପାଳଙ୍କ ପକ୍ଷରୁ ତଦନ୍ତ ପାଇଁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିଲା।

## ଧାନ ବିଲ ନଷ୍ଟକଲେ ହାତୀପଲ, ବିଭାଗୀୟ ଅଧିକାରୀ ନିରବଦ୍ରଷ୍ଟା



**କନ୍ଧମାଳ,୨୯।୧୦ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ୍ ଅନ୍ତର୍ଗତ ବ୍ରାହ୍ମଣପାଦ ପଞ୍ଚାୟତ ବରଗାଖୋଲ ରେ ହାତୀ ନଷ୍ଟ କଲେ ଧାନ ବିଲ ବିଭାଗୀୟ ଅଧିକାରୀ ସାଜିଛନ୍ତି ନିରବଦ୍ରଷ୍ଟା। ସୂଚନା ପ୍ରକାରେ ଚକାପାଦ ବ୍ଲକ୍ ବ୍ରାହ୍ମଣପାଦ ପଞ୍ଚାୟତ ବରଗାଖୋଲର କୁଟିସାହି ଠାରେ ଥିବା ଗ୍ରାମର ଲୋକନାଥ ପ୍ରଧାନ, କାଳି ପ୍ରଧାନ ଓ ଭାଗେଶ୍ୱରୀ ମିଲୁ ପ୍ରଧାନ ଙ୍କ ଧାନ ବିଲ ରବିବାର ରାତିରେ କିଛି ହାତୀ ଆସି ବିଲ ଗୁଡ଼ିକ ଖାଇବା ସହିତ ମାଡି ଦଳି ନଷ୍ଟ କରି ଦେଇଛନ୍ତି। ଏହି ବିଷୟରେ ଚକାପାଦ ବନବିଭାଗ ଅଧିକାରୀଙ୍କୁ ଜଣାଇ ଦୁଇଦିନ ବିତିଯାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ତଦାରଖ ଆସିନ ଥିବା କହିଛନ୍ତି ଚାଷୀମାନେ। ତେଣୁ ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ହାତୀପଲ ଘଉଡାଇବା ସହିତ ନଷ୍ଟ ହୋଇ ଥିବା ଚାଷ ବିଲ ହିତାଧିକାରୀମାନଙ୍କୁ ସରକାରୀ ପକ୍ଷରୁ ସହାୟତା ରାଶି ପ୍ରଦାନ କରିବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।

## ଏନଟିପିସି ସଫଳତାର ସହ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ



**ସୁନ୍ଦରଗଡ଼,୨୯।୧୦(ସଂଚାର ବ୍ୟୁରୋ):** ଅକ୍ଟୋବର ୨୯ ତାରିଖ ଦିନ ୧୧ ଟା ସମୟରେରେ ଏନଟିପିସି ଦର୍ଲିପାଲି ପ୍ରକଳ୍ପର ପ୍ରଶାସନିକ ଭବନରେ ୨୦୨୫ ସାମ୍ବାଦିକ ସମ୍ମିଳନୀ ୨୦୨୫ ସଫଳତାର ସହ ଆୟୋଜନ କରିଥିଲା। ଏହି ଅଞ୍ଚଳର ପ୍ରମୁଖ ଗଣମାଧ୍ୟମ ସଂଗଠନର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ପ୍ରକଳ୍ପ ମୁଖ୍ୟ ଫୈଜ ତୈୟବଙ୍କ ସ୍ୱାଗତ ଭାଷଣ ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସେ ଗଣମାଧ୍ୟମ ପ୍ରତିନିଧି ଏବଂ ବରିଷ୍ଠ ଅଧିକାରୀମାନଙ୍କୁ ସ୍ୱାଗତ କରିଥିଲେ ଏବଂ ଏନଟିପିସି ଦର୍ଲିପାଲିର ସବୁଜ ଏବଂ ସ୍ୱଚ୍ଛ ଶକ୍ତି ଉତ୍ପାଦନ ପ୍ରତି ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ଶ୍ରୀଯୁକ୍ତ ତୈୟବ ପ୍ରକଳ୍ପରେ ଗ୍ରହଣ କରାଯାଇଥିବା ଉନ୍ନତ ପ୍ରଦୂଷଣ ନିୟନ୍ତ୍ରଣ ପ୍ରଯୁକ୍ତିବିଦ୍ୟା, ରାସ୍ତା ନିର୍ମାଣ କାର୍ଯ୍ୟ ଏବଂ ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ା ଜିଲ୍ଲାରେ ଚାଲିଥିବା ବୃକ୍ଷରୋପଣ ଅଭିଯାନ ବିଷୟରେ ସୂଚନା ଦେଇଥିଲେ। ସେ ପ୍ରକଳ୍ପର ଆଗାମୀ ସମ୍ପ୍ରସାରଣ ଯୋଜନା ବିଷୟରେ ମଧ୍ୟ ବର୍ଣ୍ଣନା କରିଥିଲେ। ତାଙ୍କ ଭାଷଣରେ ଗଣମାଧ୍ୟମର ଭୂମିକାକୁ ପ୍ରଶଂସା କରି କହିଥିଲେ, 'ସମାଜ ଏବଂ ସଂଗଠନ ମଧ୍ୟରେ ଗଣମାଧ୍ୟମ ଏକ ଶକ୍ତିଶାଳୀ ସେତୁ ଭୂମିକା ଗ୍ରହଣ କରେ। ଜନସାଧାରଣଙ୍କୁ ସଠିକ୍ ସୂଚନା ପ୍ରସାରଣ କରିବା ଏବଂ ବିକାଶର ଏକ ବାସ୍ତବବାଦୀ ଚିତ୍ର ଉପସ୍ଥାପନ କରିବା ଏହାର ଦାୟିତ୍ୱ। ସକ୍ରିୟ ଗଣମାଧ୍ୟମ ଅଂଶଗ୍ରହଣ ସ୍ୱଚ୍ଛତା ଏବଂ ବିଶ୍ୱାସକୁ ସୁଦୃଢ଼ କରିଥାଏ। 'ମାନବ ସମ୍ବଳ ମୁଖ୍ୟ ପ୍ରତିଭା ସିଂହ ଏନଟିପିସି ଦର୍ଲିପାଲିର କର୍ପୋରେଟ୍ ସାମାଜିକ ଦାୟିତ୍ୱ କାର୍ଯ୍ୟକଳାପ, ପ୍ରମୁଖ ସଫଳତା ଏବଂ ପରିବେଶଗତ ପଦକ୍ଷେପ ଗୁଡ଼ିକର ଏକ ବିସ୍ତୃତ ସମୀକ୍ଷା ଉପସ୍ଥାପନ କରିଥିଲେ।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ



**ସୁନ୍ଦରଗଡ଼,୨୯।୧୦(ସଂଚାର ବ୍ୟୁରୋ):** ଅକ୍ଟୋବର ୨୭ ରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସପ୍ତାହ ପାଳନ କରାଯାଉଅଛି। ଏହି ଉପଲକ୍ଷେ ବୁଧବାର ଦୁର୍ନୀତି ନିବାରଣ ବିଭାଗ ସୁନ୍ଦରଗଡ଼ ଶାଖା ଏବଂ ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ଦ୍ୱାରା ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ବିକାଶ ଭବନ ଠାରେ ଆୟୋଜିତ ହୋଇଯାଇଛି। ଚଳିତ ବର୍ଷ ଏହି ଦୁର୍ନୀତି ନିବାରଣ ସପ୍ତାହ ପାଳନର ଶୀର୍ଷକ ହେଉଛି' ଦୁର୍ନୀତି ନିବାରଣ: ଆମ ସାମୁହିକ ଦାୟିତ୍ୱ'। ଏହି ଅବସରରେ ସ୍ଥାନୀୟ ବିକାଶ ଭବନଠାରେ ଜିଲ୍ଲାସ୍ତରୀୟ ସଚେତନତା ସଭା ଆୟୋଜନ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ମାଝୀ, ଜିଲ୍ଲା ଖଣିଜ ପ୍ରତିଷ୍ଠାନର ମୁଖ୍ୟ ନିର୍ବାହୀ ଅଧିକାରୀ ସୁଷମା ବିଲୁଙ୍ଗ, ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ଗଜେନ୍ଦ୍ର ନାୟକ, ଭିଜିଲାନ୍ସ ବିଭାଗ ସୁନ୍ଦରଗଡ଼ ଶାଖାର ଡିଏସପି ଦୈତାରି ଘଡ଼େଇ, ଡିଏସପି ଅମୃତା ନନ୍ଦିନୀ ମହାନ୍ତି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କ୍ରୀଷ୍ଣା କୁମାରୀ ନନ୍ଦ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ସୁନ୍ଦରଗଡ଼ର ସହାୟକ ଅଧ୍ୟାପକ ନୂତନ ଖମାରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଭିଜିଲାନ୍ସ ଡି.ଏସ.ପି ଶ୍ରୀ ଘଡ଼ାଇ ଦୁର୍ନୀତି ନିବାରଣ ସପ୍ତାହ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିବା ସହିତ ସମ୍ୟକ ସୂଚନା ଦେବା ସହିତ ଦୁର୍ନୀତିକୁ ହଟାଇବା ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ ଏବଂ ପ୍ରତ୍ୟେକ ବ୍ୟକ୍ତି ଦୁର୍ନୀତି ଠାରୁ ନିବୃତ ରହିବା ସହିତ ସଚୋଟତାର ସହିତ ସମସ୍ତେ ନିଜ କାର୍ଯ୍ୟ ସମ୍ପାଦନ କରିବାକୁ ନିଜ ବକ୍ତବ୍ୟ ରଖିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମାଝୀ ପ୍ରତ୍ୟେକ ସମାଜର କ୍ଷେତ୍ରରେ ଦୁର୍ନୀତିର ମୂଳୋତ୍ପାଟନ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ସମସ୍ତ କର୍ମଚାରୀ ମାନେ ସ୍ୱଚ୍ଛତା ବଜାୟ ରଖିବା ଉପରେ କହିବା ସହିତ କାର୍ଯ୍ୟରେ ସାଧୁତା ଓ କର୍ମରେ ନିଷ୍ଠା ରଖିବା ଉପରେ କହିଥିଲେ। ସମସ୍ତ ଙ୍କୁ ଦୁର୍ନୀତି ବିରୋଧରେ ସଜାଗ ଓ ସଚେତନ ରହିବାକୁ କହିଥିଲେ। ସରକାରୀ ସେବା ଯୋଗାଣ ଆଦି କ୍ଷେତ୍ରରେ ପ୍ରାୟ ଅନଲାଇନ୍ ପ୍ରକ୍ରିୟା ର ସୁବିଧା ରହିଛି। ତେଣୁ ଜନସାଧାରଣ ତଥା ହିତାଧିକାରୀ ମାନେ ସ୍ୱଚ୍ଛ ଉପାୟରେ ନିଜ ପାଇଁ ସେବା ଗୁଡ଼ିକ ସହଜରେ ପାଇ ପାରିବେ ବୋଲି ଶ୍ରୀ ମାଝୀ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ।

## ଆମ ପରିବାର ଓ ଆମ ପଞ୍ଚାୟତ ପତ୍ରିକାର ଗାନ୍ଧୀ ଜୟନ୍ତୀ ବିଶେଷାଙ୍କ ଲୋକାର୍ପଣ



**ବୈଶିଙ୍ଗା,୨୯।୧୦ (ସଂଚାର ବ୍ୟୁରୋ):** ସ୍ୱର୍ଗତ ଭଗବାନ ମହାପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ 'ଆମ ପରିବାର ଆମ ପଞ୍ଚାୟତ' ପତ୍ରିକାର ଗାନ୍ଧୀ ଜୟନ୍ତୀ ବିଶେଷାଙ୍କ ସଂଖ୍ୟା ୨୦୨୫ ଲୋକାର୍ପଣ ହୋଇଯାଇଛି। ଏହି ଲୋକାର୍ପଣ ସଭାରେ ଶାନ୍ତନୁ ପଟ୍ଟନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ବ ଶ୍ରୀଯୁକ୍ତ ଭାବଗ୍ରାହୀ ମହାନ୍ତି, ମୁଖ୍ୟବକ୍ତା ଶ୍ରୀଯୁକ୍ତ ଆଚାର୍ଯ୍ୟ ବିଜୟ ଜୀ ଓ ସମ୍ମାନିତ ଅତିଥି ଭାବରେ ଅନନ୍ତ କୁମାର ସାହୁ, ଅଧ୍ୟାପକ ଗୌରାଙ୍ଗ ପଣ୍ଡା, ଅକ୍ଷୟ କୁମାର ମିଶ୍ର, ପ୍ରଭାତ ଆଚାର୍ଯ୍ୟ ଓ ଭଗବାନ ମହାପାତ୍ର ପୁତ୍ର ଏହି ସଭାରେ ଯୋଗଦାନ କରିଥିଲେ। ଚକ୍ରଧର ନନା ବେଦ ପାଠରେ ପ୍ରଥମେ ଅତିଥି ମାନେ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସ୍ୱାଗତ ନୃତ୍ୟ ପରବେଷଣ କରିଥିଲେ ସୁଶ୍ରୀ ତପସ୍ୱିନୀ ପତ୍ରି। ଋଷ୍ଟାର ଗଛ ମଣିଷ ରବୀନ୍ଦ୍ର ବେହେରାଙ୍କ ଦ୍ୱାରା ଭଜନ ଗାନ ପରେ ସୁଦର୍ଶନ ମହାପାତ୍ର ପତ୍ରିକା ବିବରଣୀ ପାଠ କରିଥିଲେ ପରେ ଅତିଥି ମାନଙ୍କ ଦ୍ୱାରା ପତ୍ରିକାର ବିଶେଷତ୍ୱ ଓ ଆଭିମୁଖ୍ୟ ସମ୍ପର୍କରେ ବାର୍ତ୍ତା ପରେ ପତ୍ରିକା ଲୋକାର୍ପଣ ହୋଇଥିଲା। ଶେଷରେ ଡାକ୍ତର ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

## ପୀରବାବାଙ୍କ ଉର୍ସ ଉତ୍ସବ ପାଳିତ: ବର୍ଷା ସତ୍ତ୍ୱେ ଭକ୍ତଙ୍କ ଭିଡ଼



**ଧାମନଗର,୨୯।୧୦(ସଂଚାର ବ୍ୟୁରୋ):** ଧାମନଗର ସରିଫ୍ ଠାରେ ପୀରବାବା ହଜୁରତ ମୁଜାହିଦ- ଏ-ମିଲ୍ଲତଙ୍କ ୪୬ତମ ଉର୍ସ ଉତ୍ସବ ମଙ୍ଗଳବାର ଓ ବୁଧବାର ଦୁଇ ଦିନ ଧରି ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ୨୮ତାରିଖ ଦିନ ସକାଳ ୬ଟା ରୁ ୭୩୦ ପର୍ଯ୍ୟନ୍ତ କୋରାନ୍ ପାଠ ୭ଟା ୩୦ରୁ ପୀରବାବାଙ୍କୁ ଶ୍ରଦ୍ଧାଳୁମାନଙ୍କ ଦର୍ଶନ, ସକାଳ ୮ ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ କବି ସମ୍ମିଳନୀ, ଦ୍ୱିତୀୟ ଦିନ ତଥା ୨୯ ତାରିଖ ଭୋରୁ ୪ଟାରେ ବାବାଙ୍କ (ସ୍ନାନ) ୬ଟାରୁ ଚାଦର ଶୋଭାଯାତ୍ରା ସହ ଶ୍ରଦ୍ଧାଳୁ ମାନଙ୍କ ଦର୍ଶନ ଆରମ୍ଭ ହୋଇଥିବା ବେଳେ ଅପରାହ୍ନ ୪ ଟାରୁ ୫ଟା ୧୫ ପର୍ଯ୍ୟନ୍ତ (କୁଲସରିଫ) ପୀରବାବାଙ୍କ ନାତି ଖାନକା ମତଓ୍ୱଲ୍ଲୀ ଆଲହାଜ ସୟଦ ଗୋଲାମ ମହମ୍ମଦ ହବିବିଙ୍କ ଦ୍ୱାରା ସମୂହ ପ୍ରାର୍ଥନା ଓ ଧାର୍ମିକ ବାଣୀ ପ୍ରଦାନ ଏବଂ ରାତ୍ର ୮ଟାରୁ ଭୋର ୪ଟା ୩୦ ପର୍ଯ୍ୟନ୍ତ ମୌଲାନା ମାନଙ୍କର ଦ୍ୱାରା ମୁସାଏରା, ନାତଖାନି, ପୀରବାବାଙ୍କ ଜିବନୀ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଧାମନଗର ଉତ୍ସବ ମୁଖର ହୋଇ ଉଠିଥିବା ବେଳେ ଲଘୁଚାପ ପ୍ରଭାବ ବର୍ଷା ସତ୍ତ୍ୱେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ତଥା ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଉର୍ସ ଉପଲକ୍ଷେ ଦେଶ ଓ ବିଭିନ୍ନ ରାଜ୍ୟରୁ ଶହ ଶହ ସଂଖ୍ୟାରେ ଅସ୍ଥାୟୀ ବ୍ୟବସାୟୀମାନେ ବିଗତ ପ୍ରାୟ ଏକ ସପ୍ତାହ ହେବ ଖାନକା ସରିଫ ଆଖ ପାଖରେ ସେମାନଙ୍କ ଦୋକାନ ଖୋଲି ଭଲ ବ୍ୟବସାୟ ପାଇଁ ପ୍ରସ୍ତୁତ କରିଥିଲେ। ବର୍ଷା ଯୋଗୁଁ ବେପାର ମାନ୍ଦା ପଡ଼ିଯିବା ଫଳରେ ଦୋକାନୀ ଚିନ୍ତାରେ।

## କାରଖାନାର ମନମୁଖୀ କାର୍ଯ୍ୟ

# ବର୍ଷାକୁ ଖାତିର ନ କରି ଜାରି ରହିଛି ଆନ୍ଦୋଳନ



**କେନ୍ଦୁଝର,୨୯।୧୦(ସଂଚାର ବ୍ୟୁରୋ):** କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ହଳଦିଆଗୁଣା ସ୍ଥିତଏମ୍ଏସ୍ପି କାରଖାନାରେ ବାହାର ଅଣ ଓଡ଼ିଆ ନିଯୁକ୍ତିକୁ ନେଇ ଗତ ୨୭ ତାରିଖରୁ ଚାଲିଥିବା କାରଖାନା ସମ୍ମୁଖରେ ସ୍ଥାନୀୟ ଲୋକେ ଆନ୍ଦୋଳନ ଜାରି ରଖିଛନ୍ତି। ଏଣେ ଆନ୍ଦୋଳନ ଚାଲିଥିବା ବେଳେ ତେଣେ ଜିଲା ଶ୍ରମ ବିଭାଗ ପକ୍ଷରୁ ଏ ନେଇ ଆଲୋଚନା ଆଜି ଆରମ୍ଭ କରିଛି। ପ୍ରକାଶ ଯେ, ଦୀର୍ଘ ପ୍ରାୟ ୨୫ ବର୍ଷ ହେଲା ଉକ୍ତ ଅଞ୍ଚଳରେ ଏହି କାରଖାନା ପ୍ରତିଷ୍ଠା ହୋଇ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବା ସହ ଅଞ୍ଚଳର ବିକାଶ କରି ସ୍ଥାନୀୟ ଲୋକଙ୍କ ସହଯୋଗରେ ଚାଲି ଆସୁଥିଲା। ଏବେ କିଛି ବର୍ଷ ହେଲା ସ୍ଥାନୀୟ ଲୋକଙ୍କୁ ବାହାର କରି ଅଣ ଓଡ଼ିଆ ବାହାର ଲୋକଙ୍କୁ ନିଯୁକ୍ତି ଦେବା ସହ ସ୍ଥାନୀୟ ଅଞ୍ଚଳର ବିକାଶ ପ୍ରତି ଗୁରୁତ୍ୱ ନ ଦେବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ନେଇ ସ୍ଥାନୀୟ ଲୋକେ କିଛି ଦିନ ତଳେ ଜିଲା ପ୍ରଶାସନଙ୍କୁ ଲିଖିତ ଅଭିଯୋଗ କରିବା ପରେ ଦାବି ପୂରଣ ନ ହେବାରୁ ସୋମବାରଠାରୁ ମୁଖ୍ୟ ଫାଟକ ସମ୍ମୁଖରେ କାରଖାନା ଦାରା ପ୍ରବାହିତ ସ୍ଥାନୀୟ ଅଞ୍ଚଳବାସୀ ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ ପ୍ରଦର୍ଶନ ଆରମ୍ଭ କରିଛନ୍ତ। ବର୍ଷା ସତ୍ତ୍ୱେ ଆନ୍ଦୋଳନ ଜାରି ରହିଥିବା ବେଳେ ଉକ୍ତ ସ୍ଥାନରେ ସୁରକ୍ଷା ଦୃଷ୍ଟି କୋଣରୁ ପୋଲିସ ମୁତୟନ ହୋଇଛନ୍ତି।

## ଜନସାଧାରଣଙ୍କ ଅଭିଯୋଗ ପରେ ପୁନର୍ବାର ସୀମା ନିର୍ଦ୍ଧାରଣ କରିବାର ପ୍ରତିଶ୍ରୁତି ଦେଲା ପ୍ରଶାସନ



**ନୀଳଗିରି,୨୯।୧୦(ସଂଚାର ବ୍ୟୁରୋ):** ନୀଳଗିରି ଉପଖଣ୍ଡ କୁଲଡିହା ଅଭୟାରଣ୍ୟ ପାଦଦେଶ ଅଞ୍ଚଳ ରେ ବସବାସ କରୁଥିବା ଲୋକମାନଙ୍କ ତରଫରୁ ସେମାନଙ୍କ ଆପତ୍ତି ଅଭିଯୋଗ ଶୁଣାଣି କରିବାକୁ ନୀଳଗିରି ତହସିଲଦାରଙ୍କ ପକ୍ଷରୁ ନୋଟିସ ଜାରି କରିଥିବା ବେଳେ ଅଭିଯୋଗ ଦେବାପାଇଁ ବୁଧବାର ଦିନ ଧାର୍ଯ୍ୟ କରାଯାଇଥିଲା। ଆଜି ପ୍ରବଳ ବର୍ଷା ସତ୍ତ୍ୱେ ହଜାର ହଜାର ସଂଖ୍ୟାରେ ଲୋକ ମାନେ ଦଳଗତ ନିର୍ବିଶେଷ ରେ ଆସି ନୀଳଗିରି ତହସିଲ ଅଫିସ ସମୁଖରେ ଉପସ୍ଥିତ ହୋଇଥିଲେ। ସୀମା ନିର୍ଦ୍ଧାରଣ ଅଭିଯୋଗ ଶୁଣାଣି ପାଇଁ ତହସିଲଦାର ସୋନମ ଦାସଙ୍କ ସହ ଜିଲ୍ଲା ବନଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଏ.ସି. ଏଫ୍ କୁଲଡିହା ରେଞ୍ଜର ପ୍ରମୁଖଙ୍କ ଉପସ୍ଥିତରେ ପୁନର୍ବାର ସର୍ଭେ ପାଇଁ ଦିବା ୧୨ ଘଟିକା ସମୟରେ ଜନସାଧାରଣ ତରଫରୁ ୨୮୭୩ ଖଣ୍ଡ ଦରଖାସ୍ତ ପୁନଃ ସୀମା ନିର୍ଦ୍ଧାରଣ ପାଇଁ ନିଜର ନିଜର ଅଭିଯୋଗ ପ୍ରଦାନ କରିଥିଲେ। ଜନଶୁଣାଣି ଆରମ୍ଭ ବେଳକୁ ନୀଳଗିରି କୃଷକ ମଞ୍ଚର ମୁଖ୍ୟ ନେତୃତ୍ୱ ନିରଞ୍ଜନ ବାରିକ, ଉପସଭାପତି ଉମାକାନ୍ତ ମଲ୍ଲିକ, ସମ୍ପାଦକ ନିହାର ଜେନାଙ୍କ ଆହ୍ୱାନରେ ଚାରି ରୁ ପାଞ୍ଚ ହଜାର ଲୋକ ନିଜ ନିଜର ଦରଖାସ୍ତ ଧରି ପହଞ୍ଚିଥିଲେ।

## ସମାଜରେ ବଡ଼ ବିପଦ ସୃଷ୍ଟି କରିଛି ସାଇବର ଠକେଇ



**ଜି.ଉଦୟଗିରି,୨୯।୧୦(ସଂଚାର ବ୍ୟୁରୋ):** ଅତ୍ୟାଧୁନିକ ଯୁଗରେ ସମାଜ ପାଇଁ ସାଇବର ଠକେଇ ନାମରେ ଏକ ବଡ଼ ବିପଦ ସୃଷ୍ଟି ହୋଇଛି ଯାହା ଦ୍ୱାରା ସାଧାରଣ ଜନତାଙ୍କ ଧନ, ଜୀବନ ଓ ସମ୍ମାନ ହାନି ହେଉଛି। ବିଭିନ୍ନ ଉପାୟରେ ସାଇବର ଠକମାନେ ନିରିହ ଲୋକଙ୍କ କ୍ଷତି କରୁଥିବା ନେଇ ପ୍ରତିଦିନ ବିଭିନ୍ନ ଥାନାରେ ଏତଲା ପଞ୍ଜୀକୃତ ହେଉଛି। ସ୍ଥାନୀୟ ଆଦର୍ଶ ଥାନା ଆଇଆଇସି ବିଜୟ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କ୍ରମରେ ସ୍ଥାନୀୟ ସମନ୍ୱିତ କାର୍ଯ୍ୟାଳୟ ଓ ବ୍ଲକ ପ୍ରେକ୍ଷାଳୟଠାରେ ସାଇବର ଅପରାଧକୁ ପ୍ରତିରୋଧ କରିବା ପାଇଁ ବୁଧବାର ଏକ ସଚେତନତା କାର୍ଯ୍ୟକ୍ରମରେ ଫୁଲବାଣୀ ସାଇବର ଥାନା ମହିଳା ଅଧିକାରୀ ଗେଲି ସାହୁ, ତହସିଲଦାର ରଞ୍ଜନ କୁମାର ସାହୁ, ଏସ୍ଡିପିଓ ବିଜୟ କୁମାର ବିଶି, ଏନ୍ଏସି ଇ.ଓ ଆଶୁତୋଷ ଗୌରବ କର, ବିଡିଓ ଶରତ ଚନ୍ଦ୍ର ମଲ୍ଲିକ, ମହିଳା ଆଇଆଇସି ରଞ୍ଜିତା ବେହେରା, ଏଇଇ ଅସିତ୍ ସେଠୀ ଯୋଗ ଦେଇ ସାଇବର ଅପରାଧକୁ ନେଇ ସଚେତନତା ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମରେ ସାଇବର ଥାନା ମହିଳା ଅଧିକାରୀ ସାଇବର ଠକେଇର ପ୍ରମୁଖ ମାଧ୍ୟମ ନିତ୍ୟ ବ୍ୟବହାର୍ଯ୍ୟ 'ମୋବାଇଲ' ବୋଲି କହିବା ସହ ଠକେଇର ବିଭିନ୍ନ ମାଧ୍ୟମ ବିଷୟରେ ଅବଗତ କରାଇଥିଲେ। ତା'ସହ ସାଇବର ଠକେଇରୁ ବଞ୍ଚିବା ପାଇଁ ସତର୍କତା ଉପାୟ ଯଥା ମୋବାଇଲରେ ଜଟିଳ ପାସୱାର୍ଡ ବ୍ୟବହାର, ଅନ୍ଲାଇନ୍ ଆର୍ଥିକ କାରବାର, କଓ୍ୱାଇସି ଅପଡେଟ୍,ମୋବାଇଲରେ ସର୍ଚ୍ଚ ଇଞ୍ଜିନ ବ୍ୟବହାର, ଚାକିରି ଦେବା ପାଇଁ ଠକେଇ, ବିଭିନ୍ନ ପ୍ରକାରର ଲୋନ ଆପ, ମାଟ୍ରିମୋନି ଆପ୍, ଅନଲାଇନ କ୍ରୟ ବିକ୍ରୟ, ଅନ୍ନୋନ୍ କଲ୍, ଟାୱାର ସ୍ଥାପନ, ଅନଲାଇନ ଶପିଂ,ସୋସିଆଲ ମିଡିଆ ବ୍ୟବହାର ସମୟରେ ସତର୍କତା ଅବଲମ୍ବନ କରିବା ସହ ଠକେଇରୁ ବଞ୍ଚିବା ପାଇଁ ଆବଶ୍ୟକୀୟ ଉପାୟ ବିଷୟରେ ସଚେତନତା ବାର୍ତ୍ତା ଦେଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ମହିଳା ପୁରୁଷ ଉପସ୍ଥିତ ଥିଲେ।

## ବସଷ୍ଟାଣ୍ଡ ଯାଇ ଆଉ ଘରକୁ ଫେରିଲେନି ଦଣ୍ଡାସି

**ଦିଗପହଣ୍ଡି,୨୯।୧୦(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି ନୂଆ ବସଷ୍ଟାଣ୍ଡ ନିକଟରେ ବୁଧବାର ପୂର୍ବାହ୍ନ ପ୍ରାୟ ୧୧ ଟାରେ ପିକ ଅପ ଭ୍ୟାନ (ନଂ. ଓଡ଼ି୩୩ ଏସି -୧୦୮୩) ଧକ୍କାରେ ଜଣେ ବୃଦ୍ଧ ମୃତ୍ୟୁବରଣ କରିଛନ୍ତି। ମୃତକ ଜଣକ ହେଲେ ଦିଗପହଣ୍ଡି ସାହାଣୀ ସାହିର ଦଣ୍ଡାସି ଦାସ(୬୫)। ସେ କୌଣସି କାମରେ ଘରୁ ବସଷ୍ଟାଣ୍ଡ ଯାଇଥିଲେ। ସେଠାରେ କାମ ସାରି ଘରକୁ ଚାଲି ଚାଲି ଫେରୁଥିବା ବେଳେ ବ୍ରହ୍ମପୁରରୁ ଗଜପତି ଜିଲା ମୋହନା ଅଭିମୁଖେ ଦୃତଗତିରେ ଯାଉଥିବା ପିକଅପ ଭ୍ୟାନଟି ତାଙ୍କୁ ଧକ୍କା ଦେଇଥିଲା। ଚାଳକଙ୍କ ବେପରୱା ଗାଡ଼ି ଚାଳନା ଯୋଗୁ ଦୁର୍ଘଟଣା ଘଟିଥିବା କିଛି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଦଣ୍ଡାସିଙ୍କୁ ଗୁରୁତର ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଦଣ୍ଡାସିଙ୍କ ପୁଅ ପାଣ ଦାସଙ୍କ ଏତଲାକ୍ରମେ ଥାନା ଭାରପ୍ରାପ୍ତ ଆଇଆଇସି ତଥା ଡିଏସପି ପ୍ରଶାନ୍ତ ପାତ୍ର ମାମଲା ନଂ.୩୯୦/୨୫ ଅନୁଯାୟୀ ମକଦ୍ଦମା ରୁଜୁ କରିବା ସହ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ବ୍ୟବଚ୍ଛେଦ ହେବା ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଶୋକାକୁଳ ପରିବେଶ ମଧ୍ୟରେ ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ପୋଲିସ ଦୁର୍ଘଟଣା ଘଟାଇଥିବା ଭ୍ୟାନକୁ ଜବତ କରିଥିବା ବେଳେ ଚାଳକ ଫେରାର ଥିବା ଜଣାପଡିଛି।

## ଟଳିଲା ବାତ୍ୟା, ବଢ଼ିଲା ଚାଷୀଙ୍କ ଦୁର୍ଦ୍ଦଶା



**ଭଞ୍ଜନଗର,୨୯।୧୦(ସଂଚାର ବ୍ୟୁରୋ):** ବାତ୍ୟା ଭଞ୍ଜନଗର ଅଞ୍ଚଳରେ ଯେଉଁଭଳି ତାଣ୍ଡବ ରଚିବ ବୋଲି ଆଶଙ୍କା କରାଯାଉଥିଲା ସୌଭାଗ୍ୟବଶତଃ ସେଭଳି କିଛି ହୋଇନାହିଁ। କିନ୍ତୁ ବର୍ଷା ପାଇଁ ବ୍ଲକର ଅନେକ ଝାଟିମାଟି ଘର ଭାଙ୍ଗିଯାଇଛି। ଏଥିସହ ଜମିରେ ପାଣି ଭରି ରହିବା ଯୋଗୁ ଧାନଫସଲ ଅନେକ ଚାଷୀଙ୍କ କ୍ଷତିହୋଇଛି। ତେଣୁ ସରକାର କ୍ଷତିଗ୍ରସ୍ତ ଚାଷୀ ଏବଂ ଗୃହକର୍ତ୍ତାଙ୍କୁ ସହାୟତା ରାଶି ଯୋଗାଇ ଦେବାପାଇଁ ଦାବି ହୋଇଛି। ବୁଧବାର ଭଞ୍ଜନଗର ଅଞ୍ଚଳରେ ତୁହାକୁ ତୁହା ବର୍ଷା ହୋଇଛି। ତେଣୁ ଲୋକେ ପ୍ରାୟ ଘରୁ ବାହାରକୁ ବାହାରି ନାହାନ୍ତି। ସହର ଶୂନ୍ଶାନ୍ ଅଛି। ଅପରପକ୍ଷେ ବାତ୍ୟା ଟଳି ଯାଇଥିଲେ ମଧ୍ୟ ବିଭିନ୍ନ ଜଳଭଣ୍ଡାରରେ ବର୍ଷା ପାଣି ପ୍ରବେଶ କରୁଥିବାରୁ ବଳକା ପାଣିକୁ ନଦୀ ଓ କେନାଲ ମାଧ୍ୟମରେ ଛାଡ଼ି ଦିଆଯାଇଛି। ଏହି ବର୍ଷାରେ ମୁଦୁଲିପଲ୍ଲୀ, ଜିଲୁଣ୍ଡି, ବାଉଁଶଲୁଣ୍ଡି, ପଡ଼ାଲ, ଗୋଲାପଦା, ବଡକୋଦଣ୍ଡା, ସାନକୋଦଣ୍ଡା, ଡୁମାକୁମ୍ପା, ମୁଜାଗଡ଼, ଗୁଣ୍ଡିରିବାଡ଼ି, ଗାଲେରୀ, ତୁରୁମୁ, ଲେମ୍ବେଇ, ହରିଗଡ଼, ତିଲିସିଙ୍ଗି, ଦୋମୁହାଣି, ବ୍ରାହ୍ମଣପଦର, କୁଲାଡ଼, ବାରୁଡ଼ା, ଲାଲସିଂ ସମେତ ପ୍ରମୁଖ ପଞ୍ଚାୟତରେ ଫସଲ ନଷ୍ଟ ହେବା ସହ ଘରଦ୍ୱାର ଭାଙ୍ଗିଛି।

## ● ମୁଣ୍ଡାରୀ ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ଦାବି

## ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

**ବାରିପଦା,୨୯।୧୦(ସଂଚାର ବ୍ୟୁରୋ):** ମୁଣ୍ଡାରୀ ଜନଜାତିର ଲୋକଙ୍କର ଦୀର୍ଘ ବର୍ଷର ଦାବୀ ଏବଂ ପ୍ରତିଶ୍ରୁତି ସତ୍ତ୍ୱେ କେନ୍ଦ୍ର ସରକାର ମୁଣ୍ଡାରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚିରେ ସାମିଲ କରିବା ପାଇଁ କୌଣସି ଠୋସ ପଦକ୍ଷେପ ନନେବା ଦୁଃଖ ଏବଂ ପରିତାପର ବିଷୟ. ଏପରିକି ଓଡିଶା, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗ ଭଳି ରାଜ୍ୟ ସରକାର ମାନେ ମୁଣ୍ଡାରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚିରେ ସାମିଲ କରିବା ପାଇଁ କେନ୍ଦ୍ରକୁ ସୁପାରିଶ କରିଥିଲେ ମଧ୍ୟ, ମୁଣ୍ଡାରୀ ଭାଷାର ସ୍ୱତନ୍ତ୍ର ଲିପି ମୁଣ୍ଡାରୀ ବାନି, ମୁଣ୍ଡାରୀ ଭାଷାରେ ସ୍ୱତନ୍ତ୍ର ସାହିତ୍ୟ ସଂସ୍କୃତି ରହିଥିଲେ ମଧ୍ୟ କେନ୍ଦ୍ର ସରକାର ଦୀର୍ଘ ବର୍ଷ ଧରି ଏହି ମୁଣ୍ଡାରୀ ଜନଜାତିର ଭାଷା ପ୍ରତି ଅବହେଳା ପ୍ରଦର୍ଶନ କରିଚାଲିଛନ୍ତି। ଏଣୁ ମୁଣ୍ଡାରୀ ଭାଷାର ସାମ୍ବିଧାନିକ ସ୍ୱୀକୃତି ହାସଲ ନିମନ୍ତେ ଆଜି ମୁଣ୍ଡାରୀ ସମାଜ ସାଂଓ୍ୱାର ଜାମଡା ତରଫରୁ ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ସାହା ଏବଂ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଙ୍କୁ ଏ ବାବଦରେ ଦାବିପତ୍ର ପ୍ରଦାନ କରାଯାଇଛି। ମୁଣ୍ଡାରୀ ସମାଜ ସାଂଓ୍ୱାର ଜାମଡାର ସଭାପତି ନନ୍ଦଲାଲ ସିଂ ଙ୍କ ନେତୃତ୍ୱରେ ଉପସଭାପତି ଜେନା ପ୍ରସାଦ ସିଂ, କୋଷାଧ୍ୟକ୍ଷ ବନ୍ଦୀରାମ ସିଂ, ସହ କୋଷାଧ୍ୟକ୍ଷ ରୋହିଦାସ ସିଂ, ଆଇନଜୀବୀ ସୁରେନ୍ଦ୍ର ସିଂ, ଶୁକ୍ରା ସିଂ, ଓମସା ର ସଭାପତି ମଙ୍ଗଲ ସିଂ ପ୍ରମୁଖ ଉପସ୍ଥିତ ରହି ଏହି ଦାବିପତ୍ର ପ୍ରଦାନ କରିବା ସହିତ ମୁଣ୍ଡାରୀ ଭାଷାର ସାମ୍ବିଧାନିକ ସ୍ୱୀକୃତି ହାସଲ ତଥା ସମ୍ବିଧାନରେ ଅଷ୍ଟମ ଅନୁସୂଚିରେ ସାମିଲ କରିବା ନିମନ୍ତେ ସରକାରଙ୍କ ତରଫରୁ ତୁରନ୍ତ ପଦକ୍ଷେପ ନେବାକୁ ଦାବୀ କରିଛନ୍ତି। ନଚେତ ଆଗକୁ ଏଥିପାଇଁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ମୁଣ୍ଡାରୀ ସମାଜ ସାଂଓ୍ୱାର ଜାମଡାର ସଭାପତି ନନ୍ଦଲାଲ ସିଂ କହିଛନ୍ତି।

## କେନ୍ଦୁଗଣ୍ଡି ଚୋରାଚାଲାଣ ବେଳେ ଧରିଲା ବନ ବିଭାଗ; ମାଫିଆ ଫେରାର୍, ଡ୍ରାଇଭର ଗିରଫ

**ପାଟଣାଗଡ଼,୨୯।୧୦(ସଂଚାର ବ୍ୟୁରୋ):** କେନ୍ଦୁଗଣ୍ଡି ବୋଝେଇ ପିକ୍ଅପ୍ ଭ୍ୟାନ୍ ଜବତ। ଡ୍ରାଇଭର ଗିରଫ, କାଠ ମାଫିଆ ଫେରାର୍। ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଫରେଷ୍ଟ ରେଞ୍ଜ୍ ଅନ୍ତର୍ଗତ ଲରମ୍ବା ସେକ୍ସନରୁ କେନ୍ଦୁକାଠ ଗଣ୍ଡି ବେଆଇନ ଚାଲାଣ ବେଳେ ମାଡ଼ି ବସିଲା ବନ ବିଭାଗ । ଏକ ପିକ୍ଅପ୍ ଭ୍ୟାନ ଜବତ ହୋଇଥିବା ବେଳେ ଡ୍ରାଇଭରକୁ ଗିରଫ କରାଯାଇଛି । ହେଲେ ଚୋରା ଚାଲାଣରେ ସାମିଲ୍ ଥିବା କାଠ ମାଫିଆଲ ସରୁଜୁ ଫେରାର ହୋଯାଇଛି । ତେବେ ଅଭିଯୁକ୍ତକୁ ଶୀଘ୍ର ବନ୍ଧା ଯିବ ବୋଲି ବଲାଙ୍ଗୀର ଡିଏଫଓ କହିଛନ୍ତି । ସୂଚନାନୁସାରେ, ଲରମ୍ବା ସେକ୍ସନ ଅଧିନସ୍ଥ ମହଦା ଜଙ୍ଗଲରୁ ମଙ୍ଗଳବାର ରାତ୍ରି ୧୦ଟାରେ ଏକ ପିକ୍ଅପ ଭ୍ୟାନ୍ ତମିଆଁ ଦାବକାନୀରୁ ପାଟଣାଗଡ଼ ରାସ୍ତା ଦେଇ କୁକୁରମୁଣ୍ଡାର କାଠ ମାଫିଆ ସରଜୁଙ୍କ ଘରକୁ ଯାଉଥିଲା ।

# ପ୍ରଶାସନର ହସ୍ତକ୍ଷେପ ପରେ ହଟିଲା ରାସ୍ତାରୋକୋ



**ବଲାଙ୍ଗୀର,୨୯।୧୦(ସଂଚାର ବ୍ୟୁରୋ):** ବଲାଙ୍ଗୀର ଲୋୟର ସୁକତେଲ ଡ୍ୟାମ ପ୍ରକଳ୍ପର ବିସ୍ଥାପିତମାନଙ୍କ ମୌଳିକ ଆବଶ୍ୟକତା ଓ ଅଧିକାର ପୂରଣ ନ କରିବା ପ୍ରତିବାଦରେ ବୁଧବାର ଝାଙ୍କରପାଲି ପୁନର୍ବାସ କଲୋନୀ ସମ୍ମୁଖ ବଲାଙ୍ଗୀର-ପାଟଣାଗଡ଼ ୪୨ ନମ୍ବର ରାଜ୍ୟ ରାଜପଥକୁ ସହସ୍ରାଧିକ ବିସ୍ଥାପିତ ଛାତ୍ରୀଛାତ୍ର, ମହିଳା ଓ ପୁରୁଷ ରାସ୍ତାରୋକୋ କରିଥିଲେ। ସକାଳ ୮ଟାରୁ ରାସ୍ତାରୋକୋ ଦୀର୍ଘ ୨ଘଣ୍ଟା ଧରି ଚାଲିଥିଲା। ପ୍ରଶାସନ ପକ୍ଷରୁ ଆନ୍ଦୋଳନକାରୀ ସହିତ ଆଲେଚନା ପରେ ରାସ୍ତାରୋକୋକୁ ବନ୍ଦ କରିଥିଲେ ବିସ୍ଥାପିତମାନେ। ଧାରଣାସ୍ଥଳକୁ ବଲାଙ୍ଗୀର ତହସିଲଦାର ଓ ସଦର ଥାନା ଆଇଆଇସି ଆସି ବୁଝାଶୁଝା କରିଥିଲେ। ଆନ୍ଦୋଳନକାରୀଙ୍କ ଦାବି ଖୁବ୍ଶୀଘ୍ର ପୂରଣ ହେବ ବୋଲି କହିବା ପରେ ବିସ୍ଥାପିତମାନେ ଦୀର୍ଘ ୨ଘଣ୍ଟା ଧରି ଅବରୋଧ ରଖିଥିବା ବଲାଙ୍ଗୀର ପାଟଣାଗଡ଼ ରାଜ୍ୟ ରାଜପଥରୁ ହଟିଥିଲେ। ବିସ୍ଥାପିତମାନେ ଆନ୍ଦୋଳନରୁ ଓହରିଲା ପରେ କଲୋନୀ ଏକ ସଭା କରିଥିଲେ। ଆନ୍ଦୋଳନ ପୂରଣ ନ ହେଲେ ଆଗାମୀ ଦିନରେ ଆଗକୁ ଆହୁରି ଜୋରଦାର ଆନ୍ଦୋଳନ କରାଯିବ ବୋଲି ବିସ୍ଥାପିତ ଅଞ୍ଚଳବାସୀ କହିଛନ୍ତି।